ଅନ୍ନପୂର୍ଣ୍ଣା ବାହୁ ଦ୍ୱାରା ପ୍ରଶଂସିତ ହବେ କହୁରକମ ଅଭିମତ

# କିରାଣୀ

ନାଟ୍ୟକାର — ଶ୍ରୀ କମଳଲୋଚନ ମହାନ୍ତି

ଦ୍ୱିତୀୟ ମୁଦ୍ରଣ

୧୯୫୯

ପ୍ରକାଶକ

**ଦାସ ବ୍ରଦର୍ସ**

ଏଡୁକେଶନାଲ୍ ପବ୍ଲିଶର୍ସ

ବ୍ରହ୍ମପୁର : କଟକ : ସମ୍ବଲପୁର

ମୂଲ୍ୟ—ଦୁଇ ଟଙ୍କା ୫୦ ନୂଆ ପଇସା

ପରିଚାଳନା—ଶ୍ରୀ ସାମୁଏଲ ସାହୁ (ବାବା)

ସ୍ୱର-ସଙ୍ଗୀତ—କିଶୋର କବି ଶ୍ୟାମସୁନ୍ଦର ଦାସ

ମୁଦ୍ରାକର—ଶ୍ରୀ ପୂର୍ଣ୍ଣଚନ୍ଦ୍ର ଦାସ,
ଗୋପୀନାଥ ପ୍ରେସ୍, ବ୍ରହ୍ମପୁର (ଗଞ୍ଜାମ)

କବି ଗଡ଼ନାୟକ !

ତମ କବିତା-ମରନି ! ତମେ ମରନି ! ତମର ଅମର କବିତା ଶତଧ୍ୱନିରେ ଝଙ୍କାର ତୋଳୁଛି । ମୋର ଜୀବନକୁ ଆନ୍ଦୋଳିତ କରୁଛି । ତମେ ସ୍ରଷ୍ଟା ! ଦିଗଦ୍ରଷ୍ଟା !

ତମେ ମୋ ଜାତି ଓ ସାହିତ୍ୟକୁଞ୍ଜରେ ଯୁଗଯୁଗକୁ ଅମର ହୋଇ ରହିଛ, ରହିବ !

କଳା ଓ କଳାକାରର ମୃତ୍ୟୁ ନାହିଁ ।

ତମର ହାତରେ 'କଣ୍ଟାଳି' ନାଟକଟି ଦେଇ ନିଜେ ଗୌରବାନ୍ୱିତ ହେଉଛି ।

ସ୍ନେହର
କମଳ

# କେତୋଟି କଥା

ପେଶାଦାର ରଙ୍ଗମଞ୍ଚ ପାଇଁ ନାଟକ ଲେଖିବା 'କରାଣୀ' ହେଉଛି ମୋର ପ୍ରଥମ ।

ଯେଉଁ ଦେଶରେ ପ୍ରତିଭାସମ୍ପନ୍ନ ଶିଳ୍ପୀ ଓ ଶ୍ରେଷ୍ଠ ନିର୍ଦ୍ଦେଶକ ସାମୁଏଲ ସାହୁ ଉପବାସ ରୁହେ, ଧାନ ଦରିଦ୍ର ଭାବରେ ବିଖ୍ୟାତ ନାରୀ ଶିଳ୍ପୀ ମଣିମାଳା ଭେକ ଉପବାସରେ କଟେଇ । କେଉଁ ଅଖ୍ୟାତ ଗଳିରେ ନର୍ଦ୍ଦମା ପାଣି ଉପରେ ବସା ବାନ୍ଧେ, ସେ ଦେଶର ରଙ୍ଗମଞ୍ଚ କଣ ପ୍ରଗତିଶୀଳ ହୋଇ ପାରିବ !

ଅନ୍ନପୂର୍ଣ୍ଣା 'ବି' ଗ୍ରୁପ୍ କଟକରେ ବସା ବାନ୍ଧି କଟକର ଭାଇ ଭଉଣୀଙ୍କ ଜୀବନକୁ ସରସ କରେ । ନାଗରିକ ଜୀବନକୁ ଉପଭୋଗ୍ୟ କରିବାପାଇଁ ମନକୁ ଯୋଗାଏ ଖାଦ୍ୟ, ନିଜେ ଉପବାସ ରହେ !

ଶିକ୍ଷିତ, ଅର୍ଦ୍ଧଶିକ୍ଷିତ, ଅଶିକ୍ଷିତ ଯୁବକ ଯୁବତୀଙ୍କୁ ନେଇ ସାମୁଏଲ ଲେଖକର କଂଟ୍ରି, ଦଦରା, ଶୁଣା, ଅଶୁଣା ପିଣ୍ଡିକୁ ନେଇ ରୂପ ଦିଅନ୍ତି, ଜୀବନ ଦିଅନ୍ତି, ସରସ କରନ୍ତି—ଦର୍ଶକ ମନରେ ସୃଷ୍ଟି କରନ୍ତି ହସ କାନ୍ଦର ଆଲେଖ୍ୟ । ଜାତିର ରଙ୍ଗମଞ୍ଚ ସମୃଦ୍ଧ ହୁଏ । ଲେଖକ ସୃଷ୍ଟି ହୁଅନ୍ତି । ଲୋକେ ଉପଭୋଗ କରନ୍ତି । କିନ୍ତୁ ରୁହନ୍ତି ସେମାନେ ଦରି ଉପବାସୀ । ଅଥଚ ରୋଲସ୍‌ରଏ କାର୍ ଚଢ଼ି ଫାଇଭ ଫିଫ୍‌ଟି ଫାଇଭ ସିଗାରେଟ ଟାଣି ଆମ ଦେଶର ଧନୀ ମାନୀ ଲୋକେ ଫ୍ରି ପାସ୍‌ରେ ଆଗସିଟ୍‌ଗୁଡ଼ିକ ମଣ୍ଡନ କରି ପରିବାର ସହିତ ଉପଭୋଗ କରନ୍ତି ।

ଆମ ଦେଶର ଏହିଭଳି ଏକ ଶିଳ୍ପୀ ସଂଗଠନ ପାଇଁ ଲେଖିଲି 'କରାଳୀ' । ବିଗତ ଆଠ ସପ୍ତାହ ହେଲା କରାଣୀ ନାଟକଟି ଲୋକପ୍ରିୟ ହୋଇଛି । ମଧ୍ୟବିତ୍ତ, ଅଳ୍ପବିତ୍ତ ଶ୍ରେଣୀ ଲୋକଙ୍କର ପ୍ରଶଂସାଭାଜନ ହୋଇଛି ମଧ୍ୟ ।

କରାଣୀ ଭଲ ହୋଇଛି କହିଲେ ମୁଁ କହିବି ବନ୍ଧୁ ସାମୁଏଲ ଓ ଅନ୍ନପୂର୍ଣ୍ଣାର ଶିଳ୍ପୀବର୍ଗ ସେ ପ୍ରଶଂସା ପାଇଁ ହକ୍‌ଦାର । ଯେବେ କୌଣସି ତ୍ରୁଟି ଥାଏ, ସେଥିପାଇଁ ମୁଁ ଦାୟୀ । ତ୍ରୁଟି ତ ରହିବ । ଦୁନିଆରେ ଭୁଲ ନକଲେ ମଣିଷ ଠିକ୍‌ର ଖାଇବ ନାହିଁ । ତେଣୁ ଜୀବନ ଗତିଶୀଳ ହୋଇ ପାରିବ ନାହିଁ ।

ଶେଷରେ ନିର୍ଦ୍ଦେଶକ ସାମୁଏଲ ସାହୁ, ଶ୍ରେଷ୍ଠାଂଶରେ ଅଭିନୟ କରିଥିବା ପ୍ରିୟନାଥ ମିଶ୍ର, ମାଧବ ନନ୍ଦ, ରମାନାଥ, ଲୀଳାଦୁଲାଲୀ, ମାନଦା, ବିଶେଷତଃ ତରୁଣୀ ଶିଳ୍ପୀ ସରୋଜିନୀ ଓ ପୂର୍ଣ୍ଣିସିଂହଙ୍କର ଗୌରବମୟ ଅଭିନୟ ପାଇଁ କୃତଜ୍ଞତା ଜଣାଇ ରହିଲି । ଇତି ।

—ଲେଖକ ।

ଅର୍ଣ୍ଣପୂର୍ଣ୍ଣା ଥିଏଟର୍ ବି-ଗ୍ରୁପ୍ ଦ୍ୱାରା ଅଭିନୀତ

ପରିଚାଳନା—ଓଡ଼ିଶାର ବିଖ୍ୟାତ ଶିଳ୍ପୀ ଓ ନିର୍ଦ୍ଦେଶକ—

## ଶ୍ରୀ ସାମୁଏଲ ସାହୁ

## —ଭୂମିକାରେ—

ଗୁରୁପଦ—ଆଣ୍ଟି କରପ୍‌ସନ୍ ବିଭାଗର କିରାଣୀ—
ଡାକନାମ ବଡ଼ବାବୁ, ବୟସ ୫୫ — ପ୍ରିୟନାଥ

ରମେଶ—କଳାକାର—କିରାଣୀର ବଡ଼ପୁଅ, ବୟସ ୨୫ — ସାମୁଏଲ

ବାବୁଲି—କିରାଣୀର ୨ୟ ପୁତ୍ର, ଛାତ୍ର, ବୟସ ୧୪ — ଶୁକଦେବ

ହରିହର—ଟିଉସନ୍ ମାଷ୍ଟର, ବୟସ ୪୫ — ମଧୁସୂଦନ

ଅଜିତ୍—ଆଣ୍ଟି କରପ୍‌ସନ୍ ବିଭାଗ ଡେପୁଟି ଡାଇରେକ୍ଟର,
ବୟସ ୩୦ — ଉମାନାଥ

ବୃହସ୍ପତି—ଆଣ୍ଟି କରପ୍‌ସନ୍ ଡେପୁଟି ଡାଇରେକ୍ଟରଙ୍କ
ଅର୍ଡ଼ର୍ଲି ପିଅନ୍, ବୟସ ୫୦ — ମାଧବ

ଚମନ୍—୪ର୍ଥ ଗ୍ରେଡ୍ କର୍ମଚାରୀ ସଂଘର ସେକ୍ରେଟେରୀ
(ଅନାହାରୀ), ବୟସ ୪୫ — ପୂର୍ଣ୍ଣ

ନବଘନ—ଆଣ୍ଟି କରପ୍‌ସନ୍ ବିଭାଗର ଅଫିସ ପିଅନ୍
ବୟସ ୪୦ — ଉଦୟ

ରମାବୋଉ—କିରାଣୀ ଗୁରୁପଦର ସ୍ତ୍ରୀ ବୟସ ୪୮ — ମାନଦା

ସବିତା—କିରାଣୀ ଗୁରୁପଦର ବଡ଼ଝିଅ, କଲେଜଛାତ୍ରୀ,
ବୟସ ୧୮ — ଲୀଳା

କୁନି - କିରାଣୀ ଗୁରୁପଦର ସାନ ଝିଅ, ବୟସ ୮ — ଲତା

କଲ୍ୟାଣୀ—ଅଜତ୍‌ର ବଡ଼ ଭଉଣୀ, ବୟସ ୧୮ ମଣିମାଳା

ବାଣୀ—ଅଜତ୍‌ର ସାନ ଭଉଣୀ, ବୟସ ୧୪ ସାନ ସରୋଜମା

ସୁଜାତା—ଡାକନାମ ମିସ୍ ବାନାର୍ଜି, ଆଣ୍ଟି କରପ୍‌ସନ୍
ବିଭାଗର କିରାଣୀ, ବୟସ ୨୦ କୃଷ୍ଣପ୍ରିୟା

ବିଜୟଲକ୍ଷ୍ମୀ—ଡାକନାମ ମିସ୍ ରାଓ, ଆଣ୍ଟି କରପ୍‌ସନ୍
ଡେପୁଟି ଡାଇରେକ୍‌ଟରଙ୍କ କନ୍‌ଫିଡେନ୍-
ସିଆଲ୍ ଆସିଷ୍ଟାଣ୍ଟ, ବୟସ ୨୦ ରୁକ୍ମିଣୀ

| | |
|---|---|
| ସଂଗୀତ-ସ୍ୱର— | କିଶୋର କବି ଶ୍ୟାମସୁନ୍ଦର ଦାସ |
| ଗୀତ ପରିଚାଳନା— | ଲକ୍ଷ୍ମୀଧର ସାହୁ |
| ନୃତ୍ୟ ପରିଚାଳନା— | କେଳୁଚରଣ ଦାସ |
| ମଂଚ ସାଜସଜ୍ଜା— | ସରକାର ବ୍ରଦର୍ସ |
| ଯନ୍ତ୍ର ସଂଳାପ— | ଗୋପାଳ, ମଜୁମଦାର, ହରି |

ପ୍ରୋପାଇଟର—ଲିଙ୍ଗରାଜ ନନ୍ଦ

ମ୍ୟାନେଜର—ରାଜକିଶୋର ମହାନ୍ତି

ବ୍ୟବସାୟ ସୂତ୍ରରେ ଅଭିନୟ ଅନ୍ନପୂର୍ଣ୍ଣା 'ବି' ଗ୍ରୁପ୍ ଦ୍ୱାରା ସ୍ୱତ୍ୱ ସଂରକ୍ଷିତ । ଅନ୍ୟଥା ନାଟ୍ୟକାରଙ୍କର ଅନୁମତିସାପେକ୍ଷ ।

# ପ୍ରଥମ ଅଙ୍କ

## ପ୍ରଥମ ଦୃଶ୍ୟ

[ ହେଡ଼୍ କରଣୀ ଗୁରୁପଦବାବୁଙ୍କ ସରକାରୀ ବସାଘର । ସମୟ ସକାଳ ୮ଟା । ଗୋଟିଏ ଖଟ ଉପରେ 'ବାବୁଲି' ଇତିହାସ ପଢ଼ୁଛି । ଅନ୍ତରାଳରୁ ଗୋଟିଏ ହାତରେ ବନ୍ଧା ବସ୍ତାନି, ଅନ୍ୟ ହାତରେ ରୁଟି ଖଣ୍ଡେ ଖାଇ ଖାଇ ପ୍ରବେଶ କରିଛି 'କୁନି' । ପଛେ ପଛେ ଛୁଟି ଆସିଲେ ଗୁରୁପଦବାବୁଙ୍କ ସ୍ତ୍ରୀ ରମାବୋଉ ]

ରମାବୋଉ—(କୁନିକୁ ମାଡ଼ ମାରି) ଇମିତି ପେଟ ପୋଡ଼ି ଯାଉଚି ତୋର ? ଖାଇବୁ ଖାଇବୁ ବୋଲି ମରିଯାଉଚୁ ? ସବୁ ତ ତମରି ଗାଡ଼ିକୁ ନିଅଣ୍ଟ ! ବେଗଣା ବାପଟା ସକାଳ ୮ଟାରୁ ରୁଟି କେଇ ଖଣ୍ଡ ଖାଇ ଯିବ ଯେ, ଫେରୁ ଫେରୁ ସଞ୍ଜ ସାତଟା ! ସେତକ ବି ତାକୁ ଖୁଆଇ ଦଉନ ! ମରୁନ ତମେ ! (ପୁଣି ମାରିଲେ)

ଗୁରୁପଦ—(ପ୍ରବେଶି) ଓ, ମାରନାହିଁ ରମାବୋଉ ! ଏଇ ଖେକ ଉପାସରେ ସେମାନେ ବଞ୍ଚିବେ । ସେମାନେ ମରିବେନି ! ଗରିବ ଘରେ ଯୋଉ କ୍ଷୁଧା, ତୁମେ ବୁଝିପାରିବନି ରମାବୋଉ, ବାସୁକୀର ଶତଜିହ୍ୱା ଦଂଶନଠାରୁ ଆହୁରି ତୀବ୍ର !

ରମାବୋଉ—ସକାଳୁ ତ ମୁଢ଼ି ଖାଇଥିଲେ, ଆଉ ଟିକକ ପରେ ତ ଭାତ ଖାଇ ଇସ୍କୁଲ୍‌କୁ ଯିବେ ! ଇମିତି ପେଟ ପୋଡ଼ି ଯାଉଥିଲାରେ !

ଗୁରୁପଦ—ଛାଡ଼, ରମାବୋଉ ! ବାବୁଲର ବୁଦ୍ଧି ହେଇଗଲାଣି, ସେ ଘରକଥା ବୁଝି ପାରିଲାଣି । ଆଉ କୁନଟି ତ ସାନ, ଆସ୍ତେ ଆସ୍ତେ ବୁଝିଯିବ ଯେ । କିରାଣୀର ପିଲାଏ ଦୈନିକ ଖୋରାକ ବୋଇଲେ ଅଧ ପେଟ ଭାତ ଦି’ ବକତ, ଆଉ ସକାଳେ ପଇସାଟିକର ମୁଢ଼ି !

ରମାବୋଉ—(କାନ୍ଦିପକେଇ) ଭଗବାନ କ’ଣ ଇମିତି ସନ୍ତୁଳିବେ ବୋଲି, ଏତେଗୁଡ଼ାଏ ଛୁଆ···

ଗୁରୁପଦ—ତମେ କାନ୍ଦନାହିଁ ରମାବୋଉ ! ସେଥିରେ ପିଲାଙ୍କର ଅମଙ୍ଗଳ ହବ !

ରମାବୋଉ—ଯାହା ତ ଯୁଆଡ଼ୁ ଆସିଲା ସବୁବେଳେ ନଅଣ୍ଟ !

ଗୁରୁପଦ—ଅଣ୍ଟିବ ନାହିଁ, ରମାବୋଉ ! ଅନ୍ତତଃ ଏ ସଂସାରରେ ଯେତେ ଦିନ ବଞ୍ଚିବା, ଏଇ ନଅଣ୍ଟ ଭିତରେଇ ଆମକୁ ବଞ୍ଚିବାକୁ ହବ ।

ରମାବୋଉ—ରୁଟି ଖଣ୍ଡକ ପାଇଁ ଯୋଉ ମା ପିଲାକୁ ଗାଳି ମାଡ଼ ଦିଏ, ତାକୁ ଭଗବାନ ଏ ସଂସାରରୁ ନେଇ ଯାଉ ନାହାନ୍ତି କାହିଁକି ? (କାନ୍ଦି କାନ୍ଦି ଚାଲିଗଲେ)

(ଗୁରୁପଦବାବୁ ଯେମିତି ବ୍ୟଥିତ ହଉଥିଲେ)

ବାବୁଲି—ବାପା, ଛତା (ଆଣି ଦେଲା)

ଗୁରୁପଦ—ଦେ (ଛତାଟି ନେଇ ବାବୁଲି ମୁଣ୍ଡରେ ହାତ ବୁଲାଇଦେଲେ ।)

ବାବୁଲି—ବାପା ! ତୁମ ପାଇଁ ଅଫିସକୁ ଖାଇବାର ନେଇ ଯିବି ?

ଗୁରୁପଦ—ନାଇଁ, ଦରକାର ନାଇଁ ! ତୁ ଯା, ପଢ଼ !

ବାବୁଲି—ବାପା, ମାଷ୍ଟ୍ରଙ୍କର ଦରମା ?

ଗୁରୁପଦ—ହଁ, ଦିଆଯିବ ।

ବାବୁଲି—ତୁମେ ଆଠଟାରୁ ଚାଲି ଯାଉଚ । ସେ କାଲି ଦରମା ପାଇଁ ବୋଉକୁ କେତେ କଥା କହିଲେ ।

ଗୁରୁପଦ—ହଉ, ମାଷ୍ଟର ଆସିଲେ କହିବୁ—ମୁଁ ଯୋଗାଡ଼ କରୁଚି । ତାଙ୍କ ପାଉଣାଟା ଆଗ ଦେଇଦେବି । (ଦୀର୍ଘ ନିଃଶ୍ୱାସଟିଏ ପକେଇ ସୂର୍ଯ୍ୟଙ୍କ ଉଦ୍ଦେଶ୍ୟରେ ପ୍ରଣାମ କରି ବାହାରିଗଲେ) ।

ବାବୁଲି—ତୁ କେଡ଼େ ଡୋଲଟାରେ କୁନି ! କାହିଁକି ବାପାଙ୍କ ରୁଟି ଖାଇଲୁ ? ଏଇନେ ତ ଭାତ ହୋଇଯିବ, ଆମେ ଖାଇବା । ବାପାଙ୍କ ଦେହ ଖରାପ; ସେ କ'ଣ ଭାତ ଖାଆନ୍ତି ?

କୁନି—ଭୋକ କଲା···

ବାବୁଲ—ମତେ କ'ଣ ଭେକ କରୁନ ! ମୁଁ ବାପାଙ୍କ ଥାଳରୁ ରୁଟି ଖାଇ ଦଉଚ ?

କୁନ—ଆଉ ବାପାଙ୍କ ରୁଟି ଖାଇବନ।

ବାବୁଲ—ଯା, ବୋଉକୁ ସେଇ କଥା କହି ଆସିବୁ । ଦେଖିଲୁଣି ବୋଉ କମିତି କାନ୍ଦୁଚ ! (ଏତିକବେଳେ ପ୍ରବେଶ କରିଚ 'ସବିତା'—ଗୁରୁପଦଙ୍କ ଝିଅ, କଲେଜ ପଢ଼ୁଆ ।)

ସବିତା—କ'ଣ ହେଇଚ କରେ ବାବୁଲ ?

ବାବୁଲ—ବାପାଙ୍କ ରୁଟି କୁନ ଖାଇଦେଲା । ବାପା ଉପାସରେ ଅଫିସ ଗଲେ । ବୋଉ କୁନକୁ ମାରି ନିଜେ କାନ୍ଦୁଚ ।

ସବିତା—କୁଆ ବାପର ରୁଟି ଖାଇଦେଲା । ମା' କୁଆକୁ ମାରି ନିଜେ କାନ୍ଦୁଚ । (ଆସିଚ ରମେଶ, ଗୁରୁପଦବାବୁଙ୍କ ବଡ଼ପୁଅ । ନିଜେ ଜଣେ ସୁଦକ୍ଷ କଳାକାର ।)

ରମେଶ—ଚମତ୍କାର, ଚମତ୍କାର ଦୃଶ୍ୟ, ସବିତା ! ପୁଞ୍ଜିପତିଙ୍କ ହୃଦୟରେ ଦାରୁଣ ଝଡ଼ ସୃଷ୍ଟି କରିବ ଏଇ ଦୃଶ୍ୟ ! କଳା-କେନ୍ଦ୍ରର ପରବର୍ତ୍ତୀ ଅବଦାନରେ ଏଇ ଦୃଶ୍ୟଟି ନିଶ୍ଚୟ ସନ୍ନିବେଶିତ ହବ, ଆଉ ନାଟକଟିର ନାମକରଣ ହବ 'ଅନନ୍ତ କ୍ଷୁଧା' ।

ସବିତା—ହଉ, ଏ କଥାଗୁଡ଼ାକ ଏଠି ଶୁଣାଅନି, ତମର ସେ କଳାକେନ୍ଦ୍ରରେ ଶୁଣେଇବ ।

ରମେଶ—ସବିତା, ତୁ ମୋର କନିଷ୍ଠା ହେଲେ ବି କଲେଜ ଶିକ୍ଷାର୍ଥିନୀ, ମେଧାବିନୀ ଛାତ୍ରୀ···ନା ନା, ତୁ ବୁଝି ପାରିବୁନ । (ପକେଟରୁ ସିଗାରେଟ୍ ବାହାର କରି)ମୋର ଏ ସିଗାରେଟ୍-ଖିଆ ମତି, ଆଉ ବାପାଙ୍କର ଗୃହସଂସାର ମତି ଠିକ୍ ସମାନ୍ତର ଭାବରେ ଗତି କରି ଚାଲିଚ !

ସବିତା—ଭାଇ, ବାପାଙ୍କର ଏ ଦୁର୍ଦ୍ଦିନରେ ତୁମେ ପରିହାସ କରୁଛ ?

ରମେଶ—ପରିହାସ ନୁହେଁ, ସବିତା ! ବାପା ତାଙ୍କ ଦୁର୍ଦ୍ଦିନ ପାଇଁ ନିଜେ ଦାୟୀ । କିରାଣୀ ହୋଇ ସେ ବିବାହ କରୁଥିଲେ କାହିଁକି ? ବିବାହ ଯଦି କଲେ, ଆମମାନଙ୍କୁ ସଂସାରକୁ ଆଣିବାର କି ଅଧିକାର ଥିଲା ତାଙ୍କର ?

ସବିତା—ଅଭିନେତା ହେଲେ ମଣିଷ କ'ଣ ଲଜ୍ଜା ସରମ ସବୁ ହରେଇ ବସେ ?

ରମେଶ—ଖାଣ୍ଟି ସତକଥା କହିବାରେ ଲଜ ସରମ କ'ଣ ? ଯୋଉଠି ମୁଡ଼ିଗଣ୍ଡାକ ପାଇଁ ଯଦୁବଂଶ ଧ୍ୱଂସ ପାଇ ହୁଏ, ସେଠି ଝିଅକୁ କଲେଜରେ ପଢ଼େଇବାକୁ ସଉକ କାହିଁକି ? ଯୋଉ ବାପ ଛୁଆଙ୍କୁ ଖୋରାକ ଯୋଗାଇବା ପାଇଁ ଅସମର୍ଥ, ଟ ୧୫୯ଙ୍କା ଦରମାରେ ଟିଉସନ୍ ମାଷ୍ଟରଙ୍କୁ ଧପ୍‌ପାବାଜ କରି, ମାସେ ନୁହେଁ, ଦୁଇମାସ ନୁହେଁ, ଗୃରି ଗୃରି ମାସ ହେଲା······ଛି, ଛି, ଶେ'ମ୍ !

ସବିତା—ପାଞ୍ଚଥର ମାଟ୍ରିକ୍ ଫେଲ୍ ହେଲ । ଆପ୍ରାଣ ଚେଷ୍ଟା କରି ବାପା ଯାହା କିଛି ସାଇତି ରଖିଥିଲେ ସେସବୁ ତମ ପିଛରେ ଖର୍ଚ୍ଚ କରି ସେ ଭାବିଥିଲେ, ତମେ ମାଟ୍ରିକ୍ ପାଶ୍ କରିଗଲେ ଘରକୁ ଅନେକଟା ସାହାଯ୍ୟ ହୋଇଥାନ୍ତା—ହେଲେ···

ରମେଶ—ମୁଁ ତ ସେଇଆ କହୁଚି, ଶିଷ୍ଟର ! ଏତେଟା ସମ୍ବଳହୀନ ଅବସ୍ଥାରେ, ତାଙ୍କପରି ନିର୍ବୋଧ ପିତା, ପୁଅ ପଛରେ ଅନ୍ଧ ଭାବରେ ପଇସା ଖର୍ଚ୍ଚ କରିବା ଖାଲି ପାପ ନୁହେଁ, ମହାପାପ !

ସବିତା – ହଁ, ତମ ପଛରେ ଟଙ୍କା ଖର୍ଚ୍ଚ କରି ବାପା ମହାପାପ କରିଚନ୍ତି !

ରମେଶ—ନୁହେଁ ! ଆଦାୟର ଯୋଉଠି କୌଣସି ଆଶା ନାହିଁ, ସେଠି ପାଞ୍ଚ ପାଞ୍ଚଥର ଖର୍ଚ୍ଚ କରିବା କ'ଣ ଦରକାର ଥିଲା ? ବୁଝିଲୁ ସାବି, ଦୁଅଣାକୁ ଦଶଟା ଟ୍ରିମିନାଲ୍ ସିଗାରେଟ୍ କିଣି, ତାକୁ ଗୋଲ୍ଡ୍ ଫ୍ଲାକ୍ ଡବା ଭିତରେ ପୂରେଇ ମୁଁ ଯୋଉ ସୋ'ଟା କରେନା, ବାପାଙ୍କର ଘରସଂସାର ମିତ ତା'ରି ରୂପାନ୍ତର ମାତ୍ର ।

ସବିତା—ମାନେ ?

ରମେଶ—ଅତି ସହଜ । ବାପାଙ୍କର ଦରମା ମାତ୍ର ଟ ୧୨୦୯ଙ୍କା ! ହେଲେ, ଉପାଧି ଅଫିସର ବଡ଼ବାବୁ । ସେଇ ବଡ଼ବାବୁ ଖୋଳ ଭିତରେ ବାପାଙ୍କର ନିତ୍ୟପ୍ରତି ଅଧାଅଧି ଏକାଦଶୀ ! ଉତ୍ତରାଧିକାରୀ ସୂତ୍ରରେ ବାପାଙ୍କ ରୁଟିରୁ ସକାଳ ଆଠରୁ ଅଂଶୀଦାର ହେବାପାଇଁ ପୁଅମାନଙ୍କର ଭଗ୍ନାଂଶ ଧାରା ଅନୁସାରେ ସଂଗ୍ରାମ ! ସେ ସବୁ ସେଇ ବଡ଼ବାବୁଙ୍କ ଅନୁଭୂତି ଭିତରେ । ତଥାପି ଦୁନିଆ ତାଙ୍କୁ କହେ ବଡ଼ବାବୁ । ତାଙ୍କ ପଦବୀ ବଡ଼ବାବୁ—ସୁନ୍ଦର ! ବଡ଼ବାବୁର ଖୋଳ ଭିତରେ ନିଖୁଣ ଅଭିନୟ ।

ସବିତା—ସବୁ କରୁଛି ପିଲାଙ୍କୁ ଦେଇ ବାପା ଆତ୍ମତୃପ୍ତି ପା'ନ୍ତି । ଆମେ କିନ୍ତୁ ଅପାରଗ, ଅପଦାର୍ଥ ।

ରମେଶ—ମୁଁ କିନ୍ତୁ ନୈରାଶ୍ୟବାଦୀ ନୁହେଁ, ସବିତା !

ସବିତା—ଆଗ୍ରହ ନଷ୍ଟ ବୁଲେଇ ତୁମେ କଳାର ଚିନ୍ତା କର ! କହି ପାରିବ ଭାଇ, ଆମ ଓଡ଼ିଶାର କଳାକାରମାନଙ୍କର ଭବିଷ୍ୟତ୍ କ'ଣ ? ସେଦିନ କାଗଜରେ ପଢ଼ିଲି, ଜୀବନ-ବ୍ୟାପୀ କଳାର ସାଧନା କରି ଓଡ଼ିଶାର ପୁରପଲ୍ଲୀରେ ଯେ ସୃଷ୍ଟି କରିଥିଲା ଅଭିନୟ, ରଙ୍ଗମଞ୍ଚରେ ଆଣିଥିଲା ସବୁଜ ଯୁଗ, ଶେଷରେ ଥିଏଟରର ବାରଣ୍ଡାରେ ଅଭାବରେ ଛଟପଟ ହୋଇ ଛାଡ଼ିଲା ଶେଷ ନିଶ୍ୱାସ !

ରମେଶ—କଳାକାର ମରିଗଲା, ସବିତା ! ହେଲେ, ସବୁଦିନ ପାଇଁ ତା'ର କଳା ଅମର ହୋଇ ରହିଗଲା । ମୁଁ ମଧ୍ୟ ଠିକ୍ ସେଇଆ ଚାହେଁ । କିରାଣୀ ପରିବାରର ଦୁର୍ଦ୍ଦିନରେ ମୁଁ ଝାସ ଦେଇ ପାରେନା—କିରାଣୀ ମଲେ ତା'ର ଛୁଆ ପିଲାର ସର୍ବନାଶ ଘଟେ । ମୁଁ ଅଭିନେତା, କାହାରି ଜୀବନ ବିଶ୍ଳେଷଣ କରିବା ମୋର ଦରକାର ନାହିଁ । ବାସ୍ତବ ଜୀବନ ମୋର ପ୍ରୟୋଜନ ନାହିଁ । ଦିନର ସ୍ୱଚ୍ଛ ସୂର୍ଯ୍ୟାଲୋକ ଅପେକ୍ଷା ରାତିର ନାଲି, ନେଳି ବିଜୁଳି ଆଲୁଅକୁ ମୁଁ ବେଶି ପସନ୍ଦ କରେ । ଜାଲି ଜୁଆଚୋରି କରି ଝଟଝଟ ଅପେକ୍ଷା ମୋର ଗ୍ରୀନ୍‌ରୁମ୍‌ର ଶହେ ଗୁଣ ଭଲ ।

ସବିତା—ଭବିଷ୍ୟତ୍ ନ ଥାଇ, ବଞ୍ଚିବାର ପାଥେୟ ନଥାଇ କଳାର ଅନୁସନ୍ଧାନ ! ହୁଁ ··· (ଚାଲିଗଲା)

ରମେଶ—ଶୁଣ୍ ସବିତା, ଶୁଣ୍ । ନା, କେହି ମତେ ବୁଝିପାରିବେ ନାହିଁ ··· (ସିଗାରେଟ୍ ଲଗେଇଲେ) । ହଁ ପିଲାଏ, ପଢ଼ ! ମାଷ୍ଟ୍ରେ ନ ଆସନ୍ତୁ, ମୁଁ ଘଣ୍ଟାଏ ଘଣ୍ଟାଏ ତମ ପଢ଼ାପଢ଼ି ଦେଖିବି । (ପାଖରେ ବସି) କ'ଣ ପଢ଼ୁଚୁ, ବାବୁଲି ? ଓ ସାହିତ୍ୟ ! ବେଶ୍, ପଢ଼ । କ'ଣ କିଛି ବୁଝିବାର ଅଛି ?

ବାବୁଲି—ଭାଇ, ଏଇଟା ଠିକେ ବୁଝେଇଦଅ—
"ସତ୍ୟ ପଥେ ଧର୍ମ ପଥେ ଘେନଯାଅ ମତେ,
ଭସାଅ ପରାଣ ମୋର ତବ ପ୍ରେମ ସ୍ରୋତେ ।"

ରମାବୋଉ—(ପ୍ରବେଶ) ହଇରେ ରମା, ପୁଣି ସେ ଧୂଆଁଗୁଣ୍ଡ ଖାଇଲୁ ? ଘେଗଣା ବାପ, ଭାଇ ଭଉଣୀଙ୍କ ମୁହଁକୁ ଅନେଇ ଏ ମନ୍ଦ ବୁଦ୍ଧି ଛାଡ଼ । ସକାଳୁ ଅଟାପାଇଁ ଗଲୁ ଯେ, ବାପ ଅଫିସ ଗଲା ପରେ ଆସୁଚୁ !

ରମେଶ—ଗଲାବେଳେ ଦେଖି ଯାଇଥିଲି, ଅଟା ଠିକେ ଥିଲା । ଭାବିଲି ବାପାଙ୍କର ଆଜିକ ଚଳିଯିବ ।

ରମାବୋଉ—ସୂାଙ୍କ ଗାଡ଼ିକୁ ତ ନଅଣ୍ଟ, ଆଉ ବାପା ଖାଇବେ କ'ଣ ? ଦେ, ଅଟା ଆଣ୍ ।

ରମେଶ—ଅଟା କାଇଁ ?

ରମାବୋଉ—ତୁ ଏବେ ଅଟା ଆଣିନୁ ! ଆରେ ରମା, ତୁ'ଟା କାହିଁକି ଏମିତି ହଉଚୁ ?

ରମେଶ—ଆଲୋ ବୋଉ, ଅଟା ତ ଆସିବ । ତୁ ଆଗ କଥାଟା ଶୁଣ୍ । ବଜାରରେ ଦେଖିଲି ଆମ କୁନି ବୟସର ଭିକାରୀ ପିଲାଟାଏ—ତା' ମାଆ ତାକୁ ଦ'ଅଣା ପଇସା ଦେଇ ପଠେଇଥିଲା ରୁଟିପାଇଁ । ପିଲାଟି ଗୁଡ଼ିଆ ଦୋକାନରୁ ରୁଟି ନେଇ ଆସୁ ଆସୁ କୁଲିକୁକୁରଟାଏ ପିଲାଟା ଉପରକୁ ଡେଇଁପଡ଼ି ରୁଟି ଦ'ଖଣ୍ଡ ଛଡ଼େଇ ନେଇଗଲା । ତେଣୁ ସେ କୁଆର ମାଆ କୋଳ-କୁଆଟାକୁ ରାସ୍ତା ଉପରେ ଗଡ଼େଇ ଦେଇ, ଇଟା ଖଣ୍ଡେ ଧରି ବଡ଼ କୁଆଟାକୁ ମାରିବାକୁ ଦଉଡ଼ି ଆସିଲା । ପିଲାଟି ଡରରେ ମତେ ଆସି କୁଣ୍ଡେଇ

ପକେଇଲା । ଜଣେ ମାରୱାଡ଼ି ଭଦ୍ରଲୋକ ଏ ଦୃଶ୍ୟ ଦେଖି ତାଙ୍କ କ୍ୟାମେରାରେ ଖାଲି ଗୋଟାକ ପରେ ଗୋଟାଏ ଫଟୋ ଉଠାଇ ଚାଲିଲେ ।

ରମାବୋଉ – ହଉ ପଇସା ଦେ ! ଆରେ ବାବୁଲି, ଦଉଡ଼ି ଗଲୁ, ଅଣ୍ଟା ନେଇ ଆସିବୁ । ଦେ, ତାକୁ ପଇସା ଦେ !

ରମେଶ—କଥାଟା ଆଗ ଶୁଣ୍ । ଛୁଆଟା ଯେତେବେଳେ ମା'ର ମାଡ଼ ଭୟରେ ମୋ ପାଖରେ ଆଶ୍ରୟ ନେଲା, ତାକୁ ସାହାଯ୍ୟ କରିବା କ'ଣ ମୋର କର୍ତ୍ତବ୍ୟ ନୁହେଁ ? ଦେଖଣାହାରୀ ଦେଖିଲେ—ମାରୱାଡ଼ି ବାବୁ ଫଟୋ ଉଠେଇଲେ । ହେଲେ, କାହାରି ଦୟା ହେଲା ନାହିଁ ଭିକାରୁଣୀକୁ ଦୁଇଅଣା ପଇସା ଦବାକୁ । ଆଚ୍ଛା କହିଲୁ ବୋଉ, ସେ ଛୁଆର ମା ଯୋଉ ରୂପ ଧରିଥିଲା, ଦ'ଅଣା ପଇସା ନ ଦେଇଥିଲେ ସେ କ'ଣ ସେ ଛୁଆଟାକୁ ରଖିଥାନ୍ତା ?

ରମାବୋଉ—ହଇରେ ରମା, ସେ ଦ'ଅଣା ପଇସା ବଢ଼େଇ ଦେଲାବେଳେ ତୋ' ବାପା ଭାଇ ଭଉଣୀଙ୍କ କଥା ଟିକେ ଭାବି ପାରିଲୁନି ?

ରମେଶ—ଆଲୋ ବୋଉ, ଆମର ବାପା ଅଛନ୍ତି, ସେ ପୁଣି ବଡ଼ବାବୁ—ରହିବାକୁ ସରକାରୀ ଘର ମିଳିଚି, ରାସ୍ତାରେ ଗଲାବେଳେ ଚପରାସୀ, ତଳିଆ କର୍ମଚାରୀ ବାପାଙ୍କୁ କେତେ ସମ୍ମାନ ଦେଖଉଚନ୍ତି । ହେଲେ, ସେ ଭିକାରୁଣୀ ଆଉ ତା' ଛୁଆ—ତାଙ୍କର କିଏ ଅଛି ?

ରମାବୋଉ—କାହିଁକି ତୁ ଅଛୁ ? ବାପ ଭାଇଙ୍କ ପେଟରୁ କାଟି ତା' ପେଟ ଭରିବାକୁ ! ଦେ, ବାକି ଦ'ଅଣା ପଇସା ଦେଲୁ !

ରମେଶ—ଆଉ ଦ'ଅଣା ପଇସା କାଇଁ ? ଗୃହମିନାର୍ ଗୋଟାଏ ପ୍ୟାକେଟ୍ କିଣିଲି ।

ରମାବୋଉ—ହଇରେ ରମା, ତୁ ଦାତାପଣିଆ ଦେଖେଇବୁ: ସିଗାରେଟ୍ ଟାଣିବୁ, ଆଉ ବୁଢା ବାପଟା ତୁମରମାନଙ୍କ ପାଇଁ ସନ୍ତୁଳି ହୋଇ ମରୁଚି !

ରମେଶ—ବାପା ତାଙ୍କ ନିଜ ପାଇଁ ନିଜେ ଦାୟୀ !

ରମାବୋଉ—ସେ ଆଉ କ'ଣ କରନ୍ତେ ଯେ ?

ରମେଶ - କାହିଁକି, ଆତ୍ମହତ୍ୟା କଲୁ ନାହାନ୍ତି !

ରମାବୋଉ—ରମା, ତୁ କ'ଣ କହିଲୁ ? (କାନ୍ଦି ପକେଇଲେ)

ରମେଶ—ଆଖି ଛଳଛଳ କରି ମତେ ଆଉ କିଛି ବୁଝେଇବା ଦରକାର ନାହିଁ । ମୁଁ ଦେଖି ଅଛି, ଏଇ ଗୃହମିନାର୍ ସିଗାରେଟ୍‌ର ଧୂଆଁ, ଆଉ ବାପାଙ୍କର ଘରକରଣା, ଯୁଁ'ଟ ଭିତରେ ମୁଁ ଗୋଟାଏ ଏକ୍‌ସପେରିମେଣ୍ଟ୍ କରୁଚି ।

ରମାବୋଉ—କ'ଣ କରୁଚୁ ? ଆରେ ମତେ ବୁଝେଇ କହୁନୁ ତୁ କ'ଣ କରିବୁ ? ଆଲେ ଏ ସାବି, ଭାଇ କ'ଣ କରିବ କହୁଚି, ତା'ଠୁ ଟିକେ ବୁଝିଲୁ ?

ସବିତା ମୁଣ୍ଡଗଣ୍ଡି କରିବେ । କାମରେ ତ କିଛି ନାହିଁ । ଖାଲି ପାହାଡ଼ ତୋଡ଼ କଥା ! ବାବୁଲି ! କୁନି ! ତୁମେ ଦିହେଁ ଯାଅ—ଡେରେଣେ ପଡ଼ିବ । ଏଠି ପଢ଼ାପଢ଼ି ହୋଇ ପାରିବ ନାଇଁ !

ରମେଶ—ବୋଉକୁ ବୁଝେଇ ଦେ ସବିତା, ମୁଁ ଟିକିଏ 'ଏକ୍‌ସପେରିମେଣ୍ଟ୍' କରୁଚି, ଅର୍ଥାତ୍ ପରୀକ୍ଷା କରୁଚି ।

ରମାବୋଉ—ଆରେ ଆଉ କ'ଣ ପରୀକ୍ଷା କରିବୁ ? ପାଞ୍ଚ ପାଞ୍ଚ ଥର ତ ଫେଲ୍ ହେଲୁ । ଆଲୋ ଏ ଝିଅ ମୋ ପୁଅ ବିଷ ଫିସ ଖାଇବା କଥା କହୁଚି କହୁନି ତ ?

ସବିତା—ଭାଇ ବିଷ ଖାଇବେ ନାଇଁ ଯେ, ବରଂ ଅନ୍ୟକୁ ବିଷ ଖୋଇବେ !

ରମେଶ—ମୁଁ ତୁମମାନଙ୍କ ପରି ଖାରୁ ନୁହେଁ ଯେ ପ୍ରତି ମୁହୂର୍ତ୍ତରେ ଆତ୍ମହତ୍ୟାର ସ୍ୱପ୍ନ ଦେଖିବ ! ମୁଁ ଅଭିନେତା । ଅଭିନେତା ବହୁବାର ଆତ୍ମହତ୍ୟା କରେ, କିନ୍ତୁ ପ୍ରକୃତରେ ନୁହେଁ ! ସେ ଖାଲି ଅଭିନୟ, ସେଥିରେ ମୃତ୍ୟୁ ନାହିଁ ! ଅଛି ବଞ୍ଚିବା ପାଇଁ ଗୋଟିଏ ସରସ ପ୍ରେରଣା !

(ନାଟକୀୟ ଭଙ୍ଗୀରେ ହସିଲେ)

ରମାବୋଉ—ଆରେ ରମା ! ବାଇଆଙ୍କ ପରି କାହିଁକି ହଉଚୁ ? ତୁ ଯାହା କରୁଚୁ କର, ବାପ ! ହେଲେ, ଏ ଧୂଆଁ ଗୁଡ଼ାକ ଗିଳି କଲିଜାଟାକୁ ପୋଡ଼ିପକାନା, କି ନାଟ ତାମସା କରି ବାପ ନାଁ ପକନା···

ରମେଶ—(ନାଟକୀୟ ଭଙ୍ଗୀରେ) ତୁମେ ଜାଣ ନାହିଁ, ମାତା, ! ରୋମ୍, ଗ୍ରୀସ୍, ତାତାର୍, ମିଶରରେ ଭୂମିଷ୍ଠ ହୋଇଲେ ଶିଶୁ, ସ୍ତନ୍ୟପାନ କରିବା ପୂର୍ବରୁ, ଧୂମ୍ରପାନ ଲାଗି କରେ ଧରିତ୍ରୀବକ୍ଷେ ପ୍ରଥମ କ୍ରନ୍ଦନ ! ଆଉ ଥିଏଟର୍ ! ତୁମେ ମାତା ! ଜାଣିବ କିପରି ? ଅଭିନୟ···କେତେ ବଡ଼ ଆର୍ଟ !

ସବିତା—ନା, ପିଲା ଦି'ଟା ଆଜି ପାଠ ପଢ଼ି ପାରିବେ ନାହିଁ । ଏଠି ତ ପାଟି କଲ ବୋଲି ତାଙ୍କୁ ଭିତରକୁ ପଠେଇଲି । ତେବେ ବି……ବୋଉର କାଲିଠୁଁ ଉପବାସ । ତୁମେ ବଜାରକୁ ଯାଅ ତ···ଶେଷେଇ ହେଲେ ପୁଣି ପିଲା ଦି'ଟା ଖାଇ ସ୍କୁଲକୁ ଯିବେ !

ରମେଶ—ଭଗ୍ନୀର ·ଆଦେଶ ଶିରୋଧାର୍ଯ୍ୟ ମୋର ! ବାବୁଲି, ବ୍ୟାଗ୍‌ଧରି ବାହାରି ପଡ଼ ବଜାରକୁ ! ବୋଉ ! ସିଗାରେଟ୍ ପାଉଣାଟା ବି ହିସାବ କରି ଦେଇଥିବୁ । (ପ୍ରସ୍ଥାନ)

ରମାବୋଉ—ଶୁଣ୍ ଝିଅ, ତା' କଥା ଶୁଣ୍ ! ଟଙ୍କାଏ ଅଠର ପଇସା ଥିଲା । ସକାଳୁ କୁନି, ବାବୁଲି ଦି' ପଇସାର ମୁଢ଼ି ଖାଇଲେ । ଅଠା ପାଇଁ ଗୁରଣା ନେଇଗଲା ଯେ, ଦି' ଅଣା କାହାକୁ ଦାନ କଲା ! ବାକି ଦି'ଅଣାର ସିଗାରେଟ୍ ଖାଇଲା ! ଆଉ ତ ଗୋଟିଏ ଟଙ୍କା ଅଛି । ମୁଁ ସଉଦା ମଗେଇବି କ'ଣ, ତାକୁ ସିଗାରେଟ୍ ପଇସା ଦେବି କ'ଣ ?

ସବିତା—ତୁ·ତ ପଇସା ଦେଇ ଦେଇ ତାଙ୍କ ଅଭ୍ୟାସ ବଢ଼େଇଚୁ ! (ବାବୁଲି ବ୍ୟାଗ୍ ନେଇ ଆସିଚି) ଦେଖ୍ ବାବୁଲି, ଭାଇଙ୍କ ହାତରେ ପଇସା ଦବୁନି ! ସେ ସଉଦା କରିବେ—ତୁ ପଇସା ହିସାବ କରି ଦବୁ । ହଁ, ବାପାଙ୍କ ପାଇଁ ଭଲ ଅଠା ପାଏ ଆଣିବୁ ।

ବାବୁଲି—ଭାଇ କ'ଣ ପଇସା ନ ନେଇ ଛାଡ଼ିବେ !

ସବିତା—କହିଲି ପରା, ପଇସା ତାଙ୍କ ହାତରେ ଦବୁନି !

ବାବୁଲି—ପଇସା ନ ଦେଲେ ମାରିବେ । ସେ କହନ୍ତି, ବଜାର ସଉଦା ବଜେଟ୍ ଭିତରେ ତାଙ୍କର ଗୁରମିନାର୍ ଖର୍ଚ୍ଚଟା ଜରୁର ଅଛି !

ରମେଶ—(ବାହାରୁ) ଆସିଲୁ ବାବୁଲି !

ବାବୁଲି—ଗଲି ଭାଇ ! (ବ୍ୟାଗ୍‌ଧରି ଗୃଲିଗଲା)

ସବିତା—ଖବରଦାର ବାବୁଲି, ଭାଇଙ୍କ ହାତରେ ପଇସା ଦବୁ ନାହିଁ—ଦେଲେ ସଭିଏଁ ଉପାସ ରହିବେ !

ରମାବୋଉ—ହଇଲୋ ସାବି ! ତାକୁ କ'ଣ କଏ ଔଷଧି ମୌଷଧି କରିଚ କି ? ପିଲାଦିନେ ତ କେତେ ସୁଧାର ଥିଲା !

ସବିତା—ତୋରି ଯୋଗୁ ସେ ଇମିତି ହେଇଚନ୍ତି । ତାଙ୍କର କ'ଣ ବୁଦ୍ଧି ଶୁଦ୍ଧି ନାହିଁ ? ଯେମିତି ଲେଖାଲେଖି କରନ୍ତି, ସେମିତି ଅଭିନୟ ବି କରନ୍ତି । ସହରରେ ତାଙ୍କୁ ନ ଚିହ୍ନେ କିଏ ?

ରମାବୋଉ—ନାଟ ତାମସା କରି କ'ଣ ପେଟ ପୋଷି ହବ ? ଲୋକେ କହିବେ ନାଟୁଆଟାଏ ! ତା'ରି ସାଙ୍ଗର ପିଲା ଗୁକିରି ବାକିରି କରି ବାହାସାହା ହୋଇ ଘର ସଂସାର କଲେଣି ! ସତେ ଧବଳେଶ୍ୱର ତାକୁ ଭଲ ବୁଦ୍ଧି ଦେବେ ! ତା ଉପରେ ଦୁବ ବରକୋଳି ପତ୍ର ପଡ଼ିବ—ଆଗପଛ ହେଇ ପୁଅବୋହୂ ମୋର ଘରେ ପଶିବେ !

ସବିତା—ଏ ଖିଆଲ ବି ତୋ ମୁଣ୍ଡରେ ପଶିଲାଣି ! ପର ଝିଅଟେ ଆଣି ଖାଲି ବାପାଙ୍କୁ ଦହଗଞ୍ଜ କରି ମାରିବା କଥା ତୁ କହୁଚୁ !

ରମାବୋଉ—ହଇଲୋ, ଏକା ପେଟରୁ ଜନମ ହେଇ ତୁ ଏକଥା କହୁଚୁ ! ଆମ ଅବସ୍ଥା ଖରାପ ବୋଲି ବଅସ କ'ଣ ଅନେଇ ବସିଚି ! ଲୋକେ କ'ଣ କହିବେ ? ତା ବାହାଘରଟା ସରିଗଲେ ଯାହା କାନି ଯୌତୁକ ମିଳିବ, ସେତିକି ତୋ' ବାହାଘରକୁ···

ସବିତା—ତୋ'ର ସବୁ ଯାବତ୍ ମୃଣ୍ଡବଗିଡ଼ା କଥା !

ରମାବୋଉ—ଠାକୁରେ ଅଛନ୍ତି ! ମାଆ ମନ କଥା ତୁ କୋଉଠୁ ଜାଣିବୁ ଲେ ! ହଉ ଯା—ଚୁଲିଟା ଜାଳିଦେ । ପାଣି ଫୁଟିଲିଣିକି କଣ·····ମୁଁ ଲୁଗାଟା ବଦଳେଇ ଆସେଁ ।

ସବିତା—କାଲି ରାତିରୁ ଖାଇନୁ, ଏଇନେ ଗାଧେଇଲେ ସର୍ଦ୍ଦି ହେବ ! ମୁଁ ରୋଷେଇ କରି ଦଉଚି (ପ୍ରସ୍ଥାନ) । (ରମାବୋଉ ଲୁଗା ଖଣ୍ଡିକ ଧରି ଯାଉଥିଲେ, କୁନ ଆସିଚି) ।

କୁନ—ବୋଉ ! ମୋ ଉପରେ ରାଗିଚୁ ବୋଉ ?

ରମାବୋଉ—କ'ଣ ?

କୁନ—ସକାଳେ ଦି'ଟା ନାଆଁକୁ ମୁଢ଼ି ଦେଇଥିଲୁ , ଭାରି ଭୋକ କଲା – ସେଥିପାଇଁ ବାପାଙ୍କ ରୁଟି·····

ରମାବୋଉ—କୁନ, ମୋ ସୁନାଟିଅଟି ପରା !

କୁନ—ତୁ କାନ୍ଦନା ବୋଉ ! ବାପାଙ୍କ ରୁଟି ଆଉ ଖାଇବି ନାଇଁ ।

ରମାବୋଉ—କୁନ, ତୁନ ହ·····(କୋଳେଇ ନେଇ କାନ୍ଦିଲେ)

—ପରଦା—

— * –

## ଦ୍ୱିତୀୟ ଦୃଶ୍ୟ

ରାଜପଥ

[ଆଗରେ ପଢ଼ିବା ବ୍ୟାଗ୍ ଧରି ବାବୁଲି ଚାଲିଛି, ପଛେ ପଛେ ଆସିଲେ ରମେଶ]

ରମେଶ – ଆରେ ବାବୁଲି, ଆଉ କେତେ ପଇସା ବଳିଲା ?

ବାବୁଲି—ଛ' ଅଣା !

ରମେଶ—ହୁଁ, ତା'ହେଲେ ଛ'ଅଣା ବଳିଲା ! ଆଚ୍ଛା ବାବୁଲି, ନୂଆ ପଇସାରେ କେତେ ହେଲା ହିସାବ କଲୁ !

ବାବୁଲି – ୩୭ ନୟା ପଇସା ।

ରମେଶ—ଦୂର୍ ବୋକା, ୩୮ ନୟା ପଇସା । ଦୋକାନୀ ଆମଠୁ ନେଲା ବେଳେ ନବ ୩୮ ନୟା ପଇସା, ଆଉ ଦବ ୩୭ ନୟା ପଇସା, ବୁଝିଲୁ !

ବାବୁଲି—ହଁ, ହଁ ।

ରମେଶ—ହିସାବ୍ ଶିଖୁନାହୁଁ, ଅଙ୍କ କଷିବୁ କେମିତି ? ହଁ, କ'ଣ ସବୁ ଆଣିଲୁ ?

ବାବୁଲ—ଖଡ଼ା, କଖାରୁ, ବାଇଗଣ, ସାରୁ, କଞ୍ଚା ଲଂକା ଦୁଇ ପଇସା, ପିଆଜ ୪ ପଇସା, ଲୁଣ ୨ ପଇସା—ଏମିତି ମୋଟ ୫ ୦୲୵ ଅଣାର ସଉଦା !

ରମେଶ—ହଉ, ମତେ ସେ ଛ'ଅଣା ଦେ ।

ବାବୁଲ—ବାପାଙ୍କ ପାଇଁ ଅଟା ଯିବ ଅଧସେର ।

ରମେଶ—ଆରେ ଅଧସେର ଅଟା କ'ଣ ହବ ? ପାଏ ହେଲେ ବାପାଙ୍କର ଢେର୍ !

ବାବୁଲ—ଅପା କହୁଚି......

ରମେଶ—ଆରେ ଭଲ ଅଟା ପାଇବୁ କୋଉଠୁ ? ଦୋକାନ ଅଟା ତ ଅଧା ତେନ୍ତୁଳମଞ୍ଜି କୁ ଅଧା ଗହମ ! ମତେ ପଇସା ଦେ, ମୁଁ ମିଲ୍‌ରୁ ପହିଲ୍ ନମ୍ବର ଅଟା ନେଇଯିବି ।

ବାବୁଲ—ନାଇଁ, ଅପା ଗାଳି ଦବ ! (ଚାଲିଯାଉଥିଲା)

ରମେଶ—(ପଛରୁ ଭିଡ଼ିଧରି) ଆରେ, ବଡ଼ ଭଉଣୀର ବଡ଼ ଭାଇ କଥା ମାନିବୁ ନାଇଁ ? ଦେ, ପଇସା ଦେ ! ବାପାଙ୍କର ଡାଇବିଟିସ୍ ବେମାରି, ତେନ୍ତୁଳମଞ୍ଜି ମିଶା ଅଟା ଖାଇଲେ ରୋଗ ବଢ଼ିଯିବ !

ବାବୁଲ—ତମେ ଅଟା ନବ ନାଇଁ !

ରମେଶ—ନେବି ନାଇଁ ? କରେ, ବାପା କ'ଣ ପବନ ଖାଇ ବଞ୍ଚିବେ ? ନେବି ନିଶ୍ଚୟ ! ହେଲେ, ଅଟା ପାଏ, ଆଉ ଆଳୁ ପାଏ ।

ବାବୁଲ—ଆଳୁ ନବା ଦରକାର ନାଇଁ, ଅପା କହିଚି ।

ରମେଶ—ଆରେ କୋଉଟା ଦରକାର, ଆଉ କୋଉଟା ଅଦରକାର, ସେ କଥା ତୋ ବଡ଼ ଭଉଣୀର ବଡ଼ ଭାଇ

ଠିକ୍ ବୁଝେ ! ଆରେ ଖଡ଼ା, କଖାରୁ, ବାଇଗଣ, ସାରୁ ସାଙ୍ଗରେ ଆଳୁ ନ ହେଲେ କ'ଣ ଚଳିବ ! ବଡ଼ ଢ଼'ଠା ହେଲେ ତ ଆହୁରି ଭଲ !

ବାବୁଲ—ପଇସା କାହିଁ, ଆଳୁ ବଡ଼ ନବାକୁ ?

ରମେଶ—ପଇସା ନାହିଁ ବୋଲି ଖଡ଼ା, କଖାରୁ, ସାରୁ କ'ଣ ସେ କଥା ବୁଝିବେ ? ଦେ, ପଇସା ଦେ !

ବାବୁଲ—(ପଇସା ଦେଇ) ହଉ, ତୁମେ ଯାହା କରୁଛ କର । ହେଲେ, ଘରେ ଅପାକୁ ସମ୍ଭାଳିବ ! (ବାବୁଲ ଚାଲିଗଲା, ରମେଶ ସେଇଆଡ଼କୁ ଚାହିଁ ପଇସା ଗଣି)

ରମେଶ—ଆରେ ବାପ୍‌ରେ ବାପ୍ ! ଆଣ୍ଟିକରପ୍‌ସନ୍ ଅଫିସର ଖିଡମତ ମୋ ଚଚ୍ଛରେ ଖଞ୍ଜା ହେଇଚି ? (ଏତିକବେଳେ ଆସିଲେ ଗୃହଶିକ୍ଷକ )

ହରିହର—(ପ୍ରବେଶ) କ'ଣ ହେଲା କହେ। ରମେଶଚନ୍ଦ୍ର ! ଆଣ୍ଟି-କରପ୍‌ସନ୍ ଡିପାର୍ଟମେଣ୍ଟ ଖବର କ'ଣ ହେଲା ?

ରମେଶ—ନମସ୍କାର୍ ସାର୍ ! ନାଇଁ ସାର୍, ସେଇ ବାବୁଲ । ମୁଁ ବଜାରକୁ ଆସିବି ସଉଦାପାଇଁ, ସେ ଆସିଷ୍ଟାଣ୍ଟ୍ ମାର୍କେଟିଂ ଅଫିସର ହେଇ ମତେ ସାହାଯ୍ୟ କରିବ କ'ଣ, କରୁଚି ଖିଡମତ ଗୋଇନ୍ଦାଗିରି ! ବାପାଙ୍କ ଚାକିରି ହେଲା ଦୁର୍ନୀତି ନିବାରଣ ବିଭାଗରେ—ସେଥିପାଇଁ କ'ଣ ବଡ଼ପୁଅର ଦୁର୍ନୀତି ଚେକ୍ କରିବାକୁ ପଠେଇବେ ସାନପୁଅକୁ ? ସେଥିରେ ପୁଣି ଦୈନିକ ସଉଦା ଖର୍ଚ୍ଚ ହେଲା ଠଙ୍କାଠାଏ !

ହରି—ହଉ, ମୋ କଥା ଟିକେ ବିଚାର କର, ରମେଶବାବୁ ! ତିନି ମାସ ପୂରିଗଲା, ଟିଉସନ୍ ଦରମାରୁ ପଇସାଟିଏ ମିଳିଲା

ନାହିଁ ତମ ଘରୁ ! ସାନ ଝୁଅଟା ବେମାର ଯେ, ଏଲୋପାଥି ଡାକ୍ତରଙ୍କୁ ପଇସା ଦେଇନପାରି, ଧାର କରି ହୋମିଓପ୍ୟାଥିକ୍ ଦେଲି । ସେଥିରେ ବି କିଛି ହେଲା ନାହିଁ । ବାହାରିଚି କବିରାଜ ପାଖକୁ !

ରମେଶ—ଆପଣଙ୍କଠୁଁ ଆମ ଅବସ୍ଥା ଆହୁରି ସାଙ୍ଘାତିକ, ସାର୍ ! ବାପାଙ୍କର ଡାଇବିଟିସ୍ ବେମାରି, ତା ଉପରେ ପୁଣି ବ୍ଲଡ୍‌ପ୍ରେସର୍ ! ଆପଣତ ହେଲେ ଡାକ୍ତର ଦୋକାନ ଦେଖୁଛନ୍ତି—ହେଲେ, ଆମେ ମା କଟକଚଣ୍ଡୀ, ବାପା ଧବଳେଶ୍ୱରଙ୍କ ପାଖରେ ଆମ ଜୀବନକୁ ଏକଦମ୍ ପାଣି ଛଡ଼େଇଦେଇଚୁ !

ହରି—କିରାଣୀଠାରୁ ଟିଉସନ୍ ମାଷ୍ଟରଙ୍କ ଅବସ୍ଥା ଆହୁରି ସାଙ୍ଘାତିକ, ରମେଶଚନ୍ଦ୍ର ! ତମ ଘରେ ହେଲେ ବଜେଟ୍ ଅଛି, କାରଣ ତମର ନିର୍ଦ୍ଦିଷ୍ଟ ଆୟ ଅଛି ! ଆମ କଥା ହେଲା—ନା ଅଛି ନିର୍ଦ୍ଦିଷ୍ଟ ଆୟ, ନା ଅଛି ବଜେଟ୍ !

ରମେଶ—ଆଉ ହଇରାଣ ହୋଇ ଆମ ଘରକୁ ଦଉଡ଼ିବାକୁ ପଡ଼ିବ ନାଇଁ, ସାର୍ ! ଆପଣଙ୍କ ପାଉଣାଟା ଦେଇପାରିଲୁ ନାହିଁ ବୋଲି ଆଉ ପରିବାରର ଖର୍ଚ୍ଚକାଟ୍ ବ୍ୟବସ୍ଥା ଯୋଗୁଁ ମୁଁ ଏଇଠି, ଏଇ ରାଜପଥ ଉପରେ ଆପଣଙ୍କୁ ରିଟ୍ରେଞ୍ଚମେଣ୍ଟ ନୋଟିସ୍ ଦେଲି । ଆପଣଙ୍କ କାମରେ ଆଜଠୁଁ ନିଜକୁ ନିଯୁକ୍ତ କରେଇ ଆପଣଙ୍କୁ ହଇରାଣରୁ ମୁକ୍ତ କଲି, ଆଉ ପରିବାରର ସୁବିଧା ବୁଝେଇଲି ।

ହରି—ସାଧୁ, ସାଧୁ ରମେଶଚନ୍ଦ୍ର ! ହେଲେ ମୋ ପାଉଣାଟା ଯେମିତି......

ରମେଶ—ସବୁ ବୁଝୁଚି, ସାର୍ ! ରିଟ୍ରେଞ୍ଚମେଣ୍ଟ ନୋଟିସ୍ ଦବା ସାଙ୍ଗେ ସାଙ୍ଗେ ପାଉଣାଟା ଦେଇଦବା ଉଚିତ ! ନହେଲେ, ଆମ ଘର ଟ୍ରେଜେରି ଏକଦମ୍ ଖାଲି ! ସେ ଯା ହଉ ଆସନ୍ତା ପନ୍ଦର ଦିନ ଯେ କୌଣସି ମତେ ଚକ୍ରେଟ୍ମାରି କରି, କି ଧପ୍ପାବାଜି କରି କଳେ ବଳେ କୌଶଳେ ଆପଣଙ୍କର ସମୁଦାୟ ପାଉଣାଟା ପରିଶୋଧ କରିଦେବି ।

ହରି—ସେତିକି କରି ବାବୁ ! ଯୁଗ ଯୁଗକୁ ମୁଁ ତମର ଋଣୀ ହୋଇ ରହିବି । ହେଇଟି କାନ ମୋଡ଼ି ହଉଚି, ଆଗତୁରା ମାସକର ଦରମା ନ ନେଇ ଆଉ କୋଉଠି ଟିଉସନ୍ କରିବି ନାଇଁ ।

ରମେଶ—ସାର୍, ମତେ ଟିକେ ସାହାଯ୍ୟ କରି ପାରିବେ ?

ହରି—ତମକୁ ବାବୁ ! ମୁଁ କି ସାହାଯ୍ୟ କରି ପାରିବି ?

ରମେଶ—ଏଇ ଆଗତୁରା ମାସକର ଦରମା ମିଳୁଥିବା ଟିଉସନରୁ ଗୋଟାଏ ଦି'ଟା କରାଇ ଦେଲେ କଳାକେନ୍ଦୁ ପାଖ ପାନ ଦୋକାନି ହାତରୁ ଟିକେ ବଂଚି ଯାଆନ୍ତି ! ସିଗାରେଟ୍ ପଇସା ବାକି ଯୋଗୁ ସେ ରାସ୍ତାରେ ଆଉ ଚଳେଇ ଦଉନାହିଁ ।

ହରି—ହଉ, ମୋ ନଥିଟା ଆଗ ବୁଝିନିଅ ।

ରମେଶ—ମୋ କଥାରେ ବିଶ୍ୱାସ ହରେଇବେ ନାଇଁ ସାର୍ !

ଚାଲନ୍ତୁ ସାର୍—କବିରାଜ ଦୋକାନକୁ ଯିବେ ଟରା !

ହରି—ତମେ କ'ଣ ମୋ ସାଙ୍ଗରେ ଯିବ ନା କ'ଣ ?

ରମେଶ—ପିଲା ପାଇଁ ଔଷଧ ଆଣିବେ ପରା ?

ହରି—ଆଣିବି ତ !

ରମେଶ—ଆଉ ଆପଣଙ୍କର ଗୁଳା ?

ହରି—ଗୁଲା ?

ରମେଶ—ବାବୁଲ କହୁଥିଲା—ସାର୍, ଆମକୁ ପାଠ ଦେଇ ଦେଇ ବସି ଭୁଲାନ୍ତୁ !

ହରି—କ'ଣ ଗୁଡ଼ାଏ କହୁଛ ହେ ?

ରମେଶ—ନାଇଁ ସାର୍ ! ଏଇ ମଦନାନନ୍ଦ, କ ଶତାବରୀ·····

ହରି—(ହସି) କାହାକୁ କହିବ ନାହିଁଟି !

ରମେଶ—ନାଇଁ ସାର୍ ! ଖାଲି ପରୀକ୍ଷା କରି ଦେଖିବ ମାଲ କେମିତି । ଯଦି ଭଲ ହୁଏ, ତେବେ ସିନେମାରେ ମଧୁବାଲାର ଛବି ଦେଇ ଲକ୍ସ ଟଏଲେଟ୍ ସାବୁନର ଆଡ୍‌ଭର୍‌ଟାଇଜ୍ କଲା ପରି, ଆପଣଙ୍କ ଫଟୋ ଦେଇ କବିରାଜଙ୍କୁ ଆଡ୍‌ଭର୍‌ଟାଇଜ୍ କରିବାକୁ କହିବ ।

ହରି—ମୋଦକଟାଏ ଖାଇବ ଯଦି କୁହ, ଦେଇ ! ହେଲେ, ଏ କଥା-ଗୁଡ଼ାକ କହୁ ଭଲ ହବ ନାହିଁ ! ରମେଶବାବୁ, ଆସ !

ରମେଶ—ମେହରବାନ ସାର୍ (ଉଭୟଙ୍କ ପ୍ରସ୍ଥାନ । କିଛିକ୍ଷଣ ପରେ ଆସିଲେ ଗୁରୁପଦ ବାବୁ ଓ ଅଫିସ ପିଅନ ନବଘନ । )

ନବଘନ—ଆଜ୍ଞା, ବଡ଼ବାବୁ ! କିଛି ଗୋଟାଏ ବାଟ ବତାନ୍ତୁ, ନ ହେଲେ ମରିଯିବି ।

ଗୁରୁପଦ—ଚାକିରି ଛାଡ଼ି ଦଉନୁ—ଚାକିରି କରିଛ ଯେତେବେଳେ ହୁକୁମ ମାନିବାକୁ ହବ । କୋଉଠି ଯିବାକୁ ହୁକୁମ ହେଇଛି ଯେତେବେଳେ, ଯିବୁ ନାଇଁ କାହିଁକି ? ସବୁଦିନେ ଏଇ କଟକରେ ଚାକିରି କରିବ ବୋଲି ସରକାର କ'ଣ ଲେଖି ଦେଇଛି ?

ନବଘନ—ଆଜ୍ଞା, ମୋ ଜାଗାରେ ଯିଏ ଆସୁଚି, ସେ ହଉଚି କୋରାପୁଟର ଲୋକ—ମୁଁ କଟକର ।

ଗୁରୁପଦ—ତମକୁ ତ ସବୁ ଆଇନ ଜଣା ! ଯିଏ ଯୋଉଠିକାର ଲୋକ, ସେ ସବୁଦିନେ କ'ଣ ସେଇଠି ରହିବ ?

ନବଘନ—ଘରଭଡ଼ା ଦେଇ ସେଠି ଚଳି ପାରିବି ନାଇଁ ଆଜ୍ଞା !

ଗୁରୁପଦ—କାହିଁକି ? ସେଠି ତ ଜମି ବହୁତ ମିଳୁଚି—ଭୂଦାନ କରାଯାଉଚି—ତୁ ଡୁମାରୁ ବିଜୁଳି ଆଳୁଅ ଶସ୍ତାରେ ପାଇବ !

ନବଘନ—ଘରେ ଡିବି ଜାଳିବାକୁ ବଳ ନାହିଁ ଆଜ୍ଞା ! ଦରମା ୪୭ ଟଙ୍କା, ପାଞ୍ଚପ୍ରାଣୀ କୁଟୁମ୍ବ ମୋ ବେକରେ ବନ୍ଧା ।

ଗୁରୁପଦ—୪୭ ଟଙ୍କା କମ୍ ହେଇଚି, ନୁହେଁ ? ଆରେ ଏସବୁ ଆମ ସରକାରଙ୍କର ଦୟା—ନ ହେଲେ ତମର ସବୁ ପାଟି ଫିଟନ୍ତା ? ପାଉଥିଲ ଦରମା ୧୦ ଟଙ୍କା, ଆମେ ସବୁ କେତେ ପାଉଥିଲୁ ଜାଣୁ ?

ନବଘନ—ଆଜ୍ଞା ! ଆପଣଙ୍କ କଥା ସାଙ୍ଗରେ ଆମ କଥା ତୁଳନା କଲେ କ'ଣ ଚଳିବ ! ସେବେଳି ଥିଲା ଶସ୍ତା ! ଟଙ୍କାରେ ଚାଉଳ ୧୦ ସେର ।

ଗୁରୁପଦ—ଆଉ ଆମ କରଣୀଙ୍କ ବେଳକୁ ଚାଉଳ ଦାଉ ଯାହା ଥିଲା, ଏଇନେ ସେଇଆ ଅଛି, ନୁହେଁ ? ବୁଝିଲୁ ନବଘନ ! ତମେ ପାଉଥିଲ ଟ ୧୦୲, ଏଇନେ ପାଇଲଣି ଟ ୪୭୲ ! ମୁଁ ପାଉଥିଲି ଟ ୯୦୲, ଇନେ ପାଉଚି ଟ ୧୨୦୲ । ତମ ପାଇଁ ବଢ଼ିଲା ପାଞ୍ଚଗୁଣ, ଆଉ ଆମ ବେଳକୁ ?

ନବଘନ—(ଗୋଡ଼ ଧରି) ମୋ ପାଞ୍ଚପ୍ରାଣୀ କୁଟୁମ୍ବ ଆପଣଙ୍କୁ ଲାଗିଲେ ବଡ଼ବାବୁ - ରଖିଲେ ରଖିବେ, ମାରିଲେ ମାରିବେ !

ଗୁରୁପଦ—ଆରେ ନବ, ଉଠ୍ ଉଠ୍ ! ଏ ରାସ୍ତା ମଝିରେ ମତେ କାହିଁକି ହଇରାଣ କରୁଚୁ ? ତତେ କହିଲି ପରା, ବଡ଼ ସାହେବ ବଦଲି କରିଚି, କେହି କିଛି କରିପାରିବେ ନାହିଁ !

ନବଘନ—ବୁଦ୍ଧି ଦିଅନ୍ତୁ ଆଜ୍ଞା !

ଗୁରୁପଦ—ଆରେ ସାହେବଙ୍କ ଧମକରେ ମୋ ବୁଦ୍ଧି ବି ଶୂନ୍ୟ ହୋଇଗଲାଣି ! ଉଠ୍ ମୁଁ ଯାଏ । ଦେହଟା ଭଲ ନାହିଁ ବୋଲି ଛୁଟି ନେଇ ଆସିଲି । ଆଉ ତୁ ଚଣ୍ଡାଳ ଅଫିସ ପାଖରୁ ମୋ ପଛରେ ଗୋଡ଼େଇଚୁ । ମୁଁ କ'ଣ କରିବି କହ । (ଏତିକିବେଳେ ସେ ବାଟରେ ତଳିଆ କର୍ମଚାରୀ ସଂଘର ସେକ୍ରେଟେରୀ ଚମନ୍‌ଲାଲ ପଶି ଆସିଲେ)

ଚମନ୍‌ଲାଲ—ଏଇ ଯେ ବଡ଼ ବାବୁ ! ନମସ୍ତେ ?

ଗୁରୁପଦ—ନମସ୍କାର ବାବୁ ! ନବ, ହେଇଟି ତମ ସଂଘର ସେକ୍ରେଟେରୀ ଆସିଲେଣି, ତାଙ୍କୁ କହ । ସେ ଚେଷ୍ଟା କଲେ କେଜାଣି କିଛି ହୋଇପାରେ ! (କହି ଚାଲିଗଲେ)

ନବଘନ—ଚମନ୍ ଭାଇ, ମୋ ଭେଲା ବୁଡ଼ିଗଲା !

ଚମନ୍—କିରେ କଥାଟା କ'ଣ କହ !

ନବଘନ—ମତେ କୋରାପୁଟ ବଦଲି ହୋଇଚି ।

ଚମନ୍—ତୋ'ର ଦୋଷ ?

ନବଘନ—ଏଠା ଲେଡ଼ି ଡାକ୍ତରଙ୍କର ଡ୍ରାଇଭର ଦରକାର !

ଚମନ୍—ତେବେ ତୋ'ର ବଦଳି କାହିଁକି ହବ ?

ନବଘନ—ଡାକ୍ତରାଣୀ ଆମ ସାହେବର ନାରୀ ବନ୍ଧୁ !

ଚମନ୍—ତୋ ବଦଳି ଯୋଉ ନରବନ୍ଧୁଟି ଆସିବେ, ସେ ଲେଡ଼ି ଡାକ୍ତରଙ୍କର ଡ୍ରାଇଭର ହବ କମିତି ?

ନବଘନ—ଡାକ୍ତରାଣୀଙ୍କର ଡ୍ରାଇଭର ଦରକାର ସଂଜ ଛଅରୁ ରାତି ଦଶ । ମୋ ଜାଗାରେ ଯିଏ ଆସିବ, ସେ ଅଫିସ ଡିଉଟି କରି, ଘରେଇ ଭାବରେ ତାଙ୍କ ଗାଡ଼ି ଚଳେଇବ ।

ଚମନ୍—ସେ ପିଅନର ଘର ?

ନବଘନ—କୋରାପୁଟ ।

ଚମନ୍—ହୁଁ, କୋରାପୁଟର ଲୋକ କଟକରେ, ଆଉ କଟକର ଲୋକ କୋରାପୁଟରେ ! (ଟିକିଏ ଭାବି) ପରବାଏ ନାହିଁ—ଆମ ସଂଘ ସେକଥା ବୁଝିବ । ତୁ ଦରଖାସ୍ତ ସହ ଏକଟଙ୍କା ଫିସ୍ ଦାଖଲ କର, ଆଉ ଘରେଇ ବିଭାଗ ମନ୍ତ୍ରୀଙ୍କୁ ସୁବିଧା ହେଲେ ଦେଖା କର !

ନବଘନ—ମନ୍ତ୍ରୀଙ୍କ ବନ୍ଧୁ ପରା ଆମ ସାହେବ !

ଚମନ୍—ଲେଡ଼ି ଡାକ୍ତରଙ୍କୁ କହିଲୁ ନାହିଁ ?

ନବଘନ—ଯାହା କହ ପଛେ ଚମନ୍ ଭାଇ, ସେ ମାଇପିଟାର ଗୋଡ଼ ଧରିପାରିବି ନାଇଁ ।

ଚମନ୍—ହଇରେ ହେ ପୁରୁଷପୁଙ୍ଗବ ! ଅସୁବିଧା ବେଳେ ଭଗବାନ ପରା ଗଧପାଦ ଧରିଥିଲେ !

ନବଘନ—ସେଇ ମାଇକିନିଆ ହଉଚି ନାଟର ଗୁରୁଗୋବର୍ଦ୍ଧନ ! ପଅରଦିନ ରାତିରେ ସିନେମା ପରେ, ଡାକ୍ତରାଣୀଙ୍କୁ ଛାଡ଼ିବାକୁ ଗଲେ ଆମ ସାହେବ—ଗାଡ଼ିରେ ମୁଁ ଯାଇଥିଲି ଜଗୁଆଳି ହେଇ । ଥଣ୍ଡାଟାରେ ଦି' ଘଣ୍ଟା କାଳ ପହରା ଦେଲି । ସାହେବ ଡାକ୍ତରାଣୀଙ୍କ ଡିଆସରୁ ଫେରିଲେ ରାତି ଦୁଇରେ ! ଏ ଖବର ପାଇ ଅଫିସରେ ବାବୁମାନେ ଫୁସୁରୁଫାସର ହେଲେ ! ଶେଷରେ ବଜ୍ର ପଡ଼ିଲା ମୋ ମୁଣ୍ଡରେ !

ଶମନ୍—ହଉ ହେଲ—ଉପରକୁ କାଗଜ ଯାଉ, ଆମ ପ୍ରତିନିଧି-ମାନେ ମୁଖ୍ୟମନ୍ତ୍ରୀଙ୍କୁ ଦେଖା କରିବେ ।

ନବଘନ—ମୋ ଗୃହକଣ୍ଟି ଖଣ୍ଡିକ ନବା କଥା କହୁଚୁ ଶମନ୍ ଭାଇ ! ହାକିମ ହାତରେ କଲମ । ଗାରଟାଏ ମାରିଦବାକୁ ବେଶି ବେଳ ଲଗିବ ନାଇଁ ! କୋଉପୁଠ ଯିବ ପଟେଛି, ମତେ ସେ କାହୁଅରେ ପୁରାନାଇଁ ।

ଶମନ୍—ଆରେ କଥାଟା ଯେତେବେଳେ କାନରେ ବାଜଲଣି, ମୁଁ କ'ଣ ସହଜରେ ଛାଡ଼ୁଛି !

ନବଘନ—ତୋ' ହାତ ଧରୁଚି ଶମନ୍ ଭାଇ ! ପାଣିରେ ଘରକରି କୁମ୍ଭୀର ସାଙ୍ଗରେ କଳି କରି ପାରିବି ନାଇଁ !

ଶମନ୍—ସେ ଯା ହଉ ପଛେ, କାଗଜରେ ଦି'ପଦ ନଲେଖି ମୁଁ କ'ଣ ଛାଡ଼ୁଚି ! ଆରେ ନବଘନ, ତୋ' ପାଖରେ ଟଙ୍କା ଦି' ତିନିଟା ଅଛିକି ?

ନବଘନ—(ବିକଳରେ ଟଙ୍କାକିଆ ନୋଟ ଦୁଇଖଣ୍ଡ ଲୁଚେଇ ଦେଇ) କାଇଁ, ପଇସାଟାଏ ଭଲ ଅଛି !

ଶମନ୍—ନବଘନ, ମୋ ଆଖିରୁ ବଳେଇ ଯିବୁ ! ମୁଁ ତମର ଅନାହାରୀ ସେକ୍ରେଟେରୀ । ମୋର କାମ ହେଲା, ତମର ଦୁଃଖ ଦୁର୍ଦ୍ଦଶା ଦୂର କରିବା । ହେଲେ ଅନାହାରୀ ସେକ୍ରେଟେରୀ ତମର ବଞ୍ଚିବ କେମିତି କହିଲୁ ? ବେଳ ଅବେଳରେ ଟଙ୍କାଏ ମସାଏ ଧାର ଉଧାର ନ ଦେଲେ...

(ନବଘନ ଅଣ୍ଟାରୁ ଦୁଇଟି ଟଙ୍କା ଛଡ଼େଇ ନେଲେ)

ନବଘନ—ରମନ୍ ଭାଇ ! ଆଜି ତା ୧୮ ରିଖ । ପଇସାଟିଏ ହେଲେ ଘରେ ନାହିଁ । କେତେ ନେହୁରା ହେଇ ଦ'ଟା ବୋଲି ଟଙ୍କା ଆଡ଼୍‌ଭାନ୍‌ସ ଆଣିଚି । ଟଙ୍କାରେ ଚାଉଳ ୧୫ ସେର । ମୋ କୁଟୁମ୍ବ ମରିଯିବେ !

ରମନ୍—ଆରେ ମୋ ପାଇଁ ବି ଚାଉଳ ଭାଉଟା ଟଙ୍କାରେ ୧୫ ସେର । ମୁଁ ଦ' ଟଙ୍କା ତୋ'ଠୁଁ ଆଡ଼ଭାନ୍‌ସ ନେଲି । ତୋ' ବଦଳି ରଦ୍ଦ କରିଦେଲେ, ବାକୀ ଆଠଟଙ୍କା ମୋ ପକେଟ୍ ଖର୍ଚ୍ଚ ବାବଦ ତତେ ପଇଠ ଦବାକୁ ହବ । ବୁଝିଲୁ !

(ନେଇ ଚାଲିଗଲେ)

ନବଘନ—ହେ ରମନ୍ ଭାଇ ! ତୋର ଧରମ ହବ—ଗୋଟାଏ ଟଙ୍କା ନେଇ ଗୋଟାଏ ହେଲେ ଟଙ୍କା ଫେରେଇ ଦେ ମତେ—ହେ ରିମନ୍ ଭାଇ !

(କାନ୍ଦୁ କାନ୍ଦୁ ଚାଲିଗଲେ ପଛରେ)

— * —

## ତୃତୀୟ ଦୃଶ୍ୟ

ଆଣ୍ଟି କରପ୍‌ସନ୍ ଡେପୁଟୀ ଡାଇରେକ୍ଟରଙ୍କ ଡ୍ରଇଂ ରୁମ୍

[ଆଧୁନିକ ଧରଣର ସାଜସଜ୍ଜା, ଟେବୁଲ-ହାରମୋନିୟମରେ
ବସି ଗାଉଛନ୍ତି ମିସ୍ ବାନାର୍ଜୀ, ଗୀତର ତାଳେ ତାଳେ
ନାଚୁଛନ୍ତି ବିଜୟଲକ୍ଷ୍ମୀ ରାଓ—କନ୍‌ଫିଡେନ୍‌ସିଆଲ
ଆସିଷ୍ଟାଣ୍ଟ, କାଉଚରେ ବସିଛନ୍ତି ଶ୍ରେଷ୍ଠରାୟ, ଗୀତ ପରେ
ଟ୍ରେ'ରେ ଚା' ଦେଇ ଚପରାସୀ ବୃହସ୍ପତି]

—ଗୀତ—

ମନ ମୋର ଚାହେଁ·····ଓ,
ରୂପେଲି ବଉଦ ରଥେ ଝିଲମିଲ ଜୋଛନା ସାଥେ
ପହଁରି ବୁଲିବା ଆମେ ଗଗନେ
ମୁଁ ଆଉ ତୁମପରି ଜଣେ । ୧ ।
ଚଇତି ଛଇଲ ପରି, ସାଇତା ସୁରଭି ଜୁରି
ଲହରି ଯିବା ଫଗୁଆ ପବନେ । ୨ ।
ମୋର କାଜର ଧୂଆ ସବୁଜ ସୋହାଗ ଠାରେ,
ଶାନ୍ତ ମାଳମା ଡାକେ ବୁକୁ ମେଲାଇ ଦୂରେ

ହାଲୁକା ରେଶମୀ ଓଢ଼ଣା,　　　　ଚକଚକ ଚତର ଝୁନା
ବସ୍ଥଇ ଛାଇବା ସ୍ଥିଷ୍ଟ ଅଙ୍ଗନେ । ୩ ।
ସପନ ଝରା ଫଗୁଣ ଯଉବନ ଗାଥି ଗୋ
କୁହୁକୁହୁ କୁହୁକେ ଜଗାଇବା ନିତି,
ଗଢ଼ିବା ଏ ଦୁନିଆ　　　　　　ମଜାଇ ସଜନି ଆ
ଉଜ୍ଜ୍ୱଳା ମଉମ ଶିହରଣେ । ୪ ।

ଅଜିତ୍—(ଗୀତ ପରେ) ଚମତ୍କାର, ମିସ୍ ରାଓ ! କନ୍‌ଗ୍ରାଜୁଲେସନ୍ ନ ଦେଇ ରହିପାରୁ ନାହିଁ ! ସତରେ, ମିସ୍ ବାନାର୍ଜୀ ! ବଙ୍ଗାଳୀ ଆଉ ଆନ୍ଧ୍ର ଝିଅମାନଙ୍କର ସଂସ୍କୃତିକୁ ଫଲୋ କରିବାକୁ ହିଁ ହବ ।

ସୁଜାତା—ଆମେ କ'ଣ ଆଉ ବଙ୍ଗାଳୀ, ତେଲୁଗୁ ହୋଇ ରହିଛୁ ସାର୍ ? ଆମ ପୂର୍ବପୁରୁଷ ତ କୋଉ ଯୁଗରୁ ଓଡ଼ିଶାରେ ରହିଗଲେଣି ।

ବିଜୟଲକ୍ଷ୍ମୀ—ତଥାପି ତ ଆମେ ଅଣଓଡ଼ିଆ ବୋଲି ଘୃଣିତ !

ଅଜିତ୍—କଳାର ସଂସ୍କୃତି ପାଖରେ ମୁଁ ଏ ପ୍ରାଦେଶିକତାକୁ ଘୃଣାକରେ । କଳାର ସବୁଜିମା ଭିତରେ ଏ ସବୁର ସ୍ଥାନ ନାହିଁ । ସତରେ, ମିସ୍ ରାଓ ! ତୁମେ ମୋର ଅନ୍ତରେ ବାହାରେ ମୂର୍ତ୍ତିମନ୍ତ ହୋଇ ଉଠିଚ ! ତୁମର ନାଚ ମତେ ଆତ୍ମବିସ୍ମୃତ କରି ପକେଇଚି । ହେଇପାରେ ତୁମେ ତେଲୁଗୁ ଝିଅ......

ବିଜୟଲକ୍ଷ୍ମୀ—ସାର୍, ଉତ୍ତର ସଂସ୍କୃତି, ଦକ୍ଷିଣ ସଂସ୍କୃତି ବୋଲି ନ କହି ଆମେ ଯେବେ ଭାରତୀୟ ବୋଲି ଗର୍ବ କରୁ ?

ଅଜିତ୍—ଶୁଣୁଚ, ଶୁଣୁଚ, ମିସ୍ ବାନାର୍ଜୀ ! ମିସ୍ ରାଓଙ୍କ ଚିନ୍ତାଧାରା କେଡେ ଉଦାର, କେଡ଼େ ମହତ ! ବାସ୍ତବିକ୍ ତୁମକୁ ମୋର

କନ୍‌ଫିଡ଼େନ୍‌ସିଆଲ୍ ଆସିଷ୍ଟାଣ୍ଟ ରୂପେ ପାଇ ମୁଁ ଗର୍ବ ଅନୁଭବ କରୁଛି ! କ'ଣ କହୁଛ, ମିସ୍ ବାନାର୍ଜି ? ମିସ୍ ରାଓ ମୋ ଅଫିସର ରତ୍ନ ।

ସୁଜାତା—କହନ୍ତୁ ସାର୍, ସେ ଗୁପ୍ତ ରତ୍ନର ସନ୍ଧାନ ଦେଇଛି କିଏ ?

ବିଜୟଲକ୍ଷ୍ମୀ—ମୁଁ କହୁ ସାର୍, ମିସ୍ ବାନର୍ଜିଙ୍କ ପାଖରେ ଋଣୀ ।

ସୁଜାତା—ମିଛ କଥା, ବରଂ ସାରଙ୍କର ଅସୀମ ଦୟାରୁ ତୁମେ ଆଜି କନ୍‌ଫିଡ଼େନ୍‌ସିଆଲ୍ ଆସିଷ୍ଟାଣ୍ଟ !

ବିଜୟଲକ୍ଷ୍ମୀ—ମୁଁ ବଡ଼ ହତାଶ ହୋଇ ପଡ଼ିଥିଲି ସାର୍ ! ଆଇ.ଏ. ଟା ପାଶ୍ କଲା ପରେ ମା' ଯେମିତି ଜିଦ୍ ଧରି ବସିଥିଲା ମତେ ବାହା କରେଇଦବାକୁ, ଚାକିରି ଖଣ୍ଡିକ ମିଳି ନଥିଲେ ମୁଁ ମୋର ସମସ୍ତ ସ୍ୱାଧୀନତା ହରେଇ ବସିଥାନ୍ତି !

ଅଜୟ୍—ସବୁ ଶୁଣିଲି ମିସ୍ ରାଓ ! ତୁମ ପରି ଝିଅକୁ ମୁଁ ଅଭିନନ୍ଦନ ଦିଏ । ବିବାହ ବନ୍ଧନରେ ଯୁବକଯୁବତୀ ଜୀବନରେ ମୌଳିକତା ହରେଇ ବସନ୍ତି । ଜୀବନବ୍ୟାପୀ ଜଣେ ଜଣକର ଗଳଗ୍ରହ ହୋଇ କାହିଁକି ଯେ ନିଜକୁ ଆହୁତି ଦିଅନ୍ତି...

ସୁଜାତା—ଜୀବନର ସବୁ କିଛି ସ୍ୱତନ୍ତ୍ରତା ହରେଇ, ଲାଭ ଭିତରେ କେବଳ ଦୁଃଖ—ସ୍ୱାମୀର ଅତ୍ୟାଚାର, ଶାଶୁ ନଣନ୍ଦଙ୍କର ଗଞ୍ଜଣା !

ଅଜୟ୍—ଜୀବନର ସେଇଟିକିକ ସ୍ୱତନ୍ତ୍ରତା ପାଇଁ ମୁଁ ପୁଣି ତୁମକୁ ପରାମର୍ଶ ଦିଏ । ଆସ, ଆମେ କେତେ ଜଣ ଶପଥ ନେବା— ସମାଜର ଏଇ ପରମ୍ପରାକୁ ଭାଙ୍ଗି, ଗଢ଼ିବା ଆମ ମନ ମାଫିକ୍ ଗୋଟାଏ ନୂଆ ସମାଜ ! (ପକେଟରୁ ଗୋଟିଏ ହାର

ବାହାର କରି) ମିସ୍ ରାଓ ! ଆମେ ସମଧର୍ମୀ ହୋଇ ଉଠିଚେ, ତେଣୁ ଏ ଉପହାରଟି····

ବିଜୟଲକ୍ଷ୍ମୀ—ମା' ଯେବେ····

ଅଜିତ୍— ମାଁଙ୍କର କୌଣସି ଆପତ୍ତି ରହିବ ନାହିଁ । ମିସ୍ ବାନାର୍ଜୀ ଯାଇ ମା'ଙ୍କଠଁ ଅନୁମତି ନେଇ ଆସିବେ ଯେ । ସାହେବଙ୍କ ବଙ୍ଗଳାରେ ଆଜି ଗୋଟାଏ ପାର୍ଟି ଅଛି । ସେଠି ତମକୁ ନାଚିବାକୁ ପଡ଼ିବ । କ'ଣ କହୁଚ ମିସ୍ ବାନାର୍ଜୀ ?

ସୁଜାତା—ହଁ ସାର୍ ! ମୁଁ ତା'ହେଲେ ଆସୁଚି—ଖବରଟା ମିସ୍ ରାଓଙ୍କ ଘରେ ଦେଇଯିବି । ତା'ହେଲେ ତ ମିସ୍ ରାଓ ! ତୁମର ଉପହାର ଗ୍ରହଣ କରିବାରେ ଆଉ କୌଣସି ବାଧା ନାହିଁ ? କ'ଣ କହୁଚ ?

ବିଜୟଲକ୍ଷ୍ମୀ—(ମୁଣ୍ଡ ହଲାଇ ସମ୍ମତି ଜଣାଇଲେ)

ଅଜିତ୍—ବୃହସ୍ପତି !

ବୃହସ୍ପତି—ହଜୁର୍ ! (ପ୍ରବେଶ କଲା)

ଅଜିତ୍— ଜିପ୍ ଡ୍ରାଇଭରକୁ କହ, ମିସ୍ ବାନାର୍ଜୀଙ୍କୁ ନେଇ ଛାଡ଼ି ଦବ ! (ବୃହସ୍ପତି ଯାଉଥିଲା) ହଁ ଶୁଣ୍, କହିଦେ ମିସ୍ ବାନାର୍ଜୀଙ୍କୁ ଛାଡ଼ିଦେଇ ଅଫିସ୍ ଗ୍ୟାରେଜ୍‌ରେ ଗାଡ଼ି ରଖିଦବ—ଆଉ ମୋ ଗାଡ଼ିଟା ବାହାର କରି ଗେଟ୍ ପାଖରେ ରଖିଦେଇ ଯାଉ !

ସୁଜାତା—ଆସୁଚି ମିସ୍ ରାଓ ! ତୁମ ଘରେ କହିଦେଇ ଯିବି ମୋ ପୁରସ୍କାରଟା ବାକି ରହିଗଲା ସାର୍ !

ଅଜିତ୍—ହଁ । ହଁ ତୁମେ ଆସ ମିସ୍ ବାନାର୍ଜୀ ! କଲ୍ୟାଣୀ କଳା-କେନ୍ଦ୍ରରୁ ଫେରିଲେ ମିସ୍ ରାଓଙ୍କୁ ଗାଡ଼ିରେ ନେଇ ଛାଡ଼ିଦେଇ ଆସିବି । (ସୁଜାତା ଚାଲିଗଲେ)

ଜୟଲକ୍ଷ୍ମୀ—ଡ୍ରାଇଭର୍ ଯେ ଚାଲିଗଲା ସାର୍ ?

ଅଜିତ୍—ମୋ ଭଉଣୀମାନଙ୍କ ସାଙ୍ଗରେ ପରିଚୟ ହୋଇଗଲେ ମୁଁ ନିଜେ ନେଇ ଛାଡ଼ିଦେଇ ଆସିବି ! ଆସ, ଉପର ଘରଗୁଡ଼ାକ ଦେଖି ଆସିବ !

ଜୟଲକ୍ଷ୍ମୀ – ନା ସାର୍, ମୁଁ ଏଇଠି ଅଛି । ଆପଣଙ୍କ ଭଉଣୀ କଳାକେନ୍ଦ୍ରରୁ ଫେରିବେ ପରା ?

ଅଜିତ୍—କ'ଣ ଭୟ କରୁଚ ?

ଜୟଲକ୍ଷ୍ମୀ—(ଥମ ଥମ ହୋଇ) ନାଁ ସାର୍, ଭୟ କାହିଁକି ? ଚାଲନ୍ତୁ, ଉପର ପାଖଟା ବୁଲି ଆସିବା !

[ଦୁହେଁ ସିଡ଼ିଦେଇ ଉପରକୁ ଗଲେ । କିଛିକ୍ଷଣ ପରେ ଆସିଲେ ଅଜିତ୍ ବାବୁଙ୍କ ଦୁଇ ଭଉଣୀ କଲ୍ୟାଣୀ ଓ ବାଣୀ । ପଛେ ପଛେ ବୃହସ୍ପତି ଆସି ଟ୍ରେ ଉଠେଇ ନେଇଗଲା]

କଲ୍ୟାଣୀ—ଲାଟ୍ ସାହେବଙ୍କ କୋଠିରେ ନାଚିବୁ ପରା ? ତେବେ, ନାଚିବାକୁ ଏତେ ଲାଜ କାହିଁକି ?

ବାଣୀ—ଏତେ ଲୋକଙ୍କ ଆଗରେ ନାଚ ଶିଖିବାକୁ ମତେ ଲାଜ ମାଡୁଚି !

କଲ୍ୟାଣୀ—ଆରେ, ଏତେ ଲୋକ କହିଲେ କିଏ ? ଯୋଉମାନେ ତୋ' ସାଙ୍ଗରେ ନାଚିବେ, ଆଉ ଯୋଉମାନେ ଯନ୍ତ୍ର ବଜେଇବେ ।

ବାଣୀ—ଅପା, ରମେଶବାବୁଙ୍କୁ କହନ୍ତୁ, ସେ ଏଇଠି ନାଚ ଶିଖେଇ ଦେବେ ! ମୁଁ ଏଇଠି ନାଚ ଶିଖି ଲାଟ୍ ସାହେବଙ୍କ କୋଠିରେ ନାଚିବି ।

କଲ୍ୟାଣୀ—ତା'ହେଲେ କେନ୍ଦ୍ରରେ ନାଁ ଲେଖାଉଥିଲୁ କାହିଁକି ? ବେଶ୍, ରମେଶବାବୁ ଆସନ୍ତୁ, ତାଙ୍କୁ ସେଇକଥା କହିଦବୁ !

ବାଣୀ—ନା ବାବା, ନା—ନାଚ ଶିଖେଇଲା ବେଳେ ରମେଶ ବାବୁଙ୍କ ମୁହଁକୁ ଦେଖିଲେ ମତେ ଭାରି ଡ଼ର ମାଡ଼େ ! ଅପା, ତୁ ଟିକେ ମୋର ହୋଇ ରମେଶବାବୁଙ୍କୁ କହିଦବୁ, ସେ ସେମିତି ଅନେଇବେ ନାହିଁ । ମୋ ନାଚ ଭୁଲ ହୋଇ ଯାଉଚି ।

କଲ୍ୟାଣୀ—(ହସି) ଆଚ୍ଛା, କହିଦେବ ! ଯା—ଗୁ'ଟିକେ ଖାଇନବୁ । ଘରେ ଆଉ ଥରେ ରିହାର୍ସଲ୍ କରିନବା !

(ବାଣୀ ମୁଣ୍ଡ ହଲାଇ 'ହଁ' ଭରି ଚାଲିଗଲା ଉପରକୁ)

ଅଜିତ୍—(ସିଡ଼ି ଉପରୁ) ଆରେ, କଲ୍ୟାଣୀ ଯେ ! ଦେଖ, ଆଜି ଜଣେ ନୂଆ ଲୋକ ଆମ ଘରକୁ ଆସିଚନ୍ତି । ଏ ହଉଚନ୍ତି ମିସ୍ ବିଜୟଲକ୍ଷ୍ମୀ ରାଓ ! ମୋର କନ୍‌ଫିଡେନ୍‌ସିଆଲ୍ ଆସିଷ୍ଟାଣ୍ଟ !

କଲ୍ୟାଣୀ—ନମସ୍କାର ! (ମିସ୍ ରାଓ ପ୍ରତିନମସ୍କାର କଲେ)

ଅଜିତ୍—ଆଉ ଏ ହଉଚନ୍ତି, ମିସ୍ କଲ୍ୟାଣୀ ଶ୍ରେଷ୍ଠରାୟ, ମୋ ଭଉଣୀ—ସୁବିଖ୍ୟାତ ଡାନ୍‌ସିଙ୍ଗ୍ ଆର୍ଟିଷ୍ଟ ! ସୁନ୍ଦର ଅଭିନୟ ବି କରିପାରେ !

ବିଜୟଲକ୍ଷ୍ମୀ—ଆପଣଙ୍କ ପରିଚୟ ପାଇ ବିଶେଷ ଖୁସି ହେଲି, ମିସ୍ ଶ୍ରେଷ୍ଠରାୟ ! ମୁଁ ଏତେବେଳେ ଯାଏ କେବଳ ଆପଣଙ୍କ ସାଙ୍ଗରେ ପରିଚୟ ହବାକୁ ଅପେକ୍ଷା କରିଥିଲି !

କଲ୍ୟାଣୀ—ଭାଇଙ୍କ ଉପକ୍ରମରେ ତମେ ବିଶ୍ୱାସ କରୁଚ, ମିସ୍ ରାଓ ?

ଅଜିତ୍—ବାକୀ ରହିଗଲା କଲ୍ୟାଣୀ ! ମିସ୍ ରାଓ ଯେ କେବଳ ମୋର କନ୍‌ଫିଡେନ୍‌ସିଆଲ୍ ଆସିଷ୍ଟାଣ୍ଟ୍ ତା' ନୁହେଁ, ତାଙ୍କଠାରେ

ମୁଁ ଆଜ ଆଉ ଗୋଟାଏ ବଡ଼ ପ୍ରତିଭା ଆବିଷ୍କାର କରିଚି ! ସେ ଜଣେ ଉଚ୍ଚକୋଟୀର ନୃତ୍ୟଶିଳ୍ପୀ !

କଲ୍ୟାଣୀ—ଜାନୁଆରୀ ଛବିଶ୍‌ରେ ଆମ କଳାକେନ୍ଦ୍ରର ଯୋଉ ଚ୍ୟାରିଟି 'ଷୋ' ହବ, ସେଥିରେ ଆମକୁ ସାହାଯ୍ୟ କରିବେ ତ ?

ବିଜୟଲକ୍ଷ୍ମୀ—(ହସି) ବୁଝିଲେ ମିସ୍ ଗ୍ରେଟଗୁପ୍ତ, ଆପଣଙ୍କ କେନ୍ଦ୍ର ଯେତେ ଇଚ୍ଛା ସେତେ ଚ୍ୟାରିଟୀ 'ଷୋ' କରୁ, ଆପତ୍ତି ନାହିଁ । ହେଲେ, ଚୃନ୍ଦା ଫାନ୍ଦା ପାଇଁ ଆମ ସରକାରୀ ଚାକରୀଆଙ୍କ ଉପରେ ଯେମିତି ଜୁଲୁମ୍ ନହୁଏ !

ବାଣୀ—(ପ୍ରବେଶି) ଭାଇ !

ଅଜିତ୍ ଆରେ ବାଣୀ ଯେ ଭୁଲି ଯାଇଥିଲି ମିସ୍ ରାଓ ! ଏ ହଉଚି ମିସ୍ ବାଣୀ ଗ୍ରେଟଗୁପ୍ତ । ମୋ ସାନ ଭଉଣୀ ! ନାଚରେ ଭାରି ଝଙ୍କ । କେମିତି ନାଚୁଚି, କଲ୍ୟାଣୀ ?

କଲ୍ୟାଣୀ— ଭଲ ନାଚୁଚି ଯେ, ହେଲେ ଭପୁ ଗୁଡ଼ୁନାହିଁ ! ନାଚ ଟ୍ରେନିଂ ଦଉଚନ୍ତି ରମେଶବାବୁ ।

ଅଜିତ—ରମେଶବାବୁ !

କଲ୍ୟାଣୀ—ତୁମେ ଚିହ୍ନ ନାହିଁ ଭାଇ ? ତମ ଅଫିସର ବଡ଼ବାବୁ ଗୁରୁପଦ ବାବୁଙ୍କର ବଡ଼ପୁଅ !

ଅଜିତ୍—ଓ ଦାଟ୍ କ୍ଲେଫର୍ ରମେଶ୍ ! ଶୁଣ୍ କଲ୍ୟାଣୀ ! ଆମର ଆଭିଜାତ୍ୟ ଅଛି, ବଂଶମର୍ଯ୍ୟାଦା ଅଛି । ସେମାନଙ୍କ ସାଙ୍ଗରେ ଆମର ଏତେଟା ମିଳାମିଶା କରିବା ବାହାରକୁ ଶୋଭା ପାଏନା ।

କଲ୍ୟାଣୀ—ତମେ ରମେଶବାବୁଙ୍କର ପ୍ରତିଭାର ପରିଚୟ ପାଇନାହଁ ଭାଇ ! ତାଙ୍କପରି କଳାକାର ଆମ ଦେଶରେ ଜନ୍ମ ହେବା···

ଅଜିତ—କଳାକାର ! ସେ ଲୋଫର୍‌ଟାକୁ ତୁ ଯଦି କଳାକାର ବୋଲି କହୁ, ତେବେ ମୁଁ ନାଗର । ହଁ ଶୁଣ୍, ଡକ୍ଟର ମିସ୍ ସାହୁଙ୍କ ଘରେ ମୋର ଗୋଟାଏ ଏନ୍‌ଗେଜମେଣ୍ଟ ଅଛି—ଫେରୁ ଫେରୁ ଡେରି ହୋଇପାରେ । ମତେ ଅପେକ୍ଷା କରିବ ନାହିଁ, ତୁମେମାନେ ଖାଇନବ । (ଯାଉଥିଲେ) ହଁ ମିସ୍ ରାଓ, ଆମ ବାଣୀକୁ ଏଣିକି ନାଚ ଗୀତ ଶିଖେଇବାର ଦାୟିତ୍ୱ ତୁମ ଉପରେ !

ବାଣୀ—ରମେଶ ବାବୁଙ୍କଠୁଁ ସେ କ'ଣ ଭଲ ନାଚ ଜାଣନ୍ତି ?

ଅଜିତ—ଶିଖିଲେ ଜାଣିବୁ । ଦେଖୁଚି, ରମେଶର ପ୍ରଭାବ ତୋ ଉପରେ ମଧ୍ୟ ପଡ଼ିଲାଣି !

ବାଣୀ—ମୋଠାରୁ ସେ କ'ଣ ଭଲ ନାଚିବେ ?

ଅଜିତ—ଓ, ତୁ ତା ହେଲେ କମ୍ପିଟିସନ୍ କରିବାକୁ ବାହାରି ପଡ଼ିଲୁଣି !

ବାଣୀ—ହଁ, ମୋଠୁଁ ସେ ଭଲ ନାଚିଲେ ମୁଁ ଜାଣିବି ସେ ରମେଶବାବୁଙ୍କଠୁଁ ଭଲ ନାଚ ଜାଣନ୍ତି । ନ ହେଲେ ମୁଁ ମୋଟେ ସ୍ୱାଙ୍କଠୁଁ ନାଚ ଶିଖିବି ନାହିଁ । ଆମ କେନ୍ଦ୍ରରେ ସମସ୍ତେ ରମେଶବାବୁଙ୍କଠୁଁ ନାଚ ଶିଖିବାକୁ ଭଲ ପା'ନ୍ତି । ତୁ କହୁନୁ ଅପା ?

କଲ୍ୟାଣୀ—ଉଁ, ହଁ ! ଭାଇ ପରା କହିଲେ ତୁ ମିସ୍ ରାଓଙ୍କ ପାଖରୁ ନାଚ ଶିଖିବୁ !

ଅଜିତ୍—ଆସ ମିସ୍ ରାଓ ! ତମକୁ ଘରେ ଛାଡ଼ିଦେଇ ଯିବ ।

ବିଜୟଲକ୍ଷ୍ମୀ—ନମସ୍କାର ମିସ୍ ଶ୍ରେଷ୍ଠରାୟ !

କଲ୍ୟାଣୀ—ନମସ୍କାର ! ବାଣୀ, ନମସ୍କାର କର !

ବାଣୀ—(ଅନିଚ୍ଛା ସହିତ) ନମସ୍କାର ! (ମିସ୍‌ରାଓ, ଅଜିତ୍ ଚାଲିଗଲେ) ଟିକେ ପରେ) ଅପା !

କଲ୍ୟାଣୀ—କ'ଣ ?

ବାଣୀ— ସେ ମତେ ନାଚ ଶିଖେଇବେ ?

କଲ୍ୟାଣୀ—ହଁ, କ'ଣ ହେଲା ? ତୁ ନାଚ ଶିଖିଲେ ହେଲା ।

ବାଣୀ—ନା, ମୁଁ ରମେଶବାବୁଙ୍କ ପାଖରୁ ନାଚ ଶିଖିବି ।

କଲ୍ୟାଣୀ—ଆରେ, ଭାଇ ପରା କହିଲେ ରମେଶବାବୁ ଲୋଫର୍ !

ବାଣୀ—ଲୋଫର୍ କ'ଣ, ଅପା ?

କଲ୍ୟାଣୀ—ବଦମାସ୍, ଖରାପ ଲୋକ !

ବାଣୀ—ଆଉ ଭଲ ଲୋକ କିଏ ?

କଲ୍ୟାଣୀ—ରମେଶବାବୁ ଲୋଫର୍, ବଦମାସ୍—ଭାଇ କହିଲେ ଶୁଣିଲୁନି ? ଆଉ ଭଲ ଲୋକ ହଉଚନ୍ତି···ମିସ୍ ରାଓ ।

ବାଣୀ—ଆଉ ଆମ ଭାଇ କେମିତିକା ଲୋକ, ଅପା ?

କଲ୍ୟାଣୀ—ଭାଇ ! ବଡ଼ ସାହେବ, ବହୁତ ପାଠ ପଢ଼ିଚନ୍ତି । ମଟର ଅଛି, ପଇସା ଅଛି । ସେ ଖୁବ୍ ଭଲ ଲୋକ !

ବାଣୀ—ପଇସା ଥିଲେ, ମଟର ଥିଲେ, ମଣିଷ ଭଲଲୋକ ହୁଏ, ନୁହେଁ ଲୋ ଅପା !

କଲ୍ୟାଣୀ—ତୋ' ମୁଣ୍ଡ ଗଣ୍ଡି ! ଯା, ଘୁଙ୍ଗୁର୍ ଆଣ, ତୋ ନାଚଟା ଦେଖିନବା । ଏଇଟା ତୋ'ର ପହିଲ ନାଚ । ଭଲ ନ ନାଚିବୁ ତ, ଆଉ ମୋଠେ ଚାନ୍ସ ମିଳିବ ନାହିଁ । (ବାଣୀ

ଚାଲିଗଲି । କଲ୍ୟାଣୀ ଅନ୍ୟମନସ୍କ ଭାବରେ ଅର୍ଗାନ୍ ପାଖରେ ବସିପଡ଼ିଲା)

ବାଣୀ—(ଘୁଙ୍ଗୁର ହାତରେ ଧରି) ଅପା, ଅପା !

କଲ୍ୟାଣୀ—ଏ କ'ଣ ?

ବାଣୀ—ତୁ କ'ଣ ଭାବୁଚୁ ଅପା ?

କଲ୍ୟାଣୀ—ନାଇଁରେ, କିଛି ନାଇଁ !

ବାଣୀ—ହଁ, ତୁ କ'ଣ ଭାବୁଚୁ । ମତେ ନ କହିଲେ ମୁଁ ମୋଟେ ନାଚିବି ନାଇଁ ।

କଲ୍ୟାଣୀ—ନାଇଁ, ନାଇଁ ତୁ ନାଚ । ତୋ' ନାଚ ଖରାପ ହେଲେ ରମେଶବାବୁଙ୍କ ମନ ଦୁଃଖ ହବ । ତୋ' ପାଇଁ ସେ କେତେ ପରିଶ୍ରମ କରୁଚନ୍ତି କହିଲୁ ! ମୁଁ ହାରମୋନିୟମ ବଜାଉଚି, ତୁ ନାଚ !

[କଲ୍ୟାଣୀ ଅର୍ଗାନ୍ ବଜାଇଲେ, ବାଣୀ ନାଚିଲା । ନାଚ ମଝିରେ ପ୍ରବେଶ କଲେ ରମେଶ, ହାତରେ ଦୁଇଖଣ୍ଡ ଛବି]

ରମେଶ—ବାଃ, ବେଶ୍ ଖୁବ୍ ଭଲ୍ ହେଲା । କେନ୍ଦ୍ରରେ ତ କାହିଁ ଇମିତି ସୁନ୍ଦର ହଉ ନଥିଲା ?

କଲ୍ୟାଣୀ—ବଡ଼ ଲଜକୁଳୀଟା...

ରମେଶ—କଳାକାରର କଳା ପରିବେଷଣ କରିବାରେ ଲଜ କ'ଣ ?

କଲ୍ୟାଣୀ—ହଁ, ଆପଣ ହଠାତ୍...

ରମେଶ—ନାଇଁ, ଏଇ ବାଟେ ଯାଉଥିଲି, ହଠାତ୍ ଘୁଙ୍ଗୁର ଆୱାଜ ଶୁଣି ପଶି ଆସିଲି ।

କଲ୍ୟାଣୀ—ହାତରେ ସେ କ'ଣ ?

ରମେଶ—ଜଣେ ହତଭାଗ୍ୟ ଚିତ୍ରଶିଳ୍ପୀର ଅଦ୍ଭୁତ ସୃଜନ ! କେନ୍ଦ୍ରରୁ ଫେରୁ ଫେରୁ ଦେଖିଲି, ଜଣେ ଆର୍ଟିଷ୍ଟ ଆର୍ଟ ସ୍କୁଲ କମ୍ବା ଟେକୀଷ୍ଟିଶୀ କଲେଜକୁ ଯାଉନ । ରାସ୍ତାର ଛକ ଉପରେ ଛବି କେଇ ଖଣ୍ଡ ଧରି ଡକା ପାଉଚି ! ସେଇ ବାଟରେ କେତେ ଲୋକ ଯାଉଚନ୍ତି । ଦରିଦ୍ର ଚିତ୍ରକାର ଯୁବକଟି ତାଙ୍କ ଆଡ଼କୁ ଅନେଇ ତା'ର ଏଇ ଛବି କେଇ ଖଣ୍ଡ ପାଇଁ ପାଞ୍ଚଟା ବୋଲି ଟଙ୍କା ମାଗୁଚି । କାହାରି ଟିକେ ଦୟା ନାହିଁ—ଆର୍ଟକୁ ଆପ୍ରିସିଏସନ୍ କରିବା ତ ଦୂରର କଥା । ତା'ର ଏ ଅବସ୍ଥା ଦେଖି ମୁଁ ଟିକେ ଦୂରରେ ଯାଇ ଛିଡ଼ା ହେଲି । ଛବିଟି ମତେ ଯାଚି ନିରାଶ ହୋଇ କହିଲା—"ବାବୁ, ତିନିଟା ଟଙ୍କା ହେଲେ ଦିଅ !" ଅନ୍ୟ ଦେଶ ହୋଇଥିଲେ, ହୁଏତ ଏଇ ଛବିଟି ପାଇଁ ଶିଳ୍ପୀ ଦୁଆରେ ଟଙ୍କା ଗଦା ହୋଇଥାନ୍ତା...

କଲ୍ୟାଣୀ—ଆପଣ କେତେ ଟଙ୍କାରେ ଆଣିଲେ ?

ରମେଶ—ଆର୍ଟକୁ କିଣି ହୁଏନା କଲ୍ୟାଣୀ ! ମୁଁ ବା କେତେ ଦେଇ ପାରେ ! ବାପାଙ୍କ ଅଫିସର ସିନିଅର କ୍ଲର୍କ ସଦାନନ୍ଦବାବୁ ତାଙ୍କ ଝିଅ ବାହାଘର ପାଇଁ ଆଲମିରା, ପଲଙ୍କ ବରାଦ ଦବାକୁ ବାପାଙ୍କ ହାତରେ ୩୦ ଟଙ୍କା ବଇନା ଦେଇଥିଲେ ଆମ ସାଇ ଧନ ମହାରଣାକୁ । ସେଇ ଟଙ୍କା ମୁଁ ଦେଇଦେଲି ।

କଲ୍ୟାଣୀ—ଆପଣ ସେଇ ତିରିଶ ଟଙ୍କା ବଢ଼େଇ ଦେଇ ଛବି ଦୁଇଟି କିଣି ଆଣିଲେ ?

ରମେଶ—ହଁ !

କଲ୍ୟାଣୀ—ବଡ଼ ଆଶ୍ଚର୍ଯ୍ୟ ଆପଣ, ରମେଶବାବୁ ! ବାପାଙ୍କୁ କ'ଣ କୈଫିୟତ ଦେବେ ?

ରମେଶ   କ୍ରୌଫିସ୍ଟର ଦବାକୁ ପଡ଼ିବ ନାହିଁ । ଗୁଡ଼ାଖୁ କମ୍ପାନୀର ପ୍ରଚାର ପାଇଁ ତିନି ଗୋଟିଏ ଗୀତ ଲେଖିବାକୁ ବରାଦ ଅଛି । ଯାହା ମିଳିବ ଧନ ମହାରଣାକୁ ଦେଇଦେବ !

କଲ୍ୟାଣୀ—ଆଚ୍ଛା, ଏ ଛବି ଦୁଇଟି ମୁଁ ରଖିଲି !

ବାଣୀ- ନା, ମୁଁ ନେବି ! ରମେଶବାବୁ ତ ମୋ ପାଇଁ ଆଣିଚନ୍ତି ! ନୁହେଁ, ରମେଶବାବୁ ?

ରମେଶ - ହଁ, ତତେ ଦେଇଯିବି ବୋଲି ତ ଆଣିଥିଲି । (ଫଟୋ ଦୁଇଟି ବାଣୀ ନେଇ ଉପରକୁ ଗଲା ଦୌଡ଼ି ଦୌଡ଼ି)

କଲ୍ୟାଣୀ—ଆରେ ଶୁଣ୍, ଶୁଣ୍ !

ବାଣୀ- ଶୁଣାଶୁଣି କଥାଟି ହୋଇ ପାରିବ ନାହିଁ । ଏ ଛବି ମୋର । ରମେଶବାବୁ ମୋ ପାଇଁ ଆଣିଚନ୍ତି । (ଚାଲିଗଲା)

କଲ୍ୟାଣୀ—ପାଗଳ୍ ! (ଦୁହେଁ ହସି ଉଠିଲେ)

ରମେଶ—କଲ୍ୟାଣୀ, ତୁମ ଭାଇ କ'ଣ କୋଠିରେ ନାହାନ୍ତି ?

କଲ୍ୟାଣୀ—ନା, ଡ଼କ୍ଟର ମିଶ୍ର ସାହେବଙ୍କ ଘରେ କ'ଣ ତାଙ୍କର ଏନ୍‌ଗେଜ୍‌ମେଣ୍ଟ୍ ଅଛି ! ସେଇଠି ଆଜି ଖାଇବେ ।

ରମେଶ—କଲ୍ୟାଣୀ !

କଲ୍ୟାଣୀ—ଉଁ, କ'ଣ କୁହନ୍ତୁ ।

ରମେଶ—ନା, କିଛି ନୁହେଁ ।

କଲ୍ୟାଣୀ—ଆପଣ ବଡ଼ ଭୀରୁ !

ରମେଶ—ତାହାହିଁ ହବା ଉଚିତ !

କଲ୍ୟାଣୀ—ଆପଣ ସମସ୍ତଙ୍କୁ ସ୍ପଷ୍ଟବାଦୀ, ନିର୍ଭୀକ ହବାକୁ ପରାମର୍ଶ ଦିଅନ୍ତି

ରମେଶ—କିନ୍ତୁ ଏ କ୍ଷେତ୍ରରେ ନୁହେଁ ।

କଲ୍ୟାଣୀ—ନିର୍ଭୀକ ହବାପାଇଁ କ'ଣ କ୍ଷେତ୍ର ଅକ୍ଷେତ୍ର ଲୋଡ଼ା ?

ରମେଶ ଆପାତତଃ ମୁଁ ତାହାହିଁ ବର୍ତ୍ତମାନ ଭାବୁଚି ।

କଲ୍ୟାଣୀ— ମାନେ ?

ରମେଶ—ମାନେ—ପ୍ରବଳ ପ୍ରତାପୀ ଆଣ୍ଟିକରପ୍‌ସନ୍ ଡେପୁଟୀ ଡାଇରେକ୍ଟରଙ୍କ ଭଉଣୀ ସାଙ୍ଗରେ ତାଙ୍କର ହେଡ୍ କରାଣୀର ବେକାର ସନ୍ତାନ ତାଙ୍କର ଡ୍ରଇଂ ରୁମରେ ବସି, ତାଙ୍କର ଅନୁପସ୍ଥିତିରେ ତାଙ୍କର ବିଷୟରେ ଆଲୋଚନା କରିବାକୁ ମନ ବଳେଇଚି !

କଲ୍ୟାଣୀ କଥାଟା କ'ଣ କହୁ ନାହାନ୍ତି ?

ରମେଶ—ଆଚ୍ଛା କହିବ କି, ଅଜିତ୍‌ବାବୁ ବିବାହ କରୁ ନାହାନ୍ତି କାହିଁକି ?

କଲ୍ୟାଣୀ—ହଠାତ୍ ଏ ପ୍ରଶ୍ନ କାହିଁକି ?

ରମେଶ—ମୋ' ମତରେ, ତାଙ୍କପରି ଶହ ଶହ ଟଙ୍କା ଦରମା ପାଉଥିବା ଅଫିସର ଆଜୀବନ ଅବିବାହିତ ରହି, ନାରୀବନ୍ଧୁମାନଙ୍କ ଗହଣରେ ଟିପାର୍ଟି, ଗାର୍ଡ଼େନ୍ ପାର୍ଟି, କକ୍‌ଟେଲ୍ ପାର୍ଟିରେ ମଜ୍ଜି ରହି ଅଧିକ ଖାଦ୍ୟ ଖାଇ, ଅଜୀର୍ଣ୍ଣ ରୋଗ ବଢ଼େଇବା ଅପେକ୍ଷା, ବିବାହ କରିବା ଉଚିତ ନୁହେଁ କି ?

କଲ୍ୟାଣୀ—ଆପଣଙ୍କ କଥାଗୁଡ଼ାକ ମୋ ପକ୍ଷରେ ବଡ଼ ଅବୋଧ୍ୟ ହେଇ ଉଠୁଚି ।

ରମେଶ—ବୁଝି ପାରିଲ ନାହିଁ ! ଆଚ୍ଛା, ଆମର ପରିବାର କଥା ବିଚାର କରି ଦେଖ !! ବାପା ଆମର ଜୀବନସାରା କଲମ

ବୃଷ କରି କରି ଆସି ପେନ୍‌ସନ୍ ପାଇବା ସମୟ ହେଲଣି । ହେଲେ, ଦରମା ୧୬୦ ଟଙ୍କା ! ପିଲା ମେଞ୍ଚାଏ । ମୋର କହିବାର କଥା, ବିବାହ କରି ଚଳିବା ପାଇଁ ସଂସ୍ଥା ଥାଉ ଥାଉ ଲୋକେ ଯେତେବେଳେ ଅବିବାହିତ ରହି ଅନେକ ରକମ ପାର୍ଟି ନେଇ ବ୍ୟସ୍ତ, ସେତେବେଳେ ବାପାଙ୍କପରି କିରାଣୀ ଯେ କାହିଁକି···

କଲ୍ୟାଣୀ—ସତରେ ରମେଶବାବୁ ! ଆପଣଙ୍କ ପରିବାର କଥା ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ଭାଇ ସବୁବେଳେ ଆପଣଙ୍କ ପରିବାର ପାଇଁ ଚିନ୍ତିତ । ସବିତାକୁ ତାଙ୍କ ଅଫିସରେ ରଖିବାକୁ ଅନେକ ଥର ଆପଣଙ୍କ ବାପାଙ୍କୁ କହିଲେଣି । ତା'ହେଲେ ଅନ୍ତତଃ ଘରର ଆର୍ଥିକ ସ୍ୱଚ୍ଛଳତା ଅନେକ ପରିମାଣରେ··

ରମେଶ—କ୍ଷମା କରିବ କଲ୍ୟାଣୀ ଦେବୀ ! ଅଜିତ୍ ବାବୁଙ୍କ ଅନୁକମ୍ପା ନିକଟରେ ଆମେ ଚିରଋଣୀ । ହେଲେ, ସବିତା କିରାଣୀ ହବ, ପୁଣି ଗ୍ରେଟବ୍ରିଟ୍ସ ସାହେବଙ୍କ ଅଫିସରେ—ନା—ତା' ହୋଇ ପାରେନା । ଗରିବର ଇଜ୍ଜତ୍ ତା'ର ଯଥା ସର୍ବସ୍ୱ ! ସେ ଭୋକ ଉପାସରେ ତିଳ ତିଳ ହୋଇ ମରିଯାଉ, ସେ ବରଂ ଭଲ—ନା—ନା—ତା' ହୋଇ ପାରେନା । (ରମେଶ ଚାଲିଗଲା ବିଚଳିତ ହୋଇ, କଲ୍ୟାଣୀ ଅବାକ୍ ହୋଇ ରହିଥାଏ ।)

କଲ୍ୟାଣୀ—ରମେଶବାବୁ, ରମେଶବାବୁ, ଶୁଣି ଯା'ନ୍ତୁ ! ବୃହସ୍ପତି, ବୃହସ୍ପତି !

ବୃହସ୍ପତି—(ପ୍ରବେଶ କରି) ଦେଈ, କ'ଣ କହୁଚ ?

କଲ୍ୟାଣୀ ( ଭ୍ୟାନିଟି ବ୍ୟାଗ୍‌ରୁ ଟଙ୍କା କାଢ଼ି ) ଏ ୩୦ ଟଙ୍କ ନେଇ ଯା—ରମେଶବାବୁ ବର୍ତ୍ତମାନ ଗଲେ, ତାଙ୍କୁ ଦେଇଅ (ବୃହସ୍ପତି ଚାଲିଗଲା) । ଶିଳ୍ପୀ, ତୁମେ ଯେ କ'ଣ, ତା' ମେ କଳ୍ପନାର ବାହାରେ ! (ସିଡ଼ି ଉପରକୁ ଉଠି ଯାଉ ଯାଉ) ବାଣୀ ! ବାଣୀ ! କ'ଣ କରୁଚୁ ?

ବୃହସ୍ପତି—(ଫେର ଆସି) ଆରେ ବାପ୍‌ରେ ବାପ୍—ଇଏ ବ ଗୋଟାଏ ଜନ୍ତୁ । ଏକା ଜିଦ୍, ନେବ ନାହିଁ—ନେଲା ନାଇଁ । ଏ ବ ତିରିଶ ଟଙ୍କା କାହିଁକି ଦେଉଥିଲେ କିଛି ତ ବୁଝି ହେଲା ନାହିଁ ! ଆରେ ବାବା, ଏ ତ ପାଠୁଆଙ୍କ ଦୁନିଆ । ଭାଇର ସିନେମାକୁ, ଭଉଣୀର ଥିଏଟର ! କିଛି ତ ବୁଝି ହେଲାନି ! ମୁଁ ଖାଲି ଗୋଠଖଣ୍ଡିଆଙ୍କ ମେତେ ଏତେ ବଡ଼ ବଙ୍ଗଳାଟାରେ ସକାଳ ଛଅରୁ ରାତି ୧୦ ଯାଏ ଭଲୁଆଙ୍କ ଭଳି ରହିଁ ବସିଚି !

କଲ୍ୟାଣୀ – (ଉପରୁ) ବୃହସ୍ପତି, ବୃହସ୍ପତି !

ବୃହସ୍ପତି ହଁ ଦେଈ, ଗଲି (ଉପରକୁ ଗଲା ।)

# ଚତୁର୍ଥ ଦୃଶ୍ୟ

ଅଜିତ୍‌ବାବୁଙ୍କ ଅଳିନ୍ଦ

[କଥାବାର୍ତ୍ତା ହୋଇ ପ୍ରବେଶ କଲେ ଅଜିତ୍‌ବାବୁ, ହରିମାଷ୍ଟ୍ରେ]

ଅଜିତ୍—ତୁମେ ଗାଁକୁ ଫେରିଯାଅ, ହରିହର ! ଏଠି ଟିଉସନ୍ କରି କେତେଟା ଟଙ୍କା ପାଉଚ ? ସକାଳୁ ସଞ୍ଜ ପର୍ଯ୍ୟନ୍ତ ଦୌଡ଼ି ଦୌଡ଼ି ତମେ ଅଧାପ୍ରାଣ ହେଲଣି ! ବରଂ ମତେ ଟିକେ ସାହାଯ୍ୟ କର । ମୁଁ ଜବାବ ଦଉଚି, ତମ ପରିବାରର ସମସ୍ତ ଦାୟିତ୍ୱ ମୁଁ ବହନ କରିବି ।

ହର ଏତେଟା ସୁବିଧା ଯେତେବେଳେ ଦଉଚନ୍ତି, ମୋର ଆପତ୍ତି କରିବାର କିଛି ନାହିଁ । ହେଲେ ଆଜ୍ଞା, ଗାଁର ଅବସ୍ଥା ବଡ଼ ସାଙ୍ଘାତିକ୍ । ଚାଷୀଙ୍କର ଏଇନେ ଯୋଉ ମେଳି, ଭାଗଚାଷ ଜମିରୁ ବେଦଖଲ କରିବା କାଠିକର ପାଠ !

ଅଜିତ୍—ମେଳି ? ମେଳି ଭାଙ୍ଗିବାକୁ କେତେ ସମୟ ବା ଲାଗିବ ? ତମେ ମୋ ଗାଁର ଲୋକ । ତମ ଉପରେ ମୋର ଭରସା

ଅଛୁ ! ହଁ ଶୁଣ ! ପୋଲିସ ସାହେବଙ୍କୁ କହିଚ, ସେ ସେଠାକାର ଥାନା ଅଫିସରଙ୍କ ପାଖକୁ ଖଣ୍ଡେ ଚିଠି ଦେବେ ।

ହରି—ତେବେ ତ ଆଜ୍ଞା, ସହଜରେ କାର୍ଯ୍ୟୋଦ୍ଧାର ହେଇଯିବ—ପୋଲିସ ସାହେବ ଯଦି ଦୟାକରି ଲେଖିଦେବେ, ନା !

ଅଜିତ୍—ହଁ ଚିଠିଟା ମୁଁ ଆଜି ଲେଖେଇ ଆଣିଚି । ଟଙ୍କା ଯାହା ଖର୍ଚ୍ଚ ହବ ହଉ । ଯୋଉ ଚାଷୀ ଅଧେ ଭାଗ ଦବାକୁ ରାଜି ହବ ସେ ଚାଷ କରୁ । ଯିଏ ରାଜି ନ ହବ, ତାକୁ ମୁଁ ଠିକଣା ଜବାବ ଦେବି ।

ହରି—ଆଜ୍ଞା, ପୁଲିସ ତ ଆମ ହାତରେ ରହିବେ । ଦି' ଚାରି ହଳ ବଳଦ, ଆଉ ମାସେ ଦି'ମାସ ପାଇଁ ଗୁଣ୍ଡା ଚାରି ପାଞ୍ଚଟା ହେଲେ ହେଲା ! ଇମିତି କୁରୁକ୍ଷେତ୍ର ପାଲି ଲଗେଇଦେବି, କେହି ଜାଣିବେ ନାଇଁ ।

ଅଜିତ୍—ଯାହା ଦରକାର ଶୀଘ୍ର ଶୀଘ୍ର ସବୁ ଆୟୋଜନ କରି ପକାଅ । ତମ ପରିବାରର ଆଜୀବନ ସୁଖରେ ରହିବାର ଦାୟିତ୍ୱ ଏଇ ମୁହୂର୍ତ୍ତରୁ ମୁଁ ଆଉ ମୋର ପୈତୃକ ସମ୍ପତ୍ତି ବହନ କଲି । ତମେ ଆଜି ତା'ହେଲେ ବାହାରିପଡ଼ ।

ହରି—ଆଜ୍ଞା, କହୁଚନ୍ତି ଯେତେବେଳେ ଯିବି ନିଶ୍ଚୟ !

ଅଜିତ୍—ଆଉ କ'ଣ କହୁଚ ?

ହରି—ଆଜ୍ଞା, ପହିଲାଟା ମୁଣ୍ଡ ଉପରେ । ଟିଉସନ୍ ଦରମା ଗଣ୍ଡାକ ମିଳି ଯାଇଥିଲେ ଟିକେ ସୁବିଧା ହେଇଥାନ୍ତା ।

ଅଜିତ୍—ବେଶ୍ ତ ! ରାସ୍ତା ଖର୍ଚ୍ଚଟା ନେଇ ଗାଁରୁ ଥରେ ବୁଲି ଆସ । ତେଣିକି ସବୁ ସୁବିଧା ହେଇଯିବ !

ହରି—ଏ ଲୋକଗୁଡ଼ାକ ଏମିତି ଗାଡ଼ୁଆ ହୋଇଚନ୍ତି ଆଜ୍ଞା, ଅଣ୍ଟାରେ ବଳ ନାହିଁ, ଏଣେ ପିଲାଙ୍କୁ ପାଠ ପଢ଼େଇବାକୁ ମନ !

ଅଜିତ୍—କାହା କଥା କହୁଚ ତମେ ?

ହରି—ଏଇ ଆପଣଙ୍କ ଅଫିସର ହେଡ୍‌କ୍ଲର୍କ ଗୁରୁପଦ ବାବୁଙ୍କ କଥା ! ତିନି ତିନି ମାସର ଠଙ୍କା ବାକି ପଡ଼ିଚି; ଲୋକଟା ମୋଟେ ଧରାଛୁଆଁ ଦଉନାହିଁ ।

ଅଜିତ୍—ହଉ, ତମେ ଦରମା ପାଇଲା ଦିନ ଆସ । ସେକଥା ବୁଝିଦେବା !

ହରି—ଅଫିସ ଜରିଆରେ ତେବେ ଗୋଟାଏ ଦରଖାସ୍ତ କରି ଦଉଚି ଆଜ୍ଞା !

ଅଜିତ୍—ଦରକାର ନାହିଁ । ମୁଁ କହିଚି ବୋଲି ତାଙ୍କୁ କୁହ, ଦେଖିବ ନିଶ୍ଚୟ ମିଳିଯିବ !

ହରି—ଆଜ୍ଞା, କିଛି ଠଙ୍କା ନ ଦେଲେ ଯିବ କମିତି ?

ଚମନ୍—(ବାହାରୁ) ଭିତରକୁ ଯିବାକୁ ଅନୁମତି ମିଳିବ ସାର୍ ?

ଅଜିତ୍—କିଏ ? ଆସ ।

ଚମନ୍—ନମସ୍କାର ସାର୍ ! (ପ୍ରବେଶ କରି)

ଅଜିତ୍—ଓ, ଚମନ୍‌ଲାଲ୍ !

ଚମନ୍—ହଁ ସାର୍, ଆପଣଙ୍କର ଦାସାନୁଦାସ । ଆପଣଙ୍କୁ ଡିଷ୍ଟର୍ବ କଲି ବୋଲି ମାଫ୍ କରିବେ !

ଅଜିତ୍—(ହସି) ଆରେ ନା-ନା, ଡିଷ୍ଟର୍ବ କ'ଣ ? ହଁ, ଏ ଅସମୟରେ କୁଆଡ଼େ ?

ଶମନ୍—ଆଜ୍ଞା, ଦରକାର ପାଖରେ ସମସ୍ତ ଅସମୟର ପ୍ରଶ୍ନ ଉଠି ପାରେନା । ତେବେ ଆପଣ ତ ବର୍ତ୍ତମାନ ବ୍ୟସ୍ତ ଅଛନ୍ତି ମୁଁ ବରଂ ଟିକେ ବାହାରେ ଅପେକ୍ଷା କରୁଚି !

ଅଜିତ୍—ନା - ଶୁଣ୍ ! ହରିହର ! ତୁମେ ଯାଅ । ଓକିଲ ସନାତନ ବାବୁଙ୍କ ସାଙ୍ଗରେ ପରାମର୍ଶ କରି ଯାହା କରିବା କଥା କରିବ !

ହରି—(ଆଶ୍ଚର୍ଯ୍ୟ ହୋଇ) ଓକିଲ ସାଙ୍ଗରେ କାହିଁକି ପରାମର୍ଶ କରିବି ଆଜ୍ଞା ? ଆପଣ ପରା କହିଲେ, ପୋଲିସ ସାହେବଙ୍କୁ ଚିଠିଟା···

ଅଜିତ୍—(କଥାର ଧାରା ବଦଳାଇ) ପୋଲିସର କ'ଣ ଦରକାର ? ମକଦ୍ଦମା ହେଉଥିବେଲେ ହବ, ଓକିଲ ସିନା ଯାହା କରିବେ !

ହରି - (କଥା ବୁଝିପାରି) ଆଜ୍ଞା ହଁ, ମୁଁ ତେବେ ଆସୁଚି ।

ଅଜିତ୍ ହଁ ଆସ । ଶମନ୍‌ଲାଲ ! ଭିତରକୁ ଆସ ! (ଯାଉଥିଲେ)

ହରି—ଆଜ୍ଞା, ଟଙ୍କାଟା ଦେଲେ ନାହିଁ !

ଅଜିତ୍ - ଓକିଲଙ୍କ ସାଙ୍ଗରେ ପରାମର୍ଶ କରି, ଯିବା ପୂର୍ବରୁ ମତେ ପୁଣି ଦେଖାକରି ! (ହରି ପ୍ରସ୍ଥାନ)

ଶମନ୍—କ୍ଷମା କରିବେ ସାର୍ ! ଏଇ ମକଦ୍ଦମା, ପୁଲିସ···

ଅଜିତ୍—ସେ କିଛି ନୁହେଁ ଶମନ୍‌ଲାଲ ! ଲୋକଟା ଆମ ଗାଁର । ଏଠି ଟିଉସନ୍ କରି ଚଳେ । ଟିଉସନ୍ ଦରମା ଟଙ୍କା ବାକି । ମାଗିଲା ବେଳକୁ ଲୋକେ ମାରିବାକୁ ଧମକ ଦଉଚନ୍ତି ।

ଶମନ୍ - କୁହନ୍ତୁନି ସାର୍ ! ଏ ଲୋକଗୁଡ଼ାଙ୍କୁ ଧରମ ଛୁଡ଼ିଲାଣି । ଏଇ ଦେଖନ୍ତୁନା ସାର୍, ଆପଣଙ୍କର ଅଫିସର ପିଅନ୍ ନବଘନ···

ଅଜିତ୍—ମୁଁ ସବୁ ଜାଣେ ଶମନ୍‌ଲାଲ୍ ! ତା’ର ଯେବେ ଅସୁବିଧା ହଉଥିଲା ମତେ କହିଥାନ୍ତା । ତା’ ନକରି ସିଧା ଯାଇ ମନ୍ତ୍ରୀଙ୍କ ପାଖରେ ହାଜର ! ଆରେ ବାବୁ, ଗୃହକଣ୍ଟ କରିଚ, ଯୋଉଠି ଦରକାର ହେଲା, ଶାସନ ଦୃଷ୍ଟିରୁ ବଦଳି କରାଗଲା । କ’ଣ ନା ଆମେ ଯିବୁ ନାଇଁ । ବୁଝିଲ ଶମନ୍‌ଲାଲ, ହାକିମ ପଛେ ନଇଁଯିବ—ହେଲେ, ହୁକୁମ କେବେ ନଇଁବ ନାଇଁ !

ଶମନ୍ - ଯେ ତ ଓ୍ୱାଜିବ୍ କଥା ସାର୍ ! ଏଇ ଦେଖନ୍ତୁ ନା ସାର୍, (ପକେଟରୁ କାଗଜ ବାହାର କରି) ନଉକ୍ ଏକ୍‌ଦମ୍ କମ୍ପ୍‌ଲିଟ୍ କରି ପ୍ରେସକୁ ଦଉଥିଲି । ହଠାତ୍ କାହିଁକି ମନ ହେଲା—ଆପଣଙ୍କପରି ଅଫିସର ନାଁରେ, ଧେତ୍, ଏ ଲୋକ-ଗୁଡ଼ାକୁ ଆଉ ବିଶ୍ୱାସ କରି ହବନି !

ଅଜିତ୍—ଏଇଥିରୁ ବୁଝିଲ ତ ! ଏମିତି ଗୋଟାଏ ସ୍ୱାଧୀନତାର ହାଓ୍ୱା ବାଜିଚି ଏ ଲୋକଗୁଡ଼ାକଠେଇଁ, କାମ କରିବାକୁ ଆଦୌ ଇଚ୍ଛା ନାଇଁ । କିଛି କ’ଣ ହେଲେ କହୁଚନ୍ତି କ’ଣନା ଆମର ସଂଘ ଅଛି, ମନ୍ତ୍ରୀ ଅଛନ୍ତି···

ଶମନ୍ ସଂଘ କ’ଣ କରିବ ଆଜ୍ଞା ! ଅଫିସରେ କାମ ନକଲେ ସଂଘ କ’ଣ ଦରମା ଗଣିଦବ ? ଏ ଜାନୁଆରଗୁଡ଼ାକୁ ନେଇ କଣ୍ଠାଗ୍ରତ ହେଇ ଗଲିଣି ଆଜ୍ଞା ! କେତେ ଖଟିବି—ଏଠିକି ଯା—ସେଠିକି ଯା—ଅମୁକ ଅଫିସରଙ୍କୁ ଦେଖାକର, ପ୍ରତିନିଧିମାନଙ୍କୁ ନେଇ ମନ୍ତ୍ରୀଙ୍କୁ ଭେଟି, ତାଙ୍କ ସାଙ୍ଗରେ କଲିକର ! ନାଃ ! ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘର ଅନାହାରୀ ସେକ୍ରେଟେରୀ ହବା ଗୋଟାଏ ଅଭିଶାପ !

ଅଜିତ୍—ଆଚ୍ଛା ଚମନ୍‌ଲାଲ୍, ଦିନରାତି ତ ଯନ୍ତ୍ରଙ୍କର କାମ ନେଇ ବ୍ୟସ୍ତ ରୁହ । ତମ ପିଲା ଛୁଆ ଚଳନ୍ତି କେମିତି ?

ଚମନ୍—ପରମାତ୍ମା ମାଲିକ ସାର୍ ! ଚାଉଳ ଗଣ୍ଡାକ ମିଳିଯାଏ ଗାଁ'ରୁ ! ତା'ହେଲେ, ଏ ଯୋଉ ଭାଗଚାଷ ଆଇନ ଜାରି ହେଲା, ଦେଖୁଚି ଦେଶକାମ ଏଇଠୁ ବନ୍ଦ ହୋଇଯିବ !

ଅଜିତ୍—ସେଇ କଥା ତ ମୁଁ ଭାବୁଚି । ତୁମର ଦେଶକାମ କରିବାକୁ ଯୋଉ ଉତ୍ସାହ, ପରକୁ ସାହାଯ୍ୟ କରିବା ପାଇଁ ଯୋଉ ସ୍ପୃହା···

ଚମନ୍—ବିଶ୍ୱାସ କରିବେ ନାଇ ସାର୍ ! ସୂର୍ଯ୍ୟ ଚାରିପଟେ ପୃଥିବୀ ଘୂରିଲା ପରି କଟକ ସହରଟା ଘୂରି ଘୂରି ପାଦରେ ଗାଢ଼ ଫୁଟିଗଲାଣି । ହଲେ ଚପଲ୍ କିଣିଲେ ମାସେ ଯାଉନାହିଁ । ପ୍ରାଣାନ୍ତକ ହୋଇଗଲାଣି ସାର୍, ପ୍ରାଣାନ୍ତକ···

ଅଜିତ୍—ତା'ତ ମୁଁ ଆଖିରେ ଦେଖୁଚି, ଖାଲି ପାଦ···।···ଯାକୁଇ କହନ୍ତି ପ୍ରକୃତ କର୍ମୀ !

ଚମନ୍—ଆପଣ ତ ସବୁ ଦେଖୁଚନ୍ତି, ଶୁଣୁ ଥିବେ । ଏଇ ଯୋଉ ମହାକଞ୍ଜାଳ—କାହାକୁ ଘର ମିଳିଲା ନାହିଁ, କାହାର ସ୍ତ୍ରୀ ମରି ଯାଇଚି, କିଏ ବାହା ହୋଇ ପାରୁନି, କାହାର ସ୍ୱାମୀ ମରିଯାଉଚି, କାହା ଘରେ କଳି ଲାଗିଲାଣି ତା'ର ଗୋଟାଏ ବ୍ୟବସ୍ଥା—ମରିଯିବ ଆଜ୍ଞା, ବଞ୍ଚି ଆଉ ଥାଉ ମରିଯିବ !

ଅଜିତ୍ (ପକେଟରୁ ଟଙ୍କା କାଢ଼ି) ଏଇ ନିଅ ଚମନ୍‌ଲାଲ୍, କିଛି ଭାବିବ ନାହିଁ ! ଛୁଆ ପିଲା ନେଇ ଘର କରୁଚ, ରୋଜଗାର କରୁ ନାଇଁ, ସେମାନେ ବଞ୍ଚିବେ କେମିତି ?

ଚମନ୍—ସାର୍, ଆପଣଙ୍କଠୁ ଟଙ୍କା·····ପୁଣି ଆପଣଙ୍କର କିଛି ଉପକାର ନକରି·····(ହାତ ଯୋଡ଼ି) ଲଜ୍ଜା ଦିଅନ୍ତୁ ନାହିଁ । ସାର୍, ଲଜ୍ଜା ଦିଅନ୍ତୁ ନାହିଁ ।

ଅଜିତ୍—(ଚମନ୍ ପକେଟରେ ଗୁଞ୍ଜି ଦେଲେ) ଇୟେ ଗୋଟାଏ କଥା ଚମନ୍‌ଲାଲ ! ଇମିତି ଭୋକ ଉପାସରେ କେତେ ଦିନ କାମ କରିବ ?

ଚମନ୍ ମିଛ କହୁନାହିଁ ସାର୍ ! ୧୯୨୮ ଲବଣ ସତ୍ୟାଗ୍ରହ ଠାରୁ ଲୋକଙ୍କ ସେବାପାଇଁ ଜୀବନ ଉତ୍ସର୍ଗ କରି ଦେଇଚି ! ଦେଶ ସ୍ୱାଧୀନ ହେଲା । ହେଲେ ଦେଖୁଚି, ମୋ କାମ ଆଉ କମୁ ନାହିଁ ! ତଳିଆ କର୍ମଚାରୀଙ୍କ ସୁଖ ଦୁଃଖ, ତାଙ୍କର ଆର୍ଥିକ ଅବସ୍ଥାର ଉନ୍ନତି କରିବା ପାଇଁ ମୋର ଯେତେ ସବୁ ସଂଗ୍ରାମ !

ଅଜିତ୍ —(ହସି) ଆଚ୍ଛା, ଆଚ୍ଛା, ତୁମେ ଆଜି ଆସ ଚମନ୍‌ଲାଲ୍ ! ମୁଁ ଯେବେ ତମକୁ ସାହାଯ୍ୟ କରିପାରେ···

ଚମନ୍—ଅଶେଷ ଦୟା ସାର୍, ଅଶେଷ ଧନ୍ୟବାଦ ! (ପ୍ରସ୍ଥାନ)

ଅଜିତ୍—କୋଡ଼ିଏଟା ଟଙ୍କାରେ ଯେ କିଣା ଯାଇପାରେ ସେ ପୁଣି ନେତୃତ୍ୱ ଦେବ ଗୋଟାଏ ଅର୍ଦ୍ଧବୁଭୁକ୍ଷୁ କର୍ମଚାରୀସଂଘକୁ ! ସ୍କାଉଣ୍ଡ୍ରେଲ ! (ବିଦ୍ରୂପ ହସି ପ୍ରସ୍ଥାନ କଲେ)

(ପରଦା)

## ପଞ୍ଚମ ଦୃଶ୍ୟ

ଗୁରୁପଦବାବୁଙ୍କ ଘର

[ପୂର୍ବପର ସଜ୍ଜିତ ଖଟ ଉପରେ ବସିଚନ୍ତି ଗୁରୁପଦବାବୁ, ସବିତା ହାତରେ ଖଣ୍ଡିଏ ଚିଠି, ପାଖରେ ଠିଆ ହୋଇଛନ୍ତି ରମାବୋଉ ]

ସବିତା—ଅପା !

ଏ ସନ ତ ବର୍ଷା ଅଭାବରୁ ବେଉଷଣ ଠିକ୍ ସମୟରେ ହେଲା ନାହିଁ । ଧାନ ଫସଲ ଏମିତି ହେଲା ଯେ, ଲୋକଙ୍କ ବଳକୁ ଦାଆ ଗଲା ନାହିଁ ! ତୋ' ୭୫ ମାଣ ଜମିରୁ ଅଢ଼େଇ ଭରଣ ଧାନ ଅମଳ ହେଉଥିଲା—ନୂଆ ଭାଗଚାଷ ଆଇନ ଅନୁସାରେ ତୋ' ଭାଗ ପଡ଼ିଲା ୪୦ ଗୌଣୀ । ପାଲ କୁଠାରେ ତ ତୋର ଅଂଶ ନାହିଁ । ତମ ଧାନ ବିକିଲା ୨୫ ଟଙ୍କା । ଖଜଣା, ପଥକର ବାବଦ ୧୯ ଟଙ୍କା ଗଲା ! ଧାର ଉଧାର କରି ତୋ ଘର ଛପର କରିଦେଉଚି ! ସମୁଦାୟ ଖର୍ଚ୍ଚ ହେଲା ୪୦ ଟଙ୍କା । ଧାନ ବାବଦ ଜମା ଥିବା

୭ ଟଙ୍କା ଯାଇ, ବାକି ୩୪ ଟଙ୍କା ଏ ଚିଠି ପାଇବା ମାତ୍ରେ ପଠେଇଦବୁ । ଭାଇଙ୍କୁ ନମସ୍କାର । ପିଲାମାନଙ୍କ କୁଶଳକୁ ମା' କଷ୍ଟକରନ୍ତି ଅଛନ୍ତି । ଟଙ୍କା ପଠାଇବାରେ ହେଳା କରିବୁ ନାହିଁ । ଇତି ।

ତୋର ଭାଇ,
ଗୋବର୍ଦ୍ଧନ

ଗୁରୁପଦ—ଭାଇ ! ନା ଭଗାରି ! ବୁଝିଲ ରମାବୋଉ, ସବୁ ତମରି ପାଇଁ ହେଲା ; ସେତେବେଳେ ସକେଇ ହେଇ କହିଲ— ମୋ ପିଇସି ପୁଅ ଭାଇ, ପିଲାଛୁଆ ନେଇ ହଇରାଣ ହଉଚି । ଜମି ଚଷିବାକୁ ଗାଁବାଲାଙ୍କୁ ଦବ, ତାକୁ ନ ଦବ 'କାହିଁକି ? ଭାଇ ଭାଗଧାନ ଦେବେ କ'ଣ, ଡ଼ଲଟି ହିସାବ ତାଲିକା କରି ଚିଠି ପଠେଇଚନ୍ତି । ଦିଅ, ୩୪ ଟଙ୍କା ପଠେଇଦିଅ ।

ରମାବୋଉ ତା' ଭଲକୁ ଆମ ଭଲକୁ ସିନା କହିଥିଲି । ହେଲେ ତା' ପେଟରେ ଏମିତି କପଟ ଥିଲା ବୋଲି ମୁଁ କ'ଣ ଜାଣିଥିଲି ? ମୋ ଛୁଆଙ୍କ ଦାନା ମାରିଚି, ତା'ର କ'ଣ ମଙ୍ଗଳ ହବ ?

ଗୁରୁପଦ—ମତେ ଆଉ ସେକଥା ଶୁଣାଅନା ! ଗୋବର ଭାବିଚି କୋର୍ଟ, କଚେରି ସବୁ ଉଠିଗଲାଣି ! କିଏସେ ଭାଗଚାଷ ଆଇନ କରିଚି ? ମୁଁ କ'ଣ ଭାଗଚାଷ ଆଇନ୍ ଅନୁସାରେ ତାକୁ ଜମି ଚଷିବାକୁ ଦେଇଥିଲି ? ଜୁଆଚୋର୍ ! ଦିନ ଦିପହରେ ଗଳା କାଟିବାର ଫିକର ! ହଉ !

ରମାବୋଉ—ମୋ ପିଲାଙ୍କ ପେଟରେ ଧୂଳି ଦବାପାଇଁ ସିଏ ଆଇନ୍ କଲା, ତା'ର ମଙ୍ଗଳ ହବ ନାହିଁ !

ଗୁରୁପଦ—ଆଇନ୍ ହୋଇଗଲା ବୋଲି, ଶଳା ହୋଇ ମୋ ସାଙ୍ଗରେ ଧପ୍‌ପାବାଜି କରିବ !

ସବିତା—ମାମୁଁଙ୍କର ବା ଦୋଷ କ'ଣ ? ଦୁନିଆଁଯାକ ଲୋକଙ୍କ ପାଇଁ ଯାହା ଆଇନ୍ ହେଲା···

ଗୁରୁପଦ—ଶୁଣ ହେ, ତମେ ସବୁ କୋଉ ଦୁନିଆଁ ଦେଖିଲଣି ! ଆମ ଗରିବଙ୍କ ପାଇଁ ଚାରିଭାଗରୁ ଏକ ଭାଗ । ହେଲେ, ବଡ଼ ଲୋକଙ୍କ ପାଇଁ ? ଯାହାର ଶହ ଶହ ଏକର ଜମି ଅଛି, ଅଣ୍ଟାରେ ପଇସା ଅଛି, ସେଠି ଏ ଆଇନ୍ ଚାଲୁ ହୋଇ ପାରିବ ତ ! ତାଙ୍କ ପାଇଁ ଯୋଉ ଅଧାକୁ ସେଇ ଅଧା । ଖାଲି ଆମରି ତଣ୍ଟି ଚିପିଦବା ପାଇଁ ଆଇନ୍···

ରମାବୋଉ—ତାଠୁ ଜମି ଛଡ଼େଇ ଆଣ, ଅଡୁଆ ଛୁଟିଯିବ ।

ଗୁରୁପଦ—ସେ ତ ଆସନ୍ତା ବର୍ଷ କଥା ! ଏଇନେ ମୋ ପିଲାଏ ଖାଇବେ କ'ଣ ? ଭାବିଥିଲି ଭରଣେ ୧୨ ଭରଣ ଚାଉଳ ପାଇଥିଲେ, ପିଲାଏ ମୋର ଛ'ଟା ମାସ ହେଲେ ପେଟ ପୂରେଇ ଭାତ ଖାଇବେ !

ସବିତା—ବାପା ! ଭାଇ ତ ଏଠି କିଛି କରୁ ନାହାନ୍ତି, ସେ ଗାଁକୁ ଯାଇ ଚାଷବାସ ଦେଖିଲେ ହୁଅନ୍ତା ନାହିଁ ?

ଗୁରୁପଦ—ଅକର୍ମା ! ଚାଷବାସ ଦେଖିବ—ନା ପଞ୍ଚାଏ ଟୋକାଙ୍କୁ ଧରି ଗାଁରେ ନାଟ ତାମସା ଆରମ୍ଭ କରିଦବ !

ରମାବୋଉ—ନାଇଁ, ସେ ମଫସଲ ଗାଁରେ ଯାଇ ସେ ରହି ପାରିବନି ।

ଗୁରୁପଦ—ହଁ, ତା' ନୁହେଁ ଆଉ କ'ଣ ? ତମ ବୋଉ ତମକୁ ସହରରେ ଜନମ କରିଥିଲା !

ରମାବୋଉ—ମୋ ବାପ ବୋଉଙ୍କ ନାଁ ଧରି ନାହିଁ କହୁଚି । ଯାହା କହିବ ମତେ କୁହ ! ସେମାନେ ତମର କ'ଣ କରିଚନ୍ତି ? କାହିଁକି, ତମେ ଗୃହକର୍ତ୍ତ୍ରୀ ଗୁଡ଼ା ଗୃହବାସ ଖବର ବୁଝ ନା ? ପିଲାଏ ହେଲେ ମୋର ମୁଢ଼ି ଗଣ୍ଡାଏ କି ଚୂଡ଼ା ପୋଷେ ଭଲରେ ଖାଆନ୍ତେ ! ଆହା ହା ! ଯୋଉ ଗୃହକର୍ତ୍ତ୍ରୀ···

ଗୁରୁପଦ—ରମାବୋଉ ! ତୁଟି ବିଦନଟା, ମତେ ଟିକେ ଶାନ୍ତିରେ ହେଲେ ମରିବାକୁ ଦିଅ । ଯାଅ ସବୁ ଏଠୁ !

ରମାବୋଉ—ହଁ, ଭାଗବଣ୍ଟା ଆଇନ୍ ମୁଁ କରିଚି । ଗୋବିନ୍ଦକୁ ଅଧା ଭାଗ ନ ଦବାକୁ ମୁଁ ଇ କହିଚି । ସବୁ ଦୋଷ ମୋର !

ସବିତା—ବୋଉ, ତୁ ମୋଟେ କଥା ବୁଝୁନୁ । ଖାଲି ଅଖାଡ଼ୁଆ କଥା ସବୁ ବାହାର କରି ବାପାଙ୍କ ସାଙ୍ଗରେ ଲଗେଇଚୁ ! ଚାଲି ଗାଁକୁ ଯାଆନ୍ତୁ !

[ଏତିକି ବେଳେ ରମେଶ ପଶି ଆସୁଥିଲା, ଅବସ୍ଥା ବୁଝିପାରି ପୁଣି ଅନ୍ତରାଳକୁ ଚାଲିଗଲା]

ରମାବୋଉ—ସେ ଗଲେ ମୁଁ ବି ତା' ସାଙ୍ଗରେ ଯିବି । ବାଇଆଟା ! ତମ ବାପ ଝିଅଙ୍କର ଯେବେ ଏତେ ଜିଦ୍, ସାନକୁ ନେଇ ମୁଁ ତା' ସାଙ୍ଗରେ ଗାଁକୁ ଯାଉଚି ।

ଗୁରୁପଦ—ବୁଝିଲୁ ଝିଅ, ରମାକୁ ବିଗାଡ଼ିଲା ତୋ' ବୋଉ । ତାକୁ ମୁହଁ ଦେଇ ଦେଇ······

ରମାବୋଉ—ଜନମ ଦେଇଚି ଯେତେବେଳେ···

ଗୁରୁପଦ—ହଉ ହେଲା, ଜନମ ତ ଦେଇଚ, ଦେଖ ତା' କରମରେ କ'ଣ ଅଛି ? କାଲି ରମାକୁ ସାଙ୍ଗରେ ଧରି ତୁମେ ଗାଁକୁ

ଯାଅ । ସାବର ତ ପରୀକ୍ଷା ସରି ଯାଇଚି । ଏଠିକା ଖବର। ସେ ବୁଝିବ ! (ଏତକ ବେଳେ ବାହାରୁ ଡ଼ାକ ଶୁଭିଲା)

ପିଅନ୍—ବଡ଼ବାବୁ, ବଡ଼ବାବୁ ଘରେ ଅଛ ?

ଗୁରୁପଦ—କିଏ ସେ ?

ପିଅନ୍—ମୁଁ ଅଫିସ୍ ପିଅନ୍ ଆଜ୍ଞା ! ସାହେବ ଗସ୍ତରେ ଯିବେ, ଆପଣଙ୍କୁ ଡ଼ାକେଇଚନ୍ତି !

ଗୁରୁପଦ—ଆଲୋ ସାବି, ଛତାଟା ଆଣ ତ ମାଆ !

ରମାବୋଉ—ଆଜ ଛୁଟି ଦିନ । କୋଉ ସାଇବ ସେ ଡ଼ାକେଇଚି ! କି ଅଫିସ, ତମେ ଯାଇ ପାରିବ ନାହିଁ !

ଗୁରୁପଦ—ରମାବୋଉ ! ତମ ହାତ ଧରୁଚି, ଏଡ଼େ ପାଟି କର ନାହିଁ ! ଏ ମଣିଷଖିଆ ହାକମ କାନରେ ଯଦି କଥାଟା ପଡ଼େ, ମୋ ଗୃହକର୍ମ ଖାଇଯିବ ! ମୁଁ ହାକମ ନୁହେଁ ରମାବୋଉ, କିରାଣୀ ! କିରାଣୀର ଛୁଟି କ'ଣ ? (ସବିତା ଛତା ଦେଲା, ଗୁରୁପଦ ବାହାରିଗଲେ)

ସବିତା—ବାପାଙ୍କୁ ବେଳେ ବେଳେ ଏମିତି ପଦେ ପଦେ କଥା କାହିଁକି କହୁ ? ଦେଖୁଚୁ ତ ତାଙ୍କ ଦେହ ଦିନେ ହେଲେ ଭଲ ରହୁ ନାହିଁ । ଅଫିସରେ ପୁଣି ଯୋଉ ଖଟଣି ! ତୋ'ର ଗାଁକୁ ଯିବା ଦରକାର ନାହିଁ । ତୁ ଏଇଠି ରହ । ଭାଇ ଏକେଲା ଗାଁକୁ ଯା'ନ୍ତୁ ।

ରମେଶ—(ପ୍ରବେଶ କରି) ଗାଁକୁ କାହିଁକି ଯିବ ଶିକ୍ଷୁର ?

ସବିତା—ଗୃହବାସ ଖବର ବୁଝିବ !

ରମେଶ - ଓ ଗାଁକୁ ଯାଇ ଗୃହବାସ କରିବ ! ବେଶ୍ ପରାମର୍ଶ ବାଛିଚ, ସବିତା ! ଏ ଦୁର୍ବୁଦ୍ଧି ତମ ବାପ, ଝିଅଙ୍କ ମୁଣ୍ଡରେ ଭଗବାନ ଦେଉଚନ୍ତି କାହିଁକି ?

ସବିତା— ଦୁର୍ବୁଦ୍ଧି ? ଆମ ଜମି ଆମେ ନିଜ ହାତରେ ରଖିବା ।

ରମେଶ—ଜମି ଭାଗ ଦେଇ ତ ଏବର୍ଷ ୩୪ ଟଙ୍କା ଅର୍ଥଦଣ୍ଡ ମାମୁଁଙ୍କୁ ଗଣିବାକୁ ହବ ! ଜମି ହାତରେ ରଖିଲେ ସ୍ୱାଠୁ ଯଦ୍ଧ ଆହୁରି କ୍ଷତି ସହିବାକୁ ପଡ଼େ ? ତା' ଅପେକ୍ଷା ବାପାଙ୍କୁ କହ, ଜମିତକ ଭୂଦାନଯଜ୍ଞକୁ ଦାନ କରିଦିଅନ୍ତୁ !

ସବିତା—ବୋଉ ! ଶୁଣୁଚୁ, ଗୁଣବନ୍ତ ପୁଅଙ୍କର ପରାମର୍ଶ !

ରମାବୋଉ— ଛତରା ! ଛତରରେ ପଶିବ ! ମୁଁ କ'ଣ କରିବି ? ଜନମ ପିନା ଦେଇଚ, କରମ ତ ଦେଇ ନାଇଁ !

ରମେଶ—ଆଚ୍ଛା, ବୋଉ ! ଖରା ବରଷା ସହି ଯିଏ କରମ ଗଢୁଚି, ତାକୁ ଭୋକ ଉପାସ ଭିତରକୁ ଠେଲି ଦବାପାଇଁ ବାପା ଆଉ ସବିତା ଯୋଉ ଚକ୍ରାନ୍ତ କରୁଚନ୍ତି, ତୁ କ'ଣ ସେଥିରେ ଏକମତ ?

ରମାବୋଉ – ମତେ ଆଉ ସେ ଅଲଣା କଥା ଗୁରା ଶୁଣା ନା !

ରମେଶ—ଏଇ ମାମୁଁଙ୍କ କଥା କହୁଚି । ଛୁଆଙ୍କ ପାଟିରେ ଆହାର ଦବା ପାଇଁ ଗହଳି ବଲଦଠାରେ ପଲ୍ଲି ମାରି, ହାତି, ବାଘ ସାଙ୍ଗେ ଲଢ଼େଇ କରି ଫସଲ ଅମଳ କରିବେ ସେ । ତାଙ୍କ ପାଉଣା ସରକାର ନ୍ୟାୟତଃ ଯାହା ସ୍ଥିର କଲେ, ସେ ତ ଦବାକୁ ନାହିଁ କରୁ ନାହାନ୍ତି । ତାଙ୍କଠାରୁ ଜମି ଛଡ଼େଇ ନେଲେ ତାଙ୍କ ପିଲାଙ୍କ ମୁହଁରେ ଆଧାର ଦବ କିଏ ?

ରମାବୋଉ—ମାମୁଙ୍କ ଝୁଅଙ୍କ ପାଇଁ ଦରଦ ଉଚ୍ଛୁଳି ପଡ଼ୁଛି ! ଏବେ ନିଜ ଭାଇ ଭଉଣୀଙ୍କ କଥା ଭାବିବୁ କେବେ ?

ରମେଶ—ଆମ ଅବସ୍ଥା ତାଙ୍କଠାରୁ କ'ଣ ଭଲ ନୁହେଁ ?

ସବିତା—ସେ ଜମି ଆମର, ଆମ ଖୁସି ଆମେ ଯାହା କରିବା !

ରମେଶ—ଭୁଲ କହିଲୁ ସବିତା ! ସେ ଜମି କାହାର ନୁହେଁ, ପୁଣି ସଭିଙ୍କର । ପାଣି ପବନ ଉପରେ ଯେମିତି ସମସ୍ତଙ୍କର ସମାନ ଅଧିକାର, ଜମିରେ ମଧ୍ୟ ଠିକ୍ ସେମିତି । ଗାଁବାଲା ସଭିଙ୍କର ସେ ଜମି ।

ସବିତା—ସର୍ବୋଦୟ ମତ ମତେ ବୁଝେଇବା ଦରକାର ନାହିଁ । ବାପା କହୁଚନ୍ତି ତମକୁ ଗାଁକୁ ଯାଇ ଗୃହବାସ କରିବାକୁ ହେବ !

ରମେଶ—ତୁ ବାପାଙ୍କୁ କହିଦେ ସବିତା ! ଦାନ ସହିତ ଦକ୍ଷିଣା ଦେବା ପାଇଁ, ରେଜିଷ୍ଟ୍ରି ଖର୍ଚ୍ଚ ଅଣ୍ଟାରେ ମାରି, ଶୀଘ୍ର ଗାଁକୁ ଯାଇ ମାମୁଁଙ୍କ ନାଁରେ ଜମିତକ, ନ ହେଲେ ଭୂଦାନ ଯଜ୍ଞକୁ ଦେଇଦିଅନ୍ତୁ ।

ରମାବୋଉ—ହଇରେ ରମା, କ'ଣ କହିଲୁ ? ହାତରୁ ରେଜେଷ୍ଟ୍ରି ଖର୍ଚ୍ଚ ଦେଇ ଗୋବରା ନାଁରେ ଜମି ଲେଖିଦେବ !

ରମେଶ—ନାଇଁ ବୋଉ, ଭୁଲ କହିଲି । ମାମୁଁଙ୍କ ନାଁରେ ଜମି ଲେଖିଦେଲେ ରେଜେଷ୍ଟ୍ରି ଖର୍ଚ୍ଚ ଦେବାକୁ ପଡ଼ିବ । ହେଲେ, ସରକାର ଏଇନେ ଯୋଉ ଆଇନ କରିଚନ୍ତି, ଭୂଦାନ ଯଜ୍ଞକୁ ଜମି ଦାନ କଲେ ରେଜେଷ୍ଟ୍ରି ଖର୍ଚ୍ଚ ଦେବାକୁ ପଡ଼ିବ ନାଇଁ...

ରମାବୋଉ— ଆରେ ଟିକେ ଲଜ ଥିଲେ କ'ଣ ଏକଥା କୁହନ୍ତୁ ? ତୋ'ର ପଛର ଝିଅଟା କଲେଜ ପାଶ୍ କଲ । ଆଉ ତୁ ମରଦ ପୁଅ ଜନମ ପାଇ ବାରବୁଲା ଛତରାଙ୍କଭଳି ଏ ସାଇ ସେ ସାଇ ବୁଲି ସୁଆଙ୍ଗ କରବୁ ।

ରମେଶ—ଥରେ ତ କହିଚ ବୋଉ—ମୁଁ ବଂଚଚି କଳା ନେଇ, ଆଉ ମରିବ ସେଇ କଳା ନେଇ !

ସବିତା—ହଁ, ବାପା ବୋଉଙ୍କ ମୁହଁରେ କଳା ବୋଳି, କଳାର ସେବା କରୁଚ ତୁମେ ? (ବାହାରୁ ଶୁଭିଲା ଡାକ)

ଆଗନ୍ତୁକ—ସାର୍, ଅଛନ୍ତି ଘରେ ?

ରମେଶ—କୋଉ ସାରଙ୍କୁ ଖୋଜୁଚ ଆଗନ୍ତୁକେ ?

ଆଗନ୍ତୁକ—ରମେଶ ବାବୁଙ୍କୁ ଦରକାର ! ହାମ୍ ସାଇରେ ଡ୍ରାମା ବନିବ···

ରମେଶ—ହାମ୍ ସାଇଟା କୋଉଠି ଆଗନ୍ତୁକେ ?

ଆଗନ୍ତୁକ—ବଡ଼ ପୋଖରୀ ଉପରଟା ! ଫୁଲକା ଉପରକୁ ଉତୁରି ପଡ଼ନ୍ତୁ ସାର୍ । ବଡ଼ା କମ୍ପିଟେସନ୍ ବଜାର !

ରମାବୋଉ—ରମା, ସେ ନାଟ ତାମସା ଆମର ଆଉ ଦର୍କାର ନାହିଁ । ତୁ କାଲି ଗାଁକୁ ଯା ।

ରମେଶ—ମାତଃ, କ୍ଷମ ଅପରାଧ ! ହଅଗୋ ମେଲାଣି, କଳାର ଆହ୍ୱାନ ମତେ କରେ ଅସ୍ତବ୍ୟସ୍ତ । ଏ ସାଇ, ସେ ସାଇ ହେବ କଡ଼ା କମ୍ପିଟେସନ୍ । ଏକ ପକ୍ଷେ ସରସ୍ୱତୀ,ଅନ୍ୟ ପକ୍ଷେ ଲକ୍ଷ୍ମୀ । ପାଠୁଆବଜାର ଏକ, ଅନ୍ୟ ପୁଞ୍ଜିପତି । ଦୁଇ ପକ୍ଷେ ଦେଇଛି ଜବାବ, ପ୍ରାଣପଣେ କରିବ ସାହାଯ୍ୟ । ହଅ ଗୋ ମେଲାଣି !

[ରମେଶ ନାଟକୀୟ ଭଙ୍ଗୀରେ ପ୍ରଣାମ କରି ଚାଲିଗଲା]

ସବିତା—ବୋଉ, ଥିଏଟର ଦେଖିଲୁ ?

ରମାବୋଉ—ତୁ ଚୁପ ହୋ ! ସବୁବେଳେ କାହିଁକି ତା' ପଛରେ ଲାଗିଚୁ ଲୋ ? ତାକୁ କ'ଣ ଏ ଘରେ ରଖେଇ ଦେବନି ! ସେଇଥିପାଇଁ ତ ସେ ସବୁବେଳେ ବାହାରେ ବାହାରେ ବୁଲୁଚି ! (ଗୁରୁପଦ ଫେରିଲେ)

ସବିତା—ବାପା, ଫେରି ଆସିଲ ?

ଗୁରୁପଦ—ରମା ଗଲା କୋଉଠିକି ?

ସବିତା—ସାଇ ସାଇଁ ଭିତରେ ଥିଏଟର କମ୍ପିଟିସନ୍ ହବ । ନିମନ୍ତ୍ରଣ ଆସିଚି, ସେଇଠିକି ଗଲେ !

ରମାବୋଉ—ତୁ ଚୁପ ହ ସାବି !

ଗୁରୁପଦ—ତୁମେ ପରା କହୁଥିଲ ରମାବୋଉ, ତାକୁ ନେଇ ଗାଁକୁ ଯିବ ? ଏ ସବୁ କ'ଣ ? ହେ ଭଗବାନ ! ମୁଁ ତମର କି ଦୋଷ କରିଥିଲି ଯେ ମତେ ଆଣ୍ଟୁକୁଡ଼ା ନକଲ ? କ'ଣ ହେଲା ସେ କଷ୍ଟୁରି ! ଆଜି ତା'ର ଦିନେକୁ, ମୋର ଦିନେ !
[ଠେଙ୍ଗିଆ ଆଣିବାକୁ ଘର ଭିତରକୁ ଗଲେ, ପଛେ ପଛେ ରମାବୋଉ]

ରମାବୋଉ—ତମ ମୁଣ୍ଡ କ'ଣ ଖରାପ ହେଇଗଲାଣି ? ତାକୁ କ'ଣ ଏ ଦୁନିଆରେ ରଖେଇ ଦେବ ନାହିଁ ! ଉଠ୍ ବସ ସବୁ କଥାରେ ଅହନ୍ତା ! ସେ ବା କାହାର କ'ଣ କରିଚି ?

ଗୁରୁପଦ—(ପ୍ରବେଶି) ଆଜି ଆଉ ସେ କାନ୍ଦ ଫାନ୍ଦ ମୁଁ କିଛି ଶୁଣିବି ନାହିଁ । ଦେହ କାଠ କରି ଆଜିଯାଏ ସବୁ ସହି ଆସିଥିଲି । ସାଇବ ମଠରେ ନେଇ ଠେଲୁକୁ ବାହାରିଗଲାଣି, କାଲି କୈଫିୟତ ତଲବ କରିବ । ଏଣେ ଏ ଭାଗବୃଷ

ଆଜିନ ମୋ ମୁଣ୍ଡରେ ନିଆଁ ଜାଳି ଦେଇଚ ! ଆଜି ମୁଁ କାହା କଥା ଶୁଣିବି ନାହିଁ । ଆଜି ରମାକୁ କଟକ ଛାଡ଼ି ଗାଁକୁ ଯିବାକୁ ହବ । ନ ହେଲେ ନିଜ ହାତରେ ତାକୁ ମାରିଦେବି ! [ଯାଉଥିଲେ]

ରମାବୋଉ—(ବାଧା ଦେଇ) ମୁଁ ବଞ୍ଚି ଥାଉ ଥାଉ ତା' ଦେହରେ କିଏ ହାତ ଦବ ଦେଖିବି !

ଗୁରୁପଦ—(ଥରି ଥରି) ତୁ ସବୁଥିରେ ମୂଳ ! ତୋତେ ଆଗ ଶେଷ କରିବି । (କଟୁରୀ ଉଞ୍ଚେଇଲେ)

ସବିତା—(ଛଡ଼େଇ ଦେଇ) ବାପା, କଟୁରୀଟା ଛାଡ଼ିଦିଅ । ମୋ ରାଣ ! ଛାଡ଼ିଦିଅ । (ଏତିକିବେଳେ ରମେଶ ଆସି)

ରମେଶ—(ପ୍ରବେଶି) ବାପା, କରଣୀ ମୁଣ୍ଡରେ ଏ ଭୂତ ଗ୍ରାସ କରିଚି କାହିଁକି ?

ଗୁରୁପଦ—(ଆହ୍ୱତ ରାଗରେ) ତୁ ଆସିଚୁରେ ହତଭାଗା ! ମୋ ଦୁର୍ଦ୍ଦିନରେ ଉପହାସ କରି ଅଭିନୟ କରିବାକୁ ଆସିଚୁ ?
(ବ୍ଲଡ଼୍ ପ୍ରେସର୍ ଯୋଗେ ଥରି ଥରି ତଳ ପଡ଼ିଲେ)

ସବିତା—ବାପା, ବାପା ! (କହି ତୋଳି ଧରିଲେ, ରମେଶ ଆଉ ରମାବୋଉ ମଧ୍ୟ) ।

—ଡ୍ରପ୍—

# ଦ୍ୱିତୀୟ ଅଙ୍କ

## ପ୍ରଥମ ଦୃଶ୍ୟ

[ଅଜିତ୍‌ବାବୁଙ୍କ ଡ୍ରଇଂ ରୁମ୍ । ବସିଚନ୍ତି ଅଜିତ୍‌ବାବୁ, ହାତରେ ଖବରକାଗଜ, ବୃହସ୍ପତି ଚ୍ହା' ଦେଇ ଗଲା]

ଅଜିତ୍—ବୃହସ୍ପତି !

ବୃହସ୍ପତି—ହଜୁର !

ଅଜିତ୍—ନବଘନ ଖବର ଶୁଣିଚୁ ?

ବୃହସ୍ପତି—କ'ଣ ଆଜ୍ଞା ?

ଅଜିତ୍—ସାମାନ୍ୟ ପିଅନ ହୋଇ, ମୋ ବିରୁଦ୍ଧରେ ଯିବାକୁ ବସିଥିଲା !

ବୃହସ୍ପତି—ମିଛ କଥା ଆଜ୍ଞା, ନବାର ପୁଣି ଏଡ଼େ କଲିଜା !

ଅଜିତ୍—ମିଛ ନୁହେଁ ! ସେ ଯାଇ ତମ ଅନାହାରୀ ସେକ୍ରେଟେରୀ ଚମନ୍‌କୁ ଧରାଧରି କରୁଥିଲା ।

ବୃହସ୍ପତି—ଭୁକ୍କା ମିଛକଥା ଆଜ୍ଞା ! ଓଲଟି ସେକ୍ରେଟେରୀ ତାଙ୍କୁ ଶିଖେଇଥିଲି—ଗୋଟାଏ କାଗଜରେ ଦସ୍ତଖତ୍ କରିବାକୁ !

ଅଜିତ୍—ତୁ ଭଲକରି ଜାଣୁ ?

ବୃହସ୍ପତି—ଜାଣେ ଆଜ୍ଞା ! ନବା କହିଲି ପାଣିରେ ଘର କରି କୁମ୍ଭୀର ସାଙ୍ଗେ କଳି କରିବି କାହିଁକି ?

ଅଜିତ୍—ଏମନ୍ ତେବେ ମୋ ସାଙ୍ଗରେ ଧପ୍ପାବାଜି କରୁଚ ?

ବୃହସ୍ପତି—ସେ ଗୋଟାଏ ପୂରା ଗଣ୍ଡି କଟା ଉକେଇତ ଆଜ୍ଞା !

ଅଜିତ୍—ତୁମମାନଙ୍କ ପାଇଁ ଦିନରାତି ଖଟୁଚି । ପୁଣି ଅନାହାରୀ ସେକ୍ରେଟେରୀ......

ବୃହସ୍ପତି—ତା'ର ତ ଆଜ୍ଞା, ସବୁଠୁ ବେଶି ଆହାର । ସକାଳୁ ଆପଣଙ୍କ ପରି ବଡ଼ ବଡ଼ ହାକିମଙ୍କ ପାଖରୁ ୫।୭ କପ୍ ଚାହା । କୋଉ ଚପରାସୀକୁ ଧରି ହୋଟେଲରେ ଭାତ ! ତା' ରୋଜଗାର କଥା କାହିଁକି କହୁଚନ୍ତି ଆଜ୍ଞା ! ଖଣ୍ଡେ କାଗଜକୁ ଦଶ ଜଣକୁ ଦେଖେଇ ଦିନକୁ ପନ୍ଦର କୋଡ଼ିଏ ପାକେଟରେ ପକାଏ ।

ଅଜିତ୍—ତୁ କ'ଣ କହୁଚୁ ବୃହସ୍ପତି ?

ବୃହସ୍ପତି—ସେ କାଗଜରେ କ'ଣ ଲେଖାଥାଏ, ସେଇ ଜାଣେ ଆଜ୍ଞା ! ହାକିମଠୁ ପିଅନ ଯାଏ ସଭିଏଁ ତାକୁ ଡରନ୍ତି ।

ଅଜିତ୍—ଓ, ରୀତିମତ ବ୍ଲାକ୍‌ମେଲିଂ । ଅଲ୍‌ରାଇଟ୍ ! ମୁଁ ଦେଖିବି, ସେ କେତେଦୂର ଯିବ ! (ଏତିକିବେଳେ ପଶି ଆସିଲେ ମିସ୍ ରାଓ । ବୃହସ୍ପତି ଟ୍ରେ ନେଇ ଚାଲିଗଲା ।)

ବିଜୟଲକ୍ଷ୍ମୀ—ନମସ୍କାର ସାର୍ !

ଅଜିତ୍—ତମର ବଡ଼ ଡେରି ହେଇଗଲା, ମିସ୍ ରାଓ !

ବିଜୟଲକ୍ଷ୍ମୀ—ମିସ୍ ସାହୁଙ୍କ ପାଖକୁ ଯାଇଥିଲି । ସେଇଠି ଟିକେ ଡେରି ହୋଇଗଲା !

ଅଜିତ୍—ମିସ୍ ସାହୁଙ୍କ ଖବର କ'ଣ ?

ବିଜୟଲକ୍ଷ୍ମୀ—ସେ ଶଯ୍ୟାଶାୟୀ ! ଆଉ ସେ କହନ୍ତି, ତାଙ୍କର ଏ ଅବସ୍ଥା ପାଇଁ ଆପଣ ଦାୟୀ !

ଅଜିତ୍—କ'ଣ, ଦାୟୀ ମୁଁ ?

ବିଜୟଲକ୍ଷ୍ମୀ—ସେ ଆପଣଙ୍କୁ ଏତେବେଳେ ଅତି ନିକଟରେ ଚାହାନ୍ତି । ଆପଣ ଯାଇ ତାଙ୍କୁ ଦେଖା କରନ୍ତୁ ! ଆପଣଙ୍କ ପାଖରେ ତାଙ୍କର ଅନେକ କଥା ଅଛି ।

ଅଜିତ୍—ଲିଭ୍ ଇଟ୍ ! ସେ ସବୁ କଥା ପରେ । ସବିତା ଖବର କ'ଣ ?

ବିଜୟଲକ୍ଷ୍ମୀ—ତାଙ୍କ ପରିବାରରେ ସମସ୍ତେ ଅମଙ୍ଗ । ବିଶେଷତଃ ଗୁରୁପଦ ବାବୁଙ୍କ ସ୍ତ୍ରୀ···

ଅଜିତ୍—ତୁମେ ମିସ୍ ବାନାର୍ଜୀଙ୍କୁ ସାଙ୍ଗରେ ନେଇ ପୁଣି ଥରେ ଚେଷ୍ଟା କର । ଇଆଡ଼ର ବ୍ୟବସ୍ଥା ମୁଁ କରୁଚି ।

ବିଜୟଲକ୍ଷ୍ମୀ—ଯଶସ୍ୱୀ ହବା କଷ୍ଟକର ସାର୍ !

ଅଜିତ୍—ଯେ କୌଣସି ଉପାୟରେ ଲକ୍ଷ୍ୟ ସାଧନ କରିବାକୁଇ ହବ ! ଆଉ ଜୟୀ ହେଲେ ପୁରସ୍କାରଟା ବି······ସତେ ଗାଓ, ମୋ ଜୀବନର ଉଦ୍ଦେଶ୍ୟ ପରିପୂରଣ ପାଇଁ, ମୋ ଲକ୍ଷ୍ୟର ପୂର୍ଣ୍ଣତା ପାଇଁ ତୁମେ ଦୁଇଜଣ ମୋର ପ୍ରଧାନ ସହାୟକ ! ସେଦିନ କହିଥିଲି, ଆଜି ବି କହୁଚି ! ବିବାହ ବନ୍ଧନରେ ଛନ୍ଦି ହୋଇ ଭାରତର ଲୋକସଂଖ୍ୟା ବଢ଼େଇବା କାହିଁକି ? ଯୁଗ୍ମ ବଳ ଉଚ୍ଚତର କଳ୍ପନା ମଣିଷ କ'ଣ କରି ପାରେନା ?

ଜନ୍ମନିୟନ୍ତ୍ରଣ ଦ୍ୱାରା ବା କୌଣସି ଆଇନ୍ ଦ୍ୱାରା ଲୋକସଂଖ୍ୟା କମାଯାଇ ପାରେନା । ଆମେ ଯୋଉ ଧର୍ମରେ ଦୀକ୍ଷିତ ହୋଇଚେ, ଦେଶର ସ୍ୱାର୍ଥ ଦୃଷ୍ଟିରୁ ସେଇ ହଉଚି ପ୍ରକୃତ ବାଟ ।

ବିଜୟଲକ୍ଷ୍ମୀ—ଆପଣ ବିଶୃଙ୍ଖଳ ଔପନ୍ୟାସିକ ହୋଇ ଉଠୁଚନ୍ତି ସାର୍ !

ଅଜିତ୍—ମିଛ କହି ନାହିଁ, ମିସ୍ ରାଓ ! ମଣିଷ ଜନ୍ମ ହେଇଚି, ସେ ମରିବ ! ଯୌବନ ହଉଚି ଜୀବନର ବସନ୍ତ । ବସନ୍ତ ଡାକେ, ଜୀବନର ଛନ୍ଦେ ଛନ୍ଦେ ସୃଷ୍ଟି କରେ ଉତ୍ତେଜନାର ତରଙ୍ଗ—ପ୍ରାଣରେ ଜଗାଇଦିଏ ଉପଭୋଗର ବାସନା । ଏତେ ବଡ଼ ମାହେନ୍ଦ୍ର କ୍ଷଣରେ ଜୀବନକୁ ଗୋଟାଏ ଯୁବକ ବା ଯୁବତୀ ପାଖରେ···

ବିଜୟଲକ୍ଷ୍ମୀ—ମିସ୍ ଗ୍ରେଟରାୟ ଘରେ ନାହାନ୍ତି ତ ?

ଅଜିତ୍—ଭୟ ନାହିଁ, ମିସ୍ ରାଓ ! ମୁଁ ମଧ୍ୟ ଚାହେଁ, କଲ୍ୟାଣୀ ସେଇ ଧର୍ମରେ ଦୀକ୍ଷିତ ହଉ ! ସମାଜରେ ସ୍ୱଚ୍ଛନ୍ଦ ଭାବରେ ବିହରଣ କରୁ । ସେଇଥିପାଇଁ ତ ତା'ର ସ୍ୱାଧୀନତାରେ ମୁଁ ହସ୍ତକ୍ଷେପ କରେ ନାହିଁ । ଏଇ ଦେଖ, ଆଜି ସେ ଯାଇଚି କଳାକେନ୍ଦ୍ରର ଚ୍ୟାରିଟି ଶୋ'ର ଟିକେଟ୍ ବିକ୍ରୀ କରିବାକୁ, ଫେରିବ ରାତି ଆଠଟାରେ । ମୁଁ ତ ବାଧା ଦେଇ ନାହିଁ !

ବିଜୟଲକ୍ଷ୍ମୀ—ତା' ମୁଁ ଏ ଘରେ ପ୍ରଥମେ ପାଦ ଦେଲା ଦିନୁ ଜାଣି ପାରିଚି !

ଅଜିତ୍—ହଁ, ତୁମେ ବସ । ଉପରେ ଦେଖି ଆସେଁ, ମିସ୍ ବାନାର୍ଜୀ କେତେଦୂର ଟାଇପ୍ କଲେ ?

ବିଜୟଲକ୍ଷ୍ମୀ—(ମୁହଁ ଶୁଖିଗଲା) ମିସ୍ ବାନାର୍ଜୀ ଆସିଚନ୍ତି ନା କ'ଣ ?

ଅଜିତ୍—ତୁମର ବହୁ ପୂର୍ବରୁ, ପ୍ରାୟ ସକାଳ ସାତଟାରୁ । ହଁ ତମେ ବସ ! (ସିଡ଼ି ଉପରେ ଯାଉ ଯାଉ) ବୃହସ୍ପତି, ମିସ୍ ରାଓଙ୍କୁ ଚ' ଦେ !

[ମିସ୍ ରାଓ ଆଘାତ ପାଇଲା ଭଳି ଅନେଇ ରହିଲେ । ଟିକେ ପରେ ଭ୍ୟାନିଟି ବ୍ୟାଗ୍‌ଟି ହାତରୁ ଖୋଲି ଟେବୁଲ ଉପରେ ରଖି ନିଜ ମୁହଁ ଢାଙ୍କିଲେ ଦୁଇ ହାତରେ । ଏତିକ ବେଳେ ପ୍ରବେଶ କଲେ ରମେଶ ଚନ୍ଦ୍—ହାତରେ ଟିକେଟ୍ ଖାତା—ଲକ୍ଷ୍ୟ କଲେ ବିଜୟଲକ୍ଷ୍ମୀଙ୍କୁ, ତା'ପରେ ଖଣ୍ଡିକାଶ ମାରି ଆସିବାର ସଙ୍କେତ ଜଣାଇଲେ]

ରମେଶ—(ବସିସାରି) ସାହେବ କ'ଣ ନାହାନ୍ତି ?

ବିଜୟଲକ୍ଷ୍ମୀ—ଆପଣ କ'ଣ ଅନୁମାନ କରୁଚନ୍ତି ?

ରମେଶ—ନାହିଁ କମ୍ବା ହଁ, ଏଇ ଦୁଇଟା ଭିତରୁ ଗୋଟାଏ ।

ବିଜୟଲକ୍ଷ୍ମୀ—ଆପଣଙ୍କର ପରିଚୟ ?

ରମେଶ—ମୋ ପରିଚୟ ? ମୁଁ ଯଦି କହେ—ମୁଁ···ଗୁଡ଼ନୁ—ଏଇ ମୁଁର ପରିଚୟ ମୁଁ···

ବିଜୟଲକ୍ଷ୍ମୀ—ଆପଣଙ୍କ ନାଁ ?

ରମେଶ—ଶ୍ରୀ ରମେଶଚନ୍ଦ୍ର ଦାସ !

ବିଜୟଲକ୍ଷ୍ମୀ—'ଶ୍ରୀ'ଟା ଖୁବ୍ ଜୋରରେ କହୁଚନ୍ତି ତ !

ରମେଶ—କାରଣ ମୋ ନାଁ, ଆଗରେ 'ଶ୍ରୀ'ଟାକୁ କେହି ଲଗାନ୍ତି ନାହିଁ । ତେଣୁ ନିଜେ ଲଗେଇ ଆତ୍ମତୃପ୍ତି ପାଏ !

ବିଜୟଲକ୍ଷ୍ମୀ—ଆପଣ କ'ଣ କରନ୍ତି ?

ରମେଶ—ଆହୁରି ବି—କେତେ ଟଙ୍କା ପାଏ, କୋଉ ଡିପାର୍ଟମେଣ୍ଟରେ ଚାକିରି କରେ—ପଚାରି ଯାʼନ୍ତୁ ମିସ୍ ରାଓ ! କ୍ରମିକ ନମ୍ବର ଅନୁସାରେ ଆପଣଙ୍କ ପ୍ରଶ୍ନଗୁଡ଼ିକ ପଚାରି ଯାʼନ୍ତୁ ! ମୁଁ ସଂକ୍ଷେପରେ ଉତ୍ତରଗୁଡ଼ିକ ଦେଇଦେବି !

ବିଜୟଲକ୍ଷ୍ମୀ—ଆପଣ ମୋ ନାଁ ଜାଣିଲେ କେମିତି ?

ରମେଶ—ଜାଣିବା ପାଇଁ କୌଣସି ଧାରାବାହିକ ଫରମୁଲା ନାହିଁ ! କିନ୍ତୁ ମୁଁ ଆପଣଙ୍କୁ ଯେମିତି ଭାବରେ ଜାଣେ ଆଉ ବୋଧହୁଏ କେହି···

ବିଜୟଲକ୍ଷ୍ମୀ—ବଡ଼ ଭୟଙ୍କର ଲୋକ ଆପଣ !

ରମେଶ—ମୁଁ କʼଣ ନୁହେଁ, ସେକଥା ବି ପଚାରନ୍ତୁ !

ବିଜୟଲକ୍ଷ୍ମୀ—ଗୋଟିଏ ଝିଅ ସାଙ୍ଗରେ ଆପଣ ଯେମିତି···

ରମେଶ—ଝିଅ ନୁହେଁ, ମିସ୍ ରାଓ ! କୁହନ୍ତୁ ଯୁବତୀ ! ଜଣେ ଯୁବତୀ, ଜଣେ ଯୁବକର ପରିଚୟ ଭଲଭାବରେ ଜାଣି ମଧ୍ୟ, ଯଦି ଛଳନା କରି ଗୁଡ଼େଇ ଗୁଡ଼େଇ ପ୍ରଶ୍ନ କରେ, ଯୁବକ କʼଣ ପ୍ରଶ୍ନଧନ୍ଦାରେ ଯୁବତୀକୁ ଅସ୍ତବ୍ୟସ୍ତ ନକରି ଛାଡ଼ିଦେବ ?

ବିଜୟଲକ୍ଷ୍ମୀ—ଅଭଦ୍ର !

ରମେଶ—ଅଭଦ୍ର ହୋଇ ନଥିଲେ ଆପଣଙ୍କ ପରି ଭଦ୍ରମହିଳାଙ୍କଠୁ ଉତ୍ତର ପାଇବାରେ କଷ୍ଟ ହୋଇଥାନ୍ତା !

ବିଜୟଲକ୍ଷ୍ମୀ—ବଡ଼ ଅଦ୍ଭୁତ ଯୁକ୍ତି !

ରମେଶ—କିନ୍ତୁ ଆପଣଙ୍କପରି ଅସୁନ୍ଦର ନୁହେଁ ! ସାମାନ୍ୟ କଥା, ମୋର ପ୍ରଶ୍ନ ଥିଲା "ସାହେବ ଅଛନ୍ତି କି ନାହିଁ ?"

ବିଜୟଲକ୍ଷ୍ମୀ—ସେ ଉତ୍ତରଟା ମୁଁ ବା କିପରି ଦେଇପାରିବି ! ମୁଁ ବି ଆପଣଙ୍କ ପରି ଅପେକ୍ଷାରେ ଅଛି !

ରମେଶ—"ଅପେକ୍ଷାରେ ଅଛୁ" ଏଇଥିରୁ ମୁଁ କ'ଣ ଧରିନେବିନି ସାହେବ ନିଶ୍ଚୟ କୋଠିରେ ଅଛନ୍ତିନା ! କ'ଣ କହୁଚନ୍ତି ?

ବିଜୟଲକ୍ଷ୍ମୀ—ଆପଣ ଯାହା ଭାବି ପାରନ୍ତି !

ରମେଶ—କିନ୍ତୁ ଘର ଆଗରେ ଟଙ୍ଗା ହୋଇଥିବା ଇନ୍-ଆଉଟ୍ ବୋର୍ଡ୍‌ରେ ନିର୍ଦ୍ଦେଶ ଅଛି, "ସାହେବ ନାହାନ୍ତି" ।

ବିଜୟଲକ୍ଷ୍ମୀ—ତା' ବି ହୋଇପାରେ !

ରମେଶ—ଆପଣଙ୍କର ଏଇ "ତା' ବି ହୋଇପାରେ", "ଯା' ବି ହୋଇପାରେ", ଉତ୍ତର ଭିତରେ ମୁଁ ଖୁବ୍ ଭଲ ଭାବରେ ଅନୁମାନ କରି ପାରୁଚି, ଏ ବଙ୍ଗଳା ସହିତ ଆପଣଙ୍କର ବହୁଦିନ ହେଲା ପରିଚୟ ଅଛି । ଆଉ ଆପଣଙ୍କର ସ୍ୱଚ୍ଛନ୍ଦ ବିହାର ପାଇଁ ଏ ବଙ୍ଗଳାର ଦ୍ୱାର ସବୁବେଳେ ଉନ୍ମୁକ୍ତ ।

[ଏତିକିବେଳେ ଦେଖାଦେଲେ ଅଜିତବାବୁ, ପଛରେ ମିସ୍ ବାନର୍ଜି]

ରମେଶ—ଗୁଡ୍ ମର୍ଣ୍ଣିଂ ସାର୍ !

ଅଜିତ—ଗୁଡ୍ ମର୍ଣ୍ଣିଂ ! (ମିସ୍ ରାଓ କ'ଣ କହିବାକୁ ଯାଉଥିଲେ)

ଅଜିତ—ହିଁ ମିସ୍ ରାଓ ! ତୁମେ କେତେବେଳୁ ଆସିଲଣି ? ମିସ୍ ବାନାର୍ଜି, ଆଉ ଠିଆହୋଇ ରହିଲ କାହିଁକି ? ଯାଅ ଡ୍ରାଫ୍‌ଟଟା କରି ଆଣ ! ହିଁ ତମେ କ'ଣ ଚାହିଁ ? (ରମେଶ ପ୍ରତି)

ରମେଶ—(ଟିକେଟ୍ ଖାତା ବଢ଼େଇ) ଯକ୍ଷ୍ମାପାଣ୍ଠି କି ସାହାଯ୍ୟ କରିବା ପାଇଁ ଯୋଉ ଚ୍ୟାରିଟି 'ଷୋ' ହବ...

ଅଜିତ—ଆମ କଲ୍ୟାଣୀ ତ ଟିକେଟ୍ ବିକ୍ରୀ କରୁଚି, ତା'ଠୁଁ ନେଲେ ଚଳିବ ନାହିଁ ?

ରମେଶ—ଆଜ୍ଞା, କେନ୍ଦ୍ରର ଆଦେଶ—ପୁରୁଷମାନେ କେବଳ ପୁରୁଷମାନଙ୍କୁ, ଆଉ ସ୍ତ୍ରୀମାନେ କେବଳ ସ୍ତ୍ରୀମାନଙ୍କୁ ଟିକେଟ୍ ବିକ୍ରୟ କରିବେ ।

ଅଜିତ୍—ହଉ (ଖାତାରେ ଲେଖି) କାଲି ଲୋକ ପଠେଇଦେବ, ଶହେ ଟଙ୍କା ନେଇଯିବ ! ମୁଖ୍ୟମନ୍ତ୍ରୀ 'ଶୋ' ଉଦ୍‌ଘାଟନ କରିବେ ନା ?

ରମେଶ—ଆଜ୍ଞା ହଁ । ତା' ଛଡ଼ା ବିଶିଷ୍ଟ ଚାନ୍ଦାଦାତାମାନଙ୍କ ନାମ ସର୍ବସାଧାରଣରେ ଘୋଷଣା କରାଯିବ !

ଅଜିତ୍—ବିଶିଷ୍ଟ ଚାନ୍ଦାଦାତା ମାନେ ?

ରମେଶ—କଳାକେନ୍ଦ୍ରର କର୍ମକର୍ତ୍ତାମାନେ ଟ ୧୫୦ ଙ୍କା ସର୍ବନିମ୍ନ ମୋଟା ଚାନ୍ଦା ବୋଲି ଧରି ନେଇଛନ୍ତି ।

ଅଜିତ୍—ହଉ, ତେବେ ଖାତାଟା ଦିଅ । (ରମେଶ ଖାତା ଦେଲେ, ଅଜିତ୍ ଲେଖିସାରି) ମୋର ଟ ୨୫୦ ଙ୍କା ରହିଲା । ନିଜର ସମସ୍ତ ଖର୍ଚ୍ଚ କାଟି, ଇମିତି ମହତ୍ ଅନୁଷ୍ଠାନକୁ ଆଗ ସାହାଯ୍ୟ କରିବା କଥା ! ହଉ, କାଲି ଅଫିସରେ ଟଙ୍କାଟା ନେଇଯିବ । ଘରକୁ ଆସିବା ଦରକାର ନାହିଁ !

ରମେଶ—ମୁଁ ତେବେ ଆସୁଚି ସାର୍ । ନମସ୍କାର ! (ଯାଉ ଯାଉ) ମିସ୍ ବାନାର୍ଜୀ, ମିସ୍ ରାଓ ଯଦି କିଛି-ନା, ଆଜ୍ଞା, କ୍ଷମା କରିବେ । ପୁରୁଷମାନେ ପୁରୁଷମାନଙ୍କୁ, ଆଉ ସ୍ତ୍ରୀମାନେ ସ୍ତ୍ରୀମାନଙ୍କୁ ଟିକେଟ୍ ବିକ୍ରୟ କରିବେ ବୋଲି ନିର୍ଦ୍ଦେଶ ଅଛି ! ତେବେ ଆପଣମାନେ କଲ୍ୟାଣୀଦେବୀଙ୍କଠୁ ଟିକେଟ୍ କିଣିବେ ବୋଲି ମୋର ଆଶା । ନମସ୍କାର ! (ପ୍ରସ୍ଥାନ)

ସୁଜାତା—ସାର୍, ସେ ଆମ ବଡ଼ବାବୁଙ୍କ ପୁଅ ନା ?

ଅଜିତ୍—ହୁଁ !

ସୁଜାତା—ବଡ଼ ଭୟଙ୍କର ଲୋକ ! ଥରେ ଏଇ ଚଉଧୁରୀ ବଜାର ଛକ ଉପରେ ଗୋଟାଏ ଅନ୍ଧୁଣୀ ଗୀତ ବୋଲୁଥାଏ, ଅନେକ ଲୋକ ସେଠି ଛୁଡ଼ା ହୋଇଥାନ୍ତି । ମୁଁ ରାସ୍ତାରେ ଚାଲି ଯାଉଚି, ହଠାତ୍ ଗହଳି ଭିତରୁ ବାହାରି ଆସି ମତେ କହିଲେ ମିସ୍ ବାନାର୍ଜି, ଅନ୍ଧୁଣୀଟିକୁ ତା'ର ଆଜିକାର ଖୋରାକ ପାଇଁ **ଟ**ଙ୍କାଟିଏ ଦବାକୁ ହବ !

ଅଜିତ୍—ତା' ପରେ ?

ସୁଜାତା—ଟଙ୍କାଟିଏ ନ ଦେଇ ଥିଲେ, ଆଉ ରକ୍ଷା ଥିଲା ?

ଅଜିତ୍—ସ୍କାଉଣ୍ଡ୍ରେଲ୍ ଅଫ୍ ଦି ଫାଷ୍ଟ କ୍ୱାଟର ! ହଁ ମିସ୍ ବାନାର୍ଜି, ଶୀଘ୍ର ଡ୍ରାଫ୍ଟଟା କରି ଆଣ ! ସୁବିଧା ହେଲେ ଆଜି ଶିକାରରେ ଯିବା । (ମିସ୍ ବାନାର୍ଜୀ ଆଣ୍ଟାର୍ ରୁମ୍‌କୁ ପଶିଗଲେ, ଅଜିତ୍‌ବାବୁ ଏଣେ ତେଣେ ଚାହିଁ ମିସ୍ ରାଓଙ୍କ ପାଖକୁ ଗଲେ) ।

ଅଜିତ୍—ବଡ଼ ରାଗିଲା ପରି ଦେଖା ଯାଉଚ, ମିସ୍ ରାଓ !

ବିଜୟଲକ୍ଷ୍ମୀ ରାଗିବାର କ'ଣ ଅଛି ସାର୍ । ମତେ ଛୁଟି ଦେଇ ଦିଅନ୍ତୁ !

ଅଜିତ୍—ଛୁଟି ! ହଁ ଅଫିସରୁ ଛୁଟି ନେଇପାର, ହେଲେ ମୋ ପାଖରେ ତୁମର ଛୁଟି ନାହିଁ—ତମ ସାଙ୍ଗରେ ଦେଖା ହେଲା ଦିନୁ......

ବିଜୟଲକ୍ଷ୍ମୀ—ପ୍ରଥମ ଦିନର କଥା ଶେଷ ଦିନକୁ ରହେନା ସାର୍ !

ଅଜିତ୍—ଆଶାବାଦୀ ହୁଅ ରାଓ ! (ହାତ ଧରି ନେଇ ଯାଉଥିଲେ)

ସୁଜାତା—(ପ୍ରବେଶ କରି) ସାର୍ !

ଶଙ୍କର—ଅପେକ୍ଷା କର ! (ମିସ୍ ବାନାର୍ଜୀ ଈର୍ଷା ଜର୍ଜରିତ ହୋଇ ଉପର ମହଲକୁ ଅନେଇ ରହିଲେ । ଏତିକି ବେଳେ ଗୁରୁପଦ ବାବୁ—ହାତରେ ଖଣ୍ଡିଏ ଫାଇଲ୍ )

ଗୁରୁପଦ—ସାହେବ ଅଛନ୍ତି, ଝିଅ ?

ସୁଜାତା—ଅଛନ୍ତି ସାର୍—ମିସ୍ ରାଓଙ୍କୁ ନେଇ ଉପର ଚେମ୍ବରକୁ ଗଲେ ।

ଗୁରୁପଦ—ମୋର ଏକ୍‌ସଟେନ୍‌ସନ୍ ଫାଇଲଟା ହୋଇ ଯାଇଚି ?

ସୁଜାତା—(ଅଫିସ ରୁମ୍‌ରୁ ଫାଇଲ୍ ଆଣି ଦେଲା) ଦେଖନ୍ତୁ ସାର୍ !

ଗୁରୁପଦ—(ପଢ଼ି) ପ୍ଲିଜ୍ ସି ମି । ଝିଅ, ସାହେବ ଭଲ ମୁଡ୍‌ରେ ଥିବାବେଳେ ଏଟିକି ଟିକେ କରେଇ ନେଇ ପାରିବ ?

ସୁଜାତା—ମୁଁ ଚେଷ୍ଟା କରିବି ସାର୍ !

ଗୁରୁପଦ—ଏକ୍‌ସଟେନ୍‌ସନ୍ ନ ମିଳିଲେ, ଛୁଆଗୁଡ଼ାକ ମରିଯିବେ ଝିଅ ! ଖାଇବାକୁ ବି ଗଣ୍ଡାଏ ପାଇବେନି !

ସୁଜାତା—ସାର୍ ! ଆପଣଙ୍କ ଝିଅ ସବିତା ତ ଆଇ.ଏ. ପାଶ୍ କଲା । ସାହେବ ତ ଶୁଣୁଥାନ୍ତି ସେ ଆମ ଅଫିସକୁ ଆସୁ—(ଏତିକି ବେଳେ କଲିଂ ବେଲ୍ ବାଜି ଉଠିଲା । ମିସ୍ ବାନାର୍ଜୀ ଦଉଡ଼ି ଗଲେ ଉପରକୁ । ପଶିଆସିଲା ବୃହସ୍ପତି ।)

ବୃହସ୍ପତି—ନମସ୍କାର ଆଜ୍ଞା ! ଘଣ୍ଟି ବାଜିଲାକି ?

ଗୁରୁପଦ—ହଁ ମିସ୍ ବାନାର୍ଜୀ ଉପରକୁ ଯାଇଛନ୍ତି । ଆରେ ବୃହସ୍ପତି, ସାହେବଙ୍କ ମନ ଭଲ ଅଛି ତ ?

ବୃହସ୍ପତି—"ବେଙ୍ଗ ବୋଲେ ବେଙ୍ଗୁଲି ଲୋ ପୃଥ୍ୱୀ କ୍ଷଣ କ୍ଷଣକେ ଆନ ।" ମୁଁ ଆଉ ଏ ବଙ୍ଗଳା କାମ କରି ପାରିବି ନାହିଁ ଆଜ୍ଞା ! ମତେ ବଦଳି କରି ଦିଅନ୍ତୁ !

ଗୁରୁପଦ—ଆରେ ବୃହସ୍ପତି, କୋଠିରେ ସାହେବ ପାଖରେ ଅଛୁ—ଏ ସୁବିଧା କାମ ଛାଡ଼ି କାହିଁକି କୁଆଡ଼େ ଯିବୁ ?

ବୃହସ୍ପତି—ହେଇଟି ବଡ଼ବାବୁ ! ରବିବାର, ସୋମବାର ଏଠି ସବୁ ସମାନ । ଅଫିସରେ ୧୦ଟାରୁ ୫ଟା ଖଟିଲ—ବେଶ୍ ତା'ପରେ ଛୁଟି ! ଦଶହରା, ଦିଆଲି, ପୁନିଅଁ, ସଂକ୍ରାନ୍ତି ସବୁ ଭୁଲିଗଲିଣି ଏଠି ! (ଏତିକିବେଳେ ସିଡ଼ି ଉପରେ ଦେଖା ଦେଲେ ଅଜିତ୍‌ବାବୁ, ପଛେ ପଛେ ମିସ୍ ରାଓ ।)

ଅଜିତ୍—କାମ—କାମ ମଣିଷକୁ ଉଠେଇ ବସେଇ ଦେଲେ ନାହିଁ ! କିଏ କହିଥିଲା ରବିବାର ଦିନ ଫାଇଲ୍ ନେଇ ଆସିବାକୁ ! ସାନ ସାହେବଙ୍କ ପାଖକୁ ଫାଇଲ୍ ପଠେଇ ଦେଲ ନାହିଁ କାହିଁକି ?

ଗୁରୁପଦ—ସାନ ସାହେବ ଫାଇଲ୍ ଦେଖି, ଜରୁରୀ ଅର୍ଡ଼ର କରିବା ପାଇଁ ଆଦେଶ ଦେଲେ ।

ଅଜିତ୍—ଅଲ୍ ନନ୍‌ସେନ୍‌ସ ! ଆଣ ଫାଇଲ୍ !

ଗୁରୁପଦ—(ଧୀରେ ଧୀରେ ଗୋଟିଏ ପରେ ଗୋଟିଏ ଫାଇଲ୍ ବଢ଼େଇ ଦେଲେ) । ସାର୍ ! ଦି'ଜଣ କିରାଣୀ ରହିବେ—ଏମ୍ପ୍ଲୟମେଣ୍ଟ୍ ଏକ୍‌ସଚେଞ୍ଜ ଅଫିସକୁ—

ଅଜିତ୍—ସାନ ସାହେବ ଏତିକି ବି କରି ପାରିଲେ ନାହିଁ ! ରଖିଦିଅ ସେ ଫାଇଲ୍ । ସାନ ସାହେବଙ୍କୁ କହିବ, ସେ କାଲି ଫାଇଲ୍ ନେଇ ଫାଷ୍ଟ୍ ଆୱାରରେ ଅଫିସରେ ଦେଖା କରିବେ ।

ଗୁରୁପଦ—ଆଜ୍ଞା, ତାରକା ଚିହ୍ନିତ ଆସେମ୍ବ୍ଲି ପ୍ରଶ୍ନ ?

ଅଜିତ୍—(ଫାଇଲ୍ ଦେଖି) ଓ ! ବଙ୍ଗାଳୀ, ତେଲୁଗୁ ଚାକିରି ପାଇବେ ନାହିଁ ବୋଲି ସରକାରୀ ନିର୍ଦ୍ଦେଶନାମା ଥିଲା ? ଓଡ଼ିଆ

ସେମାନେ ଜାଣନ୍ତି ନାହିଁ ବୋଲି କିଏ କହିଲା ? ମିସ୍ ରାଓ ! ଏ ଫାଇଲଟା ରଖ, ମୁଁ ତାର ଜବାବ ଦେବି ! ଆଉ କ'ଣ ଅଛି ?

ଗୁରୁପଦ—ଆଜ୍ଞା, ତାରକା ଚିହ୍ନିତ ପ୍ରଶ୍ନ ! ସେ ଫାଇଲ୍‌ର ଉତ୍ତର ଆଜି ଦବାକୁ ହବ !

ଅଜିତ୍—ତମ ମୁଣ୍ଡ କାହିଁକି ବଥଉଚି ? (ଏତିକି ବେଳେ ମିସ୍ ରାଓ ଗୋଟାଏ ଫାଇଲ୍ ବଢ଼େଇ ଦେଲେ) । ଓ, ଗୁରୁପଦ ବାବୁଙ୍କ ଏକ୍‌ସଟେନ୍‌ସନ୍ ! ମୁଁ ସୁପାରିଶ୍ କରି ପାରିବିନି !

ଗୁରୁପଦ—ସାର୍ ! ମୋ ସଂସାର କଥା ସବୁ ତ ଆପଣଙ୍କୁ ଜଣା !

ଅଜିତ୍ ତମେ କ'ଣ ସେ କଥା ବୁଝୁଚ ? ମତେ ଅନେକ ଥର କଲ୍ୟାଣୀ ତୁମ ପରିବାରର ଦୁର୍ଦ୍ଦଶା କଥା କହିଲାଣି । ଏତେ ବଡ଼ କୁଟୁମ୍ବ, ଜଣେ ରୋଜଗାର କରିବ—ଚଳିବ କେମିତି ? ତମେ ବରଂ ପେନ୍‌ସନ୍ ନେଇ ଗାଁକୁ ଯାଅ—ସେଇଠି ଜମିବାଡ଼ି ଚାଷ କର ।

ଗୁରୁପଦ—ଆଉ ୩।୪ଟା ବର୍ଷ ଏକ୍‌ସଟେନ୍‌ସନ୍ ଦିଅନ୍ତୁ ଆଜ୍ଞା ! ସାନପୁଅଟା ହେଲେ ମାଟ୍ରିକ୍ ପାଶ୍ କରିଯାଉ ।

ଅଜିତ୍—ଝିଅ ତ ଆଇ.ଏ. ପାଶ୍ କଲା, କେଉଁ ଦୁଃଖ ଗଲା ତୁମର ! ଦୁନିଆଁ ଯାକର ବାକି—ଦୋକାନୀ, ଟିଉସନ୍ ମାଷ୍ଟର— କାହାର ତୁମେ ନ ଧାରିଚ କହିଲ ? ସମସ୍ତେ ଆସି ଅଫିସରେ କମ୍ପ୍ଲେନ୍ କଲେଣି !

ଗୁରୁପଦ—(ଗଳା ଥରି ଉଠିଲା) ଆଉ ପାରି ଉଠୁନି ଆଜ୍ଞା !

ଅଜିତ୍—ତମ ପାଇଁ ମୁଁ ବଡ଼ ଚିନ୍ତିତ, ଗୁରୁପଦ ବାବୁ ! ମିସ୍ ରାଓ ଆଉ ମିସ୍ ବାନାର୍ଜୀଙ୍କୁ ଦେଖୁଚ ତ ? ସେମାନଙ୍କ

ପରିବାରରେ ଝିଅମାନେ ଗୋଟାଏ ବଡ଼ ଆସେଟ୍ ! କେତେ ଥର ତୁମକୁ କହିଲିଣି—ସବିତା ଦରଖାସ୍ତ କରୁ, ମୁଁ ତା'ର ବନ୍ଦୋବସ୍ତ କରିଦେବି ! ଗୋଟାଏ ଅଫିସରେ ବାପ ଝିଅ ଉଭୟେ ଚାକିରୀ କରିବ, ଦୁହିଁଙ୍କ ଦରମା ମିଶିଲେ ଦୁଇଶହ ଟଙ୍କାରୁ ବଳି ପଡ଼ିବ—କାହିଁ, ଶୁଣୁଚ !

ଗୁରୁପଦ—ଓଡ଼ିଆ ଘରର ଝିଅ ଆଜ୍ଞା······

ଅଜିତ୍—ତେବେ ପାଠ ପଢ଼େଇଲ କାହିଁକି ? ତୁମ ଅବସ୍ଥା ଯାହା, ଦେଖୁଚି ଝିଅଟି ଘର ସଂସାର ତ କରି ପାରିବ ନାହିଁ, ଚାକିରୀ ବି କରି ପାରିବ ନାହିଁ ! ତମର ଦୃଷ୍ଟିକୋଣ ବଦଳାଅ, ଗୁରୁପଦ ବାବୁ ! ଘରେ କବାଟ କିଳି ପୁରାଣଯୁଗର ସଭ୍ୟତା ବିଚାର କରାଯାଇ ନ ପାରେ । ସାବିତ୍ରୀଙ୍କୁ ଦ୍ୱାରକଣରେ କିମ୍ବା ସୀତାଙ୍କୁ ଅଯୋଧ୍ୟାର ବିରାଟ ରାଜପ୍ରାସାଦରେ ଆବଦ୍ଧ ରଖି, ସେମାନଙ୍କର ମହତ୍ତ୍ୱ ପ୍ରତିପାଦନ କରାଯାଇ ନ ଥିଲା ! ବରଂ ପୁରୁଷ ସାଙ୍ଗରେ ଜୀବନର ପ୍ରତି ପଦେ ପଦେ ସ୍ତ୍ରୀ ସହଗାମୀ ହୋଇ ସମାଜରେ ସମାନ ଆସନ ଗ୍ରହଣ କରିଥିଲା ।

ଗୁରୁପଦ—ସବୁ ବୁଝିପାରୁଚି ଆଜ୍ଞା ; ହେଲେ ତା'ବୋଉ ଚାହେଁ—ଦୁଃଖେ ସୁଖେ ଝିଅଟିକୁ କୋଉଠି ଉଠେଇ ଦବାକୁ !

ଅଜିତ୍—ତମ ଝିଅ ତ ଆଇ. ଏ. ପାଶ୍ କରିଚି । ଅତି କମ୍‌ରେ ଗ୍ରାଜୁଏଟ୍ କୋଇଁ ପାଇଁ ପାଥେୟ କେତେ ଲୋଡ଼ା ଜାଣ ? ଠକାଠକି କରି କୋଉଠି ଗୋଟାଏ ଛନ୍ଦି ଦେଲେ, ଶାଶୁଘରେ ହବ ମତଭେଦ—ଶେଷରେ ଆତ୍ମହତ୍ୟାହିଁ ସାର ହବ !

ଗୁରୁପଦ—(ଚମକି ପଡ଼ି) ସାର୍ !

ଅଜିତ୍—ତମେ ବର୍ତ୍ତମାନ ଯାଅ—ଘରେ ଭାବଚନ୍ତି, ସ୍ତ୍ରୀ ସାଙ୍ଗରେ ପରାମର୍ଶ କରି ଶୀଘ୍ର ଦରଖାସ୍ତ ପଠାଅ ! ମୁଁ ତମର ଏକ୍‌ସଟେନ୍‌ସନ୍ ପାଇଁ ଚେଷ୍ଟା କରିବି ! ବଞ୍ଚିବାକୁ ଯଦି ଚାହଁ, ତେବେ ସମ୍ମାନର ସହିତ ବଞ୍ଚ । ଝିଅ ଚାକରି କଲେ ଆଉ କୌଣସି ଅଭାବ ରହିବ ନାହିଁ !

ବିଜୟଲକ୍ଷ୍ମୀ—ଆପଣ ଯା'ନ୍ତୁ ସାର୍ ! ଆମେ ପୁଣି ଯାଇ ମାଉସୀଙ୍କୁ ସବୁ କଥା ଭଲ ଭାବରେ ବୁଝେଇଦବୁ !

ଅଜିତ୍—ମୁଁ କହୁଚି ବୋଲି ବୁଝେଇଦିଅ, ମିସ୍ ରାଓ ! ମିସ୍ ବାନାର୍ଜି ବି ତୁମ ସାଙ୍ଗରେ ଯିବେ ! ବୁଝିଲ ଗୁରୁପଦ ବାବୁ ! ସମାଜ ଆମେ ଗଢ଼ିଚେ—ସମାଜର ଆଇନ୍, ସମାଜର ପରମ୍ପରା ଆମେ ସୃଷ୍ଟି କରିଚେ ! ପ୍ରଥମେ ଟିକେ ଅଡୁଆ ଲାଗିବ । ହେଲେ, ଇମିତି ଗୋଟା କେତେ ଓଡ଼ିଆ ଝିଅ ଚାକିରିରେ ପଶିଗଲେ ଦେଖିବ, ବର୍ଷ କେଇଟାରେ ଝିଅମାନେ ପୁଅମାନଙ୍କ ସାଙ୍ଗରେ ସମାନ ଭାବରେ ଗତି କରି ଚାଲିଚନ୍ତି ! ହଉ ଆସ ! (ଗୁରୁପଦ ଫାଇଲ୍‌ଗୁଡ଼ିକ ଧରି ନୀରବରେ ନମସ୍କାର କରି ବାହାରିଗଲେ ।)

ଅଜିତ୍—(ହି ଇଜ୍ ଜଷ୍ଟ୍ ଟୁ ଦି ପଏଣ୍ଟ୍ )

ବିଜୟଲକ୍ଷ୍ମୀ—ବଡ଼ବାବୁଙ୍କୁ ଦେଖିଲେ ମୋର କାହିଁକି ଦୟା ହୁଏ, ସାର୍ !

ଅଜିତ୍—ତାଙ୍କର ନିର୍ବୋଧତା ଦେଖିଲେ ମୋର କିନ୍ତୁ ଘୃଣା ହୁଏ ! (ଏତିକିବେଳେ ଦ୍ରୁତଗତିରେ ଆସିଲେ)

ସୁଜାତା—ସର୍ବନାଶ ସାର୍, ମିସ୍ ସାହୁ ଆତ୍ମହତ୍ୟା କରିଚନ୍ତି !

ଅଜିତ୍—ଆତ୍ମହତ୍ୟା ! (ଚମକି ଉଠିଲେ)

ସୁଜାତା—ହଁ ସାର୍, ଫୋନ୍‌ରେ—(ଦ୍ରୁତଗତିରେ ଦୌଡ଼ି ଗଲେ ଅଜିତ୍ ବାବୁ । ପଛେ ପଛେ ମିସ୍ ରାଓ ମିସ୍ ବାନାର୍ଜି ଅନୁଧାବନ କଲେ । )

## ଦ୍ୱିତୀୟ ଦୃଶ୍ୟ

ରେଲଷ୍ଟେସନ୍ ରାସ୍ତା

[ରାସ୍ତାର ଏ ପାଖରୁ ସେ ପାଖ ହଉଚନ୍ତି ହରିହର ମାଷ୍ଟ୍ରେ, ଯେମିତି କାହା ଅପେକ୍ଷାରେ ଅଛନ୍ତି । ଦୂରରୁ ଡ଼ାକଲା ରମେଶ ।]

ରମେଶ — (ଦୂରରୁ) ସାର୍ ! ଏ କଏ, ସାର୍ ଠିଆ ହେଇଚନ୍ତି ନା ?

ହରି—(ରମେଶ ପ୍ରବେଶ କରିବା ଦେଖି) କହୋ, ରମେଶଚନ୍ଦ୍ର ! ତୁମେ କୁଆଡ଼େ ?

ରମେଶ—ଆପଣଙ୍କର ସନ୍ଧାନରେ !

ହରି—କାହିଁକି ? କ'ଣ କିଛି ଖାସ୍ କାମ୍ ଅଛି ?

ରମେଶ - ତା' ନ ଥିଲେ କାହିଁକି ଏତେ କଷ୍ଟ କରି ଦଉଡ଼ ଆସିଥା'ନ୍ତି—କୁଣ୍ଡଖିଆ ଗଳିରୁ 'ରେଲଷ୍ଟେସନ୍ ବସ୍ ଷ୍ଟାଣ୍ଡ୍ ଯାଏ !

ହରି—(ଇତସ୍ତତଃ ହେଇ) ହଁ କ'ଣ କହୁଚ କୁହ । ମୁଁ ଟିକେ ତରତରରେ ଅଛି !

ରମେଶ—ତା’ ତ ଆପଣଙ୍କର କପାଳରେଖାରୁ ଜଣା ପଡ଼ୁଚି ! ଗାଁକୁ ତ ଯିବେ, ଏତେ ବ୍ୟସ୍ତ କାହିଁକି ?

ହରି—ତମେ କେମିତି ଜାଣିଲ ମୁଁ ଗାଁକୁ ଯିବି ବୋଲି ?

ରମେଶ—ସାର୍ ! ଇଂରେଜୀରେ ଗୋଟାଏ କଥା ଅଛି—“ଇଭିଲ୍ ମାଇଣ୍ଡ୍ ଇଜ୍ ଅଲ୍ ଓ୍ୱେଜ୍ ସସ୍ପିସସ୍” ! ଏଇ ଓଡ଼ିଆରେ ଯାହାକୁ କହନ୍ତି—“ଚୋରର ମନ ଚୋରର ଗଣ୍ଠିଲିରେ !” ଆପଣଙ୍କ ଘରକୁ ଯାଇଥିଲି । ମିସେସ୍ ସାର୍ କହିଲେ, ସେ ଜାଣନ୍ତି ନାହିଁ, ଆପଣ କୁଆଡ଼େ ଯାଇଚନ୍ତି !

ହରି—ହଁ ସେ ଜାଣନ୍ତି ନାହିଁ, ମୋ ଯିବା କଥା !

ରମେଶ—ମିଛ କଥା ସାର୍—ମିସେସ୍ ସାର୍ ପୁଣି ଜାଣନ୍ତି ନାହିଁ ଆପଣଙ୍କର ଯିବା ଆସିବା କଥା ! ସେ ହୋମ୍ ଗଭର୍ଣ୍ଣମେଣ୍ଟ୍ ! ଆପଣ ଯେମିତି ପାଠ ପଢ଼େଇଚନ୍ତି—ସେ ସେମିତି ଉତ୍ତର ଦେଇଚନ୍ତି !

ହରି—ନାଇଁ ହୋ, ମୁଁ ତ ଏଇ ସକାଳ ଗାଡ଼ିରେ ଯାଉଚି, ସଞ୍ଜକୁ ଫେରି ଆସିବି ! ନିହାତି ଜରୁରୀ ଯିବାକୁ ପଡ଼ିଲା, ସେଥିପାଇଁ ଘରେ କିଛି କହି ନାହିଁ !

ରମେଶ—ତା’ ନିଶ୍ଚୟ—ଆପଣଙ୍କ ଘର ବାରଣ୍ଡାରେ ଦେଖିଲି, ଦି’ଟା ମୋଟା ସୋଟା ପହିଲମାନ୍—ଖୁବ୍ ବଡ଼ ବଡ଼ ନିଶ, ହାତରେ ଚଡାଏ ଉଁଅର ଠେଙ୍ଗା । ତାଙ୍କର ପାଖରୁ ତ ସନ୍ଧାନ ପାଇଲି ଯେ ଆପଣ ଗାଁକୁ ଯାଉଛନ୍ତି !

ହରି—ତମରିମାନଙ୍କ ଘରେ ଟିଉସନ୍ କରି ସମସ୍ତଙ୍କର ତ ଧାରୁଚି । କିଏ ହୁଏତ ତାଗଦାରେ ଆସିଥିବ !

ରମେଶ—ସାର୍ ! ଡୁ ନାଟ୍ ଗିଭ୍ ଫାଙ୍କି । ଆପଣ ଯାଉଥିବା ପରିସ୍ଥିତି ଲକ୍ଷ୍ୟ କରିବାକୁ । ତେଣୁ ଫେରି ଆସିଲେ ଦଳ ବଳ ନେଇ, ହିଟଲର୍ ଅଗ୍ରନକ ପୋଲାଣ୍ଡ ଆକ୍ରମଣ କଲାପରି ଆପଣ ଚଢ଼ାଉ ଚଳେଇବେ !

ହରି—ତମ କଥା ମୁଁ କିଛି ବୁଝି ପାରୁନାହିଁ, ରମେଶ ବାବୁ !

ରମେଶ—ସରଳ ଗଦ୍ୟ ଛନ୍ଦରେ, ଖାଣ୍ଟି ଓଡ଼ିଆରେ ମୁଁ କହୁଚି । ଆପଣ ବୁଝି ଯଦି ନ ବୁଝି ପାରିବାର ଅଭିନୟ କରନ୍ତି, ତେବେ ମୋର ଦୋଷ କ'ଣ ? ସରକାର ଭାଗଚାଷ ଆଇନ କଲେ—ଯେ ଜମି ଚଷିବ ତା'ର ତିନିଭାଗ, ଜମି ମାଲିକର ଭାଗେ !

ହରି—ସେଥିରେ ତମର କ'ଣ ଗଲା ! ତୁମେ ତ ବାବୁ ଫକାଡ଼ି ରାମ ଗିରିଧାରୀ – ତମର ଏତେ ଗରଜରକୁ ଚାଷ କାହିଁକି ?

ରମେଶ—ନାଇଁ ସାର୍, ଚାଷ ଆପଣମାନଙ୍କ ପରି ଟାଉଟରଙ୍କର ! ବୁଝିଲେ ହରି ମାଷ୍ଟ୍ରେ ! ଆପଣଙ୍କର ଗ୍ରେଟସାର୍ ସାହେବ କଟକରେ ସରକାରୀ ବଙ୍ଗଳାରେ ରହି, ସେ ଚାହାନ୍ତି ତାଙ୍କର ଅନ୍ୟାୟ ଦାବୀଗୁଡ଼ିକୁ ଆପଣମାନଙ୍କ ପରି ଟାଉଟରଙ୍କ ସାହାଯ୍ୟରେ ଭାଗଚାଷୀଙ୍କ ଉପରେ ସାବ୍ୟସ୍ତ କରିନେବେ !

ହରି—ଟିଉସନ୍ ବ୍ୟବସାୟରେ ତ ଚଳିଲାନି ! ସେ ତ ଆମ ଗାଁ ଲୋକ । ତାଙ୍କର ଜଣେ ଗୁମାସ୍ତା ଦରକାର ହେଲା, ମୁଁ ତାଙ୍କ ପାଖରେ ଚାକରୀ କଲି ! ତୁମର ଏତେ ଗାତ୍ରଦାହ କାହିଁକି ?

ରମେଶ—ହୁଁ ଗାଁ ଲୋକ ! ହଳିଆ, ମୂଲିଆ, ପିଏ କି ଅଧେ ଦିନ ଉପାସ ରହି, ଅଧେ ଦିନ ତୋରାଣି ମୁନ୍ଦାକରେ ଜୀବନ ବଞ୍ଚାନ୍ତି, ସେ ଆଉ ଆପଣଙ୍କର ଗାଁ ଲୋକ ନୁହନ୍ତି !

ହରି—ରମେଶବାବୁ !

ରମେଶ—ଅସ୍ଥିକଙ୍କାଳସାର ଆପଣ। ଗାଁଭାଇଙ୍କୁ ଜବତ୍ କରିବା ପାଇଁ ଗୁଣ୍ଡାଙ୍କର ଆଶ୍ରୟ ନ ନେଇ, ବରଂ ଆପଣ ନିଜେ ଯାଆନ୍ତୁ ହରିମାଷ୍ଟ୍ରେ ! ସେଇ ଗାଁ ମଶାଣିରେ ଯେଉଁ କେତୋଟି ଭାଗଚାଷୀ ପରିବାର ଅଛନ୍ତି, ତାଙ୍କ ଘରେ ନିଜ ହାତରେ ନିଆଁ ଲଗେଇଦେଇ ଆସିବେ !

ହରି—ଚୁକଣି କଲାପରେ ମାଲିକର ଯାହା ହୁକୁମ୍ ମାନିବାକୁ ହବ !

ରମେଶ—ମାଲିକ ! ଜମିର ମାଲିକ କିଏ, କହିପାରିବ ମାଷ୍ଟ୍ରେ ? ସିଏ ଜମି ଚାଷ କଲା, ଯାହା କରଣିରେ ମାଟି କଥା କହିଲା, ଫସଲ ହସିଉଠି ପ୍ରକୃତି ଦେହରେ ସବୁଜ ଗାଲିଚା ବିଛେଇ ଦେଲା—ସିଏ; ନା ଯାହାର ଗାଁମାଟି ସାଙ୍ଗରେ ଆଦୌ ପରିଚୟ ନାହିଁ, ଇଲେକ୍‌ଟ୍ରିକ୍ ପଙ୍ଖା, ଟିପାର୍ଟି, ଗାର୍ଡନପାର୍ଟି, ସିନେମା, ଥିଏଟର, ନାଚବନ୍ଧୁମାନଙ୍କର ଗହଣରେ ଅଣନିଶ୍ୱାସୀ ହେଇ ଯାଇଚି, ସିଏ ?

ହରି—ତମେ ଯାଅ ରମେଶବାବୁ ! ମାଲିକର ହୁକୁମ୍—ମୁଁ କିଛି କରି ପାରିବି ନାହିଁ !

ରମେଶ—ତୁମେ କ'ଣ କରିବ, ସେ କଥା ମୁଁ ଭାବୁନି ମାଷ୍ଟ୍ରେ ? ମୁଁ ଭାବୁଚି ସେଇ ଭାଗଚାଷୀମାନଙ୍କ କଥା । ସେମାନେ କ'ଣ କରିବେ ? (ଚମନ୍‌ଲାଲ ପ୍ରବେଶ କଲା)

ଚମନ୍—ସବୁ ଠିକ୍ ହେଇଗଲା ହରିଭାଇ ! ଆରେ ଏତେ ଚଞ୍ଚଳ ବାହାରିବୁ ବୋଲି ତ ମତେ କହି ନଥିଲୁ ! ତୋ ବସାକୁ ଯାଇ ଦେଖେ, ଯୋଡ଼ିଏ କୁମ୍ଭକର୍ଣ୍ଣ ମହା ଆନନ୍ଦରେ ତୋ' ବସା ବାରଣ୍ଡାରେ ଗଡ଼ୁଚନ୍ତି । ହଁ, ତମେ ରମେଶବାବୁ, ସଙ୍କାନ୍ତୁ ସକାନ୍ତୁ କୁଆଡ଼େ ?

ରମେଶ—ତମେ କି ଯୁବାଙ୍କ ସାଙ୍ଗରେ ଅଛ, ଚମନ୍‌ଲାଲ୍ ?

ଚମନ୍—କାହା ସାଙ୍ଗରେ ନାହିଁ । ସେଇ କଥାଟି ପଚାର, ରମେଶ ବାବୁ ! ଚତୁର୍ଥ ଶ୍ରେଣୀ କର୍ମଚାରୀସଂଘର ଅନାହାରୀ ସେକ୍ରେଟେରୀ—ରିକ୍‌ସାବାଲା, ଗାଡ଼ିବାଲା, ମୂଲିଆ, ଚାଷୀ, ଚା' ଦୋକାନର ବୟ୍, ସମସ୍ତେ ମୋ ସଂଘର ଅନ୍ତର୍ଭୁକ୍ତ ! ପୁଞ୍ଜିପତି କେତେଜଣଙ୍କୁ ଛାଡ଼ିଦେଲେ, ଯିଏ ମୋ ସାହାଯ୍ୟ ଚାହିବ, ମୁଁ ଅକୁଣ୍ଠିତଚିତ୍ତରେ ସାହାଯ୍ୟ ଦବାକୁ ପ୍ରସ୍ତୁତ !

ରମେଶ—ତମ ଅଜିତ୍‌ବାବୁ କେଉଁ ଶ୍ରେଣୀର ?

ଚମନ୍—ଅଜିତ୍‌ବାବୁ ପୁଞ୍ଜିପତି ଶ୍ରେଣୀଭୁକ୍ତ ନୁହନ୍ତି ଅବଶ୍ୟ । ହେଲେ ଦଲଦାର୍ ଆଦ୍‌ମୀ !

ରମେଶ—ତାଙ୍କ ଜମିକୁ ଯୋଉମାନେ ଚାଷ କରନ୍ତି ସେମାନେ କି ଆଦ୍‌ମୀ ?

ଚମନ୍—ସର୍ବହରା !

ରମେଶ—ସର୍ବହରାଙ୍କୁ ସାହାଯ୍ୟ ନକରି, ଜଣେ ବଡ଼ଲୋକଙ୍କୁ ସାହାଯ୍ୟ କରୁଚ କେମିତି ?

ଚମନ୍—କରେ ହରିଭାଇ ! ଡ଼ାକି ତ ଆଣିଥିଲୁ, ଜବାବ ଦଉନୁ ? ଦାରୁଭୂତ ମୁରାରି ଭଳିଆ ଠିଆ ହେଇଚୁ କାହିଁକି ? କହ !

ରମେଶ—ତାଙ୍କର ଜବାବ ହଉଚି—ହାକମର ଗୋଲାମୀ କରୁଚନ୍ତି, ହୁକୁମ୍ ତାମିଲ୍ କରିବାକୁ ବାଧ୍ୟ !

ଚମନ୍- ସେଇ କଥା ! ଆଜି ସକାଳୁ ଏବେ ମୁଁ ଏତେ ଧାଁ ଧପଡ଼ କରୁଚି—କ'ଣ ଅଜିତ୍ ବାବୁଙ୍କ ପାଇଁ ?

ରମେଶ—ତେବେ ?

ଚମନ୍—ମୋ ହରିଭାଇ ପାଇଁ । ସେ ମତେ ଭାରି ସ୍ନେହ କରେ । ଟିଉସନ୍ ଛାଡ଼ି, ଯେତେବେଳେ ଗୁମାସ୍ତାଗିରି କଲି, ଭାବିଲି,

ସେ ତ ମୋ ଚତୁର୍ଥଶ୍ରେଣୀଭୁକ୍ତ । ପୁଣି ଗୃହକର୍ତ୍ତା ଏକାବେଳକେ ନୂଆ । ତେଣୁ ତାଙ୍କୁ ସାହାଯ୍ୟ କରିବା ନିତାନ୍ତ ଦରକାର···ସେଇଥିପାଇଁ ବାବୁ·····(ଦୂରରେ ମଟର ହର୍ଣ୍ଣ ଶୁଭିଲା) । ଏ ହରିଭାଇ ! ମଟର ଗୁଡ଼ିଲା, ଚାଲ୍ ଜଲ୍‌ଦି ! (ଆଗରେ ଚମନ୍‌ଲାଲ୍, ପଛରେ ହରିହର ଦ୍ରୁତ-ଗତିରେ ବାହାରିଗଲେ) ।

ରମେଶ—ସାର୍ । ନେଇ ଯାଆନ୍ତୁ, ଆପଣଙ୍କର ଟିଉସନ୍ ଦରମା । କାହିଁକି ଆମେ ଧାରୁଆ ହୋଇ ରହିବୁ !

[ହରିମାଷ୍ଟ୍ରେ ଯିବା ବାଟରେ ଡାକ ଡାକ ପ୍ରସ୍ଥାନ କଲେ]

---

## ତୃତୀୟ ଦୃଶ୍ୟ

ରାଜପଥ

[ଗୋଟାଏ ପାଗଳା ଗୀତ ଗାଇ ଗାଇ ଯାଉଥିଲା]

ହେଇ ରେ···ରେ···ରେ···ରେ···ରେ···ରେ···ରେ ହସ
ହେଇ ରେ···ରେ···ରେ···ରେ···ରେ···ରେ···ରେ ହାସ
ହେଇ ହେଇ ଧୋ ଧୋ ଧୋ ଧୋ

ଭାଗ ଭାଗ ଭାଗ ଭାଗ,
ଭାଗର ଭଗାଣ୍ଟି ଭୁବ୍ଧ ଲାଗ୍ନା ଡଗୁର ରେ
ମାଗଣା ଜଗର ରାଗ ଗର ଗର ହାଇଁସା
ଝୋପି ଝୋପି ଲହୁ ଲୁହ, ନଗାଡ଼ ଆଗୁଆ ପୁଅ
ଶାଗୁଆ କଲା ସେ ମାଟି ପୂରେନା ତା' ବାଇଁସା ।୧।

ରେ···ରେ···ରେ···ରେ···ରେ···ରେ···ରେ
(ଖାଲ) ସାହୁକାର ଧମକାଏ ଦେ ଭାଗ ମୋର
ଠାଉଠର ଚମକାଏ ଦେ ଭାଗ ମୋର
ଜମାଦାର ଦମକାଏ ଦେ ଭାଗ ମୋର

କଲ୍ କଏ ଜମା ଜୁଲୁମ କାହାର
ଆହାର ଉପରେ ଓଲଟା ପାହାର
ଚୁଲ୍ଲିକି ଯାଉ ସେ ମୂଲିଆ ପଣିଆ
ଓଳିଆର ଖାଲି ଦେ ଭାଗ ମୋର
ଭାଗର ନାଗର ହରବରରେ
ତରବର ଦେ ଭାଗ ମୋର
ଓ........................... ।୨।

(ଖାଲି) ଆଇନର କରାମତି ନୁଖୁରାକୁ ଚିପୁଡ଼େ
ଥୁକ ଥାଇ ବାହାନାରେ ତେଲିଆଟେ ଆମ୍ବ ଟୁଡ଼େ
ସାଦା ହ୍ୟାଣ୍ଡନୋଟ୍ ଟିପ ଚିହ୍ନଟରେ ହଟ ଦେଖେ
ଛଟପଟ ହେଲେ ଗ୍ରୁଟ ପିଟି ପିଠି 'ଆପୁଡ଼େ
ରେ...................... ।୩।

ସଉକିଆ ଦୁଲୁକାଏ ଦେ ଭାଗ ମୋର
ଜାଉଖିଆ ଫୁଲୁକାଏ ଦେ ଭାଗ ମୋର
ଚଉକିଆ ସୁଲୁକାଏ ଦେ ଭାଗ ମୋର
ଭାଗର ନାଗର ହରବରରେ
ତରବର ଦେ ଭାଗ ମୋର ।୪।

ବାରପଣି ଗୁରପଣି ଉବ ଉବ ଗୁହି ତା
ଯାହାଙ୍କର କଟକଣା ନୁହେଁ ତାଙ୍କ ପାଇଁ ତା
ମନ୍ଥୁ ଡୁଏ ଦେଲେ ମନ୍ଥି ଅଣଖୁଆ ଦଣ୍ଡ ଧିତ
ଲହୁଣୀ ପାଲଟେ ଲହୁ ନ ଦେଖିଲେ କେହି ତା
ରେ...................... ।୫।

(ଖାଲ) ବଗୁଲିଆ ଫୁସୁଲାଏ ଦେ ଭାଗ ମୋର
　　ଛିଗୁଲିଆ ସାକୁଲାଏ ଦେ ଭାଗ ମୋର
　　ଚୁଗୁଲିଆ ସାଉଁଳାଏ ଦେ ଭାଗ ମୋର
ଭାଗର ନାଗର ହରବରରେ
　　　　ତରବର ଦେ ଭାଗ ମୋର ।୭।

(ହସି ହସି ଚାଲିଗଲା)

---

## ଚତୁର୍ଥ ଦୃଶ୍ୟ

ଗୁରୁପଦବାବୁଙ୍କ ଘର

[ପୂର୍ବପର ସଜ୍ଜିତ, ଖଟ ଉପରେ ଥାଳରେ ଥୁଆହୋଇଛି ଦୁଇଖଣ୍ଡ ରୁଟି, ଆଉ ଗୋଟିଏ ଡାଟିଆରେ ଟିକିଏ ତରକାରୀ । କୁନା ବସିଛି ଥାଳୀ ପାଖରେ, ସବିତା ପଙ୍ଖାଟିଏ ଧରି ଠିଆ ହୋଇଛି]

ସବିତା—ଉଁ ଥାଉ, ଅଇଁଠା କରନା । ବାପା ଆସନ୍ତୁ, ସାଙ୍ଗ ହୋଇ ଖାଇବୁ !

କୁନ—ବାପା ଆସୁ ନାହାନ୍ତି କାହିଁକି ମ, ଅପା ? ବୋଉ ଏଇନେ ଆସିଲେ ମୁଁ ଆଉ ଖାଇ ପାରିବି ନାହିଁ !

ସବିତା—ନାଇଁ ଲୋ, ବୋଉ କିଚ୍ଛି କହିବ ନାହିଁ । ବାପା ପରା ତତେ ତାଙ୍କ ସାଙ୍ଗରେ ବସେଇଛନ୍ତି !

କୁନ– ମତେ ଖୁବ ଭୋକ ହେଲାଣି । ମୁଁ ଆଗରୁ ଟିକେ ଖାଇ ଦଉଛି । ପୁଣି ବାପା ଆସିଲେ ଖାଇବି !

ସବିତା—ନାଇଁ, ନାଇଁ, ସେମିତି କରନ୍ତୁ ନାଇଁ । ବାପା ଘର ଜମାରୁ ଏତିକ ଖାଇ ଅଫିସ ଯିବେ ! ପୁଣି ଫେରୁ ଫେରୁ ରାତି ଆଠଟା । ତୁ ତ ଏଇନେ ବାପାଙ୍କ ସାଙ୍ଗରେ ଖାଇବୁ, ପୁଣି ଭାତ ହେଲେ, ଖାଇ ସ୍କୁଲକୁ ଯିବୁ । ପୁଣି ସ୍କୁଲରୁ ଫେରି ମୁଢ଼ି ଖାଇବୁ ! ଖାଲି ତ ଖାଇବୁ ! (ଏତିକବେଳେ ଆସିଲେ ରମାବୋଉ)

ରମାବୋଉ—ହଇଲେ କୁନ, ମୁଁ ଘର ତଳେ ରୋଷେଇ ଘରେ ବସେଇଥିଲି ପାଠ ପଢ଼ିବାକୁ ? ତୁ ଆସି ଥାଳୀ ପାଖରେ ବସିଗଲୁଣି ? ଦିନଟିଏ ତ ବାପକୁ ଭଲରେ ଦି'ଟା ଖୁଆଇ ଦେଲି ନାଇଁ !

କୁନ—ନାଇଁ ବୋଉ, ମୁଁ ଖାଉ ନାଇଁ, ବିଲେଇକୁ ଜଗିଚି !

ସବିତା—ସେ ଖାଉନି ବୋଉ, ବିଲେଇ ଜଗିଛି ନା !

ରମାବୋଉ—ବାପା କୁଆଡ଼େ ଗଲେ କଲି ସାବ ? ରୁଟି ଦି'ଖଣ୍ଡ ଆସି ଶୁଖିଲା !

ସବିତା—କାବୁଲିବାଲା ଆସି ଡାକଲା ଯେ······

ରମାବୋଉ—ମୁଁ ମନା କରୁଚି ! ଲୋକ ଉପାସରେ ମରି ପଛକେ, କାବୁଲିଠୁ ଧାର କରନି । କିଏ ଶୁଣୁଚି ମୋ କଥା ! ଗାଁରେ ଜମି ଥାଇ ଖାଲି ବାପ ନାଁ ଜଗିବା କଥା । ଗୃହ ଗୁଣ୍ଠୁ ବିକ ଦେଇଥିଲେ ହେଇ ନଥାନ୍ତା ? କାବୁଲିର ଷାଠିଏ ଟଙ୍କା—ମୂଳକୁ ମୂଳ ଥୁଆ ହେଇଚି, ଖାଲି ସୁଧ ନେଇ ସାରିଲାଣି ଷାଠିଏ ଟଙ୍କା ଆଠ ମାସରେ !

ସବିତା—ବୋଉ, ବାପାଙ୍କ ଖାଇବା ବେଳ ! ତୁ ଯେମିତି ପାଟି ଆରମ୍ଭ କଲୁଣି, ଖାଲି ଉପାସରେ ଯିବା କଥା ସାର ହବ !

(ଏତିକବେଳେ କୁନ ବାପା ବାପା ଡାକି ବାହାରିଗଲା)

ରମାବୋଉ—ସବୁ ସେଇ ଅଳିଚଣ୍ଡୀ ! ଝିଅ ଯେତେ ପାଠ ପଢ଼ିଲେ ସେଇ ଚୁଲି ମୁଣ୍ଡକୁ ! କୋଉ ଅବା ରୋଜଗାର କରି କୁଟୁମ୍ବ ପୋଷିବ ? କାବୁଲିଠୁ ଧାର କରି କାହିଁକି ଝିଅକୁ ପାଠ ପଢ଼ା ହଉଥିଲା ? ଏବେ କାବୁଲି ମାଡ଼ ଦଉ ! ବଜାରରେ ବେଇଜ୍ଜତ୍ ହୁଅନ୍ତୁ !

ସବିତା—(ଆଘାତ ପାଇ) ବୋଉ ! ଝିଅ ଜନ୍ମ କ'ଣ ଖାଲି ଚୁଲି ମୁଣ୍ଡକୁ ! ମୋ ପରି ତ ଶହ ଶହ ଝିଅ ପାଠ ପଢ଼ି ରୋଜଗାର କରୁଚନ୍ତି ?

ରମାବୋଉ—ଆଲୋ ରଖ ତୋ ବୁଦ୍ଧି । ଓଡ଼ିଆ ଘରେ ଝିଅ ଜନମ ପାଇ, ଅଣ୍ଡିରାଙ୍କ ସାଙ୍ଗରେ ମିଶି ଚାକିରି କରିବ ! ଆଲୋ ସେତିକ କରିବା ଆଗରୁ କୂଅ, ପୋଖରୀ କ'ଣ ନାହିଁ ! ହଉ, ଡାକ୍ ତୋ' ବାପକୁ ! ଏଇନେ ନାକରେ କାନରେ ରୁଟି ଦି'ଖଣ୍ଡ ଗୁଞ୍ଜି ଦେଇ ଘୋଡ଼ାଙ୍କ ପରି ଦଉଡ଼ିବେ । (ଏତିକବେଳେ ଗୁରୁପଦ ଆସିଲେ, ସବିତା ଆଖିରୁ ଲୁହ ପୋଛୁ ଗଲା) ।

ଗୁରୁପଦ—ରମାବୋଉ, ଝିଅ କାନ୍ଦୁଚି କାହିଁକି ?

ରମାବୋଉ—ଅଲଣା କାନ୍ଦ ସେ ! କାହିଁକି ସେ କାବୁଲିଠୁ ଟଙ୍କା ଧାର ହଉଥିଲା ଶୁଣେ ?

ଗୁରୁପଦ – କ୍ଷୀରି ପୂରି ଖାଇବ ବୋଲି !

ରମାବୋଉ – କଲେ ବୋପା ! ମୋ ଉପରେ ଏମିତି ତମ ତମ କାହିଁକି ?

ଗୁରୁପଦ—(କୁନିକୁ ସାଙ୍ଗରେ ଧରି ଖାଇ ବସିଲେ) ହେଇଟି, ହାତ ଯୋଡୁଚି, ମୋ ସାଙ୍ଗରେ ଲଗାଅ ନାହିଁ !

(ରୁଟି ଖଣ୍ଡେ ପାଟିକି ନଉଚନ୍ତି, ବାହାରୁ ଡାକ ଶୁଭିଲା)

ରଘୁ  ଗୁରୁ ମଉସା ! କ'ଣ ଘରେ ନାହାଁ ? (ରୁଟି ଖଣ୍ଡକ ଥାଳରେ ପକେଇଦେଇ ଉଠିଲେ ।)

ରମାବୋଉ—(ହାତ ଧରି) ହେଇଛି—ରୁଟି ଦି'ଖଣ୍ଡ ଖାଇଦିଅ । ସତିଙ୍କ ଏ ଶୁଖିଲା ରୁଟି ଦି'ଖଣ୍ଡ ମିଳିବ କି ନାଇଁ !

ଗୁରୁପଦ—(ହାତ ଛଡ଼େଇ) ଗୁଡ଼ !

ରମାବୋଉ—ଖାଇ ସାରିଲେ ଦେଖିବ !

ରଘୁ—(ପ୍ରବେଶି) ଆଉ ଦେଖିବ କ'ଣ ହୋ ? ତିନି ତିନି ମାସର ସଉଦା ଟଙ୍କା ବାକି—କାରବାର ତ ଚାଲିଚି, ପାଞ୍ଚ ପଚିଶ ପକେଇଲେ ହୁଅନ୍ତା ନାଇଁ !

ରମାବୋଉ—ମୁଁ ମାହାର୍ଦ୍ଧ ଦେଇ ପୁଅ କରିଚି ରଘୁ ! ଅଧର୍ମ କରିବନି ! ତମ ପଇସା ନ ଦେଇ ଆମେ କ'ଣ ଚଳି ପାରିବୁ ? ଦେଖୁଚ ତ ସବୁଆଡ଼େ ଟାଣଟୁଣ୍ ! ଶହେଟା ଟଙ୍କା ମିଳିଥିଲା—ପୁଅ ହାତରେ ତ ପଚିଶ ଟଙ୍କା ପଠେଇଥିଲି !

ଗୁରୁପଦ—(ନିଃସହାୟ ଭାବରେ ଚାହିଁଲେ ରମାବୋଉକୁ ।)

ରଘୁ—ଟଙ୍କା ! ପଚିଶ ଟଙ୍କା ! କୋଉ ପୁଅ ହାତରେ ପଠେଇଥିଲ ?

ଗୁରୁପଦ—ବାବୁଲି ହାତରେ ନ ପଠେଇ, ତମକୁ କିଏ କହିଥିଲା, ସେ ଚଣ୍ଡାଳ ହାତରେ ପଠେଇବାକୁ ! ତମେ କ'ଣ ମତେ ବଞ୍ଚିବାକୁ ଦବନି ? (ସବିତା ଆସିଚି)

ରମାବୋଉ—ତମେ ଇମିତି କାଇଁକି ହଉଚ ! ତମେ ଖାଅ, ସେ ଆସୁ ବୁଝିବା !

ଗୁରୁପଦ— ହଁ ଖାଇବ ! ନଅଁ ପାଉଁଶ ଖାଇବ— ଖାଇଲା ବେଳେ ଯେତେ ସବୁ ଝାଗଡ଼ା !

ରଘୁ—ତମେ ଆଚ୍ଛା କଥା କହୁଚ ମଉସା— ପହିଲା ଯାଇ ତିନି ତାରିଖ ହେଲା ! ଝାଗଡ଼ା କରିବା କ'ଣ ଆମର ଦୋଷ ? ମାସ ମାସ ଚଳେଇଲୁ । ଦେଲା ବେଳକୁ ବାର ପେଁଚକାମି······ !

ଗୁରୁପଦ—ରଘୁ, ତମେ ଆମର ଅନ୍ନଦାତା—ମିଛ କହୁନାଇ, ଶହେ ଟଙ୍କାରୁ ପଚିଶ ଟଙ୍କା ତମ ପାଇଁ ଅଲଗା ରଖି ଦେଇଥିଲି ! ରମା ଆସୁ ଆଜି······(ରାଗ ଚାପିରଖି)

ରମାବୋଉ—ପୁଅ ଆସୁ ! ବେଳବୁଡ଼ିକୁ ମୁଁ ଟଙ୍କା ପଠେଇ ଦେବି ରଘୁ !

ରଘୁ—ମହାର୍ଦ୍ଦ ଖାତିରରେ ଯାଉଚି ମାଉସୀ, ଆଜି ସଞ୍ଜ ସୁଦ୍ଧା ଯେମିତି ଟଙ୍କା ପାଏ—ନ ହେଲେ କାଲିଠୁ ସଉଦା ବନ୍ଦ ! (ରଘୁ ଚାଲିଗଲା)

ଗୁରୁପଦ—ଟଙ୍କା ଆଉ ଥିବ ବୋଲି ତମେ ଭାବୁଚ, ରମାବୋଉ ! କୋଉଠି, କୋଉ ଭିକାରୀକି, କି ଅନ୍ଧକୁ ଦେଇ ସାରି ଥିବ ! ହଉ ଆସୁ । ଆଜି ଅଫିସ ଯିବା ବନ୍ଦ ! ଆଜି ସ୍ଥିର ଫଏସଲା······ ।

ସବିତା—ବାପା, ରୁଟି ଦି'ଖଣ୍ଡ ଖାଇଦିଅ !

ଗୁରୁପଦ—ଦେ ମା, ଦେ - ଖୁବ୍ ଆନନ୍ଦ ମନରେ ପେଟ ପୂରେଇ ଖାଇଦିଏଁ—କାଲିଠୁ ତ ଦୋକାନୀ ସଉଦା ଦବା ବନ୍ଦ କରିଦବ—ଆଜିକ ହେଲେ ମନବୋଧ କରି ଖାଇ ଦେଇ ଥାଏ ! (ଏତିକିବେଳେ ବଜାର ସଉଦା କରି ବାବୁଲି ଆସିଚି)

ବାବୁଲ—ଏ ବୋଉ ! ଶାଗବାଲର ବାରଣା ପଇସା ଦେଲୁନ !
ସେ ମତେ ବାଟରେ ଗାଳିଦେଲା ! କହିଲା, "ଅଣ୍ଟାରେ ତ
ପଇସା ନ ଥିଲା, ତୋ ବୋପା ଶାଗ ନଉଥିଲା କାହିଁକି ?"

ଗୁରୁପଦ—ଏମାନଙ୍କୁ କିଏ କହୁଥିଲା ଧାର ଦବାକୁ ? କୋଉ
ଭରସାରେ ଗୋଟାଏ ଦରଶ୍ୱେକଲା କରାଣୀକୁ ଏମାନେ
ଧାର ଦଉଚନ୍ତି ? ଚାଲ ବାବୁଲ, ସେ ଶାଗବାଲର କାନ
ଧରି ମୁଁ ପଚାରିବି ! (ଯିବାକୁ ଉଦ୍ୟତ)

ସବିତା—ବାବୁଲ, ବଜାର ସଉଦାରୁ କେତେ ପଇସା ବଳିଲା ?

ବାବୁଲ ପାଞ୍ଚଣା !

ସବିତା—ଶାଗବାଲାକୁ ଦେଇଦେଲୁନି ?

ଗୁରୁପଦ—ପାଞ୍ଚଣା ଦେଲେ କ'ଣ ହବ ମା, ଆହୁରି ସାତଣା
ପଇସା ବାକି ରହି ଯାଉଚି ! ଭଗବାନ, ତମେ କ'ଣ
ସତରେ ଅଛ—ମୁଁ ତ କାହିଁ ବିଶ୍ୱାସ କରି ପାରୁନାହିଁ !
(ଗୁରୁପଦ ଚାଲିଗଲେ ଘରକୁ, ପଛେ ପଛେ ରମାବୋଉ ।)

ସବିତା—(ବାବୁଲ ଆସିଚି) ବାବୁଲ, ମୋ ପୁରୁଣା ବହିତକ
ନେଇ କୋଉ ବହିଦୋକାନରେ ବିକ୍ରୀ କରି ଦେଇ
ପାରିବୁ ?

ବାବୁଲ—ହଁ ଅପା !

ରମେଶ—(ପ୍ରବେଶି) ସବିତା ! ପହିଲା ତାରିଖରୁ ଦଶତାରିଖ
ଭିତରେ କରାଣୀ ଘରେ ଯୋଉ ହଟଚମଟ ଲାଗି
ଲାଗିଥାଏ, ପୁରୁଣା ବହି ବିକ୍ରୀକରି ତାକୁ ରୋକିବାକୁ
ଚେଷ୍ଟା କରୁଚୁ କାହିଁକି ? (ବାବୁଲ ଚାଲିଗଲା ।)

ସବିତା—ଦୋକାନିର ପଚିଶ ଟଙ୍କା କ'ଣ କଲ ?

ରମେଶ—ଟିଉସନ୍ ମାଷ୍ଟରର ବାକି ପାଉଣାଟା ପରିଶୋଧ କରି ଦେଇଚି !

ସବିତା— ଭାଇ । କ'ଣ କଲ ତୁମେ ? ଏଇନେ କ'ଣ କରାଯିବ ?

ରମେଶ—ସେଇଟା ମତେ ନ ପଚାରି ବାପାଙ୍କୁ ପଚାରି !

ସବିତା—ଭାଇ !

ରମେଶ—ହଁ ସବିତା, ଦୋକାନୀଠୁ ଟିଉସନ୍ ମାଷ୍ଟରର ଟଙ୍କାରେ ବେଶି ଦରକାର ! ଦୋକାନୀ ତ କେବଳ ଆମ ଉପରେ ନିର୍ଭର କରି ବ୍ୟବସାୟ 'ଖୋଲି ନାହିଁ ! ହେଲେ, ବିଚରା ମାଷ୍ଟର ଆମରି ପରି ଦୁଇ ତିନି ଜଣଙ୍କ ଉପରେ ନିର୍ଭର କରି କଟକ ସହରରେ ପିଲାଛୁଆ ନେଇ ପଡ଼ି ରହିଚି । ତାକୁ ଯଦି ଠିକ୍ ସମୟରେ ତା' ପାରିଶ୍ରମିକ ନ ଦିଆଯାଏ, ତା' ପିଲାଏ ବଞ୍ଚିବେ କମିତି ?

ସବିତା—ମାଷ୍ଟରଙ୍କର ଦରମା ଆସନ୍ତା ପହିଲିରେ ଦେଇଥିଲେ କ'ଣ ଚଳି ନ ଥାନ୍ତା ? ଏଣେ ଦୋକାନୀ, କାବୁଲିବାଲା ବାପାଙ୍କ ତଣ୍ଟି ଧରୁଛନ୍ତି !

ରମେଶ—ପହିଲା ପହିଲି ହେଇ ଚାରିଟା ପହିଲି ଚାଲିଯାଇଚି, ସବିତା ! ହେଲେ, ମାଷ୍ଟର ତା ପାଉଣା ପାଇ ପାରିନାହିଁ । କାହିଁକି ନା—ସେ କାବୁଲିବାଲା, ଦୋକାନୀ ପରି ତଣ୍ଟି ଧରି ପାରେ, ବେଇଜତି କରି ପାରେନା ।

ସବିତା—(କାନ୍ଦି କାନ୍ଦି) ବାପାଙ୍କୁ ସାହାଯ୍ୟ କର ଭାଇ ! ଏ ବୟସରେ ତାଙ୍କୁ ଟିକେ ଶାନ୍ତିରେ ନିଶ୍ୱାସ ମାରିବାକୁ ଦିଅ !

ରମେଶ—ବାପା ଅସହାୟ ହେଇ ପାରନ୍ତି, ହେଲେ ନିଃସହାୟ ନୁହନ୍ତି ! ଦୁନିଆଁରେ ଏ ନିଃସହାୟ ଶ୍ରେଣୀଟା ଧନିକ ଶ୍ରେଣୀ ପରି ବଞ୍ଚି ରହିବେ ! ହେଲେ, ମଧ୍ୟବିତ୍ତ ଶ୍ରେଣୀଙ୍କର

ବଞ୍ଚିରହିବା ପାଇଁ ଅହରହ ଯୋଉ ସଂଗ୍ରାମ ଚାଲିଚି, ସେଇ ସଂଗ୍ରାମରେ ଏ ଶ୍ରେଣୀଟା ଯଦି ପୃଥିବୀପୃଷ୍ଠରୁ ଏକାବେଳକେ ନିଃଶେଷ ହୋଇ ଯାଆନ୍ତା······ତା' ହେଲେ······

ସବିତା—ଭାଇ, ମୁଁ ଚାକିରି କରିବି ?

ରମେଶ—(ଚମକିପଡ଼ି) ହଁ, ଓକିଲ୍ ହବୁ—ବାରିଷ୍ଟର ହବୁ—ଗଦା ଗଦା ଟଙ୍କା ଆଣି, ଘରର ଅଭାବ ପୂରଣ କରିବୁ !

ସବିତା—କିଛି ନ ହେଲେ, କିରାଣୀଟାଏ ତ ହୋଇ ପାରିବି !

ରମେଶ - ଉଃ, କିରାଣୀ ହବୁ ? ହଁ, ବାପ ତ କିରାଣୀ ହୋଇ ଜୀବନରେ ଯାହା କରିବାର କଲେ—ବାକି ଝିଅ ଏଇନେ କିରାଣୀ ହୋଇ ଦୁନିଆଁ ଟାକୁ ଓଲଟ ପାଲଟ କରିଦେବେଇବ !

ସବିତା—ଭାଇ ! (ଦୁଃଖରେ କାନ୍ଦି)

ରମେଶ—ନା-ନା, ସେମିତି ଡାକିବୁ ନାହିଁ ସବିତା ! ତୋ'ର ଏଇ ଭାଇ ସମ୍ବୋଧନଟା କେମିତି ଗୋଟାଏ ଧକ୍କା ଦିଏ—ଆଉ ସେଇ ଧକ୍କାରେ ମୋ ଛାତି ଭିତରଟା······ନା ମୁଁ ଅଭିନେତା—ମୋର ବଞ୍ଚି ରହିବା କେବଳ କଳା ପାଇଁ ! କିରାଣୀ ପରିବାରର ଦୁର୍ଦ୍ଦିନରେ ମୋର ଯାଏ ଆସେ କେତେ ? ମୋର ଚାର୍‌ମିନାର୍ ସିଗାରେଟ୍, ଆଉ ମୁଁ—ବାସ୍, ସେଇ ଭଲ—ଖୁବ୍ ଭଲ ! (କହୁ କହୁ ବାହାରକୁ ଚାଲିଗଲେ, ଭିତରୁ ଆସିଲେ ଗୁରୁପଦ)

ଗୁରୁପଦ—କାହା ସାଙ୍ଗରେ କଥାଭାଷା କରୁଥିଲୁ ମା ? ରମା ପାଠି ପରି ଶୁଭିଲା !

ସବିତା—ନାହିଁ ତ ବାପା, ଭାଇ ଆସି ନାହାନ୍ତି ! ତମେ କ'ଣ ଅଫିସ ବାହାରିଲ ?

ଗୁରୁପଦ—ହଁ ମା, ଏକ୍ସଟେନ୍‌ସନ୍ ପାଇଁ ଗୁହାରି କରିଚି, ସାହେବ ଯଦି ଖୋଜି ପକେଇବ.....ନା ମୁଁ ଯାଏ ।

ସବିତା—ବାପା, ତମ ଅଫିସରେ ମୁଁ ଚାକିରି କଲେ ହୁଅନ୍ତା ନାହିଁ ? ମିସ୍ ରାଓ, ମିସ୍ ବାନାର୍ଜୀ ଆସି ଅନେକ ଥର କହିଲେଣି ।

ଗୁରୁପଦ—ନାହିଁ ମା—ସେ କଥା ତୁ କହ ନାହିଁ !

ସବିତା—ମନା କର ନାହିଁ ବାପା ! ତମେ ତ ନିଜ ଆଖିରେ ଦେଖୁଚ—ମିସ୍ ବାନାର୍ଜୀ, ମିସ୍ ରାଓ ମୋରି ପରି ଝିଅ ତ !

ଗୁରୁପଦ—ମା, ତୁ ବୁଝି ପାରିବୁ ନାହିଁ, ମୁଁ କାହିଁକି ଆପତ୍ତି କରୁଚି ।

ସବିତା—କୌଣସି ଦିନ ତୁମର ଅବାଧ ହୋଇନି ବାପା ! ହେଲେ, ଆଜି ତୁମର ମନା ମାନିବି ନାହିଁ ! ଏତେ ପଇସା ଖର୍ଚ୍ଚ କରି ମତେ ପାଠ ପଢ଼େଇଥିଲ—କିଛି ହେଲେ ସେବା କରିବାର ସୁଯୋଗ କ'ଣ ମତେ ଦବ ନାହିଁ ? (ଏତିକି ବେଳେ ମିସ୍ ରାଓ, ମିସ୍ ବାନାର୍ଜୀ ଆସି)

ବିଜୟଲକ୍ଷ୍ମୀ—ସବିତା ଦେବୀ !

ସବିତା—କିଏ, ମିସ୍ ବାନାର୍ଜୀ ! ମିସ୍ ରାଓ ! ତୁମ ପ୍ରସ୍ତାବରେ ମୁଁ ରାଜି ! ମୁଁ ତୁମରିମାନଙ୍କ ପରି କିରାଣୀ ହେବି !

ବିଜୟଲକ୍ଷ୍ମୀ—ସୁସମ୍ବାଦ ମିସ୍ ସବିତା—ଏତେ ଦିନକେ ତମେ ଯେ ମତ ପରିବର୍ତ୍ତନ କରିଚ, ଏକଥା ଷ୍ଟେଟରାପ୍ ସାହେବ ଶୁଣିଲେ ଖୁବ୍ ଖୁସି ହେବେ ! ତା'ଛଡ଼ା ତମେ ଚାକିରି କଲେ ବଡ଼ବାବୁ ବି ଘର ଜଂଜାଳରୁ ଟିକିଏ ନିସ୍କୃତି ପାଇବେ !

ଗୁରୁପଦ—ହଁ ମିସ୍ ରାଓ, ତମେ ଠିକ୍ କହୁଚ—ସାହେବ ବି ସେଦିନ ଠିକ୍ ଏଇଆ କହୁଥିଲେ ! ହେଲେ ଲୋକେ କ'ଣ କହିବେ ?

ସୁଜାତା—ଇଂଲଣ୍ଡ ଆମେରିକାର ଝିଅମାନଙ୍କ ପରି ଆମେ ବି ଲୋକଙ୍କୁ ଦେଖେଇ ଦବାକୁ ଚାହୁଁ ଯେ, ଆମେ ସମାଜର ଗଲଗ୍ରହ ନୋହୁଁ । ପୁରୁଷମାନଙ୍କ ପରି ପ୍ରତି କ୍ଷେତ୍ରରେ ଆମର ସମାନ ଅଧିକାର ଅଛି !

ବିଜୟଲକ୍ଷ୍ମୀ—ଆସ, ମିସ୍ ସବିତା ! (ସବିତାକୁ ଟାଣି ନେଇଗଲେ)

ଗୁରୁପଦ—ରମାବୋଉ ! ରମାବୋଉ ! (ରମାବୋଉ ଆସିଲେ) ଦେଖୁଚ, ଦେଖୁଚ ରମାବୋଉ ! ଘର କଣରେ ବଢ଼ିଲା ଝିଅଟାକୁ କେମିତି ମୋର ଆଖି ଆଗରେ ଟାଣି ନେଇଗଲେ ବର୍ ରାସ୍ତା ଉପରକୁ—

ରମାବୋଉ—ସାବିକୁ କିଏ ନେଇଗଲା ? କ'ଣ ହେଇଚି ?

ଗୁରୁପଦ—ତମେ କିଛି ଶୁଣିନ ? ତମକୁ ସେ କିଛି କହିନ ? ମୋ ମତାମତ ବି ନେଲାନି ରମାବୋଉ ! ଘର ଦୁଆରବନ୍ଧ ଡେଇଁ ଚାଲିଗଲା ରାସ୍ତା ଉପରକୁ—ବୁଢ଼ା ବାପର ଛାତି ଉପରୁ ଋଣର ବୋଝ ଧୁଆଇଦବ ବୋଲି ! (ରମାବୋଉ ପ୍ରତି) କୁହି ପାରୁନ କିଛି ? ଝିଅ ମୋର କିରାଣୀ ହବ !

ରମାବୋଉ—ହେ—ତମ ଗୋଡ଼ ଧରୁଚି ! ତମେ ଝିଅକୁ ଫେରେଇ ଆଣ ! ବାଟଘାଟରେ ଲୋକେ ଟଳେଇ ଦେବେନି ! ଲୋକଙ୍କ କଥା ମୁଁ ଶୁଣି ପାରିବିନି !

ଗୁରୁପଦ—କୁହନ୍ତୁ—କିଏ ମୋର କ'ଣ କରିବ ! ମୁଁ ବଡ଼ବାବୁ ! ଦରମା ମୋର ୧୨୦ ଟଙ୍କା ! ବଡ଼ବାବୁର ଝିଅ ଚାକିରି

କଲି ତ କ'ଣ ହେଲି ! ବଡ଼ବାବୁର ମାନ ସମ୍ମାନ ଅଛି— ହ'ହଟା କରାଣୀର ଦରମା କ'ଣ ବଡ଼ବାବୁର ମାନ ସମ୍ମାନ ରଖିବନି ? ସବୁଦିନେ କ'ଣ ଟିଉସନ୍ ମାଷ୍ଟର, ଗୃହିଳ ଦୋକାନୀ ଇମିତି ଅପମାନ ଦଉଥିବେ ? ସବୁଦିନେ କ'ଣ ମୋ ଛୁଆଏ ଏମିତି ଉପାସ ରହୁଥିବେ ରମାବୋଉ ? ମୁଁ ଏତେ କଥା କହି ଯାଉଚି···ତମେ ପଦେ ହେଲେ କିଛି କୁହ ।

(କାନ୍ଦି ପକେଇଲେ ନିଜେ)

( ରମାବୋଉ ମଧ କାନ୍ଦିଲେ )

— — —

## ପଞ୍ଚମ ଦୃଶ୍ୟ

ଅଜିତଙ୍କ ଅଳନ୍ଦ

[ଅଜିତ୍ ସ୍ତ୍ରେଠବ୍ରାପୁଙ୍କ ଅଳନ୍ଦ । କଥାବାର୍ତ୍ତା ହେଇ ଆସିଲେ ହରିହର ଓ ଚମନ୍‌ଲାଲ୍]

ହରିହର—ଯାଇଥିଲ ଭାଗଚାଷୀଙ୍କୁ ଜମିରୁ ବେଦଖଲ କରିବାକୁ, ଏଇନେ ନିଜେ ଗୃହକକ୍ଷରୁ ବେଦଖଲ ହବାକୁ ବସିଲଣି ! କି ବେକୁବ କାମ ମଣିଷ କଲା !

ଚମନ୍—ଆରେ ହରିଭାଇ, "ଆଶା ବୈତରଣୀ ନଈ !" ଏମିତି ପଛଘୁଞ୍ଚା ଦେଲେ ଚଳିବ ? "ପଛଘୁଞ୍ଚା ନାହିଁ ଯାହାର ଜାତକେ, ନ ମରେ ସେ କେବେ ପରାଣ ଆତଙ୍କେ !" ଏ କଥା ଆମ ଗୁରୁଦେବ ଗୋପବନ୍ଧୁ ପରା କହିଚନ୍ତି !

ହରି—କାହିଁକି ସେ ମନବହଲା କଥାଗୁଡ଼ାକ ଶୁଣୋଉଚୁ କହିଲୁ ! ତୋ'ର କ'ଣ ଅଛି ! ଅନାହାରୀ ସେନ୍‌ଚେରୀ—କେତେ ଫନ୍ଦି ଫିକର କରି ତୁ ଚଳୁଚୁ—ହେଲେ ମୋ କଥା ? ଟିଉସନ୍‌ଯାକ ଛୁଡ଼ିଲା ! ସ୍ତ୍ରେଠବ୍ରାପୁ ସାହେବଙ୍କୁ ଆଶ୍ରା କଲି

ଯେ—ନିଜ ଆଖିରେ ତ ଦେଖିଲୁ ଅବସ୍ଥା ! ସାହେବ ଖାଲି ରକ୍ତ ଗୁଳିଲ ଦେଉଚି !

ଶମନ୍—ହଇରେ ହରିଭାଇ ! ଟିକେ ଭଲକରି ମନେ ପକେଇଲୁ । ପୋଲିସ ସାହେବର ଚିଠିଟା ତୁ ପକେଟରେ ରଖିଥିଲୁଟି !

ହରି—ତୁ କ'ଣ ମତେ ଗୋଲଖୋର ବୋଲି ପାଇଛୁ । ଗାଁକୁ ଗଲା ଦିନ ସକାଳେ ପରା ଷ୍ଟେଟସ୍‌ମ୍ୟାନ୍ ସାହେବ ପାଖରୁ ଚିଠି ନେଇ ଗଲି !

ଶମନ୍—ଘରେ ଖୋଲିଥିଲୁ ? କାଳେ ଭାଉଜ କୋଉଠି ରଖି ଦେଇଥିବ !

ହରି—କେଡ଼େ ବେହିଆ ଲୋକଟାରେ ତୁ ! କହିଲି ପରା, ସାହେବ ପାଖରୁ ସିଧା ଇଆଡ଼େ ଇଆଡ଼େ ଗାଁକୁ ଗଲି !

ଶମନ୍—ଭଲ କରି ମନ ପକେଇଲୁ ମଟର ଭିତରେ ତୋ ପାଖରେ କିଏ ବସିଥିଲା ?

ହରି—ଡାହାଣ ପାଖରେ ତୁ, ବାଆଁ ପାଖରେ ବୁଢ଼ାଟିଏ !

ଶମନ୍—ଚିଠିଟା କୋଉ ପକେଟରେ ଥିଲା ?

ହରି—ଡାହାଣ ପକେଟରେ !

ଶମନ୍—କିଏ ପକେଟମାର୍ କରିଚି !

ହରି—ମୋର ତ ମନେ ହୁଏ ସେଇଆ ! ଡାହାଣ ପାଖରେ ଯିଏ ବସିଥିଲା, ମୋର ସନ୍ଦେହ ତା'ର ଉପରେ ।

ଶମନ୍—ତା' ମାନେ—ଚିଠିଟା ମୁଁ ନେଇଚି !

ହରି—ତୁ ଜାଣିଥିବୁ !

ଶମନ୍—ହଇରେ ହରିଭାଇ, ଶେଷରେ ଏଇ ବଦନାମ ଦବୁ ବୋଲି ସହକାରୀ ଭାବରେ ଆପଏଣ୍ଟମେଣ୍ଟ୍ ଦେଇଥିଲୁ !

ହରି—ମୋ ଗୃହକର୍ତ୍ତା ଉପରେ ଯେତେବେଳେ ପଡ଼ିଲାଣି, ମୋର ସନ୍ଦେହ ସମସ୍ତଙ୍କୁ ! ଛି, ଛି, ମଣିଷ କ ବେଇଜ୍ଜତ୍ ହେଲା ! ଥାନା ଅଫିସର ସାଙ୍ଗରେ ସବୁ କଥାଭାଷା ହେଇସାର, ପକେଟରେ ହାତ ପୂରେଇଲା ବେଳକୁ ଫାଙ୍କ୍......

ଚମନ୍—ମନେ ପଡ଼ିଲା, ହରିଭାଇ—ହଁ ଠିକ୍ ମନେ ପଡ଼ିଲା !

ହରି—ଛେନା ଗୁଡ଼ିଆ ମନେ ପଡ଼ିଲା ! ମୁଁ ଏବେ କରିବି କ'ଣ ?

ଚମନ୍—ଗଲା ଦିନ ମଠରେ ଷ୍ଟାଣ୍ଡ୍ କଥା ମନେ ପକେଇଲୁ ?

ହରି—କ'ଣ ?

ଚମନ୍—ରମେଶବାବୁ ତୋ' ପକେଟ୍‌ରେ ୫୦ ଟଙ୍କା ପୂରେଇ ଦେଲା ନା ! ସେତିକିବେଳେ ସୂକ୍ଷ୍ମ କରି ଚିଠିଟି ମାରି ନେଇଚି !

ହରି—ସେ ତ ମୋ ଭିତି ପକେଟ୍‌ରେ ୫୦ ଟଙ୍କା ରଖିଲା, ତଳ ପକେଟ୍‌ରୁ ଚିଠି ନେଲା କମିତି ?

ଚମନ୍—ହା ! ତୁ ଗଣ୍ଡମୂର୍ଖ ! ବରୁଣେଇ ପାହାଡ଼ ! ସେ ଦିନ ଥିଏଟରରେ ଦେଖିଲୁ ନାହିଁ—କେମିତି ପକେଟ୍‌ମାରୁ ପାର୍ଟ କରୁଥିଲା ? ଠିକ୍ ସେଇ ହାତ୍ ଦେଖେଇଚି !

ହରି—ହେଇଥିବ, ହଁ ସେଇଆ ହେଇଥିବ !

ଚମନ୍—ହେଇଥିବ ନୁହଁ, ହେଇଚି !

ହରି—ଚମନ୍ ଭାଇ, ରମେଶଟାର ମୁହଁ ଉପରୋଧ ନାହିଁ ! ସିଧା ସେ ଚିଠି ଖଣ୍ଡ ନେଇ ମନ୍ତ୍ରୀଙ୍କ ପାଖରେ ପହଞ୍ଚିବ ! କ'ଣ କରିବା ?

ଚମନ୍—ସେ ବାଟ ମୁଁ କରୁଚି—ତୁ କିଚ୍ଛି ଭାବନା ! ହେଲେ ଆଜିକା ଗୁଜୁରାଣ କେମିତି ଚଳିବ, ସେ ଉପାୟଟି କହ !

ହରି—ସାହେବ ପାଖରେ ମାଗିବାକୁ ଆଉ କ'ଣ ମୁହଁ ଅଛି ? କ'ଣ କହିଲା ଶୁଣିଲୁ ତ ! "ମୁଁ କିଛି ଶୁଣିବ ନାହିଁ, ଶଠିଟା ଯେମିତି ହେଲେ ମତେ ଆଣିଦିଅ । ନ ହେଲେ ଗୋଟି ଗୋଟି କରି ଜେଲ୍‌ରେ ଠୁଙ୍କିବ !"

ଚମନ୍—ଆରେ ଆଇନ୍ କାନୁନ୍ ମତେ ବି କିଛି କିଛି ଜଣା ଅଛି ! ଜେଲ୍ ଦେଇଦେବି କହିଲେ, ଜେଲ୍ ଦିଆ ହୁଏନା ! ଟଙ୍କା କଥା ଆଗ କହ !

ହରି—ଆଉ ଟଙ୍କା ଦବ କିଏ ?

ଚମନ୍—ସାହେବ ଭଉଣୀ ତ କୋଠିରେ ଅଛି—ତାଠୁଁ ଯଦି କିଛି······

ହରି—ଏତେ ସହଜ ନୁହେଁ······!

ଚମନ୍—ବଡ଼ ନୈରାଶ୍ୟବାଦୀ ତୁ । ରହ ସେ ବାଟ ମୁଁ କରୁଚି··· (ନେପଥ୍ୟକୁ ଚାହିଁ) ଏ କିଏ ? କକା ନା ? ଆରେ ଏ ବୃହସ୍ପତି କକା, ଟିକେ ଶୁଣ୍ !

ବୃହସ୍ପତି—(ପ୍ରବେଶ କରି) କ'ଣ ?

ଚମନ୍—କ'ଣ ତରବରରେ ଅଛ ?

ବୃହସ୍ପତି—ମ—ଦେଖୁଚୁ ଚନ୍ଦନ, ପୋଛୁଚୁ କାଠ !

ଚମନ୍—ଏମିତି କଥାଟା ଆମ୍ବିଳା ଆମ୍ବିଳା କରି କହୁଚ କାହିଁକି ? ହଇରେ କକା, ଦେଖାହେଲେ ଯୋଉ ଲକ୍ଷେ ଟଙ୍କାର ହସଟା ହସିଦଉ, ସେ ହସ କାହିଁ ? କ'ଣ ହେଇଚି ତୋ'ର ?

ବୃହସ୍ପତି—ହବ ଆଉ କ'ଣ ? "କରମ ମୋର ନିଜ ଗୁରୁ, ଉଦ୍ଧବ କେତେ ହୋ ପଗୁରୁ !"

ଚମନ୍—ଶୁଣୁଚୁ, ଶୁଣୁଚୁ ହରିଭାଇ ? କକାର ମୋର ଭାଗବତ, ପୁରାଣ ସବୁଥିରେ ପାଶ୍ ! ଖାଲି ବଙ୍ଗଳାଟାରେ ଯାହା ବାନ୍ଧ ହୋଇ ପଡ଼ିଚି ! ନ ହେଲେ·········

ବୃହସ୍ପତି—କ'ଣ କହିବୁ ଜଲ୍‌ଦି କହ !······ ହେଲେ ସାହେବ ଏଇନେ ପାଟି କରିବ !

ହରି—ସାହେବ କ'ଣ ବୈଠକଖାନାରେ ?

ବୃହସ୍ପତି—ନା—ଉପରେ !

ହରି—କ'ଣ କରୁଚି ?

ବୃହସ୍ପତି—ବୋତଲ ପରେ ବୋତଲ ଖାଲି କରୁଚି···ଆଉ ମନକୁ ମନ କ'ଣ ବକୁଚି !

ଚମନ୍—କ'ଣ ସବୁ ବକୁଚି !

ବୃହସ୍ପତି—ତମ ଦୁହିଁଙ୍କି ଗାଳି ଦଉଚି ! ତମେ ତା'ର କ'ଣ ଗୋଟାଏ ହଜେଇ ଦେଇଚ ! ସେଇଆ ତ ଝନେଇ ଝନେଇ କହୁଥିଲା !

ହରି—ଚମନ୍‌ଭାଇ, ଚାଲ ପଳେଇବା !

ଚମନ୍—ସାହେବଙ୍କ ଭଉଣୀ ? ସେ କ'ଣ ଉପରେ ?

ବୃହସ୍ପତି—ସାହେବ ଉପରେ ଥିଲା ବେଳେ, କେହି ଯାଆନ୍ତିନି !

ଚମନ୍—କେମିତି ଟିକେ ଦେଖା ହୁଅନ୍ତା ! କ'ଣ କହୁଚୁ ?

ବୃହସ୍ପତି—ଏଇଠି ଥାଅ—ଦେଖ ଏଇନେ ବାହାରକୁ ଯିବେ, ଦେଖା ହେଇଯିବ !

ବାଣୀ—(ପ୍ରବେଶି) ବୃହସ୍ପତି ! ଭାଇ ଡାକୁଚନ୍ତି ! ଯା—ଚାଲି ଖାଇଚୁ ଯେ ! ଉପରେ ସବୁ କାଚ ଗ୍ଲାସ୍ ଭାଙ୍ଗି ସାରିଲେଣି !

ବୃହସ୍ପତି—କ'ଣ କହୁଛ ଦେଈ ! ସବୁ ଗିଲସ ଭାଙ୍ଗି ଯାଇଲେଣି ! ସାହେବ ଟା'ହେଲେ ଆଜ ଆଉ ଏ ଦୁନିଆଁରେ ନାହିଁ ! (ଦୌଡ଼ି ଦୌଡ଼ି ଚାଲିଗଲା । ପଛରେ ବାଣୀ ଯାଉଥିଲା)

ଚମନ୍—ସାନ ମେମ୍‌ସାହେବ, କ'ଣ ବୁଲି ବାହାରିଚ ?

ବାଣୀ—ମୁଁ ସାନ ମେମ୍‌ସାହେବ ନୁହେଁ—ମୁଁ ସାନ ଦେଈ ! ବୃହସ୍ପତି ମତେ ସେଇଆ ଡାକେ ! ତମେ ବି ମତେ ସେଇଆ ଡ଼ାକ !

ଚମନ୍—(ହସି) ହଉ—ସେଇଆ ହେଲା ! ସାନଦେଈ, କୁଆଡ଼େ ବାହାରିଚ ?

ବାଣୀ—ଅପା ସାଙ୍ଗରେ କଳାକେନ୍ଦ୍ରକୁ ! ଆମର ଥିଏଟରର ହବ ! ଖାଲି ପିଲାମାନେ ପାର୍ଟ କରିବେ ! ତମେ ଦି'ଜଣ ମୋଠୁଁ ଦି'ଟା ଟିକେଟ୍ ନିଅ ! ବେଶି ନାହିଁ ଚାରିଟଙ୍କା ଦେବାକୁ ପଡ଼ିବ ! ରୁହ, ମୁଁ ଟିକେଟ୍ ବହି ଆଣେ ! (ଯିବାକୁ ଉଦ୍ୟତ ହବା ସମୟରେ ଆସିଚି କଲ୍ୟାଣୀ)

କଲ୍ୟାଣୀ—ଟିକେଟ୍ କାଲି ବିକ୍ରୀ କରିବୁ ! ଏଇନେ ଚାଲ୍, ରିହାରସାଲ୍ ସମୟ ହେଇଗଲାଣି ! ରମେଶବାବୁ ବିରକ୍ତ ହେବେ । (ହରି ଓ ଚମନ୍ ପ୍ରତି) ତୁମେମାନେ ଏତେବେଳେ ଯାଏ ଯାଇ ନାହଁ ? ଭାଇ ପରା ବିରକ୍ତ ହେଇ ଯିବାକୁ କହିଲେ !

ଚମନ୍—ଯିବାକୁ କହିଲେ କ'ଣ ଯିବା ହୁଏ, ଦେଈ ? ଆଜିକା ରେସନ୍‌ଟା ପାଇନାହୁଁ ଯେ !

କଲ୍ୟାଣୀ—ମାନେ ?

ଚମନ୍—ସାହେବଙ୍କ ମୁଡ୍ ତ ଦେଖୁଚ ଦେଈ ! ହରିଭାଇ ଆଉ ମୁଁ ଏଇନେ ଫେରିଲୁ ଗାଁରୁ ! ପକେଟ୍ ବିଲ୍‌କୁଲ୍ ଖାଲି ! ପିଲାଏ ଖାଇବେ କ'ଣ ?

କଲ୍ୟାଣୀ – ଭାଇ ତା ମତେ ଟଙ୍କା ଦବାକୁ କହି ନାହାନ୍ତି ! ତମେ ବର୍ତ୍ତମାନ ଯାଅ—କାଲି ସକାଳେ ଆସି ଭାଇଙ୍କୁ ଦେଖା କରିବ !

ଚମନ୍—କିଛି ଆଡ୍‌ଭାନ୍‌ସ ନ ଦେଲେ ଚଳିବ ନାହିଁ ଦେଈ ! ତା'ଛଡ଼ା ଆମେ ତ ସାହେବଙ୍କଠୁ ପାଇବାକୁ ହକ୍‌ଦାର୍ ହଉଚୁ ! ବହୁ ବାଧାବିଘ୍ନର ସମ୍ମୁଖୀନ ହେଇ ତିନଶ ଏକରରୁ ୪୦ ଏକର ଦଖଲ କରିଯାଇଚୁ ! କାଲି ସକାଳୁ ପୁଣି ବାହାରିଯିବୁ ସ୍ପଟ୍ ଉପରକୁ !

କଲ୍ୟାଣୀ – ବେଶ୍, କୋଡ଼ିଏ ଟଙ୍କାର ରସିଦ ଲେଖ—ମୁଁ ଟଙ୍କା ପଠେଇ ଦଉଚି ! (ଭିତରକୁ ଚାଲିଗଲା)

ବାଣୀ - ଏଥର ତା'ହେଲେ ମୋ କଥାଟାକୁ ବୁଝିଦିଅ—କ'ଣ ଟିକେଟ୍ ନବନା ?

ଚମନ୍ – ସାନ ଦେଈ, ଟଙ୍କାଟା ଆଗ ପକେଟକୁ ଆସୁ ! ତା'ପରେ ଟିକେଟ୍ ଦବା ନବା ବ୍ୟବସାୟ ହବ ! ଯାଅ—ଟିକେ ବଡ଼ ଦେଈଙ୍କୁ କୁହ, ଡେରି ଯେମିତି ନ ହୁଏ !

ବାଣୀ—ହଉ ! (ବାଣୀ ଭିତରକୁ ଚାଲିଗଲା)

ହରି—ଚମନ୍ ଭାଇ ! ଦେଖୁଚ ଜେଲ୍ ଫାଟକ ଆମ ପାଇଁ ଖୋଲିଗଲା !

ଚମନ୍—ରହ ମ,କାହିଁକି ସେମିତି ଗୋଟାଏ ହଉଚୁ ? ସରସ୍ୱତୀଙ୍କଠି ଁ ଫୁଲହାର ଚଢ଼େଇଚି, ଦେଖାଯାଉ ଭାଗ୍ୟକୁ କ'ଣ ମିଳୁଚି !

ହରି – ସାହେବ ଏକଥା ଜାଣିଲେ ?

ଚମନ୍—ଆରେ କାଲି ସକାଳେ କ'ଣ ସାହେବ ଏ ମିଜାସ୍‌ରେ ଥିବେ ? ରହ, ଜକା ଆସିଲାଣି !

ବୃହସ୍ପତି—(ପ୍ରବେଶି) ଟଙ୍କା କିଏ ନବ ?

ଚମନ କକେଇ, ଏକା କଥା ! ମୁଁ ନେଲେ ଯାହା—ହରିଭାଇ ନେଲେ ସେଇଆ । ସବୁ ଏଇ ପକେଟ୍‌ରେ ରହିବ ।

ବୃହସ୍ପତି—ହଉ, ରସିଦ୍ ଲେଖ !

ଚମନ୍—(ଚମକି) ରସିଦ୍

ବୃହସ୍ପତି—ହଁ, ଦେଇ କହିଚନ୍ତି ! ରସିଦ୍ ନେବ, ଟଙ୍କା ଦେବ ! ନ ହେଲେ ଟଙ୍କା ଦେଇ ଟ୍ରେଜେରୀକୁ ଫେରିଯିବ !

ଚମନ୍—ଟଙ୍କା ଆଉ ଟ୍ରେଜେରୀକୁ ଫେରିଯିବାକୁ ଦବୁନାଇଁ ରେ କକେଇ ! ହରିଭାଇ ଲେଖ୍ ରସିଦ !

ହରି—କରେ ମୁଁ କାହିଁକି ଲେଖିବି ? ତୁ ଲେଖି ଦଉନୁ ।

ଚମନ୍—ଡେରି ହଉଚି ହରିଭାଇ ଲେଖ୍ ରସିଦ୍ !

ବୃହସ୍ପତି—ହରିଭାଇ ଲେଖୁ କି ଗୋବିନ୍ଦ ଭାଇ ଲେଖୁ—ମୋର ଦରକାର ରସିଦ୍ !

ଚମନ—(ପକେଟ୍‌ରୁ କାଗଜ କଲମ କାଢ଼ି) ଲେଖ୍—ଲିଖିତଂ ରସିଦ ହରିହର ଦାସ୍ ! —ବୁଡ଼ାଓଁସ୍ତ ! ସା—ବୁଡ଼ା......

ହରି—ନାଇଁ ଚମନ୍ ଭାଇ, ରସିଦ ମୁଁ ଲେଖିବି ନାହିଁ ।

ଚମନ୍—ଆଚ୍ଛା ତୋ' ଆସିଷ୍ଟାଣ୍ଟ୍ ମୁଁ, ନା ମୋ ଆସିଷ୍ଟାଣ୍ଟ୍ ତୁ— ? ଲେଖ୍...! (ହରିହର ରସିଦ ଲେଖି ଚାଲିଲା) ହଁ, ବେଶ୍ ତ ଲେଖି ଚାଲୁଣି—ଦେ ଲେଖିଯା ! ଆଜଦିନ ମୋର, ଆଉ ମୋ ସହକାରୀରଭଣ୍ଡ ବାବଦକୁ........

ହରି—(ଲେଖି ପଢ଼ିଲା) ମୋ ସହାୟକାରୀ ଶ୍ରୀଚମନଲାଲ...

ଚମନ୍—ଆରେ ଆରେ ସାରିଦେଲୁ—କାଟ୍ କାଟ୍ ! ସହକାରୀ ଲେଖିଦେଲେ ହେଲା ! ଲେଖ୍—କଲ୍ୟାଣୀ ଦେବୀଙ୍କଠାରୁ

୨୦ ଟଙ୍କା—ବନ୍ଧନୀ ଭିତରେ ଅକ୍ଷରରେ କୋଡ଼ିଏ ଟଙ୍କା ମାନ ବୁଝିନେଲୁ ! ଏଥିପାଇଁ ରସିଦ୍ ଲେଖି ଦେଲୁକ ଦର୍କାର ବେଳେ କର୍ମରେ ଆସିବ - ବାସ୍ ! ମାର୍ ଦସ୍ତଖତ୍ ! (କାଗଜ ନେଇ ବୃହସ୍ପତି ଦେଲା, ବୃହସ୍ପତି ଟଙ୍କା ଦେଲା- ବେଳେ ମଝିରୁ ଚମନ୍ ନେଲା)

ବୃହସ୍ପତି   ରସିଦ ଲେଖିଲେ ମାଷ୍ଟ୍ରେ—ତୁ କାହିଁକି ଟଙ୍କା ନେଲୁ ?

ଚମନ୍—ଆରେ ଆମ ଦୁହିଙ୍କର ଏକ ଆତ୍ମା, ଏକ ଗାଡ଼ି, ଏକ୍ ଟିକେଟ୍ ! ଯା କକା, ଦେଈଙ୍କୁ ରସିଦ୍ ଦେଇଦବୁ !

ବୃହସ୍ପତି - ହଉ, ଟିକଏ ଠିଆ ହେଇଥାଅ—ମୁଁ ଦେଈଙ୍କୁ ରସିଦ୍‌ଟା ଦେଖେଇଆଣେ ! (ବୃହସ୍ପତି ଭିତରକୁ ଗଲା)

ହରି—ଦେ ଟଙ୍କା ଆଣ୍—ପାଞ୍ଚଟା ତୁ ନେ ! ପନ୍ଦରଟା ମୋ ଆଡ଼କୁ ବଢ଼ା !

ଚିମନ୍—ଆରେ ହରିଭାଇ, ଭାଗ ବଣ୍ଟାବଣ୍ଟି ବାହାରେ ! ଜଲ୍‌ଦି ଏଠୁ ଚାଲ୍ ! ପୁଣି କକା ଆସି ଯଦି ଆଉ କିଛି କହେ······ (ଚିମନ୍ ହରିହରକୁ ଟାଣି ଟାଣି ନେଇ ପଳେଇଲେ । କିଛିକ୍ଷଣ ପରେ ବୃହସ୍ପତି ଆସିଲା ଭିତରୁ କହି କହି)

ବୃହସ୍ପତି– ଦେଈ କହିଲେ, ଚିମନ୍‌ଭାଇ ବି ଦସ୍ତଖତ୍ କରିବ । ଏଁ କୁଆଡ଼େ ଗଲୁ ! ସେଦିନ ଭାଇକୁ ଚିଠା କାଟିଥିଲା— ଆଜି ଭଉଣୀକୁ ଚିଟା କାଟିପାର୍ ! ମୁଁ ଭକୁଆ ସକାଳ ଛଅରୁ ରାତି ଦଶଯାଏ, ଖାଲି ଯାହା······

କଲ୍ୟାଣୀ   (ଭିତରୁ) କ'ଣ ସରିଲା ବୃହସ୍ପତି ?

ବୃହସ୍ପତି----ଗଲି ଦେଈ----ଚିଡ଼ିଆ ଫୁର୍········

(କହି ଦ୍ରୁତଗତିରେ ଭିତରକୁ ଗଲା)

## ଷଷ୍ଠ ଦୃଶ୍ୟ

ଅଜିତ୍ ଶ୍ରେଷ୍ଠରାୟଙ୍କ ଡ୍ରଇଂରୁମ୍

[ଅଜିତ୍ ଖଣ୍ଡେ ଟାଇପ୍‌କରା କାଗଜ ଦେଖୁଚନ୍ତି, ମିସ୍ ବାନାର୍ଜି ବସିଚନ୍ତି, ମିସ୍ ରାଓ ସାହେବଙ୍କ ପାଖରେ ଠିଆ ହୋଇଚନ୍ତି]

ଅଜିତ୍—(କାଗଜ ଉପରୁ ମୁହଁ ଉଠେଇ) ପ୍ରମାଣ ଅଭାବରୁ ଆମର ଅଧିକାଂଶ କେସ୍ ଟ୍ରିବୁନାଲ୍‌ରେ ଫେଲ୍ ମାରି ଯାଉଚି ! ଏଣେ ଆସେମ୍ବ୍ଲିରେ ଘମାଘୋଟ ଆଲୋଚନା ଚାଲିଚି—ଆଣ୍ଟିକରପ୍‌ସନ୍ ଡିପାର୍ଟମେଣ୍ଟର ଅପାରଗତା ଯୋଗୁଁ ସରକାରଙ୍କୁ ବହୁତ କ୍ଷତି ସହିବାକୁ ପଡୁଚି !

ବିଜୟଲକ୍ଷ୍ମୀ—ଆପଣ ବନାରସୀବାବୁଙ୍କୁ ବିଶ୍ୱାସ କରନ୍ତୁ ସାର୍ !

ଅଜିତ୍—ବ୍ୟବସାୟୀଙ୍କୁ ମୁଁ ଏତେ ସହଜରେ ବିଶ୍ୱାସ କରି ପାରେନା ! ମତେ ଆସି ବଙ୍ଗଳାରେ ଦେଖା କରିବା ତା'ର ଉଚିତ ଥିଲା । ଗୋଟାଏ ଗୋଟାଏ ହୋଇ ତିନିଟା କେସ୍ ତା' ବିରୁଦ୍ଧରେ !

ବିଜୟଲକ୍ଷ୍ମୀ—ରୋଲିଂ ମିଲ୍ କେସ୍ ପାଇଁ ସେ ଆପଣଙ୍କର ସାହାଯ୍ୟ ଚାହେଁ !

ଅଜିତ୍—ବନାରସୀ ଲାଲ୍ ଚତୁର ଲୋକ ! ଶିଳ୍ପ ସଂପ୍ରସାରଣ ପାଇଁ ସରକାରଙ୍କଠାରୁ ୪୦ ଲକ୍ଷ ଟଙ୍କା ଋଣ ନେଇ, ପରମିଟ୍‌ରେ ଲୁହାଛଡ଼ ପ୍ରଭୃତି କଞ୍ଚାମାଲ ସିଧା ସଳଖ ପ୍ରଦେଶ ବାହାରକୁ ପଠେଇବାରେ ଲାଗିଚି ! ସେକେଣ୍ଡ୍ କେସ୍ ହେଲା ବାଲେଶ୍ୱର ବାଟେ ହଜାର ହଜାର ମହଣ ଚାଉଳ ମେଦିନୀପୁରକୁ ଚାଲାଣ କରିବା ! ଏଣେ ରୋଲିଂମିଲ୍‌ରେ ତାଲା ପଡ଼ିଚି, ଅଥଚ ଏଇ ଶିଳ୍ପପାଇଁ ସେ ସରକାରଠୁଁ ଋଣ ନେଇଚି !

ସୁଜାତା—ସାର୍, ଘଟଣାଟା ସତ ହୋଇପାରେ—କିନ୍ତୁ ଯଥେଷ୍ଟ ପ୍ରମାଣ ନ ମିଳିଲେ......

ଅଜିତ୍—ବୁଝିଲି ବାନାର୍ଜି, ମୁଁ ଦୁଗ୍ଧପୋଷ୍ୟ ଶିଶୁ ନୁହେଁ ! ଇନ୍‌କ୍ୱାରି ଅଫିସର୍ ହିସାବରେ ମତେ ତ ପୁଣି ସମସ୍ତ ପ୍ରମାଣ ସଂଗ୍ରହ କରିବାକୁ ପଡ଼ିବ !

ବିଜୟଲକ୍ଷ୍ମୀ—ସାର୍, ଆମ ସମସ୍ତଙ୍କ ସ୍ୱାର୍ଥ ଦୃଷ୍ଟିରୁ......

ଅଜିତ୍—ସେଥିପାଇଁ ତ କହିଥିଲି, ସେ ଆସି ମୋତେ ଦେଖାକରୁ !

ସୁଜାତା—ଆମେ ଯାହା ଯାହା 'ପ୍ରସ୍ତାବ' ଦେଇଥିଲୁ, ସବୁଥିରେ ସେ ରାଜି !

ବିଜୟଲକ୍ଷ୍ମୀ—କା'ର ପାଇଁ ତା' ପକ୍ଷରୁ ଆପଣଙ୍କ ନା'ରେ ଅର୍ଡ଼'ର ଦେଇ ସାରିଚି !

ଅଜିତ୍—ତାକୁ କୁହ—କାର୍ ଦାମ୍‌ଟା ତୁମ ନାଁରେ ବ୍ୟାଙ୍କରେ ଡିପୋଜିଟ୍ ଦେଇଦଉ ! କିନ୍ତୁ ସାବଧାନ, ସାମାନ୍ୟ ତ୍ରୁଟି ଯେମିତି ନ ରହେ !

ସୁଜାତା - ସାର୍, ବନାରସୀବାବୁ ବଡ଼ ବିଶ୍ୱସ୍ତ...

ଅଜିତ—ମିଛକଥା—କେବଳ ଯନ୍ତ୍ରାରେ ପଡ଼ିଛି ବୋଲି ତା'ର ଏ ଆତ୍ମସମର୍ପଣ; ନ ହେଲେ ଲୋକଟା ନିହାତି ଧୂର୍ତ୍ତ ! ହଁ ରଖିଦିଅ ଏ ଫାଇଲ୍ । ଟୁର୍‌ରୁ ଫେରିଲେ ଫାଇନାଲ୍ ରିପୋର୍ଟ ଦିଆଯିବ ! ମୁଁ ପୁଣି ଥରେ ତୁମମାନଙ୍କୁ ସତର୍କ କରି ଦେଉଛି—ସାବଧାନ ! ନଚେତ୍ ନିଜକୁ ନିଜେ ବିପନ୍ନ କରିବା ସାର ହେବ !

ବିଜୟଲକ୍ଷ୍ମୀ—ବନାରସୀବାବୁଙ୍କୁ ତା'ହେଲେ କ'ଣ କହିବି ସାର୍ ! ବିପଦର ଆଶଙ୍କାରେ ସେ ବଡ଼ ଭାଙ୍ଗି ପଡ଼ିଛନ୍ତି !

ଅଜିତ୍—ତାକୁ କୁହ—ଗସ୍ତ ସମୟରେ ଭଦ୍ରଖ ଡାକବଙ୍ଗଳାରେ ମତେ ଦେଖାକରୁ ! ଆହୁରିମଧ୍ୟ ତାକୁ କହିଦିବ, ଓଡ଼ିଶାର ସମସ୍ତ ଖବରକାଗଜର ଦୃଷ୍ଟି ଏ କେଶ୍ ପ୍ରତି—ସଜାଗ ! ତେଣୁ ରାତି ୧୨ଟା ପରେ ଟାକ୍‌ସିରେ ଆସିବ !

ସୁଜାତା—ସାର୍, କ୍ଷମା କରିବେ, ଗୋଟାଏ କଥା ଆପଣଙ୍କୁ ପଚାରି ପାରେକି ?

ଅଜିତ୍—ବାନାର୍ଜି, ତୁମେ ପ୍ରଶ୍ନ ପଚାରିବ ମତେ, ସେଥିରେ ଏତେ ଲୌକିକତା କାହିଁକି ? ପଚାର—କ'ଣ ପଚାରିବ !

ସୁଜାତା—ସାର୍, ଏଇ କେତେଦିନ ହେଲା ଆପଣ ଟିକେ ଅସୁସ୍ଥ ଥିଲପରି ଜଣା ପଡ଼ୁଛନ୍ତି.....

ଅଜିତ୍—ହଁ ବାନାର୍ଜି ! ମୁଁ ଯେମିତି ଅନୁମାନ କରୁଛି, ଆମ ବିରୁଦ୍ଧରେ ଗୋଟାଏ କିଛି ଷଡ଼୍‌ଯନ୍ତ୍ର ଚାଲିଛି ! ହୁଏତ ଶାସନକ୍ଷେତ୍ରରେ ସାମାନ୍ୟ ଅସାବଧାନତା ପାଇଁ.....

ସୁଜାତା—କୁହନ୍ତୁ ସାର୍, ଆମେ ନଷ୍ଟପ୍ରୂ ରେଷ୍ଟାକର ସେ ଷଡ଼୍‌ଯନ୍ତ୍ରର ସୂତ୍ର ଖୋଜି ବାହାର କରିବୁ !

ଅଜିତ୍ - କହିବ ମିସ୍ ବାନାର୍ଜି ! ହେଲେ ଆଜି ନୁହେଁ, ଟୁର୍‌ରୁ ଫେରି ଆସିଲେ········

ବିଜୟଲକ୍ଷ୍ମୀ—ଆମେ ତା'ହେଲେ ଆଜି ଆସୁଚୁ ସାର୍ ! (ଯାଉଥିଲେ)

ଅଜିତ୍—ଶୁଣ ! ସବିତାର ଖବର କ'ଣ ? ଦୁଇମାସ ହେଲା ସେ ଅଫିସରେ କାମ କଲାଣି—କିନ୍ତୁ ଦିନେ ହେଲେ ତ ତୁମ-ମାନଙ୍କ ସାଙ୍ଗରେ ଏଠିକି ଆସେ ନାହିଁ ।

ସୁଜାତା—ଅନେକ ଥର ତାକୁ କହିଚି, ହେଲେ ସେ କହେ—କୌଣସି ଦରକାର ନଥାଇ ସାହେବଙ୍କ ବଙ୍ଗଳାକୁ କାହିଁକି ଯିବି ?

ଅଜିତ୍—ସବିତାକୁ ବୁଝେଇଦିଅ ମିସ୍ ବାନାର୍ଜି ! ଅଫିସର ଧରାବନ୍ଧା ରୁଟିନ୍ ଭିତରେ ଅଫିସର୍ ଆଉ କିରାଣୀ ଭିତରେ ଯୋଉ ବ୍ୟବଧାନ, ତା' ମୁଁ ଏଠି ଚାହେଁନା—ମୋ ବଙ୍ଗଳାର ଦ୍ୱାର ତୁମମାନଙ୍କ ପାଇଁ ସବୁବେଳେ ଉନ୍ମୁକ୍ତ ! ମୋର ନିଃସଙ୍ଗ ଜୀବନରେ ତୁମମାନଙ୍କର ନିବିଡ଼ ସାହଚର୍ଯ୍ୟ ମୁଁ ସବୁବେଳେ ଆଶା କରେ !

ବିଜୟଲକ୍ଷ୍ମୀ—ସବିତା ପକ୍ଷରେ ଏ ଆଶା କରିବା କେବଳ ଦୁରାଶା ମାତ୍ର !

ଅଜିତ୍—ମୁଁ କିନ୍ତୁ ଆଶାବାଦୀ, ରିଓ !

ସୁଜାତା—ଆଶା ମରୀଚିକା ପଛରେ ଧାଇଁଲେ କେବଳ ହାରିବା ସାର ହବ ସିନା······

ଅଜିତ୍—ପ୍ରଥମେ ହାର, ଶେଷରେ ଜୟୀ ହେଲେ ପ୍ରଥମ ହାରବାଟା ଉପଭୋଗ୍ୟ ହୁଏ, ମିସ୍ ବାନାର୍ଜ୍ଜି !

ସୁଜାତା—ଆମେ ଚେଷ୍ଟା କରିବୁ ସାର୍ !

ଅଜିତ୍—ମୁଁ ଦାର୍ଶନିକ ନୁହେଁ ମିସ୍ ବାନାର୍ଜ୍ଜି, ମୁଁ ବାସ୍ତବବାଦୀ ! ଲକ୍ଷ୍ୟ ସ୍ଥଳରେ ନିର୍ଦ୍ଦିଷ୍ଟ ସମୟରେ ପହଞ୍ଚି ନ ପାରିଲେ, ମୋ ଜୀବନରେ ଅବଶୋଷ ରହିଯାଏ ! (ଏତିକିବେଳେ ବୃହସ୍ପତି ଖଣ୍ଡେ କାଗଜ ଆଣି ଟେବୁଲ ଉପରେ ରଖିଦେଲା)

ଅଜିତ୍—ମିସ୍ ରାଓ, ମୁଁ ଲକ୍ଷ୍ୟ ହାସଲ କରିଛି ! ଏଇ ଦେଖ— ଦେଖା କରିବା ପାଇଁ ସବିତା ଅନୁମତି ଭିକ୍ଷା କରିଛି ! ବୃହସ୍ପତି ! ସବିତାକୁ ଭିତରକୁ ଆସିବାକୁ କହ ! (ବୃହସ୍ପତି ଚାଲି ଯାଉଥିଲା) ଆଚ୍ଛା ଥାଉ, ମୁଁ ନିଜେ ଯାଉଛି ! ହଁ ତୁମେମାନେ ଅପେକ୍ଷା କର ! ବୃହସ୍ପତି; ତୁ ଭିତରକୁ ଯା— (ବୃହସ୍ପତି ଭିତରକୁ ଗଲା, ଅଜିତ୍ ବାହାରକୁ ଗଲେ)

ବିଜୟଲକ୍ଷ୍ମୀ—ଦେଖୁଛ ମିସ୍ ବାନାର୍ଜ୍ଜି ! ଏଇ ସବିତା ସାହେବ ଆଖିରେ କୁହୁକ ଲଗେଇ ଦେଇଛି !

ସୁଜାତା—ଏ କୁହୁକ ସବୁଦିନ ରହେନା ମିସ୍ ରାଓ ! ନୂଆ ପୁରୁଣା ହୁଏ !

ବିଜୟଲକ୍ଷ୍ମୀ—ସାହେବ ଯଦି ସବିତାକୁ ଟୁର୍‌ରେ ନିଏ, ତେବେ ତ ବନାରସୀବାବୁଙ୍କଠୁଁ ଆମେ ଯାହା ପାଇବା—ସେଥିରେ ତା'ର ମଧ ସେୟାର ରହିବ ?

ସୁଜାତା—ତୁମେ ବ୍ୟସ୍ତ ହୁଅ ନାହିଁ ! ସେ ବ୍ୟବସ୍ଥା ମୁଁ କରୁଛି ! ତା'ଛଡ଼ା ମୁଁ ଭଲ ଭାବରେ ଜାଣେ—ସବିତାପରି ଝିଅ କେବେହେଲେ ଟୁର୍‌ରେ ଯିବାକୁ ରାଜି ହବ ନାହିଁ !

(ଏତିକିବେଳେ ଆଗେ ଆଗେ ଅଜିତ୍ ଓ ପଛେ ପଛେ ଆସିଲେ ସବିତା—ମୁହଁରେ ଭୟର ଚିହ୍ନ)

ଅଜିତ୍—ତୁମମାନଙ୍କ ପାଇଁ ମୋ ବଙ୍ଗଳାର ଦ୍ୱାର ସବୁବେଳେ ଉନ୍ମୁକ୍ତ ! ମଣିଷ ସାମାଜିକ ଜୀବ ! ସମାଜରେ ବଞ୍ଚି ରହିବା ପାଇଁ ତା'ର ବନ୍ଧୁତା ଖୁବ୍ ପ୍ରୟୋଜନ ! ସଙ୍ଗହୀନ ଭାବରେ ମଣିଷ ଜୀବନରେ ସୁଖ ଉପଲବ୍ଧି କରି ପାରେନା ! ଆଖି ଆଗରେ ତ ଦେଖୁଚ ! ମିସ୍ ରାଓ, ମିସ୍ ବାନାର୍ଜି ତୁମରି ପରି ଝିଅ ତ ! ଅଥଚ କେଡ଼େ ସ୍ମାର୍ଟ, କେତେ ଫର୍‌ୱାର୍ଡ଼ !

ବିଜୟଲକ୍ଷ୍ମୀ—ଏତେ ଲଜ କଲେ କ'ଣ ଚଳିବ, ମିସ୍ ଦାସ୍ ! (ହାତ ଟାଣି ସବିତାକୁ ବସେଇଦେଲେ କାଉଚରେ)

ଅଜିତ୍—ମୁଁ ମାନୁଚି, ଲଜ୍ଜା ନାରୀର ଭୂଷଣ ! କିନ୍ତୁ ମିସ୍ ସବିତା ପରି ଉଚ୍ଚଶିକ୍ଷିତା ସୁରୁଚିସମ୍ପନ୍ନା ଝିଅ ପକ୍ଷରେ ଏତେଟା ଲଜ୍ଜା ଶୋଭାପାଏନା !

ସୁଜାତା—ଏ ଯୁଗରେ ନାରୀ ପଦେ ପଦେ ପୁରୁଷ ସାଙ୍ଗରେ ସମ ପ୍ରତିଦ୍ୱନ୍ଦୀ ହୋଇ ଉଠିଚି । ପ୍ରତି କ୍ଷେତ୍ରରେ ପୁରୁଷ ସାଙ୍ଗରେ ସମାନ ଆସନ ଦାବୀ କଲାବେଳେ, ତୁମର ଏତେଟା ଲଜ୍ଜା କରିବା, ନାରୀ ପ୍ରଗତିର ଅନ୍ତରାୟ ହଉଚି ମିସ୍ ଦାସ !

ଅଜିତ୍—ଶୁଣୁଚ ମିସ୍ ସବିତା, ମୋ ମନର କଥା କିମିତି ମିସ୍ ବାନାର୍ଜିଙ୍କ କଥାରେ ରୂପ ପାଇଚି ! ଏ ଆଟମିକ୍ ଯୁଗରେ ସମାଜର ବିକାଶ ପାଇଁ ନାରୀ ସ୍ୱାଧୀନତା ନିହାତି ଆବଶ୍ୟକ ! ଇଂଲଣ୍ଡ, ଆମେରିକା ପୁଅଝିଅମାନଙ୍କୁ ଦେଖ, ମୁକ୍ତ ବିହଙ୍ଗପରି ସ୍ୱଚ୍ଛନ୍ଦ ଜୀବନ ଉପଭୋଗ

କରୁଚନ୍ତି ! ଅଫିସରେ ଅଫିସର୍, କରାଣୀ—ହେଲେ ଅଫିସ୍ ବାହାରେ ସଭିଏଁ ସମାନ ! ଅଫିସ୍‌ର ଆଇନ୍ କାନୁନ୍ ସେମାନଙ୍କର ବନ୍ଧୁତାରେ ଟିକଏ ହେଲେ ଅନ୍ତରାୟ ସୃଷ୍ଟି କରି ପାରୁନାହିଁ ! ଉପଭୋଗ—ଜୀବନ ଭରି ଖାଲି ଉପଭୋଗ, ଯେମିତି ତାଙ୍କ ଗଣତନ୍ତ୍ରର ପ୍ରଧାନ ଲକ୍ଷ୍ୟ !

ସବିତା—ସାର୍ ! (ଟିକଏ ସଂକୋଚକରି)

ଅଜିତ୍—ପୁଣି ସାର କାହିଁକି ? ଅଫିସ ବାହାରେ ଏଇ ସମ୍ବୋଧନଟା ଆମମାନଙ୍କୁ ବିଭିନ୍ନଧର୍ମୀ କରିପକାଏ । ଉଇ ଆର୍ ଆଲ୍ ଫ୍ରେଣ୍ଡସ୍ ! ଆମେ ସମସ୍ତେ ବନ୍ଧୁ !

ସବିତା—ଆପଣ ଆମର ଅନ୍ନଦାତା ......

ଅଜିତ୍—କେହି କାହାରି ଅନ୍ନଦାତା ହୋଇପାରେନା, ମିସ୍ ସବିତା ! ଚାକିରି ଖାଲି ଥିଲା ! ତୁମେ ଉପଯୁକ୍ତ ପ୍ରାର୍ଥୀ ହିସାବରେ ଚାକିରି ପାଇଲ ! ଏଥିରେ ମୋର ଆଉ ବିଶେଷ ବାହାଦୁରୀ କ'ଣ ? ବରଂ ତୁମପରି ବୁଦ୍ଧିମତୀ ଝିଅକୁ ମୋର କ୍ୟାମ୍ପ୍ କ୍ଲାର୍କ୍ ହିସାବରେ ପାଇ, ମୁଁ ଗର୍ବ ଅନୁଭବ କରୁଛି !

ସବିତା—ଆପଣଙ୍କ ପାଖରେ ମୋର ଗୋଟିଏ ପ୍ରାର୍ଥନା ଅଛି ସାର୍ ।

ଅଜିତ୍—କୁହ ! ଏତେ ସଂକୋଚ କାହିଁକି ? ତୁମକୁ ଯଦି ମୁଁ ସାହାଯ୍ୟ କରିପାରେ.....ତେବେ !

ବିଜୟଲକ୍ଷ୍ମୀ—ମିସ୍ ଦାସ୍, ନିଃସଙ୍କୋଚରେ ନିଜର ଅଭାବ ଅଭିଯୋଗ ସାହେବଙ୍କୁ ଜଣାଅ—ଆମେ ବରଂ ଏବଂ ଏଠୁ ଚାଲିଯାଉଚୁ । ଆସ, ମିସ୍ ବାନାର୍ଜି ! (ଉଠି ଚାଲିଯାଉଥିଲେ ଉପର ଚେମ୍ବରକୁ, ସବିତା ମଧ୍ୟ ତାଙ୍କ ପଛେ ପଛେ ଯିବାକୁ ବାହାରିଲେ ।)

ଅଜିତ୍—ଶୁଣ ସବିତା !
ସବିତା—(କେବଳ ବୁଲି ଠିଆ ହେଲା ନୀରବରେ)
ଅଜିତ୍—ସବିତା !
ସବିତା—କୁହନ୍ତୁ ସାର୍ !
ଅଜିତ୍—ଏ ନିର୍ଜନ ସନ୍ଧ୍ୟାରେ ମୋର ଏତେ ନିକଟରେ ଥାଇ—
ଦୂରକୁ ଚାଲିଯାନା—ମୁଁ ଚାହେଁ ତୁମର ସାନ୍ନିଧ୍ୟ ! ତୁମର···
ସବିତା—(ଘୁଞ୍ଚିଯାଇ ଚମକି ଉଠି) ସାର୍ !
ଅଜିତ୍—ଥରକୁଥର ସାର୍ ସାର୍ ବୋଲି ଡାକି, ମୋର ବନ୍ଧୁତାର ଆହ୍ୱାନକୁ ଠୋକର ଦିଅନା ସବିତା !
ସବିତା—ଆପଣଙ୍କର କଥାର ରହସ୍ୟ ଭେଦ କରିବାକୁ ମୁଁ ଏକାବେଳକେ ଅସମର୍ଥ !
ଅଜିତ୍—ନିର୍ଜନରେ ମୁଁ କେବଳ ପଦେ କଥା ତୁମ ମୁହଁରୁ ଶୁଣିବାକୁ ଚାହେଁ । ବହୁଦିନର ସଞ୍ଚିତ ବାସନା ମତେ ଅନ୍ଧ କରି ପକେଇଚି ! ମୁଁ······
ସବିତା—ରକ୍ଷକ ହୋଇ ଭକ୍ଷକ ହବାକୁ ଚେଷ୍ଟା କରନ୍ତୁ ନାହିଁ ସାର୍ ! ଆମେ ଆପଣଙ୍କର ଅନୁଗ୍ରହ ଦାନରେ ଋଣୀ ! ମୋ ଆଖିରେ ଆପଣ ମୋର ଗୁରୁଜନ !
ଅଜିତ୍—କ୍ଷମା କରିବ ମିସ୍ ସବିତା ! ତୁମକୁ ସମ୍ମାନ ଦେଖେଇ, ମୁଁ ପୁଣି ଭାବିବାକୁ ସମୟ ନେଉଚି ! ମୋ ମତରେ ପ୍ରତ୍ୟେକ ପ୍ରତ୍ୟେକଙ୍କ ଆତ୍ମମର୍ଯ୍ୟାଦାକୁ ସମ୍ମାନ ଦବା ଉଚିତ୍ !
ସବିତା—ଗରିବର ଆତ୍ମମର୍ଯ୍ୟାଦା ଆସିଲା କୋଉଠୁ ?
ଅଜିତ୍—ଉତ୍ତ୍ୟକ୍ତ ହୋଇ ଉଠନାହିଁ ମିସ୍ ସବିତା ! ବନ୍ଧୁତା ପରସ୍ପର ମଧ୍ୟରେ ଧନୀ ଦରିଦ୍ରର ପ୍ରଶ୍ନ ଉଠିପାରେନା !

ସବିତା—ଗୋଟାଏ କଙ୍ଗାଳ କରାଣୀର ଯୁବତୀ ଝିଅ, ନିଜ କୁଳର ମାନ ସମ୍ମାନକୁ ବଳିଦେଇ ଚାକିରୀ କରୁଥିଲା, ପରିବାରର ଅଭାବ ମୋଚନ ପାଇଁ ! ଆଜି କିନ୍ତୁ ସେ ଦେଖୁଚି, ତା'ର ଚାକିରୀ କରିବାଟା ପରିବାରର ସମସ୍ତଙ୍କ ପକ୍ଷରେ ଅଭି-ଶାପର କାରଣ !

ଅଜିତ୍—ମତେ ଭୁଲ ବୁଝନାହିଁ—ମିସ୍ ସବିତା !

ସବିତା—ଭୁଲ ଆପଣଙ୍କୁ ବୁଝୁନାହିଁ ସାର୍ ! ବୁଝୁଚି ଆମର ଭାଗ୍ୟକୁ ! ଲଜ୍ଜା ସଙ୍କୋଚକୁ ଜଳାଞ୍ଜଳି ଦେଇ, ବାପର ଏକ୍ସଟେନ୍‌ସନ୍ ପାଇଁ ଅଫିସରଙ୍କ ଦ୍ୱାରସ୍ଥ ହେଲି ବେଳେ ଅଫିସର ଯଦି······

ଅଜିତ୍—ସବିତା !

ସବିତା—କ୍ଷମା କରିବେ ସାର୍ ! ଅନ୍ନଦାତା ସାଙ୍ଗରେ ଯୁକ୍ତି କରିବା କେବଳ ଅନ୍ୟାୟ ନୁହେଁ, ପାପ—ମହାପାପ !

ଅଜିତ୍—ତୁମ ବାପାଙ୍କର ଏକ୍ସଟେନ୍‌ସନ୍ ପାଇଁ ମୁଁ ସୁପାରିଶ୍ କରି ଲେଖିଥିଲି—ହେଲେ ସେକ୍ରେଟେରୀ ଏକାବେଳକେ ଆଡ୍‌ମାମେଣ୍ଟ୍ ! ବୟସ ହେଇଚି, ତେଣୁ ଏକ୍ସଟେନ୍‌ସନ୍ ହୋଇପାରିବ ନାହିଁ !

ସବିତା—ଜଣେ କାମ କରିବାକୁ ସକ୍ଷମ ଥାଉ ଥାଉ ଯଦି ସରକାର ଗୋଟାଏ ପରିବାରର ସର୍ବନାଶ କରି ସରକାରୀ ଆଇନର ସମ୍ମାନ ବଢ଼ାନ୍ତି, ଆଉ ଉପରିସ୍ଥ ଅଫିସରମାନେ ଗୌରବ ଅନୁଭବ କରନ୍ତି, ତେବେ ମୋର ଆପତ୍ତି କରିବାର କିଛି ନାହିଁ !

ଅଜିତ୍—ବୃଥା ଅଭିମାନ କର ମତେ ତୁମେ ଭୁଲ ବୁଝିନାହିଁ ମିସ୍ ସବିତା ! ଅପେକ୍ଷା କର, ମୁଁ କ'ଣ ସୁପାରଶ୍ କରିଥିଲି, ନିଜ ଆଖିରେ ଥରେ ଦେଖିଥାଅ । (ଉପରକୁ ଗଲେ)

ସବିତା—ଭଗବାନ ! (ମୁଣ୍ଡରେ ହାତଦେଇ କାଉଚ ଉପରେ ବସିଗଲେ । କିଛିକ୍ଷଣ ପରେ ଉପରୁ ଓହ୍ଲେଇ ଆସିଲେ ମିସ୍ ରାଓ, ମିସ୍ ବାନାର୍ଜ୍ଜୀ)

ସୁଜାତା—କ'ଣ ହେଲା ମିସ୍ ଦାସ୍ ?

ସବିତା—ନା କିଛି ନୁହେଁ !

ବିଜୟଲକ୍ଷ୍ମୀ—ହଠାତ୍ ଅସୁସ୍ଥ ହୋଇ ପଡ଼ିଲ ? ସାହେବ ବି ଏଠୁ ଯାଇ ଅସୁସ୍ଥ ହୋଇ ପଡ଼ିଚନ୍ତି !

ସବିତା—ସାହେବ ଅସୁସ୍ଥ ହୋଇ ପଡ଼ିଚନ୍ତି !

ସୁଜାତା—କହିପାରିବ କି ସାହେବଙ୍କର ଅସୁସ୍ଥତାର କାରଣ କ'ଣ !

ସବିତା—ବଡ଼ ଅଦ୍ଭୁତ ପ୍ରଶ୍ନ ପଚାରୁଚ ମିସ୍ ବାନାର୍ଜ୍ଜୀ !

ସୁଜାତା—ତାଙ୍କର ଅସୁସ୍ଥତା ପାଇଁ ଦାୟୀ ହଉଚ ତୁମେ !

ସବିତା—ପ୍ରହେଳିକା ଛାଡ଼ି ସ୍ପଷ୍ଟ ଭାବରେ କୁହ ମିସ୍ ବାନାର୍ଜ୍ଜୀ !

ବିଜୟଲକ୍ଷ୍ମୀ—ଅତି ସହଜ କଥା ମିସ୍ ସବିତା ! ସାହେବ ତାଙ୍କର ସବୁ କିଛି ସ୍ନେହ, ସୋହାଗ ତୁମରି ଉପରେ ଅଜାଡ଼ି ଦେଇ, ତୁମଠାରୁ କେବଳ ପଦେ କଥା ଆଶା କରନ୍ତି !

ସୁଜାତା—ଟିକେ କିନ୍ତୁ ତୁମର ବଡ଼ ଅନ୍ୟାୟ ! ତାଙ୍କଠାରୁ ଅନୁଗ୍ରହ ପାଇବା ପାଇଁ ଧାଇଁ ଆସି, ଏ ରୁଦ୍ରମୂର୍ତ୍ତି ଧାରଣ କରିବା ମୋଟେ ଶୋଭନୀୟ ନୁହେଁ !

ବିଜୟଲକ୍ଷ୍ମୀ—ନିଆଁ ସାଙ୍ଗରେ ଖେଳିବା ବୁଦ୍ଧିମାନର କାମ ନୁହେଁ ମିସ୍ ସବିତା !

ସବିତା—ତୁମେମାନେ ମୋ ପାଖରୁ କ'ଣ ଆଶା କରୁଚ ?

ବିଜୟଲକ୍ଷ୍ମୀ—କାହାଠାରୁ କିଛି ପାଇବାକୁ ହେଲେ, ତା' ବିନିମୟରେ କିଛି ଦବାକୁ ବି ପଡ଼େ !

ସବିତା—ମାନେ ?

ବିଜୟଲକ୍ଷ୍ମୀ ଅତି ସ୍ପଷ୍ଟ ! ସାହେବଙ୍କର ଅସୁସ୍ଥତା—ଆଖିର ଭାଷା, ତୁମ ସାଙ୍ଗରେ ନିର୍ଜ୍ଜନରେ କଥାଭାଷା ହବାର ଅସରନ୍ତି ଲୋଭ—ତୁମକୁ କ'ଣ କିଛି ଇଙ୍ଗିତ ଦେଇନି ?

ସବିତା—ମିସ୍ ରାଓ ! କାହିଁକି ତୁମେମାନେ ଷଡ଼୍‌ଯନ୍ତ୍ର କରି ମୋ ପରିବାରର ସର୍ବନାଶ କରିବାରର ଚେଷ୍ଟା କରୁଚ ?

ସୁଜାତା—ମିଛ କଥା ! ବରଂ ତୁମ ପରିବାରର ଭାଗ୍ୟଲକ୍ଷ୍ମୀଙ୍କୁ ଅଭ୍ୟର୍ଥନା କରି ଆଣିବାର ଚେଷ୍ଟା କରୁଚୁ !

(ସୁନାହାରଟିଏ ସବିତା ଗଳାରେ ପିନ୍ଧାଇ ଦଉଥିଲେ)

ସବିତା—(ଚମକି) ଏ ସୁନାହାର !

ସୁଜାତା—ଉପହାର !

ସବିତା—ଏ ମୂଲ୍ୟବାନ ଉପହାର କିଏ ମତେ ଦେଇଚି, ଆଉ କାହିଁକି ବା ଦେଇଚି ?

ବିଜୟଲକ୍ଷ୍ମୀ—ଯାହାଙ୍କର ସାହାଯ୍ୟ ପାଇବା ପାଇଁ ତୁଇ ହାତ ପତେଇ ଧାଇଁ ଆସିଥିଲ, ସେଇ !

ସବିତା—ସାହେବଙ୍କଠୁ ସୁନାହାର ପାଇବା ପାଇଁ ହାତ ପତେଇ ନଥିଲି, ମିସ୍ ରାଓ !

ବିଜୟଲକ୍ଷ୍ମୀ—ଏ ହେଉଚି ଶୁଭ ସୂଚନା । କଥା ମାନ, ଭବିଷ୍ୟତର ଉଜ୍ଜ୍ୱଳମୟ ଆଶାକୁ ପରିପୂରଣ କରିବା ପାଇଁ ଏ ଉପହାରଟି ତୁମକୁ ଗ୍ରହଣ କରିବାକୁ ହେବ !

ସବିତା—ନିଜେ ଆକଣ୍ଠ ବିଷପାନ କରିଚ ବୋଲି, ଅନ୍ୟକୁ ସେ ବିଷଜ୍ୱାଳାରେ ଘାରିବାକୁ ଚେଷ୍ଟା କରନାଇଁ, ମିସ୍ ରାଓ !

ସୁଜାତା—ତୁମର ଏ ଭାବପ୍ରବଣତା ତୁମ ପରିବାରର ସର୍ବନାଶ ଘଟେଇବ, ମିସ୍ ସବିତା !

ସବିତା - ଚୁପ୍ କର ! ଅନ୍ୟକୁ ନିଜପରି ଭାବିବା ତୁମର ଧୃଷ୍ଟତା, ମିସ୍ ବାନାର୍ଜୀ ! ତୁମ ଶ୍ରେଷ୍ଠ ରାୟସାହେବଙ୍କୁ କହିଦେବ—ଗୋଟାଏ ଗରିବ କିରାଣି ଝିଅର ଇଜ୍ଜତ, ଖଣ୍ଡେ ଶାଢ଼ୀ କିମ୍ବା ଗୋଟାଏ ସୁନା ହାରରେ କିଣା ଯାଇପାରେନା !

ବିଜୟଲକ୍ଷ୍ମୀ—ତୁମେ ଭଲଭାବରେ ଜାଣ, ମିସ୍ ସବିତା ! ଯେ ତୁମ ବାପାଙ୍କର ଏକ୍‌ସଟେନ୍‌ସନ୍ ଆଉ ତୁମ ଚାକିରି ଶ୍ରେଷ୍ଠରାୟ ସାହେବଙ୍କ ଦୟା ଉପରେ ନିର୍ଭର କରୁଚି !

ସବିତା—ଚାକିରି କରୁଚି ବୋଲି କ'ଣ ନିଜ ବଂଶର ମାନ ମହତକୁ ଜଳାଞ୍ଜଳି ଦେବି ! ଅସମ୍ଭବ ! ଶ୍ରେଷ୍ଠରାୟ ସାହେବଙ୍କ ଅସୀମ ଦୟା ଆଉ ତୁମମାନଙ୍କର ସହାନୁଭୂତି ପାଇଁ ଗୋଟାଏ କିରାଣି ପରିବାର ଜଳି ପୋଡ଼ି ପାଉଁଶ ହେଇଯାଉ, ଭୋକ ଉପାସରେ ଛଟପଟ ହେଇ ମରି ଯାଆନ୍ତୁ, ସେ ବରଂ ଭଲ । ହେଲେ, ତୁମମାନଙ୍କର ହୀନ ପ୍ରସ୍ତାବରେ······ ନା-ନା—(ଚାଲି ଯାଉଥିଲେ, ପୁଣି ଫେରିପଡ଼ି) ତୁମ ସାହେବଙ୍କୁ କହିଦେବ—ଏଇ ମୁହୂର୍ତ୍ତରୁ ମୁଁ ମୋର ଚାକିରିରୁ ଇସ୍ତଫା ଦେଇଗଲି !

ସୁଜାତା, ବିଜୟଲକ୍ଷ୍ମୀ—(ଦୁହେଁ ଖୁବ୍ ଜୋରରେ ହସିଉଠିଲେ)

ସବିତା—ବନ୍ଦ କର, ବନ୍ଦ କର ତୁମମାନଙ୍କର ଏ ବିଦ୍ରୂପର ହସ ! ଓଃ ! ମୁଁ ଯେ ଆଉ ସହି ପାରୁନାହିଁ ! (ଦୌଡ଼ି ଚାଲିଗଲା)

ସୁଜାତା—ଦେଖିଲ ମିସ୍ ରାଓ ! ସାପ ମରିବ ନାହିଁ କି ବାଡ଼ି ଭାଙ୍ଗିବ ନାହିଁ । ଏଇ ସବିତା ଆମର ଗଳଗ୍ରହ ହୋଇଥିଲା ! ଏଥର·········!

ବିଜୟଲକ୍ଷ୍ମୀ—ତୁମ ବିଚକ୍ଷଣ ବୁଦ୍ଧିକୁ ତାରିଫ୍ ନ କରି ରହି ପାରୁନାହିଁ ! (ଏତିକିବେଳେ ଦେଖା ଦେଲେ ଅଜିତ୍ ଷ୍ଟ୍ରେଟଫୋର୍ଡ଼—ହାତରେ ଗୋଟାଏ ବଡ଼ ଫାଇଲ୍—ସିଡ଼ି ଉପରୁ ଓହ୍ଲେଇ ଆସିଲେ)

ଅଜିତ୍—ସବିତା କାହିଁ ?

ସୁଜାତା—ସେ ଚାଲିଯାଇଛି !

ଅଜିତ୍—ଚାଲିଯାଇଛି ! କାହିଁକି ?

ସୁଜାତା—ଆଗରୁ କହିଥିଲି ସାର୍ ! ଆଶା ମରୀଚିକା ପଛରେ ଧାଇଁଲେ କେବଳ ହାରିବା ସାର ହେବ !

ଅଜିତ୍—କାହା ପାଖରେ ହାର ମାନିବା ଷ୍ଟ୍ରେଟଫୋର୍ଡ଼ ବଂଶର ରକ୍ତରେ ନାହିଁ ! ସବିତା ମତେ ଚ୍ୟାଲେଞ୍ଜ ଦେଇ ଯାଇଛି ! ତା'ର ଜବାବ ମୁଁ ନିଶ୍ଚୟ ଦେବି ! ବର୍ତ୍ତମାନ ମୋର ଅର୍ଡର ତା' ପାଖକୁ ଟାଇପ୍ କରି ପଠେଇଦିଅ ! ସେ ମୋ ସାଙ୍ଗରେ ଟୁର୍‌ରେ ଯିବ !

ବିଜୟଲକ୍ଷ୍ମୀ—ସାର୍ ! ମୋର ମନେ ହୁଏ, ଏ ଆଦେଶ ସେ ମାନିବ ନାହିଁ !

ଅଜୟ୍—ଗୃକଷ୍ଣ କରିଛି ଯେତେବେଳେ, ମୋର ହୁକୁମ୍ ମାନିବାକୁ ହବ ! ସେ ମୋ କ୍ୟାମ୍ପ୍ କ୍ଲାର୍କ୍ ! ତେଣୁ ଆଇନ୍ ଦୃଷ୍ଟିରୁ ସେ ମୋ ସାଙ୍ଗରେ ଟୁର୍‌ରେ ଯିବାକୁ ବାଧ୍ୟ !

ସୁଜାତା—ସେ ତା'ର୍ ଶେଷକଥା ଶୁଣେଇ ଦେଇ ଯାଇଚି, ସାର୍ ! ସେ ରିଜାଇନ୍ କରିଚି !

ଅଜୟ୍—ମୁଁ ହରେ ଖାଲି କହିଦେଲେ ଗୃକଷ୍ଣରୁ ରିଜାଇନ୍ ଦିଆ ହୁଏନା, ମିସ୍ ବାନର୍ଜୀ ! ଇସ୍ତଫା ଗ୍ରହଣ ନ ହେଲା ପର୍ଯ୍ୟନ୍ତ, ସେ ମୋର ଇଙ୍ଗିତରେ ଚଳିବାକୁ ବାଧ୍ୟ !

ବିଜୟଲକ୍ଷ୍ମୀ—ରିଜାଇନ୍ ଲେଖି ପଠେଇ ଦବାକୁ କେତେ ସମୟ ବା ଲାଗିବ ?

ଅଜୟ୍—ସାଟ୍ ଆପ୍ ! ମୁଁ କହୁଚି ସେ ରିଜାଇନ୍ ଦେଇ ପାରେନା ! ବାପର ଏକ୍‌ସଟେନ୍‌ସନ୍ ବନ୍ଦ ! ତେଣୁ ପରିବାରର ଭରଣ ପୋଷଣ ପାଇଁ ସବିତାର ଗୃକଷ୍ଣ ଏକମାତ୍ର ସମ୍ବଳ ! ଷି କ୍ୟାନ୍‌ନଟ୍ ଏକ୍‌ସକେପ୍ ମାଇଁ ଟ୍ରାପ୍ ! ବର୍ତ୍ତମାନ ଅର୍ଡ଼ର ଟାଇପ୍ କରି ପଠେଇଦିଅ ! ଷି ମଷ୍ଟ୍ କ୍ୟାରି ଆଉଟ୍ ମାଇଁ ଅର୍ଡ଼ର, ଅଦରଓ୍ୱାଇଜ୍, ଷି ଷୁଡ୍ ବି ପ୍ରିପେୟାର୍ଡ଼୍ ଫର୍ ଦି ଓ୍ୱାର୍ଷ୍ଟ୍ ! (ଚିତ୍କାର କରି ଉଠିଲେ)

—ଡ୍ରପ୍—

# ତୃତୀୟ ଅଙ୍କ

## ପ୍ରଥମ ଦୃଶ୍ୟ

ଅଜିତ୍ ଗ୍ରେଟରାୟଙ୍କ ଡ୍ରଇଂରୁମ୍

[ରମେଶ ଟେବୁଲ ହାରମୋନିୟମ୍ ପାଖରେ ବସି ଗୀତ ଗାଉଛି, କଲ୍ୟାଣୀ ନାଚୁଛି, ବାଣୀ ବସି ନାଚ ଦେଖୁଛି]

—ଗୀତ—

ଏଇ ମାଟି ଦୁନିଆଁ ର ନିର୍ମମ ରେ,
ତୋର ମର୍ମରସ୍ଥାନ ରୁଦ୍ଧ ମରମ ଦୁଆରେ;
ମମତା ଲଲାଟ ପିଟି ମରେ ଗୁହାଁ ବାରେ ବାରେ ।୦।

ସ୍ୱାର୍ଥର କୋଠି ମମତାଜ ଲୁଟି
ଧିକ ତୋ ମର୍ମର ମହଲ ଲମ୍ପଟି;
ନିଃସ୍ୱ ସର୍ବସ୍ୱ ଲୁଟି ତୋଳବାରେ । ୧ ।

ଗୁହାଁରେ ସୁଦୂରେ
ଏଇ ଡହକ ଝାଞ୍ଜି ଝଡ଼ା ଦଗ ବୁଡ଼ା ସେ ପାରେ
ଆସେ କଜ୍ଜ୍ୱଳ ଜଳଦ ଚପଳା ସୋହାଗୀ
ଶାନ୍ତର ଅଭିସାରେ ।
ଝାଉଁଳା ଧରଣୀ ଝଲସିବ ଦନେ
କଅଁଳ ଆଶିଷ ବନ୍ଧୁ ପରସାରେ । ୨ ।

କଲ୍ୟାଣୀ—(ଗୀତ ଶେଷରେ) ବନ୍ଦ କର, ବନ୍ଦ କର ଶିଳ୍ପୀ ! ମୁଁ ଯେ ଆଉ ପାରୁନ·····!

ରମେଶ—ନାଚ, ନାଚ କଲ୍ୟାଣୀ ! ନୂପୁରର ତାଳେ ତାଳେ ଯାଜ୍ଞବଙ୍କର ଲାସ୍ୟନୃତ୍ୟ ପ୍ରକଟିତ ହଉ—ତୁମର ପ୍ରତି ପଦକ୍ଷେପରେ !

କଲ୍ୟାଣୀ—ନା—ନା ଶିଳ୍ପୀ, ଦେହ ମନ ସବୁ ମୋର ଅବଶ !

ବାଣୀ—ଅପା ଆଜକାଲି ମୋଟେ ନାଚ ପାରୁନାହିଁ, ରମେଶବାବୁ ! ଆପଣ ଗାଆନ୍ତୁ, ମୁଁ ନାଚିବି !

କଲ୍ୟାଣୀ—ତୁନି ହୋ ବାଣୀ ! ଯା ଏଠୁ !

ବାଣୀ—ଦେଖୁଛନ୍ତି ରମେଶବାବୁ ! କମ୍ପିଟିସନ୍‌ରେ ପାରିବ ନାହିଁ ବୋଲି କେମିତି ରାଗୁଚି !

କଲ୍ୟାଣୀ—ଚୁପ୍ ! ଯା ସିଆଡ଼େ !

ବାଣୀ—ହକ୍ କଥା କହିଲେ ରାଗୁଚୁ କାହିଁକି ମ ? (ପ୍ରସ୍ଥାନ)

କଲ୍ୟାଣୀ—ରମେଶବାବୁ ! (ଆବେଗରେ)

ରମେଶ—ତୁମ ପାଖରେ ଏ ଦୁର୍ବଳତା ମୁଁ ଆଶା କରିନଥିଲି, କଲ୍ୟାଣୀ !

କଲ୍ୟାଣୀ—ଦୁର୍ବଳ, ଅତି ଦୁର୍ବଳ ! ହାତ ବଢ଼େଇ ମତେ ସାହାଯ୍ୟ କର, ଶିଳ୍ପୀ ! ବାଟ ଦେଖାଅ !

ରମେଶ—କଳାକାର ନିକଟରେ ଦୁର୍ବଳତା ଦେଖା ଦେଲେ କଳାର ଅମର୍ଯ୍ୟାଦା ହୁଏ, କଲ୍ୟାଣୀ ! କଳାର ଅନନ୍ତ ସମୁଦ୍ର ଭିତରେ ପାଲ ମେଲେଇ ନୌକା ତୁମର ଭସେଇଦିଅ ! କୂଳରେ ଲାଗୁ ଅବା ମଝି ଦରିଆରେ ବୁଡ଼ିଯାଉ, କିଛି ଯାଏ ଆସେନା ସେଥିରେ ! କିନ୍ତୁ ଜୀବନରେ ଆନନ୍ଦ ପାଇବ, ତୃପ୍ତି ପାଇବ !

କଲ୍ୟାଣୀ—ନାବିକ ବିନା ଅଥଳ ଦରିଆରେ ନୌକା ବୁଡ଼ିଯାଉ, ଏଇଆ କ'ଣ ତୁମେ ଚାହଁ ?

ରମେଶ—କଲ୍ୟାଣୀ !

କଲ୍ୟାଣୀ—ଲକ୍ଷ୍ୟହରା ହେଇଯାଇଚି, ଶିଳ୍ପୀ ! ଆଉ ଯେ ଆଗେଇ ପାରୁନି ! କୃପଣ ହୁଅନା—ଦୁଇ ହାତ ବଢ଼େଇ ଭିକ୍ଷା ମାଗୁଚି, ଆଶ୍ରୟ ଦିଅ !

ରମେଶ—ଭିକାରୀକୁ ମାଗୁଚ ଭିକ୍ଷା ?······ମୁଁ ଅସମର୍ଥ, ନିଃସ୍ୱ, ସର୍ବହରା !

କଲ୍ୟାଣୀ—କଳାର ଧର୍ମ ଦରିଦ୍ର ବାଛ ବିଚାର ନ ଥାଏ !

ରମେଶ—କଳାକାରର କିନ୍ତୁ ଧର୍ମ, ଦରିଦ୍ର ବାଛ ବିଚାର ଥାଏ !

କଲ୍ୟାଣୀ—ମୁଁ ଦାର୍ଶନିକ ନୁହେଁ ରମେଶବାବୁ, ମୁଁ ମଣିଷ !

ରମେଶ—ମଣିଷ ମାନେ ହିଁ ଦାର୍ଶନିକ !

କଲ୍ୟାଣୀ—ମତେ କ'ଣ ତେବେ ହତାଶ କରିବେ ?

ରମେଶ—କାହାକୁ ତ ମୁଁ କେବେ ଆଶା ଦେଇନି !

କଲ୍ୟାଣୀ—ରମେଶବାବୁ !······

ରମେଶ—ପଛକୁ ଫେରି ଚାହଁ, କଲ୍ୟାଣୀ ! ତୁମର ବଂଶ ଗୌରବ ଅଛି, ଆଭିଜାତ୍ୟ ଅଛି ! ଏ ଭାବପ୍ରବଣତା ତୁମ ପକ୍ଷରେ ଏକାବେଳକେ ଅଶୋଭନୀୟ ! ପାଇବାର ଆଶାରେ ତୁମେ ଆଜି ମାତାଲ ହେଉଚ, କିନ୍ତୁ ପାଇ ସାରିବା ପରେ ଏ ମାଦକତା ତୁମର ରହିବ ନାହିଁ !

କଲ୍ୟାଣୀ—ମତେ ଭୁଲ ବୁଝନାହିଁ ରମେଶବାବୁ ! ଏ ମୋର ଅନ୍ତରର କ୍ଷୁଧା, ପ୍ରାଣର ବାସନା । ତୁମ ବିନା ମୋର କଳାକାର ଜୀବନ ବ୍ୟର୍ଥ ହେବ !

ରମେଶ—ମୁଁ ଅସମର୍ଥ, କଲ୍ୟାଣୀ !

କଲ୍ୟାଣୀ—ତୁମେ ନିଷ୍ଠୁର ! ନିଷ୍ଠୁର ହେବା ତ ଶିଳ୍ପୀର ଧର୍ମ ନୁହେଁ ! ତେବେ କୁହ—ମୋ ଜୀବନରେ ଏ ଝଞ୍ଜା ସୃଷ୍ଟି କଲ କାହିଁକି ! ଜବାବ ଦିଅ—କାହିଁକି ମତେ ଇମିତି ଭାବରେ ନିଃସ୍ୱ କର...(କାନ୍ଦିଲା)

ରମେଶ କଲ୍ୟାଣୀ......(ଚାଲି ଯାଉଥିଲା)

କଲ୍ୟାଣୀ—(ରମେଶର ହାତ ଧରି ପକେଇ) ରମେଶ ବାବୁ, ଜୀବନରେ ଏ ଘୋର ଅଶାନ୍ତ ଝଡ଼ ଉଠିଛି—ଏ ଝଡ଼ିରୁ ମତେ ବାଟ ଦେଖାଅ ! ଚାଲିଯାଅନା ! (ଏତିକିବେଳେ ଫେରନ୍ତି ଅଜିତ୍‌ବାବୁ । ଏସବୁ ଦୃଶ୍ୟ ଦେଖି ସେ ଏକାବେଳକେ ଅଗ୍ନିଶର୍ମା ହେଇ ଉଠିଚନ୍ତି, କିନ୍ତୁ ମିସ୍ ରାଓ ଥିବାରୁ ସେ ଟିକିଏ ସହ୍ୟ କରିନେଲେ)

ଅଜିତ—ଏଇଟା ରଙ୍ଗମଞ୍ଚ ନୁହେଁ ରମେଶଚନ୍ଦ୍ର, ଆଣ୍ଟିକରପ୍‌ସନ୍ ଡେପୁଟି ଡାଇରେକ୍ଟରଙ୍କର ସରକାରୀ ବଙ୍ଗଳା ! କାହା

ଅନୁମତିରେ ତୁମେ ଏ ବଙ୍ଗଳା ଭିତରକୁ ଆସିଥିଲ ?
ମିସ୍ ଗ୍ରଓ ! ପୋଲିସକୁ ଫୋନ୍ କର !

କଲ୍ୟାଣୀ—ରମେଶବାବୁଙ୍କର କୌଣସି ଦୋଷ ନାହିଁ, ମୁଁ ତାଙ୍କୁ ଡାକି ଆଣିଥିଲି !

ଅଜିତ୍—କ'ଣ ଏଠି କେଦାରଗୌରୀର ଅଭିନୟ କରିବା ପାଇଁ ! ନିଜ ବଂଶର ଆଭିଜାତ୍ୟକୁ ଜଳାଞ୍ଜଳି ଦେଇ, ଗୋଟାଏ ଚରିତ୍ରହୀନ, ଲୋଫର୍ ସାଙ୍ଗରେ·········

କଲ୍ୟାଣୀ—ଭାଇ ! ତୁମେ ଶିଷ୍ଟାଚାରର ସୀମା ଅତିକ୍ରମ କରି ଯାଉଚ !

ଅଜିତ୍—ଚୁପ୍‌କର ! ବଡ଼ଭାଇକୁ ଶିଷ୍ଟାଚାର ଶିକ୍ଷା ଦବାର ସତ୍ ସାହସ କେଉଠୁ ହେଲା ଶୁଣେ ! ବାପା ବୋଉ ବଞ୍ଚିଥିଲେ, ତୋର ଏ ସ୍ୱେଚ୍ଛାଚାରିତାରେ ନିଶ୍ଚୟ ନିଜକୁ ଭାଗ୍ୟବାନ ମନେ କରିଥାନ୍ତେ !

ରମେଶ—ଅଜିତ୍‌ବାବୁ ! ଉଚ୍ଚଶିକ୍ଷିତ ଆପଣ ! ନିଜ ଭଉଣୀର ଚରିତ୍ର ଉପରେ ଆପଣଙ୍କର ବିଶ୍ୱାସ ରଖିବା ଉଚିତ !

ଅଜିତ୍—ସଟ୍ ଅପ୍ ! ଆଉଥରେ ଯଦି ତୋର ପାଦ ଏ ବଙ୍ଗଳା ଭିତରେ ପଡ଼େ, ତେବେ ସେଇଦିନ ଅଜିତ୍ ଜ୍ୟୋତିରାୟର ପ୍ରକୃତ ସ୍ୱରୂପ ଦେଖିପାରିବୁ !

ରମେଶ—ଆଉ ଦେଖିବାକୁ କିଛି ବାକି ନାହିଁ ଅଜିତ୍‌ବାବୁ ! ନିଜକୁ କାମଲ ରୋଗ ହେଇଚି ବୋଲି ଦୁନିଆଟାକୁ ସେଇ ଦୃଷ୍ଟିରେ ଦେଖନ୍ତୁ ନାହିଁ !

ଅଜିତ୍—ସ୍କାଉଣ୍ଡ୍ରେଲ୍ ! ପୁଣି ଜବାବ ଦଉଚୁ !

ରମେଶ—ଜବାବ ଏ ପର୍ଯ୍ୟନ୍ତ ମୁଁ ଦେଇ ନାହିଁ—ଯଦି ଜବାବ ଚାହିବେ, ତେବେ ଦବାକୁ ମୁଁ ପ୍ରସ୍ତୁତ ଅଛି !

ଅଜିତ୍—ବୃହସ୍ପତି !

ରମେଶ—କ'ଣ ବୃହସ୍ପତିକୁ ଡାକୁଚନ୍ତି ମତେ ଗଳାଧକ୍କା ଦେଇ ବାହାର କରିଦବାକୁ ? ମୁଁ ଜାଣେ ଅଜିତ୍‌ବାବୁ ! ଏଇଟା ସରକାରି ବଙ୍ଗଳା, ଆଉ ଏଠି ସରକାରଙ୍କ ଦରମାଖିଆ ଚାକର ମହଜୁଦ୍ ଅଛନ୍ତି ! (ବୃହସ୍ପତି ଆସିଚି)

କଲ୍ୟାଣୀ—ରମେଶବାବୁ ! ଦୟା କରି ଏଠୁ ଚାଲିଯାଆନ୍ତୁ !

ରମେଶ—ଯିବା ପୂର୍ବରୁ ଏତିକି କହିଯାଉଚି—କ୍ଷମତାରେ ରହିଲେ ମଣିଷ ଯେ ନିଜର ମନୁଷ୍ୟତ୍ୱ ହରେଇବସେ, ତା'ର ଜ୍ୱଳନ୍ତ ନମୁନା ହଉଚନ୍ତି ଆପଣ ! କିନ୍ତୁ ସାବଧାନ ଅଜିତ୍‌ବାବୁ ! କ୍ଷମତା ମୋହରେ ଏତେଟା ଭୁଲ ବାଟରେ ଯାଆନ୍ତୁ ନାହିଁ !

ଅଜିତ୍—ହୁଁ ! ଯିବା ପୂର୍ବରୁ ଶୁଣିଯା ରମେଶ ! ଆଉଥରେ ଯଦି ତୋ'ର ପାଦ ଏ ବଙ୍ଗଳା ଭିତରେ ପଡ଼େ, ପାଗଳା କୁକୁରପରି ଗୁଳି କରି ମାରି ଦବାକୁ ମୁଁ କେବେହେଲେ ପଛେଇବି ନାହିଁ !

ରମେଶ—ମୁଁ ଜାଣେ ଅଜିତ୍‌ବାବୁ, ସେ ଶକ୍ତି ଆପଣଙ୍କର ଅଛି ! ତେବେ ଯିବା ଆଗରୁ ପୁଣିଥରେ କହି ଯାଉଚି······ପଶୁର ହିଂସ୍ରତା ଆଉ ବର୍ବରତା ମଣିଷ ପାଖରେ ଦେଖା ଦେଲେ, ସେ ଆଉ ମଣିଷ ହୋଇ ରହେନା—ହୁଏ ପଶୁ ! (ପ୍ରସ୍ଥାନ)

ଅଜିତ୍—ଆଲ୍‌ରାଇଟ୍ ! ମୁଁ ଦେଖିବି, ତୁମମାନଙ୍କର ତାକତ୍ କେତେ ? ମିସ୍ ରାଓ !

ବିଜୟଲକ୍ଷ୍ମୀ—ସାର୍ !

ଅଜିତ୍—ବର୍ତ୍ତମାନ ତିନିଟାଯାକ ଅର୍ଡର ଟାଇପ୍ କର ! ସ୍ଥେଟିରିଯ୍ ବଂଶର ଇଜ୍ଜତ୍ ଉପରେ ଦାଗ କାଟିବାକୁ ଚେଷ୍ଟା କଲେ—

ପରିଣାମ କ'ଣ ହୁଏ ଅରେ·····ବୃହସ୍ପତି ! (ମି: ରାଓ ଉପରକୁ ଗଲେ)

ବୃହସ୍ପତି—ହଜୁର୍ !

ଅଜିତ୍—ତୁ କୋଠିରେ ଥାଉ ଥାଉ, ଏସବୁ କ'ଣ ହଉଚି ?

ବୃହସ୍ପତି—କ'ଣ ହଜୁର !

ଅଜିତ୍— ମୁଁ ପଚାରୁଚି, ଏଇଟା ସରକାରୀ ବଙ୍ଗଳା, ନା—

କଲ୍ୟାଣୀ—ଭାଇ !

ଅଜିତ୍—ଭାଇ ! କିଏ କାହାର ଭାଇ ! ମା' ପେଟରୁହିଁ ଶତ୍ରୁ ଜନ୍ମ ହୁଏ ! ତୁ ଶ୍ରେଷ୍ଠରାୟ ବଂଶର କଳଙ୍କ ! କାଲି ଲୋକେ କହିବେ ଶ୍ରେଷ୍ଠରାୟ ସାହେବର ଭଉଣୀ ଗୋଟିଏ କଙ୍ଗାଳ କିରାଣୀର ପୁଅକୁ··ନା-ନା—ମୁଁ ଚାହେଁ ଯିବାର ଗୋଟାଏ ଫଏସଲା ! (ବୃହସ୍ପତି ଚାଲିଗଲା)

କଲ୍ୟାଣୀ—ବେଶ୍ ମୁ ପ୍ରସ୍ତୁତ ଅଛି !

ଅଜିତ୍—କ,ଣ କହିବାକୁ ଚାହୁଁ ?

କଲ୍ୟାଣୀ—ରମେଶବାବୁଙ୍କୁ ମୁଁ······

ଅଜିତ୍—ଷ୍ଟାପ୍ ! ମୋ ସାମନାରେ ଏକଥା କହିବାକୁ ସାହସ ତୋ'ର ହେଲା ! ଆର୍ଣ୍ଣି କରପ୍ସନ୍ ଡେପୁଟି ଡାଇରେକ୍ଟରର ବଙ୍ଗଳାରେ ସ୍ଥାନ ପାଇବାର ଇଚ୍ଛା ଥିଲେ, ଭାବିଚିନ୍ତି ଜବାବ ଦେ !

କଲ୍ୟାଣୀ—ଭାବିଚିନ୍ତି ତ କହିଚି !

ଅଜିତ୍– ବେଶ୍ ! ଏତେ ଯଦି ସ୍ୱତନ୍ତ୍ରତା ଲୋଡ଼ା, ତେବେ ଏ ବଙ୍ଗଳା ବାହାରକୁ ଯାଇ, ସେ ଭିକାରୀ ରମେଶ ସାଙ୍ଗରେ······

କଲ୍ୟାଣୀ—ବେଶ୍—ମୁଁ ବଙ୍ଗଳା ଛାଡ଼ି ଚାଲିଯାଉଚି !

ବାଣୀ—ଅପା, ମୁଁ ବି ତୋ ସାଙ୍ଗରେ ଯିବି !

ଅଜିତ୍—ବାଣୀ !

ବାଣୀ—ହଁ, ମୁଁ ଅପା ପାଖରେ ରହିବି । ବୋଉ ନାହିଁ ବୋଲି ତୁମେ ଯିନା ଅପାକୁ ଘରୁ ବାହାର କରିଦଉଚ ! ବୋଉ ଥିଲେ କ'ଣ ବାହାର କରି ପାରନ୍ତ ?

ଅଜିତ୍—ଚୁପ୍ କରି ଏଠୁ ଚାଲିଯା !

ବାଣୀ—ଅପାକୁ ଛାଡ଼ି ମୁଁ କୁଆଡ଼େ ଯିବି ନାହିଁ !

ଅଜିତ୍—କଲ୍ୟାଣୀ ! ତୋ'ର ଶେଷ ନିଷ୍ପତ୍ତିଟା ମୁଁ ଶୁଣିବାକୁ ଚାହେଁ !

କଲ୍ୟାଣୀ—କହିଚି ତ, ମୁଁ ବଙ୍ଗଳା ଛାଡ଼ି ଚାଲିଯିବି !

ଅଜିତ୍—ବେଶ୍, ଯାଇପାରୁ ! କିନ୍ତୁ ଯିବାପୂର୍ବରୁ ଏତିକି ଜାଣିରଖ— ଯୋଉମାନଙ୍କ ପାଇଁ ତୋର ଏତେ ଆକର୍ଷଣ, ଏତେ ମମତା, ସେମାନଙ୍କୁ ଧୂଳିସାତ୍ ନ କରି ଏ ଅଜିତ୍ ଚୌଧୁରୀ ନିଶ୍ଚିନ୍ତ ରହି ପାରେନା ! (ଉପରକୁ ଚାଲିଗଲା)

ବାଣୀ—ଅପା !

କଲ୍ୟାଣୀ—(ନୀରବ ହୋଇ ରହିଲା)

ବାଣୀ—ତୁ କାନ୍ଦନାଇଁ ଅପା !

କଲ୍ୟାଣୀ—(ବାଣୀକୁ ଆଦର କରି) ବାଣୀ ! ଆମର ପରି ବୋଉ ନାହିଁ !

ବୃହସ୍ପତି—(ପ୍ରବେଶି) ଦେଖ, ସାହେବଙ୍କର ମୁଣ୍ଡ ବିଗିଡ଼ି ଯାଇଚି !

କଲ୍ୟାଣୀ—ସାହେବର ହୁକୁମ୍ ଶୁଣିଲୁ ବୃହସ୍ପତି ! ମତେ ଏ ବଙ୍ଗଳା ଛାଡ଼ି ଯିବାକୁ ହବ !

ବୃହସ୍ପତି—ସେଇ ମାଇକନିଆ ଦ'ଟା ତ ସାହେବଙ୍କୁ ବିଗାଡ଼ି ଦେଲେ !

କଲ୍ୟାଣୀ ତାଙ୍କର ଦୋଷ କ'ଣ ? ପେଟ ପାଇଁ ଚାକିରୀ କରୁଚନ୍ତି— ସାହେବ ହଉଚନ୍ତି ତାଙ୍କର ଅନ୍ନଦାତା ! ଖୋସାମଦି କରି ଦ'ପଦ ନ କହିଲେ ତାଙ୍କ ପେଟ ପୂରିବ କେମିତି ? ଛାଡ଼ ସେ କଥା—ଯା, ରିକ୍‌ସା ଖଣ୍ଡେ ଡାକି ଆଣିବୁ !

ବୃହସ୍ପତି—କୁଆଡ଼େ ଯିବ ଦେଈ ?

କଲ୍ୟାଣୀ—ଭଗବାନଙ୍କର ଏତେ ବଡ଼ ସଂସାର, କୋଉଠି କ'ଣ ଟିକିଏ ଜାଗା ମିଳିବ ନାହିଁ !

ବୃହସ୍ପତି—ଦେଈ, ମୁଁ ତମ ସାଙ୍ଗରେ ଯିବି !

କଲ୍ୟାଣୀ—ସାହେବ ତତେ ତ କୋଠିରୁ ବାହାର କରି ଦେଇ ନାଇଁ ! ତୁ କୁଆଡ଼େ ଯିବୁ ! ତୋ'ର ପିଲାଛୁଆ ଅଛନ୍ତି— ସେମାନେ ବଞ୍ଚିବେ କେମିତି ?

ବୃହସ୍ପତି—ପିଲାଛୁଆ ଚୂଲିରେ ପଶନ୍ତୁ ! କୁକୁର ବିଲେଇର ସ୍ନେହ ଅଛି, ଦେଈ ! ମୁଁ ତ ମଣିଷ ! ସାନଦେଈ ଆଉ ତମେ ଏଠୁ ଚାଲିଯିବ—ମୁଁ ଏଠି ଥାଇ କ'ଣ କରିବି ? ତମର ମନେ ଅଛି ଦେଈ ! ସାନଦେଈ ପାଞ୍ଚ ବରଷର ହେଇଥିଲେ; ତମ ବୋଉ ମରିଗଲେ। କିଏ ତାଙ୍କୁ କୋଳେଇ କାଖେଇ ମଣିଷ କରିଚି ? ଏଇ ବୃହସ୍ପତି ତ ! (କାନ୍ଦିଲା।)

କଲ୍ୟାଣୀ—କାନ୍ଦ ନାଇଁ ବୃହସ୍ପତି ! ଆମେ ଦ'ଭଉଣୀ ସଂସାରରେ ଯୋଉଠି ରହିବୁ, ତତେ ଭୁଲି ପାରିବୁନି ! ଯା—ରିକ୍‌ସା ଡାକିଦବୁ ! ବାଣୀ ! ଚାଲ୍, ଲୁଗାପଟା ଦ'ଖଣ୍ଡ ସଜାଡ଼ିନବା ! (ବାଣୀକୁ ନେଇ ଚାଲିଗଲେ)

ବୃହସ୍ପତି—(ମନକୁମନ) ଏ ଚୃକଶି ନ ହେଲା ! ବାସନ କ'ଣ ମାଜି ପାରିବନି ! ମଜୁରି କ'ଣ ଖଟି ପାରିବ ନାହିଁ ! ହେଲେ, ଆଜି ଏ ବଙ୍ଗଳାରୁ ଯିବ !

ଚମନ୍–(ପ୍ରବେଶି) କରେ କକା, ଚୃକଶି କ'ଣ ତତେ ପିତା ଲାଗିଲାଣି ! ବଙ୍ଗଳାରୁ କାହିଁକି ଯିବୁ ?

ବୃହସ୍ପତି—ଚମନ୍‌ଭାଇ, କ'ଣ କହିବି ତତେ—ଏଇ ଆମ ବଡ଼-ବାବୁ ପୁଅଟା, କେତେବେଳେ କମିତି ଆସି ଦେଇମାନଙ୍କୁ ନାଚ ଗୀତ ଶିଖାଏ ! ତାଙ୍କରସେ ଟିକେ ହସଖୁସି ହଉଥିଲେ, ସେଇ କଥା ସାହେବ ଆଖିରେ ପଡ଼ିଗଲା ! ବଡ଼ବାବୁ-ପୁଅଟାକୁ ଯାହା ତ କହିଲା, କହିଲା ! ଏଇନେ ଭଉଣୀ ଦି'ଟାକୁ ବଙ୍ଗଳାରୁ ବାହାରି ଯିବାକୁ କହିଲାଣି ! ତୁ କହିଲୁ ଭଲା, ଏଗୁଡ଼ାକ ମଣିଷ ଜୀବନ ପାଇ ସହି ହବ ?

ଚମନ୍–ହଇରେ କକା ! ଶ୍ରେଷ୍ଠି ରାମ୍ପୁସାହେବ ବଙ୍ଗଳାରେ ଚୃକାଣି କରି, ତୁ କ'ଣ ଆଉ ମଣିଷ ହେଇ ଅଛୁ ?

ବୃହସ୍ପତି ଠିକ୍ କହିଚୁ ! ମଣିଷ ହେଇଥିଲେ କ'ଣ ଏଗୁଡ଼ା ସବୁ ଦେଖୁଥାନ୍ତି ! ପଥର ! ବୁଝିଲୁ ଚମନ୍‌ଭାଇ, ବୃହସ୍ପତି ପଥର ! (ଚାଲିଗଲା ଭିତରକୁ)

ଚମନ୍—ଏ କକା, ସାହେବ କ'ଣ କୋଠିରେ ନାହାନ୍ତି ? ଏଁ ଆରେ ହଁ କି ନାହିଁ କହି ଯା ! କକା ! ପ୍ଲାନ୍ କ'ଣ ଫେଲ୍ ମାରିବ ! (କାନଡେ଼ରି) ନା—ଅନୁମାନଟା ସେଣ୍ଟ୍ ପରସେଣ୍ଟ୍ ଠିକ୍ ! ସାହେବ ଅଛି ! ସାର୍ ଅଛନ୍ତି ! ସାର୍ ! (ଏତିକିବେଳେ ଶ୍ରେଷ୍ଠି ରାମ୍ପୁସାହେବ ପିଣ୍ଡାରେ ଦେଖା ଦେଲେ)

ଅଜିତ୍—କିଏ ? ଓ ଚମନ୍‌ଲାଲ !

ଚମନ୍—ନମସ୍କାର ସାର୍ ! ଆପଣଙ୍କର ଦାସାନୁଦାସ !

ଅଜିତ—ପରେ ଆସ ! (ଚାଲି ଯାଉଥିଲେ)

ଚମନ୍—ଶୁଣନ୍ତୁ ସାର୍, ନହାତି ଜରୁରୀ କାମ ଅଛି !

ଅଜିତ୍— କ'ଣ ଟଙ୍କା ଦରକାର ?

ଚମନ୍— ତଳକୁ ଟିକେ ଆସନ୍ତୁ ସାର ! ଏପର୍ଯ୍ୟନ୍ତ ଟଙ୍କା ନିଜ ପାଇଁ ନେଇଥିଲି, ଆଜି କିନ୍ତୁ ଆପଣଙ୍କ ପାଇଁ ନେବି ! ବଡ଼ ବିପଦ ! ଭୟଙ୍କର ବିପଦ ସାର୍ !

ଅଜିତ୍—(ତଳକୁ ଆସିଲେ) କ'ଣ ହୋଇଚି ?

ଚମନ୍—ଯାହା ନ ହବା କଥା, ସେଇଆ ହୋଇଚି ସାର୍ ! ପୋଲିସ ସାହେବଙ୍କ ଚିଠି ଭାଗିରଥୀଙ୍କ ହାତରେ !

ଅଜିତ୍—ଭାଗିରଥୀଙ୍କ ହାତରେ ?

ଚମନ୍— ହଁ ସାର୍, ରମେଶ ଜରିଆରେ ପାର୍ଶଲ ହୋଇ ଯାଇଚି !

ଅଜିତ୍—କେମିତି ?

ଚମନ୍— ହରିଭାଇଠୁ ପକେଟ୍ ମାରି କରି ଭାଗିରଥୀଙ୍କ ବଟୁଆକୁ ପଠେଇ ଦେଇଚି ।

ଅଜିତ୍ – ତମେ କେମିତି ଜାଣିଲ ?

ଚମନ୍—ମରିବା କଥାଟାକୁ ବାଦ୍ ଦେଲେ ଆଉ ସବୁ କଥା ଏଇ ଚମନ୍‌ଲାଲକୁ ଜଣା, ସାର୍ !

ଅଜିତ୍—ଚମନ୍‌ଲାଲ ! ବର୍ତ୍ତମାନ ତା'ହେଲେ କ'ଣ କରାଯିବ ? ବନ୍ଧୁ ଅଫିସରମାନେ ଯେ ଅସୁବିଧାରେ ପଡ଼ିଯିବେ !

ଶମନ୍—ତା' ତ ଠିକ୍ କଥା ସାର୍ ! ଭାଗଚାଷୀଏ ମେଳ ବାନ୍ଧି ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଆସୁଚନ୍ତି ! ଶୁଣିଲି, ମକଦ୍ଦମା ବି କରିବେ !

ଅଜିତ୍—ହରିହର ଲୋକଟାକୁ ମୁଁ ଯେତେ ଚାଲାକ ବୋଲି ଭାବିଥିଲି, ପ୍ରକୃତରେ ସେ ତା' ନୁହେଁ !

ଶମନ୍—ଆଜ୍ଞା, ଗଣ୍ଡମୂର୍ଖ ବରୁଣେଇ ପାହାଡ଼ !

ଅଜିତ୍—କ'ଣ କରାଯିବ ? ତୁମେ କ'ଣ ଉଚିତ୍ ମନେ କରୁଚ ?

ଶମନ୍—ଜମିଟା କୌଣସି ପ୍ରକାରେ ଉଦ୍ଧାର କରିବାକୁ ହବ !

ଅଜିତ୍—ଶମନ୍‌ଲାଲ୍, ମତେ ଟିକେ ସାହାଯ୍ୟ କର ! ଦେଖୁଚ, ଚାରିଆଡ଼େ ବିପଦ !

ଶମନ୍—ସାର୍ ! ଆପଣଙ୍କୁ ସାହାଯ୍ୟ କରିବାକୁ ତ ଏ ଶମନ୍‌ର ଜନ୍ମ ! ମୁଁ କ'ଣ କହୁଥିଲି କି - ସାର୍ ! ଚାଷୀମାନେ ଯେମିତି ଜମି ଚାଷ କରୁଥିଲେ, ସେମିତି କରନ୍ତୁ । ତା'ଛଡ଼ା କିଛି ଅଣ୍ଟା ଗୁଞ୍ଜା ଦେଇ, ଜମିଟି ଖସେଇବାକୁ ହବ !

ଅଜିତ୍—ବେଶ୍ ସେଇଆ କର ! କେତେ ଟଙ୍କା ହେଲେ ଚଳିବ ?

ଶମନ୍—ଟଙ୍କା ଦେଢ଼ ହଜାର, ଦି'ହଜାର ଖର୍ଚ୍ଚ ହବ !

ଅଜିତ୍—ବେଶ୍, ମୋ ପାଖରେ ତ କ୍ୟାସ୍ ନାହିଁ ! ଖଣ୍ଡେ ଚେକ୍ ନେଇ ଯାଅ—ବ୍ୟାଙ୍କ୍‌ରୁ ଉଠେଇ ଆଣିବ ! (ଭିତରକୁ ଯାଇ ଚେକ୍ ଆଣି ଆସିଲେ) ଖବର ମୁଁ କୋଉ ଦିନ ପାଇବି ?

ଶମନ୍—ମୁଁ ଆଜି ଦିନ ମଟରରେ ବାହାରି ଯାଉଚି ! କାଲି ସୁଦ୍ଧା ଫେରି ଆସିବି ! ଯଦି ଭଲରେ ରାଜି ନ ହେବେ, ତେବେ ବଜାର ଭିତରେ ଗୁଣ୍ଡା ଲଗେଇ·········

ଅଜିତ୍—ନା—ନରମ କଥାରେ କାମ ହାସଲ୍ କରିବାକୁ ଚେଷ୍ଟା କର, ଚମନ୍‌ଲାଲ ! (ଚେକ୍ ଦେଲା)
(ଏତିକିବେଳେ ମିସ୍ ରାଓ ୩ ଖଣ୍ଡ ଟାଇପ୍‌କରା କାଗଜ ଧରି ଆସିଲେ)

ଚମନ୍—ଆଉ ଗୋଟାଏ କଥା ଥିଲା ? ନା ଥାଉ ! ମୁଁ ତା'ହେଲେ ଆସୁଚି ସାର୍ ! ନମସ୍କାର !

ଅଜିତ୍—ହଁ ଆସ ! ମିସ୍ ରାଓ ! (ଟେବୁଲ ଉପରେ କାଗଜ ରଖି) ବର୍ତ୍ତମାନ କ'ଣ କରାଯିବ ? ଚୂରିଆଡ଼େ ଶତ୍ରୁ ! ବନାରସୀ ଲାଲର ସେ ଫାଇଲଟା ଆଣ !

ବିଜୟଲକ୍ଷ୍ମୀ—ସାର୍, ଆପଣ ପରା ସେ ଫାଇଲ ମିସ୍ ବାନାର୍ଜିଙ୍କ ହାତରେ ପଠେଇଦେଲେ !

ଅଜିତ୍—ବୃହସ୍ପତି ! ବୃହସ୍ପତି !

ବୃହସ୍ପତି—(ନୀରବରେ ଆସି ଠିଆ ହେଲା । ଆଖିରେ ତାର ଲୁହ)

ଅଜିତ୍—କିରେ ! ଜବାବ ଦେଇ ପାରୁନୁ ?

ବୃହସ୍ପତି—ହଜୁର୍ !

ଅଜିତ୍—କେଉଠିଥିଲୁ ? ଇଡ଼ିଅଟ୍ !

ବୃହସ୍ପତି—(ନୀରବ)

ଅଜିତ୍—କ'ଣ ହେଇଚି ?

ବୃହସ୍ପତି—କ'ଣ ହବ ହଜୁର୍ ! ବଡ଼ଦେଈ, ସାନଦେଈ ଏଠୁ ଚାଲି ଯାଉଚନ୍ତି !

ଅଜିତ୍—ଯାଆନ୍ତୁ, ସମସ୍ତେ ଚାଲି ଯାଆନ୍ତୁ ! ଅଜିତ ଷ୍ଟ୍ରୋଟର୍ଯ୍ୟ ଏକୁଟିଆ ସବୁ ଷଡ଼୍‌ଯନ୍ତ୍ରର ମୁକାବିଲା କରିବ !

ବୃହସ୍ପତି—କହିଲେ, ଆଉ ଫେରିବେ ନାହିଁ !

ଅଜିତ୍—ନ ଫେରିବା ଉଚିତ୍ !

ବୃହସ୍ପତି—ମତେ ଛୁଟି ମିଳୁ ହଜୁର ! ଆଉ ମୁଁ ବଙ୍ଗଳା କାମ କରି ପାରିବି ନାହିଁ !

ଅଜିତ୍—ତୁ ମୋର ଆର୍ଡ଼ର୍ଲି ପିଅନ୍ । ତତେ ଏଇ ବଙ୍ଗଳାରେହିଁ ରହିବାକୁ ପଡ଼ିବ !

ବୃହସ୍ପତି—ହଜୁର୍, ଜୀବନଟାଯାକ କେବଳ ଅର୍ଡ଼ର ମାନି ଆସିଲି ! ଆପଣଙ୍କ ବାପାଙ୍କ ଅମଳରେ ଏ ଘରକୁ ଆସିଥିଲି ଅଇଁଠା-ଖିଆ ଚାକର ହୋଇ—ଆପଣ ମତେ କଲେ ଅର୍ଡ଼ରଲି ପିଅନ୍ ! ଏ ମୁଣ୍ଡ ବାଳ ଆସି ଧଳା ହେଲା ! ନାହିଁ ହଜୁର୍, ଆଉ ପାରିବି ନାହିଁ !

ଅଜିତ୍—ଓଃ, ତୁ ବି ଯିବାକୁ କହୁଚୁ—ବେଶ୍ ଯା ! ମିସ୍ ରାଓ !

ବିଜୟଲକ୍ଷ୍ମୀ—ସାର୍ !

ଅଜିତ୍—ଏହାର ସବୁଦିନ ପାଇଁ ଛୁଟି ମଞ୍ଜୁର କରିଦିଅ !

ବୃହସ୍ପତି—କୋଉ ମାୟା ନେଇ ପଡ଼ି ରହିବି ! ଦେଈ ଦ'ଜଣ ତ ଏଠୁ ଯାଉଚନ୍ତି ! ତାଙ୍କର ମୁହଁକୁ ଚାହିଁ ଏ ବୁଢ଼ାଟା ସିନା ଏଠି ପଡ଼ିଥିଲା, ନ ହେଲେ କୋଉ ଦିନରୁ ଯାଇ ସାରନ୍ତାଣି !

ବିଜୟଲକ୍ଷ୍ମୀ—ବୃହସ୍ପତି, କଥା ମାନ୍ ! କାହିଁକି କୁଆଡ଼େ ଯିବୁ ! ସରକାରୀ ଚାକରୀ—ଆଉ କେଇଟା ବର୍ଷ ପରେ ପେନ୍‌ସନ୍ ପାଇବୁ !

ବୃହସ୍ପତି—ମତେ ଆଉ କିଛି ବୁଝେଇବା ଦରକାର ନାହିଁ, ମୁଁ ଠିକ୍ ବୁଝିଚି । ସେ ମିସି ବାନାର୍ଜି ଆଉ ତମେ ମୋ ସାହାବ ମୁଣ୍ଡଟାକୁ ଚୋବେଇ ଖାଇଲ ! ବଡ଼ବାବୁ ଘରଟାକୁ ଜାଳି ପୋଡ଼ିଦେଲ !

ଅଜିତ—ବୃହସ୍ପତି·····(ମାରିଲେ ଗୋଟାଏ ଚପୁଡ଼ା)

ବୃହସ୍ପତି—ମତେ ମାରିଲେ—ଭଲ କଲେ ହଜୁର୍ ! ଆପଣଙ୍କ ବାପାଙ୍କ ଅମଳରୁ ଏଘରକୁ ଆସିଥିଲି, ଆଜି ଚାଲି ବେଳକୁ (ଗାଲ ଆଙ୍ଗୁଳି) ଏଇଆ ନେଇ ଯାଉଚି ! ଭଲ ହେଇଚି, ଖୁବ୍ ଭଲ ହେଇଚି—ଦେହରେ ଜୀବ ଥିବାଯାଏ ଏ କଥାଟା ମୋର ମନେ ଥିବ ହଜୁର୍ !

ଅଜିତ—ନମକ୍ ହରାମ୍ ! ଜାନୁଆର୍ ! ବର୍ତ୍ତମାନ ତୁ ଏ ଘରୁ ଚାଲିଯା !

ବୃହସ୍ପତି—ନମକ୍ ହରାମ୍ ମୁଁ ନୁହେଁ, ହଜୁର୍ ! ସେଇ ନମକ୍ ମତେ ଏତେଦିନ ବାନ୍ଧି ରଖିଥିଲି ! ଏ ସରକାରୀ ଚାକରୀ—ପେଟ ତ ଡାଳଗଛ ଚାଇ ! ଆଜି ବି ଏ ବାହାରେ ବଳ ଅଛି ! ମୂଲ ଲାଗି ବୋଝ ବୋହି ପେଟ ପୋଷି ପାରିବି !

ଅଜିତ—ସ୍କାଉଣ୍ଡ୍ରେଲ୍—ଯା—ବାହାରି ନିକଳି ଏଘରୁ ! ଚାଲିଯା—ମୋ ସାମନାରୁ ! ତମେ ସମସ୍ତେ ଗୋଟାଏ ଦଳର !

ବୃହସ୍ପତି—ଯାଉଚି ହଜୁର୍ ! କେବଳ ଏତିକ ହୁକୁମ୍ ଦରକାର ଥିଲା ! (ଜୁହାର କରି ଚାଲିଗଲା ଭିତରକୁ)

ଅଜିତ—ଦେଖୁଚ ମିସ୍ ରାଓ ! ଏ ଘରର ଭାତ ବି ଆଜି ଷଡ଼ଯନ୍ତ୍ର କରୁଚି ! ଅଲ୍ ରାଇଟ୍, ମୁଁ ଏହାର ଉଚିତ ପ୍ରତିକାର କରିବି !

ବିଜୟଲକ୍ଷ୍ମୀ—ସାର୍ ! ବୃହସ୍ପତି ତ ଚାଲିଯିବ, ଏ ବଙ୍ଗଳା ପାଇଁ ଗୋଟାଏ ବିଶ୍ୱାସୀ ଅର୍ଡ୍ଦରଲି ପିଅନ୍ ନ ହେଲେ·····

ଅଜିତ—ସେ ବ୍ୟବସ୍ଥା ମୁଁ କରୁଚି ମିସ୍ ରାଓ ! ଅର୍ଡ୍ଦରଲି ପାଇଁ ଏ ବଙ୍ଗଳା କାମ ବନ୍ଦ ରହିବ ନାହିଁ ! (ଅର୍ଡ୍ଦରଗୁଡ଼ାକ

ଦସ୍ତଖତ୍ କରି) ଏଗୁଡ଼ାକ ଶୀଘ୍ର ପଠେଇ ଦବାର ବନ୍ଦୋବସ୍ତ କର, ମିସ୍ ରାଓ ! ଗୁ ରୁପଦର ଏକ୍‌ସଟେନ୍‌ସନ୍ ବନ୍ଦ, ସବତା ସସ୍‌ପେନ୍‌ଡ଼େଡ଼୍ , ଆଉ ଛୁଟିଯୁକ୍ତି ହଉଚି—ଚବଶ ଘଣ୍ଟା ଭିତରେ ସରକାରୀ ଘର ଛାଡ଼ି ଯିବାକୁ ହବ ! ଏଇ ହେଲା ସବତା ଚ୍ୟାଲେଞ୍ଜ୍‌ର ଉପଯୁକ୍ତ ଜବାବ !

(ହସି ଉଠିଲେ ଜୋରରେ)

# ଦ୍ୱିତୀୟ ଦୃଶ୍ୟ

ଷ୍ଟେସନ୍ ରାସ୍ତା

[କଥାଭାଷା ହୋଇ ପ୍ରବେଶ କଲେ ଗୁରୁପଦ ଓ ହରିହର]

ଗୁରୁପଦ - ମତେ ତେବେ କ'ଣ କହୁଚ ଯେ !

ହରି—କୌଣସି ପ୍ରକାରେ ଯଦି ଶଠିଖଣ୍ଡ ରମେଶଠୁଁ ଆଣି ଦିଅନ୍ତ, ତାଙ୍କ ଜିନଷ ତାଙ୍କ ଜିମା କରିଦେଇ ସାହ୍ୱ ପାଇଯା'ନ୍ତ !

ଗୁରୁପଦ—ତୁମର କିଛି ହବ ନାହିଁ, ହରିହର ବାବୁ ! ମୁଁ ଜବାବ ଦଉଚି—ଯାହା ହବ, ମୋରି ହବ !

ହରି—ସେତିକି ଉପକାର କର ଗୁରୁପଦ ବାବୁ—ମୁଁ ବଞ୍ଚିଯାଏ !

ଗୁରୁପଦ—ମୁଁ ତ ନିଜେ ମଲ୍ ମୁର୍ଦ୍ଧାର ! ତୁମକୁ ଆଉ ବଞ୍ଚେଇବି କ'ଣ ? ବାହାରିଚି ଗାଁକୁ ! ତେଣୁ ଫେରି ଆସିଲେ, ପିଲ୍ଲ ଛୁଆଙ୍କୁ ଧରି ଚାଲିଯିବି !

ହରି—କ'ଣ ଚାକିରି ଛାଡ଼ି ଦଉଚ ?

ଗୁରୁପଦ—ଚାକିରି ମୁଁ ଛାଡ଼ୁନାହିଁ ଯେ, ଚାକିରି ମତେ ଛାଡ଼ି ଦଉଚି !

ହରି—କ'ଣ କହିଲ !

ଗୁରୁପଦ—ମିଛ କହି ନାହିଁ ! ଏଇନେ ଏବେ ଅଫିସରୁ ଶୁଣି ଆସିଲି । ଝିଅଟା ସସ୍‌ପେଣ୍ଡ ହୋଇଚି । ମୋର ଏକ୍‌ସଟେନ୍‌ସନ୍ ବନ୍ଦ । ସରକାରୀ ଘର ଖାଲି କରିବାକୁ ହବ ! କି ସରକାରୀ ଚାକିରୀ କଲି ଯେ, ବାପ ଅଜା ଅମଳର ଭିଟାମାଟି ଖଣ୍ଡିକ ଉଚ୍ଛନ୍ନ ହେଲା । ଏଣେ ଜୀବନସାରା ଖଟି ଖଟି ପେଟପୂରା ଭାତ ବି ମିଳିଲା ନାହିଁ !

ହରି—ସତ କହୁଚ ଗୁରୁପଦ ବାବୁ ! ଗାଁ ମାଟି ଛାଡ଼ି ସହରକୁ ଧାଇଁ ଆସିଥିଲେ ଭାତ ପାଇଁ—ହେଲେ, ସହର ଭାତର ସୁଆଦ ଖୁବ୍ ଚାଖିଲେ ! (ମଟରର ହର୍ଣ୍ଣ ଶୁଭିଲା)

ଗୁରୁପଦ—ମଟର ଛାଡ଼ିଲା ନା କ'ଣ, ମୁଁ ଯାଏ !

(ଯିବାକୁ ଉଦ୍ୟତ)

ହରି—ଏଇନେ କ'ଣ ମଟର ଛାଡ଼ିବା ସମୟ ହେଲାଣି ! ଏଇଟା··· ତେଣୁ ଯୋଉ ମଟର ଆସିଲା !

ଗୁରୁପଦ—ଜୀବନରେ ବଡ଼ ଅବଶୋଷ ରହିଗଲା ହରିହର ! ପିଲା ଛୁଆଙ୍କ ପାଇଁ କିଛି କରି ପାରିଲି ନାହିଁ ! ଅଭିଶପ୍ତ ନହେଲେ, ଭଗବାନଙ୍କ ସୃଷ୍ଟିରେ ମଣିଷ କ'ଣ ଗରିବ ହୋଇ ଜନ୍ମ ହୁଏ ?

ଚମନ୍—(ପ୍ରବେଶ କରି) ଏ ମନ ଭାବୁଥାଏ ଯାହା·····ଭାଗବତ କ'ଣ ମିଛ ଲେଖିଚି ବଡ଼ବାବୁ ! ଏଇନେ ମୁଁ ତମର କଥା ମଟର ଭିତରେ ଭାବି ଭାବି ଆସୁଥିଲି ! କରେ ହରିଭାଇ, ତୁ କୁଆଡ଼େ ? ପୁଣି କ'ଣ ପୋଲିସ ସାହେବ ଚିଠି ନେଇ ଗାଁକୁ ଯାଉଚୁ ?

ହରି—ଆଉ ସେ କଥା କହ ନାହିଁ ଚମନ୍‌ଭାଇ ! ଗୁଣ୍ଡାଙ୍କ ବାକିଆ ଟଙ୍କା ଦେଇ ନାହିଁ ବୋଲି, ଲୁଚି ଲୁଚି ବୁଲୁଚି ! ଏଣେ ପୋଲିସବାଲାଙ୍କ ଧମକ କହିଲେ ନସରେ । ସ୍ପେଟଗାପୁ ସାହେବ ବୁଦ୍ଧିରେ ପଡ଼ି, ଯିଏ ଗାଁ ଭାଇଙ୍କ ତଣ୍ଟିରେ ଛୁରୀ ଦେଇଚି, ସେ ଆଉ କୋଉ ମୁହଁ ନେଇ ଗାଁକୁ ଯିବ, କହିଲୁ ! ଏଣେ ପଇସା ଅଭାବରୁ ପିଲାଛୁଆଗୁଡ଼ାକ ଉପବାସ ! ମରିଯିବା !

ଚମନ୍—ହରିଭାଇ, ଗୋଟାଏ ବ୍ୟବସାୟ କର ! ମୂଳଧନ ଆଦୌ ଦରକାର ନାହିଁ !

ହରି—ବ୍ୟବସାୟ ?

ଚମନ୍—ପିଲା ଚେଷ୍ଟା କର ବନ୍ଦୀ କରି ପାରିବୁ ?

ହରି—ହଇରେ ଚମନ୍‌ଭାଇ ! ଆମେ ଦ'ଟା ଲୋକ ମରିବାକୁ ବସିଲୁଣି, ତତେ ପରିହାସ ଲାଗିଚି !

ଚମନ୍—କେହି ମରିବେ ନାହିଁ, ସଭିଏଁ ବଞ୍ଚିବେ । ମୋଠୁଁ ଲେଖିନେ ! ନେ ଟଙ୍କା—ଯା ! ଗାଁରେ କୃଷିବାସ କରି ଚଳ୍ !

ହରି—ଗାଁକୁ ଯିବି ? କେଉ ମୁହଁରେ !

ଚମନ୍—ଯୋଉ ମୁହଁ ନେଇ ଭାଗଚାଷୀଙ୍କୁ ବେଦଖଲ କରିବାକୁ ଯାଇଥିଲୁ, ସେଇ ମୁହଁରେ ! କେହି କିଛି କହିବେ ନାହିଁ ! ମୁଁ ତ ଏଇନେ ତମ ଗାଁରୁ ଆସୁଚି !

ହରି—ତୁ ଗାଁକୁ ଯାଇଥିଲୁ ? କାହିଁକି ?

ଚମନ୍—ଭାଗଚାଷୀଙ୍କୁ ଜମିଚାଷ କରିବାକୁ ହୁକୁମ୍ ଦବାକୁ ! ସେମାନେ ଯେମିତି ଚାଷ କରୁଥିଲେ, ସେମିତି ଚାଷ କରିବେ !

ହରି—ଆଉ ପୋଲିସ ସାହେବର ସେ ଚିଠି ?

ଚମନ୍—ଏଠି ଯୋଉଠି ରହିବା କଥା, ସେଇଠି ଅଛୁ ! ଦରକାର ବେଳେ ଠିକ୍ ଆତ୍ମପ୍ରକାଶ କରିବ !

ହରି—ଗୁରୁପଦ ବାବୁଙ୍କୁ ତ ଏଇନେ କହୁଥିଲ, ଏଠିଖଣ୍ଡ ରମେଶ ବାବୁଠୁ.....

ଚମନ୍—ଏଠି କ'ଣ ରମେଶବାବୁ ପାଖରେ ଅଛୁ ?

ହରି—ତୁ ପରା କହୁଥିଲୁ.....

ଚମନ୍—ତା' ନ କହିଥିଲେ, ତତେ କ'ଣ ସ୍ପେଷ୍ଟରସ୍ନ ସାହେବ ଜାଲରୁ ଖସେଇ ପାରିଥାନ୍ତି !

ହରି—ଚମନ୍‌ଭାଇ !

ଚମନ୍—ଆରେ ବରୁଣେଇ ପାହାଡ଼ ଗଣ୍ଡ ମୂର୍ଖ ! ହାଁ ଠା କରି ଅନେଇଛୁ କ'ଣ ? ନେ ଠଙ୍କା—ନେ ! (ମନିବ୍ୟାଗରୁ ଠଙ୍କା କାଢ଼ିଲା) ଯା—ପିଲାଛୁଆଙ୍କ ଖବର ବୁଝ୍ ! (ଏତିକି-ବେଳେ ପୁଣି ମଠର ଘଣ୍ଟି ଶୁଭିଲା)

ଗୁରୁପଦ—ମୁଁ ଯାଉଚି ଚମନ୍‌ଲାଲ ! ମଠର ଛାଡ଼ିଦବ ! ପୁଣି ଫେରିଲେ ଦେଖା ହବ !

ଚମନ୍—କହୋ ! ପୁଅ ବାହାଘର ନିବନ୍ଧ ନକରି ଯିବ କୁଆଡ଼େ ?

ଗୁରୁପଦ—ପୁଅ ବାହାଘର !

ଚମନ୍—କ'ଣ ଭୁଲିଗଲଣି ! କରାଣୀ ହେଲେ ମଣିଷଗୁଡ଼ାକ ସତେ କ'ଣ ହେଇ ଯାଆନ୍ତି ହେ ! କହୋ ସେଦିନ ପରା ଅଫିସରେ କହିଲ, ପୁଅ ପାଇଁ ପାତ୍ରୀଟିଏ ଖୋଜିଦବାକୁ !

ଗୁରୁପଦ—ଚମନ୍‌ଲାଲ ! ଏ ବିପଦ ବେଳେ ଆଉ ପରିହାସ କର ନାହିଁ !

ଚମନ୍—ପରିହାସ କରୁନାହିଁ ବଡ଼ବାବୁ ! ମୁଁ ଜବାବ ଦଉଚି, ସବୁ ଠିକ୍ କରିଦେବ ! ଖାଲି ବାହାଘର କରିବା ଜବାବଟା ତୁମରିଆଡ଼ୁ ମିଳିଗଲେ···ବାସ୍ !

ଗୁରୁପଦ—ତୁମେ ଆଉ କ'ଣ କରିବ ? ସାହେବର ରାଗ କ'ଣ କମୋଚି ? ଯେତେକ ଆକ୍ରୋଶ ସବୁ ସେଇ ରମା ଉପରେ !

ହରି—ଓଃ କଥାରେ ମଞ୍ଜି ତା'ହେଲେ ଏଠି !

ଚମନ୍—ହାଃ ତୁ ବରୁଣେଇ ପାହାଡ଼ ଗଣ୍ଡ ମୂର୍ଖ ! ଶୁଙ୍ଘି ଶୁଙ୍ଘି କହିଲୁ ସୈନ୍ଧବ ଲୁଣ ! ହଁ ବଡ଼ବାବୁ, ବାହାଘରଟା କରିଦିଅ । ତା'ହେଲେ ସବୁ ଗୋଳମାଳ ତୁଟିଯିବ ! ଦେଖିବ, ପୁଅ ତୁମର ଆଉ କେନ୍ଦ୍ରକୁ ଯିବ ନାହିଁ । ଗୀତ ନାଚ ଯାହା ଶିଖେଇବା କଥା ସବୁ ଘରେ ଶିଖେଇବ !

ଗୁରୁପଦ—ମୋର ଏ ଦୁର୍ଦ୍ଦିନରେ ମତେ ଲୋକହସା କରାଅ ନାହିଁ ଚମନ୍‌ଲାଲ ! ତମେ ଯାଅ, ମୁଁ ଗାଁର ହାଲଚାଲ ଟିକେ ଦେଖିଆସେ । କୌଣସି ପ୍ରକାରେ ତ ପୁଣି ବଞ୍ଚିବାକୁ ହବ !

ଚମନ୍—ତମଦ୍ୱାରା କିଚ୍ଛି ହବ ନାହିଁ ବଡ଼ବାବୁ ! ଏ ୩୫ ବର୍ଷ ଚାକିରି ଭିତରେ ବ କିଚ୍ଛି ହେଲା ନାହିଁ ! ଏ ଯୁଗରେ ସବୁ କାରବାର ତୃତୀୟ ପୁରୁଷରେ । ତୃତୀୟ ପୁରୁଷ ହେଇ ତୁମର କେହି ନାହାଁନ୍ତି !

ଗୁରୁପଦ—ତମ କଥା ମୁଁ କିଚ୍ଛି ବୁଝିପାରୁନି, ଚମନ୍‌ଲାଲ !

ଚମନ୍—ମାନେ—ତମ ଭାଇ, କି ଶଳା, ଜ୍ୱାଇଁ ବା ପୁଅର ଶଶୁର୍, ଯେ କି ମନ୍ତ୍ରୀ, କମ୍ବା ମନ୍ତ୍ରୀଙ୍କ ପି. ଏ., ଏମ୍. ଏଲ୍. ଏ. ବା ବଡ଼ ହାକମ୍, ଏମିତି ପାହ୍ୟାରେ ନାହାନ୍ତି ! ସେଇଥିପାଇଁ ତମେ ହଇରାଣ ହଉଚ ! ମୁଁ ଏବେ ତୁମର ତୃତୀୟ ପୁରୁଷ

ହୋଇ ଚେଷ୍ଟା କରି ଦେଖିବ, ତମର ଗୃହକର୍ତ୍ତ ଯେମିତି ନଯାଏ କି କୁଟୁମ୍ବ ଉପବାସରେ ନ ରହନ୍ତୁ !

ଗୁରୁପଦ—ଚମନ୍‌ଲାଲ୍, ମୋ ମୁଣ୍ଡ ସିନା ଠିକ୍ ନାହିଁ, ହେଲେ ତୁମ ମୁଣ୍ଡ ତ ଠିକ୍ ଅଛି !

ଚମନ୍—ମୁଣ୍ଡ ମୋର ଠିକ୍ ଥିଲା ବଡ଼ବାବୁ ! ହେଲେ ତମ କଥା ଶୁଣିଲା ବେଳୁ ୧୯୨୪ ମଡ଼େଲ ଫୋର୍ଡଗାଡ଼ି ପରି ଇଂଜନ୍, ବଡ଼ି ସବୁ ଦୋହଲଗଲାଣି ! ମୁଁ ଏବେ କ'ଣ କରିବ ଯେ ?

ଗୁରୁପଦ—ତୁମର ତ ଅସୁବିଧା କିଛି ନାହିଁ ! ତୁମେ ବ୍ୟସ୍ତ ହଉଚ କାହିଁକି ? ଭଗବାନଙ୍କ ସୃଷ୍ଟିର ଯେତେକ ଦୁଃଖ ସବୁ ଆମର ଉପରେ !

ଚମନ୍—ବାହାଘର କଥା କ'ଣ କହୁଚି ! ବର୍‌ରାସ୍ତା ଉପରେ ମତେ ବେଇଜ୍ଜତ୍ କରିବ ନା କ'ଣ ?

ଗୁରୁପଦ—ବଂଶସାର ଖାଇବା ବିନା ମରିବା ବେଳେ ତୁମେ ଥରକୁଥର ସେଇ ବାହାଘର କଥା କାହିଁକି ଉଠଉଚ ଯେ !

ଚମନ୍—ଜବାବ ଯେ ଦେଇ ପାରିଚ । ନ ହେଲେ ରମେଶ ଛଡ଼ା କ'ଣ ଭଲ ବର ନାହାନ୍ତି ! ହେଲେ, ଝିଅର ପସନ୍ଦ ତମ ପୁଅକୁ !

ହରି—ଝିଅ କିଏ, ଝିଅର ବାପ କିଏ, କିଛି ଜଣା ନାହିଁ ! ଖାଲି ରାସ୍ତାଟା ଉପରେ ଠିଆ ହୋଇ ବାହାଘର ବାହାଘର ହଉଚ !

ଚମନ୍—ବର୍ତ୍ତମାନ ଜାଣିବା ଦରକାର ନାହିଁ ! ଏଇଠି ନିବନ୍ଧ କରି ସବୁ ସ୍ଥିର କର !

ହରି—କରେ କନ୍ୟାପିତା କାହିଁ ?

ଚମନ୍—ହରିଭାଇ, ତୁ ଠିକେ ବର୍ତ୍ତମାନ ପାଇଁ କନ୍ୟାପିତା ହୋଇଯା !

ହରି—ସେ କଥା କହ ନାହିଁ । ଭଗବାନ୍ ମତେ ତିନଟା ପୁଅ ଦେଇଚନ୍ତି । ଏମିତି ମିଛେ ମିଛେ ଅଭିନୟ କରୁକରୁ ସତକୁ ସତ ଯଦି ଝିଅଟାଏ ହୋଇଯାଏ ନା—ତେବେ ଏ ସାଇକେଲ୍, ଘଡ଼ି, ରେଡ଼ିଓ ଯୁଗରେ ମୋ ଭେଳା ବୁଡ଼ିଯିବ !

ଚମନ୍—ହା ! ତୁ ବଡ଼ୁଣେଇ ପାହାଡ଼ ଗଣ୍ଡମୂର୍ଖ ! କରେ ପୁରାଣରେ ପଢ଼ିନୁ—ଗୁରୁ ବାଲୁଆଠାଏ କନ୍ୟାଦାନ କରି ସଗର ରାଜା ହୋଇ ଜନ୍ମ ହେଲା ! ଭାଗ୍ୟରେ ଥିଲେ, ତୁ ବି ସେମିତି ହୋଇଯିବୁ !

ହରି—ସେ ଭାଗ୍ୟ ମୋର ଦରକାର ନାହିଁ । କାହିଁକି ତୁ କନ୍ୟାପିତା ହଉନୁ ?

ଚମନ୍—ଆରେ ମୋର ତ ସାତ ଅଣ୍ଡିରା ଛୁଆ । ଏଥର ପୁଣି କ'ଣଟାଏ ହଉଚି କେଜାଣି !

ଗୁରୁପଦ—ଚିମନ୍‌ଲାଲ ! ମୋର ଏତେ ବଡ଼ ବିପଦବେଳେ ଏ ରାସ୍ତା ମଝିରେ ମତେ ଆଉ ଥଟ୍ଟା ପରିହାସ କର ନାହିଁ । ଝିଅର ଠିକଣା ନାହିଁ । ବାପର ଦେଖା ନାହିଁ । କ'ଣ ନା—ବାହାଘର ହବ !

ଚମନ୍—ବୁଝିଲେ ବଡ଼ବାବୁ ! ଏ ଗଣ୍ଡମୂର୍ଖ ଯେତେବେଳେ ରାଜି ହଉନାଇଁ—ମୁଁ ଏବେ ବର୍ତ୍ତମାନ ପାଇଁ କନ୍ୟାପିତା ହୋଇ ଯାଉଚି !

ଗୁରୁପଦ—ଚମନ୍‌ଲାଲ !

ଚମନ୍ – ଆଉ ଚମନ୍‌ଲାଲ ନୁହେଁ, କୁହ ସମୁନ୍ଧି ! (ପକେଟ୍‌ରୁ ଖଣ୍ଡେ ଚେକ୍ କାଢ଼ି) ନଅ ସମୁନ୍ଧି, ରାସ୍ତାଖର୍ଚ୍ଚ ବାବଦ ଆଗତୁରା ହଜାର ଟଙ୍କାର ଚେକ୍ ଦେଲି ! ବାହାଘରର ସବୁ ବନ୍ଦୋବସ୍ତ କର !

ହରି—ଏଇଟା ଜାଲ୍ ଚେକ୍ ନୁହେଁ ତ !

ଚମନ୍—ଆରେ ହରିଭାଇ, ଏ ଚମନ୍‌ଲାଲ କ'ଣ ଆଉ ଚତୁର୍ଥ ଶ୍ରେଣୀ କର୍ମଚାରୀ ସଂଘର ସେକ୍ରେଟେରୀ ହୋଇ ରହିଚ ! ଏଇନେ ଅଫିସର ସଂସ୍ଥା ଭିତରେ । ଆପଏଣ୍ଟ୍‌ମେଣ୍ଟ ପାଇଚ ! ଆଲ୍ଲାଉଦ୍ଦିନ୍‌ର ଆଶ୍ଚର୍ଯ୍ୟ ପ୍ରଦୀପ ଏଇ ମୁଣି ଭିତରେ ! ବାସ୍— ଘଷିଲି ତ ;ଅସୁର ଆସି ଠିଆ ହେଲା ! ତା'ପରେ—ଖୋଲା ଛକାଛକ୍ ଚେକ୍ ! ହଉ, ସମୁନ୍ଧି ! ତମେ ସବୁ ବ୍ୟବସ୍ଥା କର, ମୁଁ ଯାଏ । ତେଣେ ବହୁତ କାମ ପେଣ୍ଡିଙ୍ଗ୍ ପଡ଼ିଚି !
(ଚାଲିଗଲେ)

ଗୁରୁପଦ—ବଡ଼ ଆଶ୍ଚର୍ଯ୍ୟ ଲୋକ ଏଇ ଚିମନ୍‌ଲାଲ !

ହରି—ମୁଁ ତ ସେଇଆ ଭାବୁଚି, ଗୁରୁପଦ ବାବୁ ! ଇଏ କ'ଣ ସେଇ ଟାଉଟର୍ ଚିମନ୍‌ଲାଲ ! ମୁଁ ନିଜେ ଦେଖିଚି, ଗୋଟାଏ ଦି'ଟା ଟଙ୍କା ପାଇଁ ପିଅନ୍‌ଗୁଡ଼ାଙ୍କୁ କ'ଣ କମ୍ ହଇରାଣ କରେ !

ଗୁରୁପଦ—ଏ ଚାକିରୀ ଯିବାବେଳେ କାହିଁକି ଯେ ମତେ ଏମିତି ହଇରାଣ କରୁଚି, ମୁଁ ତ କିଛି ବୁଝିପାରୁନି !

ହରି—ମତଲବ ତ କିଛି ବୁଝି ହଉନି ! ଟଙ୍କା ସିନା ଦେଇଗଲା— ହେଲେ କନ୍ୟାଟି କିଏ ?

ଗୁରୁପଦ—ବାହାଘର କରିବାକୁ ଜିଦ୍‌ଧରି ଏଇନେ ଏବେ ହଜାର ଟଙ୍କାର ଚେକ୍ ଦେଇଗଲା । ତା' ମନରେ କ'ଣ ଅଛି କେଜାଣି । ସେକଥା ସେଇ ହରିହର ଜାଣନ୍ତି !

ହରି—ସତ କହୁଚି ବଡ଼ବାବୁ ! ମୁଁ ଏ ବିଷୟରେ କିଛି ଜାଣିନାଇଁ !

ଗୁରୁପଦ—ନାହିଁ ହେ ମାଷ୍ଟ୍ରେ, ତମେ ନୁହଁ । ସେଇ ହରି ! ଯେ ଧନ ଚୁରି କରୁଚି ! ଆମପରି ଗରିବଙ୍କୁ ହନ୍ତସନ୍ତ କରି ମାରୁଚି ! ହଉ ଆସ, ଟିକେ ରମାବୋଉକୁ ବୁଝେଇ କହିବ ।

(ଦୁହେଁ ପ୍ରସ୍ଥାନ)

## ତୃତୀୟ ଦୃଶ୍ୟ

ଅଜିତ୍ ଗ୍ରେଷ୍ଟରାସ୍ ବଙ୍ଗଳା

[ନବଘନ ଉପରୁ ଓହ୍ଲେଇ ଆସୁଥିଲା]

ନବଘନ—(ମନକୁମନ)—ମଣିଷ ପୂର୍ବ ଜନ୍ମରେ କୁକୁର ନଥିଲେ, ଏ ଜନ୍ମରେ କ'ଣ ପିଅନ୍ ହୁଏ ! ପିଅନ୍, ଚପରାସୀଙ୍କ ବଦଳି ଅର୍ଡ଼ର ସରକାର୍ ପରଓ୍ୱା । ତ ନୁହେଁ—ଯେମିତି ଯମ ଡାକରା । ୨୪ ଘଣ୍ଟା ଭିତରେ ଗଣ୍ଠିଲିପଣ ବାନ୍ଧି ଗାଡ଼ି ନ ଚଢ଼ିବାକୁ ଡର ସହିବନି ! ଆଉ ସ୍ୟାଙ୍କ ବେଳକୁ ? ଗେଜଟିରେ ବାହାରିବ, ହାକିମ ବଦଳି ହାକିମ ନ ଆସିଲେ ବଙ୍ଗଳା ଶିଘ୍ର ବଢ଼ିବ କମିତି ! ଅଫିସ ଉଜଟି ଶତେ ଗୁଣ ଭଲ—ଆଉ ବଙ୍ଗଳାର ଅର୍ଡ଼ର୍ଲି ପିଅନ୍···ଛି, ଛି···!

[ଏତିକିବେଳେ ସବିତା ପ୍ରବେଶ କରିଚି । ଦୁଃଖ ଝଞ୍ଜାରେ ଯେମିତି ଭାଙ୍ଗି ପଡ଼ିଚି, ମୁହଁରେ ଯେମିତି କାରୁଣ୍ୟର ପ୍ରତିଛବି ଫୁଟି ଉଠୁଚି]

ସବିତା—ନବଘନ, ସାହେବ କୋଠିରେ ଅଛନ୍ତି ?

ନବଘନ—ଦେଈ ! ତମେ ଏତେବେଳେ କୁଆଡ଼େ ?

ସବିତା—ଜରୁରୀ କାମ ଅଛି ! ସାହେବଙ୍କୁ ଦେଖା କରିବ ।

ନବଘନ—ଦେଈ, ଆଜି ଉପର ମହଲ ଦରଜା ବନ୍ଦ ! ସାହେବଙ୍କର କଡ଼ା ହୁକୁମ, କେହି ତାଙ୍କୁ ଯେମିତି ବିରକ୍ତ ନ କରନ୍ତି !

ସବିତା—ଦେଖା ନକରି ଆଜି ଫେରିଯାଇ ପାରିବିନି ତ' ନବଘନ !

ନବଘନ— ହେଇଛି ଦେଈ ! ହାତ ଯୋଡୁଚି, ତମେ ଫେରିଯାଅ !

ସବିତା— ଫେରିଯିବାକୁ ଆସିନି ନବଘନ ! ଗୋଟାଏ ଗରିବ ପରିବାର ପାଇଁ ପ୍ରାଣଭିକ୍ଷା କରିବାକୁ ଆସିଚି ! ଯା— ସାହେବଙ୍କୁ ଟିକେ ଖବର ଦେ । ମୁଁ ଆସିଚି ଶୁଣିଲେ, ସାହେବ ଖୁସି ହେବେ । ବନ୍ଦ ଦରଜା ବି ଖୋଲିଯିବ !

ନବଘନ— ନେହୁରା ହଉଚି ଦେଈ ! ଏଇନେ ତମେ ଫେରିଯାଅ । ଆଉ କେବେବେଳେ ଆସିବ ।

ସବିତା—ଆଉ ବେଳ ନାହିଁ ନବଘନ ! ପୋଲିସ ଧକ୍କା ଦେଇ ଘରୁ ବାହାର କରିଦେଲା ପରେ, ସାହେବଙ୍କୁ ଦେଖାକରି ଲାଭ କ'ଣ ?

ନବଘନ—ଦେଈ ! ବଡ଼ବାବୁର ସବୁ ଯାଇଚି, ହେଲେ ମହତ ଅଛି !

ସବିତା—ପେଟରେ ଦାନା, ପିଠିରେ କନା ନଥିଲେ ମହତକୁ ଆଉ ବୋର ରଖି ହୁଏନା, ନବଘନ ?

ନବଘନ—ଦେଈ !

ସବିତା —ଭବୁଚୁ, ବଡ଼ବାବୁ-ଝିଅ ଆଜି ଏଠି କ'ଣ କହୁଚି ? ଆଉ କ'ଣ କରିବ କହ ତ ନବଘନ ! ଏତେ ଗୁଡ଼ାଏ ଲୋକ

ଘଡ଼ ଗଣ୍ଡାକ ପାଇଁ ଉହଙ୍କ ବିକଳ ହୋଇ ମରିବା ଆଗରୁ, ସାହେବ ପାଖରେ ଶେଷଥର ପାଇଁ ହାତ ପତେଇଲେ କ୍ଷତି କ'ଣ ? ମୁଁ ଜାଣେ, ସାହେବ ମତେ ନିରାଶ କରିବ ନାହିଁ !

ନବଘନ—ମଣିଷ ହୋଇଥିଲେ ସିନା ମଣିଷର ଗୁହାରି ଶୁଣନ୍ତା ! ଏଇଠା ପ୍ଲେ କଂସେଇ···

ସବିତା—ଭାଗ୍ୟକୁ କ'ଣ ଘଟିବ ସେକଥା ନ ବିଚାରି ଏଠିକି ଧାଇଁ ଆସିଚି ନବଘନ ! ବାଧା ଦେ'ନା ! ଯା—ଖବର ଦେ ।

ନବଘନ – ନା ଦେଈ ! ପାରିବିନି !

ସବିତା —ନବଘନ !

ନବଘନ – ଦେଈ ! ଯାହା କହିବ କୁହ ପଛେ, ଜାଣୁ ଜାଣୁ ତମକୁ ଉପରକୁ ଛାଡ଼ି ପାରିବିନି !

ସବିତା (ଆଗେଇ ଯାଇ) ନା—ମୁଁ ଯିବି !

ନବଘନ—ଦେଈ ! ମୋ କଥା ମାନ । ଫେରିଆସ !

ସବିତା—(ତରତରରେ ଉପରକୁ ଉଠିଗଲା)

ନବଘନ—ଦେଈ, ଏତେ ନେହୁରା ହୋଇ କହିଲି ! ମୋ ମନା ମାନିଲ ନାହିଁ ! ତମକୁ ସେଇ ଠାକୁର ସାହା !

ଚିମନ୍—(ପ୍ରବେଶି) ନବଘନ !

ନବଘନ—ଏଁ, ଚିମନ୍ ଭାଇ !

ଚିମନ୍ – ଖବର କ'ଣ ?

ନବଘନ—କୋଉ ଖବର ପଚାରୁଚୁ ଯେ···ଯେତେ ମନା କଲି, ମାନିଲେ ନାହିଁ !

ଚିମନ୍ – କିଏ ? କାହା କଥା କହୁଚୁ ?

ନବଘନ—ଏଇ ବଡ଼ବାବୁ-ଝିଅଟା ! ଏକା ଜିଦ୍ ! କ'ଣ ନା—ସାହେବଙ୍କୁ ଦେଖା କରିବ !

ଚମନ୍—ବଡ଼ବାବୁ-ଝିଅ କ'ଣ ଉପରକୁ ଯାଇଚ ?

ନବଘନ—ହଁ । ନିଶାଗୁଡ଼ାକ ଖାଇ ସାହେବ ହୋସ୍‌ରେ ନାହିଁ ! କ'ଣ ଯେ ହବ... !

ଚମନ୍—ବଡ଼ବାବୁଟାକୁ ଏତେ କଥା ବୁଝେଇ କହିଲି । ଟିକିଏ ହେଲେ ବିଶ୍ୱାସ କଲା ନାହିଁ । ଆରେ ଚମନ୍ ସିନା ଚାଉଠର୍, ସେ କ'ଣ ମଣିଷ ନୁହେଁ !

ନବଘନ—ହେଇଚି ଚମନ୍ ଭାଇ, ଏଇନେ କ'ଣ ହବ ?

ଚମନ୍—ହବ ଆଉ କ'ଣ ? କାଲି ସକାଳୁ ଦାଣ୍ଡରେ ମୁଣ୍ଡ ଟେକି ବାଟ ଚାଲି ହବନି ! ସବୁତା ସେ କ'ଣ କଲା !

ନବଘନ—ଏଇନେ ତେବେ କ'ଣ କରିବା ଯେ ?

ଚମନ୍—କିଛି ହବ ନାହିଁ ! ସୁନା, ସୁନା ! ପିତଳ, ପିତଳ ! ସାହେବ ତା' ଦେହରେ ଟିପ ଛୁଇଁ ପାରିବ ନାହିଁ ।

ନବଘନ—ଆରେ ଲୋକଟା ପରା ହୋସ୍‌ରେ ନାହିଁ !

ଚମନ୍—ପରବାୟ ନାହିଁ ! ତୁ ଟିକେ ଉପରକୁ କାନେଇ ଥାଆ ! ଟିକିଏ ଆଓ୍ୱାଜ୍ ଆସିଲେ ସାହେବର ନିଶା ଛଡ଼େଇଦେବି !

ନବଘନ ଚିମନ୍ ଭାଇ ! ଏ ବଙ୍ଗଳା କାମ ଆଉ କରିପାରିବନି !

ଚିମନ୍—କିରେ ନବଘନ ! କଲାଜର କ'ଣ ପୁଣି ତତେ ଡାକିଲାଣି ! ସବୁକଥା କ'ଣ ଏତେ ବେଗି ଭୁଲିଗଲୁଣି !

ନବଘନ—ଭୁଲିନି ଚିମନ୍‌ଭାଇ ! ଗୁରୁ, ଚହ୍ଲା ଖାଇଲାବେଳେ ଠିକ୍ ମନେ ପଡୁଥିଲା !

ଚିମନ୍—ତେବେ ? ବଙ୍ଗଳା ଛାଡ଼ିଦବୁ କହୁଚୁ ? କାମ କ'ଣ ଏବେ ସରିଲାଣି ! ଆରେ ସାହେବର ଗାଡ଼ି ଆସିଗଲାଣି !

ନବଘନ—ଗାଡ଼ି ଆସି ଯାଇଚି ! ହେଲେ, କୋଉ ମିନ ସାହେବ ଗ୍ୟାରେଜ୍‌ରେ ଅଛୁ !

ଚିମନ୍—ଓଃ ! ତା'ହେଲେ ଗାଈ କଣି ଅନ୍ୟ ଗୁହାଳରେ ବାନ୍ଧ ଦେଇଛନ୍ତ ! ହଉ—ହେଲା । (ଏତିକବେଳେ ମିସ୍ ବାନାର୍ଜୀଙ୍କ ହାସ୍ୟରୋଳ ଶୁଭିଲା)

ଚିମନ୍—ବଂଶମରା ଡାହୁକା ଆସିଗଲା ପରା !

ନବଘନ—ଚିମନ୍ ଭାଇ, ତୁ ଚାଲିଯା ! ଏଇନେ ସାହେବଙ୍କୁ ଯାଇ କ'ଣ ବୋଲି କ'ଣ ଫୋଡ଼ିଦେବେ !

ଚିମନ୍—ଯିବ ଯେ, କୋଉ ବାଟେ ଯିବ ?

ନବଘନ—ସେଇ ଅଫିସ ଘରେ ଲୁଚିଯାଆ । (ଚିମନ୍ ଅନ୍ତରାଳକୁ ଯାଉ୍ ଯାଉ୍)

ଚିମନ୍—ଏ ! ତୁ ତାଙ୍କୁ ଉପରକୁ ଛୁଡ଼ବୁନ ! ଘଉଡ଼େଇ ଦେ ! ବଡ଼ବାବୁ-ଝିଅ ଉପରକୁ ଯାଇଚି ବୋଲି ଯେବେ ଜାଣନ୍ତ, କାଲି ରାସ୍ତାଘାଟରେ ଧେଣ୍ଡୁରା ପିଟିବେ ! (ପ୍ରସ୍ଥାନ)

[ନବଘନ ବାଟ ଓଗାଳି ଦୃଢ଼ ଭାବରେ ସିଡ଼ିରେ ବସିଲା । ଆସିଲେ ମିସ୍ ବାନାର୍ଜୀ]

ସୁଜାତା  ନବଘନ ! କରେ ମଣିଷଠାଏ ନା, ପଥରଠାଏ !

ନବଘନ—ହଁ !

ସୁଜାତା—କଣ' ହଁ ?

ନବଘନ—ପଥର !

ସୁଜାତା—ସାହେବ କୋଠିରେ ଅଛନ୍ତ ?

ନବଘନ—ନାଇଁ !

ସୁଜାତା—କୁଆଡ଼େ ଗଲେ ?

ନବଘନ—ସେ ଜାଣନ୍ତି !

ସୁଜାତା – ଉଠ୍, ଉପରେ କାମ ଅଛି !

ନବଘନ—ସାହେବର ମନା ! ଆଜି ଉପର ଦରଜା ବନ୍ଦ !

ସୁଜାତା—ତୋ' ମୁଣ୍ଡ କ'ଣ ଖରାପ ହୋଇଗଲାଣି କିରେ ? ଆମ
ପାଇଁ ଦରଜା ବନ୍ଦ !

ନବଘନ—ମୁଁ ହୁକୁମର ଚାକର ! ବାସ୍, ମୁଁ ଏତିକି ଜାଣେ !

ସୁଜାତା—ସାହେବ ତେବେ ଉପରେ ଅଛନ୍ତି !

ନବଘନ—ଥାଇ ନଥିଲା ଭଲ !

ସୁଜାତା—ଉପରେ ଯାଇ ଖବର ଦେ !

ନବଘନ—ଘଣ୍ଟି ବାଜିଲେ ଖବର ଦେବି !

ସୁଜାତା—ଏ ଇଡ଼ିଅଟ୍ ! କ'ଣ ଖେଳୁଚୁ ?

ନବଘନ ଚାକିରି କରୁଚି ! ହୁକୁମ ହୋଇଚି ! ଆପଣ ଏଇନେ
ଯାଆନ୍ତୁ, ସଂଜକୁ ଆସିବେ ।

ସୁଜାତା—ବେଶ୍, ମୁଁ ଅପେକ୍ଷା କରୁଚି ! ସାହେବ ଆସନ୍ତୁ ତଳକୁ !

ନବଘନ—ମିଛୁଟାରେ ମୋ ଉପରେ କାହିଁକି ରାଗୁଚନ୍ତି ! ସବୁଦିନେ
ଆସି ଚଟାପଟ୍ ଉପରକୁ ଉଠି ଯାଉଥିଲେ, କ'ଣ ମନା
କରୁଥିଲି ? ହେଲେ ଆଜି ଗୁଡ଼ିବନା ! ହୁକୁମର ଚାକର ତ !

ସୁଜାତା—ହେ ! ବେଶି ବକ୍ ବକ୍ କରନା ! ଦେଖ୍, ସାହେବ
ଆସିଲେ କ'ଣ ହଉଚି !

ନବଘନ—ଆଉ ହବ କ'ଣ ? ଅତି ବେଶି ହେଲେ ପୁଣି ବଦଳି
ହବ !

ସୁଜାତା – ରାସ୍କେଲ୍ !

ନବଘନ—ମୁହଁ ଖରାପ କରନା କହୁଚି ! ମୁଁ ତମର ଚାକର ନୁହଁ !

ସୁଜାତା—ହଉ ଦେଖ୍, କ'ଣ ହଉଚି !

ନବଘନ—କାହାଁକ ମିଛୁଟାରେ ଧାରଣା ଦେଇ ଏଠି ବସି ରହିବ ? ସାହେବ କୋଠିରେ ଥିଲେ ସିନା ତଳକୁ ଆସିବ ! (ଏତିକ-ବେଳେ ଉପରେ ଗୋଟାଏ ଚିତ୍କାର ଶୁଣାଗଲା—"ମତେ ଛାଡ଼ି ଦିଅନ୍ତୁ ସାର୍ ! ମତେ ଛାଡ଼ି ଦିଅନ୍ତୁ ।" ଦ୍ରୁତଗତିରେ ସିଡ଼ି ଉପରେ ଦେଖାଦେଲେ ସବିତା—ଆଲୁଳାୟିତ କେଶରାଶି)

ମିଃ ବାନାର୍ଜି—(ହସି ଉଠିଲେ ପୈଶାଚିକ ହସ । ସେ ହସ ଅସହ୍ୟ ହୋଇ ଉଠିଲା । ସବିତା ସହି ନପାରି କାନ ଦୁଇଟାକୁ ବନ୍ଦକରି ଚାଲିଗଲା । ମିଃ ବାନାର୍ଜି, ମିଃ ରାଓ ସିଡ଼ି ଉପରକୁ ଉଠିଗଲେ । ଚମ୍ପକଲାଲ ସବିତାର ପଛେ ପଛେ ଦ୍ରୁତ-ଗତିରେ ଅନୁଧାବନ କଲା ।)

---

## ଚତୁର୍ଥ ଦୃଶ୍ୟ

ପାଗଳାର ଗୀତ

ଇଲୋ ଲୋ ଲୋ ଲୋ ଲୋ ଲୋ ଲୋ ଲୋ !
ହାଉଲେ ହାଉଲେ      ଅସଲଟ ବାଟ ଉଠାଣି
ଲହୁଣୀ ତଳପା   ଲହୁଣୀ ଠାଣି   ମୋ ମାଆ ରାଣୀ
ବୋହିଯିବ *ନାଗଫେଣୀ ।
ଧୋଇଯିବ କି ଗୁମର ଧାଉଡ଼ି    ହୋଇଗଲେ ବାଯ୍ୟାଣୀ !
ଏ······ମାନମା······ଏ ବାଯ୍ୟାଣୀଟା ଲୋ······
ହାରିଲୁ କି ତୁହି      ଉରିଲୁ କି ଘୁହିଁ
ନରକ ଭୂଇଁର ଏ ପରଖ, ବାଯ୍ୟାଣୀ ଲୋ !
ହାନମାମା ଖିନ      ଖପରକୁ ପଛ
ଦଇନ ପଡ଼େ ଏ ଚଡ଼କ ବାଯ୍ୟାଣୀ । ୦ ।
କାହାକୁ କର ପିଠିକ      ହଟିଯାଉ କେଉଁଠିକ ?
ଠିକ୍ ନ ଠିକ ତୁ ଶିଖିଲୁ ତ    ଏଥରକ············
ଉଝଟୀ ଲୋ,
ଅସଲ ନକଲ ତଉଲରେ କେତେ ଫରକ, ବାଯ୍ୟାଣୀ ଲୋ । ୧ ।

ମନ ଯେବେ ତୋର                    ମଜା ଦରପଣ
    କଟିରେ ପଣତ ଭିଡ଼ି କର ପଣ
ଯେ ଯେତେ ଦାକଲେ                  ନ ଟଳିବୁ ଧନ
    ଧରିଥିବୁ ମଝି ସଡ଼କ......
ଚହଟୀ ଲୋ, ବାସ ଚହଟାଏ ଦୁନିଆଁ · ନଥାରେ
(ଖାଲି) ଠାକବାର ତାକ ତରକ, ବାଘୁଣୀ ଲୋ । ୨ ।

ଏଇ...କାଉଁରୀ                     ଝିଇଜ • ଭେଳକ
    ଆଉ...ନ ଥିବ ଲୋ ଆଉ ଓଳକ
ତଳ ଘେଇବାକୁ                      ନ ଥିବେ ତଳିଆ
    ପାଞ୍ଚପା' ଉଧାର ସେରକ.........
ଉଝଟୀ ଲୋ, ତୋ ଦେଖିଲା ଦନ ଆସୁଚି ରହିଯା
ସଢ଼ିଯା ପହିଲି ଧଡ଼କ, ବାଘୁଣୀ ଲୋ । ୩ ।

(ଗୁଲଗଲା ହସିଦେଇ)

## ପଞ୍ଚମ ଦୃଶ୍ୟ

ଗୁରୁପଦବାବୁଙ୍କ ଅଳନ୍ଦ

[କଥାବର୍ତ୍ତା ହୋଇ ଆସିଲେ କଲ୍ୟାଣୀ, ବୃହସ୍ପତି]

କଲ୍ୟାଣୀ—ତୁ ଆଉ ଏଠିକି ଆସିବୁନି ! ହଁ, ମୁଁ କହି ଦଉଚି ତୁ ମୋଟେ ଏଠିକି ଆସିବୁନି !

ବୃହସ୍ପତି—ନିତି ତ ଏକଥା କହୁଚ—ମୁଁ ନ ଆସି ରହି ପାରୁଚି ! ସାନ ଦେଈଙ୍କୁ ଟିକେ ନ ଦେଖିଗଲେ ମନଟା ମୋର କେମିତି କେମିତି ହୁଏ !

କଲ୍ୟାଣୀ—ଆସିବାକୁ କ'ଣ ମୁଁ ମନା କରୁଚି ! ସରକାରୀ ଚାକରୀ ତ ଗୁଡ଼ିଲୁ ! ଗାଁରେ ତୋ' ପିଲାଛୁଆ ! ଏଠି ମଜୁରୀ ଖଟି ଦି'ପଇସା ଯାହା ପାଉଚୁ, ସେଥିରୁ ଯେବେ ତୁ ନିତି ଏମିତି ବିସ୍କୁଟ୍ ପ୍ୟାକେଟ୍, କି ଚନାଚୁର୍ ପୁଡ଼ିଆଟାଏ କିଣି ଆଣୁ, ତୋ' ପିଲାଛୁଆଙ୍କ ପାଇଁ ପଠେଇବୁ କ'ଣ ?

ବୃହସ୍ପତି—ପିଲାଛୁଆ କ'ଣ ମୋର ଉପାସ ଅଛନ୍ତି ? ବଡ଼ଟା ଗାଈ ଜଗିଲାଣି, ସାନଟା ପିତାଶାଗ, ମଦରଙ୍ଗା ଶାଗ ତୋଳି

ଆଣୁଚ ! ମା' ତ ଧାନ କୁଟୁଚ ! ସେ ତ ଚଳ ଯାଉଚନ୍ତ—ହେଲେ ମୋ ସାନଦେଈ ? ଝାଉଁକଝାଏ ! ପିଲାଦିନୁ ସିଟିମିଟି ଖାଇ ଆସିଚ ! ଆଇସ୍‌କ୍ରୀମ୍‌ବାଲା ରାସ୍ତାରେ ଡାକ ମାରଦେଲେ କାହା ଅଣ୍ଟା ସେ ଅଣ୍ଡାଳ ନ ପକାଏ ? ତମେ ଦିଅ ନା ଯାହାବ ଦିଏ ! ଏଇ ବୃହସ୍ପତି······ମନା କରନ୍ତ !

କଲ୍ୟାଣୀ କହ ପାରବୁକ ବୃହସ୍ପତି, ବାପା ମା' ଛେଉଣ୍ଡ ଝୁଅ ଦି'ଟା ପାଇଁ ତୋ'ର କାହିଁକ ଏତେ ମାୟା, କାହିଁକ ଏତେ ମମତା ! ଯୋଉଠି ନିଜ ରକ୍ତ ପର ହୋଇଯାଏ, ସେଠି···!

ବୃହସ୍ପତି – ସାହେବ କ'ଣ ମୋର ଏଇଆ ଥିଲେ ! ଅଫସରେ ଯୋଉ ଦିନଠୁ ମାଇକିନିଆଗୁଡ଼ାକ ଭେଲା ଭେଲା ହେଲେ, ସେଇ ଦିନଠୁ ସାହେବର ମୁଣ୍ଡ ବିଗିଡ଼ିଗଲା !

କଲ୍ୟାଣୀ—କାହାକୁ କିଛି ଦୋଷ ଦେଇ ଲାଭ ନାହିଁ ବୃହସ୍ପତି ! ଅନ୍ୟ ଅଫିସରେ ଝିଅମାନେ କ'ଣ କାମ କରୁନାହାନ୍ତି !

ବୃହସ୍ପତି—କରୁନାହାନ୍ତି କାହିଁକ ? ଏମିତି ଘରଭଙ୍ଗୀ ମନ୍ଥୁଡ଼ୀ କୋଉଠି ଅଛନ୍ତି ? ଭାଇଠୁ ଭଉଣୀକୁ ଅଲଗା କଲେ ! ବଡ଼ବାବୁଙ୍କୁ ଉଚ୍ଛନ୍ନ କରିଦେଲେ ! ତମେ ଦେଖିବ ଦେଈ, କେତେ ସରି ହେବେ !

କଲ୍ୟାଣୀ—ଆଉ ବୃହସ୍ପତି ! କାହାରି ଅମଙ୍ଗଳ ଚିନ୍ତା କରନା ! ଭାଇ ତାଙ୍କ ପଦବୀ ନେଇ ସୁଖରେ ଥାଆନ୍ତୁ ! ସଂସାରରେ ଯାହାର ବାପ ମା ନାହାନ୍ତି, ତାଙ୍କର ଭାଗ୍ୟ ଏଇଆ !

ବୃହସ୍ପତି—କାନ୍ଦନାଇଁ ଦେଈ, କାନ୍ଦନାଇଁ ! ସାନ ଦେଈକ କାହିଁ ଦେଖୁନ ?

କଲ୍ୟାଣୀ—ଏଠିକି ଆସିଲା ଦିନଠୁଁ ମୁଁ କ'ଣ ତାକୁ ଦେଖିବାକୁ ପାଉଚି ! (ବାଣୀ ମୁଢ଼ି ଅଣ୍ଟିରେ ପୂରେଇ ଗେଣ୍ଟେଇ ଗେଣ୍ଟେଇ ପଶି ଆସିଚି)

ବାଣୀ—ଖୋଜିଲେ ସିନା ପାଆନ୍ତୁ ! ତୁ ତ ସବୁବେଳେ ରମେଶ-ବାବୁଙ୍କ ସାଙ୍ଗରେ ଗପିବୁ !

କଲ୍ୟାଣୀ—ଚୁପ୍ !

ବାଣୀ—ମିଛ ନୁହେଁ ବୃହସ୍ପତି ! ରମେଶବାବୁଙ୍କ ସାଙ୍ଗରେ ସବୁବେଳେ କଜିଆ ! କଥାରେ ତ ପାରିବ ନାହିଁ, ଖାଲି କାନ୍ଦି ପକେଇବ !

ବୃହସ୍ପତି—କେତେ ଲୋକ ଦେଖୁଚି ଦେଈ, ଆଉ ଆମ ପୁଅ ରମେଶବାବୁ ପରି ଲୋକ ଏ ମହୀମଣ୍ଡଳରେ ନାହାନ୍ତି ! ମଣିଷ ତ ନୁହନ୍ତି, ଠାକୁର !

କଲ୍ୟାଣୀ—ଠାକୁର ! ଫୁଲ ଚନ୍ଦନ ଆଣି ପୂଜା କରୁନୁ !

ବୃହସ୍ପତି—ଏ ଠାକୁରର ପୂଜା ଫୁଲ ଚନ୍ଦନରେ ହୁଏନା ଦେଈ, ହୁଏ ମନ ଭିତରେ !

କଲ୍ୟାଣୀ—ଥାଉ । ପ୍ରଶଂସାଗୁଡ଼ା ଅଜାଡ଼ ପକାନା ! ସାନଦେଈଙ୍କି ଖୋଜୁଥିଲୁ ପରା ! ଦେଖ୍, କିମିତି ଗସୁ ମାସୁ କରି ମୁଢ଼ି ଗୁରାକ ଗେଣ୍ଟେଇ ପକାଉଚି !

ବାଣୀ—ଭାରି ବଢ଼ିଆ ଲାଗୁଚି ଲୋ ଅପା ! ତେଲ, ପିଆଜ, କଞ୍ଚା-ମରିଚ ! ଆଃ ବୃହସ୍ପତି ! ଖାଇବୁ ?

ବୃହସ୍ପତି—ହଁ ଦେଈ, ଷୀଗ୍ଗି ପୂଗ୍ଗି ଯାହାକୁ ରୁଚୁ ନଥିଲା, ତା' କପାଳରେ ପୁଣି······

ବାଣୀ—ଏଇ, ସେମିତି କହନ୍ତୁନି ! ତୁ କ'ଣ ବୁଝିଚୁ ? ବୁଝିଲେ ସିନା ମଜା ପାଆନ୍ତୁ !

କଲ୍ୟାଣୀ—ଆଉ ବୃହସ୍ପତି, ଥରକୁ ଥର ସେକଥା ଏଠି ଉଠା ନାହିଁ ! ମାଉସୀ ଯେବେ ଶୁଣିବେ······

ବୃହସ୍ପତି—ନାହିଁ ଦେଈ, ମୁଁ ଆଉ କହୁ କହୁନି ! ତମେ ଦିହେଁ ସୁଖରେ ଅଛ, ଏଇ ଢେର୍ ! ନିଅ ସାନ ଦେଈ, ତମ ବାରମଜା ପୁଡ଼ିଆ !

ବାଣୀ—ଆଣ୍ ! ମୁଢ଼ି ସାଙ୍ଗରେ ମିଶେଇ ଢେରମଜା କରିଦେବା !

ବୃହସ୍ପତି—ମୋ ସାନ ଦେଈଟା ବାଇଆଣୀଟାଏ !

ବାଣୀ—ଅପା ! ମୁଁ ଭୁଲ କହିଲି ! ତା ବାରମଜା ସାଙ୍ଗରେ ମୋ ମୁଢ଼ି ମିଶିଲେ ଢେରମଜା ହଉନି ? ହେଇ ତ ରମେଶବାବୁ ଆସୁଛନ୍ତି, ତାଙ୍କୁ ପଚାରିଦବା ! (ରମେଶ ପ୍ରବେଶ କରିଚି)

ରମେଶ—କିରେ ବୃହସ୍ପତି ! କେମିତି ଅଛୁ ?

ବୃହସ୍ପତି—ଭଲ ଅଛି ବାବୁ ! ଦେହ ମୁଣ୍ଡ ଭଲ ଥିଲେ ପେଟ କ'ଣ ଅପୋଷା ରହିବ ?

ରମେଶ—ଆଉ ତୋ' ଦେଈମାନେ ?

କଲ୍ୟାଣୀ—ଏ ପ୍ରଶ୍ନ ପଚାରିବାକୁ ଆପଣଙ୍କର ଅଧିକାର ନାହିଁ !

ରମେଶ—ଅଧିକାର ଅନଧିକାର ପ୍ରଶ୍ନ ଉଠୁନି କଲ୍ୟାଣୀ ! ମୁଁ ବୃହସ୍ପତିଠାରୁ ଜାଣିବାକୁ ଚାହୁଁଥିଲି······

କଲ୍ୟାଣୀ ଜାଣି ଆପଣଙ୍କର ଲାଭ କ'ଣ ?

ରମେଶ—ଲାଭକ୍ଷତିର ହିସାବ ନିକାଶ ପାଇଁ ନୁହେଁ, କଲ୍ୟାଣୀ ! ଧରିନିଅ—ଜଣେ ହିତାକାଂକ୍ଷୀ ହିସାବରେ ତମର ଭଲ ମନ୍ଦ ଜାଣିବା ପାଇଁ ମୋର କ'ଣ ଅଧିକାର ନାହିଁ !

କଲ୍ୟାଣୀ—ହିତାକାଂକ୍ଷୀ କେବେ ବାର ବାର ଆଘାତ ଦେଇ 'ସେଇ ପୁରୁଣା ପ୍ରଶ୍ନକୁ ଗୁଡ଼େଇ ତୁଡ଼େଇ ପଚାରେ ନାହିଁ !

ରମେଶ—ମନ ମୋର ବୁଝେନା, କଲ୍ୟାଣୀ ! ସେଇଥିପାଇଁ ବାର ବାର ଏ ପ୍ରଶ୍ନ ମୁଁ ପଚାରେ । ସତ କହିଲ, କଲ୍ୟାଣୀ ! ହଂସତୁଳ ଶେଯରେ ଶୋଇ, ଯିଏ ରାଜଜେମା ପରି ରାଇଜର ସ୍ୱପ୍ନ ଦେଖୁଥିଲା, ତା' ପକ୍ଷରେ ଏ ଗରିବ କରାଣୀଘର—···

କଲ୍ୟାଣୀ—ରମେଶବାବୁ, ଆପଣ ଏତେ ନିଷ୍ଠୁର !

ବାଣୀ—(ହସିଦେଇ) ଦେଖିଲୁ ବୃହସ୍ପତି ! ମୁଁ କ'ଣ କହୁଥିଲି ! ଅପା ପାରିଲା ନାହିଁ, କାନ୍ଦି ପକେଇଲା !

ରମେଶ—ବୃହସ୍ପତି, ଭାଗ୍ୟ ତ ଆମକୁ ବିଦ୍ରୂପ କରୁଚି ! ଆମଭାଗ୍ୟ ସାଙ୍ଗରେ ଏ ଦୁହିଁଙ୍କ ଭାଗ୍ୟକୁ ଯୋଡ଼ିଦେଇ, ଯାଙ୍କ ଜୀବନକୁ ଦୁଃଖମୟ କରିବା କାହିଁକି ? ଯେ କୌଣସି ପ୍ରକାରେ ଯାଙ୍କୁ ନେଇ ଅଜିତ୍‌ବାବୁ ଘରେ ଛାଡ଼ିଦେ !

କଲ୍ୟାଣୀ—ଫେରିଯିବାକୁ ବଙ୍ଗଳା ଛାଡ଼ି ଆସିନି, ରମେଶବାବୁ !

ବାଣୀ—ବୃହସ୍ପତି ସାଙ୍ଗରେ ସେ ଅପା ଯାଉ ! ମୁଁ ସବୁଡା ଅପାକୁ ଛାଡ଼ି କୁଆଡ଼େ ଯିବିନି !

ବୃହସ୍ପତି—ଦେଖୁଚ, ଦେଖୁଚ ବାବୁ !

ରମେଶ—ସତ କହିଲୁ ବାଣୀ, ତତେ ଏଠି କମିତି ଲାଗୁଚି !

ବାଣୀ—ସତ କହିବି ? ମୋର୍ ଯେମିତି ମନେ ହଉଚି—ପୁରୀ କି ଭୁବନେଶ୍ୱର ମନ୍ଦିର ଭିତରେ ଅଛି !

ରମେଶ—ମନ୍ଦିରରେ ଠାକୁର ଥାଆନ୍ତି, ବାଣୀ ! ହେଲେ ଏଠି ତ ଠାକୁର ନାହାନ୍ତି ! ଅଛନ୍ତି କେତେଗୁଡ଼ାଏ ଅଭିଶପ୍ତ ମଣିଷ······ହଁ, ହଁ ଅଭିଶପ୍ତ !

ବାଣୀ—ଉଁ—ବୃହସ୍ପତି ଏଇନେ କହୁଥିଲ—ଏ ମନ୍ଦିରରେ ତମେ ପଥର ଠାକୁର !

କଲ୍ୟାଣୀ—ଏ ଠାକୁର କାଠ ପାଷାଣ ଦେବତାଠାରୁ ଆହୁରି କଠିନ, ଆହୁରି ନିଷ୍ଠୁର !

ରମେଶ—ମଣିଷଠି ଦେବତ୍ୱ ନ ଖୋଜି ମଣିଷତ୍ୱ ସନ୍ଧାନ କର, କଲ୍ୟାଣୀ ! ତେବେ ବୁଝିପାରିବ, ସେ କାହିଁକି ଏତେ କଠିନ ! କାହିଁକି ଏତେ ନିଷ୍ଠୁର ! ଆମ ପାରିପାର୍ଶ୍ୱିକ ଅବସ୍ଥା ଆମକୁ ଅଥର୍ବ, ପଙ୍ଗୁ କରି ଦେଇଚି । ତମେ ଫେରିଯାଅ—ଫେରିଯାଅ କଲ୍ୟାଣୀ !

(ଧ୍ୱବପ୍ରବଣତାରେ ଗୃହଗର୍ଭେ)

କଲ୍ୟାଣୀ—ରମେଶବାବୁ ! (ପ୍ରସ୍ଥାନ)

(ଏତିକିବେଳେ ଅନତିଦୂରରେ ଶୁଭିଲ ହରିହର ଓ ଗୁରୁପଦବାବୁଙ୍କ କଣ୍ଠ ।)

ଗୁରୁପଦ—ତମେ ସାଙ୍ଗରେ ନଥିଲେ ଘର ଖଣ୍ଡେ କ’ଣ ପାଇଥାନ୍ତି ମାଷ୍ଟ୍ରେ ! ସହର ଗୋଟାକଯାକ ବୁଲି ବୁଲି ଅଧାପ୍ରାଣ ହୋଇଗଲେଣି ! ଭଗବାନ୍ ! ଘରବାଲାମାନଙ୍କର ଏତେ ଜୁଲୁମ୍ !

ହରିହର—ଆଜ୍ଞା ! ହୋଇଚି କ’ଣ ? ଘରଭଡ଼ା ବିଲ୍ ଯାଞ୍ଚ କମିଟିରୁ ଫେରିଆସୁ ! ଦେଖିବେ, ଏ ବିଲ୍ ଆଇନ୍ ହବା ପୂର୍ବରୁ ଘରମାଲିକ୍‌ମାନେ ତାଙ୍କ ଦେଖିଲା କାମ କରି ନେବେ ! ଆଇନ୍ ଆଇନ୍ ହୋଇ ରହିଯିବ !

ଗୁରୁପଦ—ହଁ ଖାଗପୃଷ୍ଠ ଆଇନ୍ ହେଲା, ଦେଖିଲ ନାହିଁ ! ସେମିତି ଗୋଟାଏ କିଛି ହବ ! ହଉ, ଘର ଖୋଜିବା କଥାଟା ଏଇନେ ଥାଉ ! ଆଲୋ ମା, ତମ ମାଉସୀ କୁଆଡ଼େ ଗଲେ ?

ବାଣୀ—ମାଉସୀ ଜିନଷପତ୍ର ବନ୍ଧାବନ୍ଧି କରୁଚନ୍ତି ! ମଉସା ! ରମେଶବାବୁ ଆମକୁ କହୁଚନ୍ତି, ଏଠୁ ଚାଲିଯା ! ତମେ କ'ଣ ଆମକୁ ଘରୁ ବାହାର କରିଦେବ ?

ଗୁରୁପଦ—(ହରିହର ମୁହଁକୁ ଅନେଇଲେ) ମୋ ମା'କୁ ଚାଲିଯାଅ ବୋଲି କହିବାକୁ ସେ କିଏ ? ମୁଁ ପର ଅଛି, ତମେ ସବୁ କୁଆଡ଼େ ଯିବ ! ଯା ମାଉସୀକୁ ଟିକେ ଡାକ ଦେ !

(ବାଣୀର ପ୍ରସ୍ଥାନ)

ଗୁରୁପଦ—ଦେଖୁଚୁ ରେ ବୃହସ୍ପତି ! ଏମିତି ସ୍ନେହ କଙ୍ଗାଳ ପିଲାଙ୍କୁ ସାହେବ ପାଖରୁ କମିତି ଅନ୍ତର କରିଦେଲି ! ମୁଁ ତ ପର, ସାତ ପର !

ବୃହସ୍ପତି—ପର ଆପଣାର ହୁଏ, ବଡ଼ବାବୁ ! ହେଲେ ବେଳ ପଡ଼ିଲେ ରକତ ରକତକୁ ପାସୋରିଦିଏ !

ଗୁରୁପଦ—ତୁ ଚାକିରି ଛାଡ଼ିଲୁ, ମୋ ଚାକିରି ଗଲା ! ଏଥର ତୋର ପର ରାସ୍ତା ଉପରକୁ ବାହାରି ପଡ଼ୁଚି, ବୃହସ୍ପତି ! ଦେଖାଯାଉ ଈଶ୍ୱରଙ୍କ ବିଚାର କ'ଣ ଅଛି । ମାଷ୍ଟ୍ରେ, 'ଶମନ୍'ଟା କୁଆଡ଼େ ଗଲା ହେ ! ଛୁଆ ଦି'ଟାଙ୍କୁ ଆଣି ମୋ ବେକରେ ବାନ୍ଧିଦେଲା ! ଏ କଙ୍ଗାଳ କିରାଣୀର ଛୁଆ ସିନା ରାସ୍ତାଘାଟ ବରଗଛ ତଳେ ରହିଯିବେ ! ହେଲେ ଏ ପିଲା ଦି'ଟା ଯୋଉ ଅଯ୍ୟସରେ ବଢ଼ି ଆସିଚନ୍ତି, ସେ କଥା କିଏ ନ ଜାଣେ ! ୟାଙ୍କୁ ଏବେ ନେଇ······

ହରିହର—ଶମନ୍ କଥା ଦେଇଚି ଯେତେବେଳେ, କାମରେ କେବେ ସେ ଖିଲାପ କରିବ ନାହିଁ ! ଠିକଣା ବେଳେ ଆସି ପହଞ୍ଚି ଯିବ, ବଡ଼ବାବୁ !

ଗୁରୁପଦ—ଆଉ ବଡ଼ବାବୁ ! ବାବୁଙ୍କ ଭିତରେ ବଡ଼ ନ ହେଲେ ବୁଢ଼ାଦିନେ ଏମିତି ସନ୍ତୁଳି ହୁଅନ୍ତ କାହିଁକି ? କୁଆଡ଼େ ଗଲା ସେ ଚମନ୍ ! ସେ ଦିନ ମତେ ନିର୍ଭର ଜବାବ ଦେଲା, ଚାକିରୀ ଯିବନି ! ସରକାରୀ ଘର ଖାଲି କରିବାକୁ ବି ପଡ଼ିବନି !

ରମାବୋଉ—(ପ୍ରବେଶି) ଘର ଖାଲି କରିବାକୁ ପଡ଼ିବନି ତ, ସକାଳୁ ଗଣ୍ଠି ଲପଟ ବନ୍ଧାବନ୍ଧି କରଉଥିଲ କାହିଁକି ?

ଗୁରୁପଦ—ରମାବୋଉ, ଘର ଖାଲି ନକରି କ'ଣ ପୁଲିସଠୁ ଗଳାଧକ୍କା ଖାଇବ ? ସବୁ ବନ୍ଧାବନ୍ଧି କାମ ସରିଲା ତ ! ରମା କୁଆଡ଼େ ଗଲା ? ତାକୁ କୁହ, ବଳଦଗାଡ଼ିଟାଏ ଡାକିଆଣୁ !

ରମାବୋଉ—ଗାଡ଼ି ତ ଡାକି ଆଣିବ ! ସେ ପିଲା ଦି'ଟାଙ୍କ କଥା କ'ଣ ହେବ ? ବୁଝେଇ ସୁଝେଇ ସାହାବ ପାଖରେ ଛାଡ଼ି ଦେଇ ଆସ ! ତମ ପିଲାଏ ସିନା ବାସି ତୋରାଣି ପିଇ ରହିଯିବେ, ଆଉ ସେମାନେ ?

ଗୁରୁପଦ—ସେମାନେ ଆମରି ସାଙ୍ଗରେ ଯିବେ, ରମାବୋଉ ! ଦେଖୁନ, ଯିବା କଥା କହିଲେ ପିଲା ଦି'ଟା କେମିତି କାନ୍ଦ ପକଉଛନ୍ତି ! ଯାଆ ବୋଲି ମୁଁ କହି ପାରିବିନି ! ତମେ ପାରିବ ?

ବୃହସ୍ପତି—ନାହିଁ ମା ! ତମରି ପାଖରେ ଥାଆନ୍ତୁ ମା ! ବାପ ମା ଛେଉଣ୍ଡ ଛୁଆ ଦି'ଟା ! ସୁବିଧା ଦେଖି ତାଙ୍କୁ ନେଇ ଗାଁରେ ଛାଡ଼ି ଦେବି ! ତାଙ୍କ ସମ୍ପତ୍ତି ତ କିଏ ଖାଉଛି……

ରମାବୋଉ—ଥାଉ ଥାଉ ତୋର ସେ ସୁଆଗଗୁଡ଼ାକ ! ମାଇକିନିଆ ଝିଅ ଦି'ଟା, ଯାଇ କୋଇ ଅପନ୍ତରା ଗାଁ

ଗଣ୍ଡାରେ ରହିବେ ! ତାଙ୍କର ବାପ ମା ନ ଥିଲେ କ'ଣ ହେଲା—ମୁଁ ତ ଅଛି !

ଗୁରୁପଦ – ହଉ ଯାଅ, ସବୁ ଯୋଗାଡ଼ କର ! ହଁ ସାବି କୁଆଡ଼େ ଗଲା ?

ରମାବୋଉ—ଏଇ ଆସୁଚି ବୋଲି କହି ସକାଳ ପହରୁ କୁଆଡ଼େ ଯାଇଚି ଯେ, ଏ ଯାଏ ଦେଖା ନାହିଁ ! ରମା ତ ରମା ! ସାବି ତ ନାହିଁ, କଲ୍ୟାଣୀ ହାତ ନ ଲଗେଇ ଥିଲେ ୨୫।୩୦ ବରଷର ଘରକରଣା ଦରବ ମୁଁ କ'ଣ ଗୋଟେଇ ଗାଣ୍ଟେଇ ବାନ୍ଧି ପାରିଥାନ୍ତି ! ୫ଟା ବାଜିଲାଣି ! ବାବୁଲଟା ସ୍କୁଲରୁ ଫେରିଲା ନାହିଁ ! ହଉ, ତମେ କ'ଣ କରୁଚ କର ! ମୁଁ ଦେଖେ, କଲ୍ୟାଣୀ କ'ଣ କରୁଚି ! (ପ୍ରସ୍ଥାନ)

ହରିହର—ମୁଁ ତେବେ ଆସୁଚି ବଡ଼ବାବୁ !

ଗୁରୁପଦ—ଏ କ'ଣ କଥାରେ କଥା ମାଷ୍ଟ୍ରେ ! ଜିନିଷପତ୍ରଗୁଡ଼ାକ ଗାଡ଼ିରେ ଉଠିଯାଉ ! ବୃହସ୍ପତି, ତୁ ବି ଟିକିଏ ରହ ! ବୁଝିଲ ମାଷ୍ଟ୍ରେ, ଏ ଘରର ମୋହ ତୁଟେଇ ପାରୁନି ! ଯିବା କଥା କହିଲା ବେଳକୁ, ପଛରୁ ମତେ କିଏ ଯିମିତି ଟାଣି ଧରୁଚି ! ୨୫।୩୦ ବରଷର ମୋହ ଏତେ ସହଜରେ କ'ଣ ତୁଟେଇ ହବ ମାଷ୍ଟ୍ରେ ?

ବାବୁଲ—(ବହିପତ୍ର ଧରି ପ୍ରବେଶ କରିଚି) ବାପା ! ଅପା ଆମ ସ୍କୁଲକୁ ଯାଇଥିଲା, ଏ କାଗଜଟା କ'ଣ ଦେଇଚି !

ଗୁରୁପଦ—( କାଗଜ ଖୋଲୁ ଖୋଲୁ ). ଅପା କୁଆଡ଼େ ଗଲା ?

ବାବୁଲ—ମୁଁ ଜାଣିନି ! (ଘରକୁ ଚାଲିଗଲା)

ଗୁରୁପଦ—(କାଗଜଟି ପଢ଼ି) ଦେଖୁଚ, ଦେଖୁଚ ମାଷ୍ଟ୍ରେ ! ଦେଖୁଚୁ ବୃହସ୍ପତି ! ଏ ଘରର ମୋହ ତୁଟି ପାରିଲା ନାହିଁ । ଝିଅ ମୋର ଏକ୍‌ସଟେନ୍‌ସନ୍ କରି ଆଣିଚି ! ମୁଁ ଏଇ ଘରେ ରହିବ ! ଏଇ ଘର, କାନ୍ଥ, ବାଡ଼ ମୋର ଯେ ଅତି ଆପଣାର ! ଯାଙ୍କୁ ଛାଡ଼ି ମୁଁ ଯିବ କୁଆଡ଼େ ? ଶୁଣୁଚ ରମାବୋଉ, ସେ ଦିନ କହୁଥିଲ ପରା ଝିଅ ଜନମ ଚୁଲି ମୁଣ୍ଡକୁ ! ସାବି ଯେ ମୋର ଝିଅ ନୁହେଁ ! ସେ ମୋ ପୁଅ !

ବାବୁଲି—(ପ୍ରବେଶ କରି) ବାପା, ଅପା ଆଉ ଗୋଟାଏ କ'ଣ ଚିଠି ଦେଇଚି ! ମୋ ବହିଭିତରେ ଥିଲା !

ଗୁରୁପଦ—(ଚିଠିଟି ନେଇ) କ'ଣ ଆଉ ହୋଇଥିବ ? ତା' ଶୁକଣ୍ଡି ଚିଠି ! (ଚିଠିଟି ଖୋଲି ପଢ଼ିବାକୁ ଲାଗିଲେ । ସବିତାର ସ୍ୱର ପ୍ରତିଧ୍ୱନିତ ହୋଇ ଉଠିଲା—"ବାପା, କିରାଣୀ ଜୀବନ ଅଫିସରର ମର୍ଜି ଉପରେ ନିର୍ଭର କରେ ! ହେଲେ ସେ ମର୍ଜି ତୁଳେଇବା ଭଳି ସାହସ ମୋର ନାହିଁ, ତେଣୁ ପାରିଲି ନାହିଁ ! ହେଲେ, ସମାଜ କ'ଣ ସେ କଥା ବୁଝିବ ? କାଲି ସକାଳୁ ଆଙ୍ଗୁଠି ଦେଖାଇ କହିବ—ତମ ସାବି କୁଳଟା, କଳଙ୍କିନୀ ! ଏକଥା ତୁମେ ସହି ପାରିବନି ବାପା ! ତେଣୁ ଆତ୍ମହତ୍ୟା ଛଡ଼ା ମୋର ଉପାୟ ନାହିଁ !")

ଗୁରୁପଦ—ସାବି ! ସାବି ! (ଚିତ୍କାର କରି ଉଠିଲେ । ବୃହସ୍ପତି, ହରିହର ତୋଳି ଧରିଲେ)

ବୃହସ୍ପତି—ବଡ଼ବାବୁ ! ବଡ଼ବାବୁ !

ହରିହର—ରମେଶବାବୁ, ରମେଶବାବୁ ! ଏ କ'ଣ ହେଲା ? ବୃହସ୍ପତି ! ଧର । ନେଇ ଚାଲ ଭିତରକୁ—(ଭିତରକୁ ନେଇ

ଖୋଲିଗଲେ ! ଭିତରେ ମିଳିତ ସ୍ୱରରେ କ୍ରନ୍ଦନ ଧ୍ୱନି ଶୁଣାଗଲା । ପାଗଳପରି ରଙ୍ଗମଞ୍ଚକୁ ପଶି ଆସିଲେ ରମେଶ— ପଛେ ପଛେ ଆସିଲେ ରମାବୋଉ)

ରମାବୋଉ—ରମା ! ସଂସାର ମୋର ସରିଗଲାରେ ରମା ! ବାପାର ତୋ'ର ଏ କ'ଣ ହେଲା ? ଯା ଟିକେ ଡାକ୍ତରଙ୍କୁ ଡାକି ଆଣ୍ !

ରମେଶ—କ'ଣ ଆଉ ହବ ! ଗୋଟାଏ ବୁଢ଼ା କିରାଣୀର ଶେଷ ପରିଣତି ଯାହା ହବାର କଥା ସେଇଆ ହୋଇଚି ! ସାବି ମରିଚି, ବାପା ମରିବେ, ତୁ ମରିବୁ, ବାବୁଲି କୁନି ସଭିଏଁ ମରିବେ । ତୁମମାନଙ୍କ ପଚ୍ଚ ଶବ ଉପରେ ଠିଆ ହୋଇ ଭଗବାନଙ୍କୁ ପଚାରିବି—ଭଗବାନ ! ତୁମ ସୃଷ୍ଟିରେ କିରାଣୀର ଜୀବନ କ'ଣ ଏଇଆ ?

ରମାବୋଉ—ରମା ! ଯା—ଡାକ୍ତରକୁ ଟିକେ ଡାକି ଆଣ୍ !

ରମେଶ—ଡାକ୍ତର କାହିଁକି ଆସିବ ? ବାପା ଆଉ କାହିଁକି ବଞ୍ଚିବେ ? ଯୋଉ ଘରେ ସାବି ନାହିଁ, ସେ ଘରେ କାହାରି ବଞ୍ଚି ରହିବା ଦରକାର ନାହିଁ ! ହେଲେ ମୁଁ ଛାଡ଼ିବି ନାହିଁ । ଯାହା ପାଇଁ ସାବି ମୋର ଆତ୍ମହତ୍ୟା କରିଚି, ତାକୁ ଶେଷ ନକରି ରମେଶ କ'ଣ ମରୁଚି !

ରମାବୋଉ—ରମା !

ରମେଶ—ଆଇନ୍ କହିବ କଳାକାର ରମେଶ ଘାତକ, ଆତତାୟୀ ! କହୁ ! ଏ ଆଇନ ତ ମୋ ସାବିକୁ ଫେରେଇ ଦବନି ! ତେବେ ମୁଁ ଭୟ କରିବି କାହିଁକି ? ହତ୍ୟା କରିବି, ସାବିର ହତ୍ୟାକାରୀକୁ ଖୁନ୍ କରିବି ! ହଁ, ହଁ, ଖୁନ୍ !

ରମାବୋଉ—ରମା ! ରମା ! (ଡାକି ଡାକି ଅନୁଧାବନ କଲେ ।)

କଲ୍ୟାଣୀ—(ପ୍ରବେଶି) ରମେଶବାବୁ କୁଆଡ଼େ ଗଲେ ମାଉସୀ ? ମଉସାଙ୍କ ନାଡ଼ ମିଳିଲାଣି ! ଏତିକିବେଳେ ଡାକ୍ତରକୁ ଡାକିଲେ ସିନା·····

ରମାବୋଉ—ବାପ୍ପାଙ୍କପରି ଖୁଣ୍ଡ୍ ଖୁଣ୍ଡ୍ କହି ଚାଲିଗଲା ମା ! ମୋ କଥା ଶୁଣିଲା ନାହିଁ ! କହିଲା—ମୋ ସାବକୁ ଯେ ମାରିଚି, ତାକୁ ନମାରି ମୁଁ ଛାଡ଼ିବିନି !

କଲ୍ୟାଣୀ—ଏଁ, ମୁଁ ଜାଣେ, ଭଲକରି ଜାଣେ ସେ କୋଉଠିକି ଗଲେ ! ତମେ ମଉସାଙ୍କ ପାଖକୁ ଯାଅ ! ଆଉ ବୃହସ୍ପତି କ ମାଷ୍ଟରଙ୍କୁ କୁହ, ଡାକ୍ତରକୁ ଡାକି ଆଣନ୍ତୁ ! ରମେଶବାବୁ ! ରମେଶବାବୁ ! (ପ୍ରସ୍ଥାନ)

ରମାବୋଉ - କଲ୍ୟାଣୀ ! ଏତେବେଳେ ତୁ ବି ମତେ ଛାଡ଼ି ଚାଲି ଗଲୁ ! (କୁନି ପ୍ରବେଶ କରିଚି)

କୁନି—ବୋଉ, ବାପା କାହିଁକି କଥା କହୁନାହାନ୍ତି, ଡାକିଲେ ଶୁଣୁ ନାହାନ୍ତି !

ରମାବୋଉ - ମୋ କୁନି ଲୋ !

(କାନ୍ଧ ପକେଇ ନେଇ ଚାଲିଗଲେ ଭିତରକୁ)

---

## ଷଷ୍ଠ ଦୃଶ୍ୟ

ଗ୍ଲେଟରପ୍ ସାହେବ ବଙ୍ଗଳା

[ଗୋଟିଏ କାଉଚ ଉପରେ ବସିଚନ୍ତି ମିସ୍ ରାଓ—ଅଜିତ୍‌ବାବୁ ପଦଚାରଣ କରୁଛନ୍ତି]

ବିଜୟଲକ୍ଷ୍ମୀ—ମୋର ବର୍ତ୍ତମାନ ଉପାୟ କ'ଣ, ଅଜିତ୍‌ବାବୁ !

ଅଜିତ୍—ଥରକୁଥର ମତେ ସେଇ ପ୍ରଶ୍ନ ପଚାରି ବିରକ୍ତ କରନା, ରାଓ ! କହୁଚି ତ ଟଙ୍କା ନିଅ ! କଲକତା କି ବମ୍ବେ ଯାଇ କୌଣସି ଡାକ୍ତର ପରାମର୍ଶରେ...

ବିଜୟଲକ୍ଷ୍ମୀ—ପାପ ପରେ ପାପ କରିବାକୁ ମତେ ପ୍ରେରଣା ଦିଅ ନାହିଁ, ଅଜିତ୍‌ବାବୁ !

ଅଜିତ୍—ପାପ ତୁମେ କାହାକୁ କହୁଚ ରାଓ ? ତମକୁ ଏ କଳଙ୍କରୁ ଉଦ୍ଧାର କରି ବରଂ ମୁଁ ପୁଣ୍ୟ ଅର୍ଜନ କରିବାକୁ ଚାହେଁ ! ମୋ କଥା ମାନ ! ତେଣୁ ଫେରିଆସିଲେ ସମାଜରେ ତୁମେ ଯୋଉ ମିସ୍ ରାଓଙ୍କୁ ସେଇ ମିସ୍ ରାଓ !

ବିଜୟଲକ୍ଷ୍ମୀ—ଆଜି ଯାଏ ତୁମର ପରାମର୍ଶ ମାନି ସବୁକରୁ କରି ଆସିଚି, ଅଜିତ୍‌ବାବୁ ! ତୁମରି ପରାମର୍ଶରେ ସବିତା ପରି ଝିଅର ସର୍ବନାଶ କରିବାକୁ ଟିକିଏ ହେଲେ ପଛେଇ ନାହିଁ । ତୁମରି ମନ ମତାଣିଆ କଥାରେ ଭୁଲିଯାଇ, ସେଦିନ ଭଦ୍ରଖ ଡାକବଙ୍ଗଳାରେ ନରକର ପିଚ୍ଛିଳ ପଥରେ ଆଗେଇ ଯିବାକୁ ଟିକିଏ ହେଲେ କୁଣ୍ଠିତ ହୋଇନି ! ଆଜି ସେ ସବୁ କଥାକୁ ଫାଙ୍କି ଦେଇ, ତୁମେ ମତେ କହୁଚ କ'ଣ ନା— କଲିକତା କିମ୍ବା ବମ୍ବେ ଯାଇ···ନା ନା, ଅଜିତ୍‌ବାବୁ ! ମତେ ତୁମେ ଆଶ୍ରୟ ଦିଅ !

ଅଜିତ୍—ଆଶ୍ରୟ ? ବୁଝିଲ ରାଓ ! ଏଇଟା ମୋର ଗୋଟାଏ ଗ୍ରେଟ ରେଲଷ୍ଟେସନ୍ ! ଏଠିକି ଅନେକ ଗାଡ଼ି ଆସେ, ଅନେକ ଗାଡ଼ି ଯାଏ । ହେଲେ ନିଜ ଗନ୍ତବ୍ୟ ପଥରେ ଚାଲି ନଯାଇ କେହି ତ ସବୁଦିନ ପାଇଁ ରହେନା !

ବିଜୟଲକ୍ଷ୍ମୀ—ମୋର ମାତୃତ୍ୱକୁ ଉପହାସ କରନା, ଅଜିତ୍‌ବାବୁ ! ସମାଜ ଅଙ୍ଗୁଳି ଦେଖାଇ ବିଦ୍ରୂପ କରିବା ପୂର୍ବରୁ ମତେ ତୁମରି ପାଦତଳେ ଆଶ୍ରୟ ଦିଅ !

ଅଜିତ୍—ଭାବପ୍ରବଣ ହୋଇ ତୁମେ ଭୁଲି ଯାଇଚ, ମିସ୍ ରାଓ ! ତମେ ପଚାଶ ଟଙ୍କା ବେତନଭୋଗୀ କିରାଣୀ ! ଆଉ ମୁଁ ତମର ଅଫିସର୍ ! ମୋର ପଦମର୍ଯ୍ୟାଦା ଅଛି, ସମାଜରେ ପ୍ରତିଷ୍ଠା ଅଛି, ବଂଶର ଆଭିଜାତ୍ୟ ଅଛି । ଏତେ ବ୍ୟବଧାନ ଭିତରେ ତମେ ଆକାଶ କୁସୁମ ତୋଳିବାକୁ ପ୍ରୟାସ କରୁଚ କାହିଁକି ? ବରଂ ମୋ କଥା ମାନି···

ଲକ୍ଷ୍ମୀ—ଆଜି ତମେ ମତେ ଏ କ'ଣ ଶୁଣାଉଚ, ଅଜିତ୍‌ବାବୁ ! ସେଦିନ କହିଥିଲ ନା ଆମେ ସହଧର୍ମୀ !

ଆମ ଭିତରେ ଧନୀ ଦରିଦ୍ର, କିରାଣୀ ଅଫିସରର ବ୍ୟବଧାନ ନାହିଁ !

ଅଜିତ୍—ପାଇବାର ଆଶା ଥିଲା ବେଳେ ଜଣେ ଯୁବକ ଯୁବତୀର ମନ ଭୁଲାଇବା ପାଇଁ ଯାହା କହିଥାଏ, ତାଠୁଁ କ'ଣ କିଛି ଅଧିକ କହିଚ !

ବିଜୟଲକ୍ଷ୍ମୀ—ଚୁପ୍ କର ! ମୁଁ ମିସ୍ ସାହୁ ନୁହେଁ ଯେ, ମୋର ଅସହାୟତାର ସୁଯୋଗ ନେଇ ତମେ ଖେଳ ଖେଳିଯିବ ! କୁହ, କେଉଁ ଅଧିକାରରେ ମୋ ଜୀବନକୁ ନେଇ ହୋଲି ଖେଳିଲ ! ଆଜି ମୁଁ ତମଠୁଁ କୈଫିୟତ୍ ଚାହେଁ ! ଜବାବ ଦିଅ !

ଅଜିତ୍—ଗୋଟାଏ କିରାଣୀ ତା'ର ଅଫିସରଠାରୁ କୈଫିୟତ ଚାହୁଁଚି ? ଜବାବ ଚାହୁଁଚି ? ହାଃ ! ହାଃ ! ହାଃ ! ହାଃ ! ଚାଲିଯାଅ ଏଠୁ !

ବିଜୟଲକ୍ଷ୍ମୀ—ଚାଲିଯିବି ? ଅଫିସର କିରାଣୀର ଭୟ ଦେଖାଇ ମୋ ପଞ୍ଜରା ହାଡ଼ ତମେ ଦୋହଲେଇ ଦବାକୁ ଚେଷ୍ଟା କରୁଚ, ଅଜିତ୍‌ବାବୁ ! ଏଠି ଅଫିସର କିରାଣୀର ପ୍ରଶ୍ନ ଉଠୁନି ! ଏ ପ୍ରଶ୍ନ ତୁମ ମୋ ଭିତରେ । ଦୁନିଆଁ ଦରବାରରେ ମୁଁ ତୁମଠାରୁ କୈଫିୟତ୍ ଚାହେଁ । କାହିଁକି ତମେ ଇମିତି ଭାବରେ ଲୁଣ୍ଠନ କରି ମୋର ସର୍ବନାଶ କଲ ! କୁହ ! ଜବାବ ଦିଅ !

ଅଜିତ୍—ଥରେ କହିଚି, ତୁମେ ଏଠୁ ଚାଲିଯାଅ । ତମ ପ୍ରଶ୍ନର ଉତ୍ତର ତମେ ନିଜେ ! ନିଜେ ନିଜକୁ ବୁଝିବାକୁ ଚେଷ୍ଟାକର ! ତମପରି ଜଣେ ରୂପ ବ୍ୟବସାୟୀ ମୋଠାରୁ ଯାହା ପାଇବା

କଥା, କଡ଼ା ହାନ୍ତ ହିସାବରେ ପାଇ ସାରିଚ । ଯା—ବାହାରି ଯାଅ । ନଚେତ୍ ବାଧ ହେବ ଚପରାସୀ ଡାକ ଗଳାଧକ୍କା ଦେଇ ଗେଟ୍ ଆର ପାଖରେ ଛାଡ଼ିଦବାକୁ !

ବିଜୟଲକ୍ଷ୍ମୀ—ଯାଉଚି, ଅଜିତ୍ ବାବୁ ! ହେଲେ ଯିବା ଆଗରୁ କହି ରଖୁଚି—ମୁଁ ମିସ୍ ସାହୁ ନୁହେଁ ଯେ ବିଷ ପିଇ, ତମପରି ଲମ୍ପଟକୁ ବଞ୍ଚିରହି ଜୀବନ ଉପଭୋଗ କରିବାକୁ ଛାଡ଼ିଦେବି ! ଅନେକ ଯୁବତୀ ତମପାଇଁ ଆତ୍ମହତ୍ୟା କରିଚନ୍ତି । ହାଁ ହାଁ ! ଏଥର ତମ ପାଳି ! (ପ୍ରସ୍ଥାନ)

ଅଜିତ୍—ତମ ଚ୍ୟାଲେଞ୍ଜର ଜବାବ ମୋଠୁଁ ତମେ ଠିକ୍ ସମୟରେ ପାଇବ, ମିସ୍ ରାଓ ! (ପୈଶାଚିକ ଭାବରେ ହସି ଉପରକୁ ଉଠି ଯାଉଥିଲେ । ପ୍ରବେଶ କଲେ ରମେଶ ଦ୍ରୁତଗତିରେ)

ରମେଶ—ଅଜିତ୍‌ବାବୁ !

ଅଜିତ୍—ଓଃ ! ରମେଶ !

ରମେଶ—ହଁ, ରମେଶ ! ସବିତା କାହିଁ ?

ଅଜିତ୍—ସବିତା ?

ରମେଶ—ହଁ, ଚରିତ୍ରହୀନ ମଦ୍ୟପ ଆଣ୍ଟିକରପ୍‌ସନ୍ ଡେପୁଟି ଡାଇରେକ୍ଟରର କ୍ୟାମ୍ପ୍ କ୍ଲାର୍କ ମିସ୍ ଦାସ, ରମେଶର ଭଉଣୀ ସବିତା !

ଅଜିତ୍—ସବିତା କାହିଁ, ଯାର ଜବାବ ମୁଁ କମିତି ଦେବି, ରମେଶ ? ବରଂ ମୁଁ ଜାଣିବାକୁ ଚାହେଁ, କଲ୍ୟାଣୀ କାହିଁ !

ରମେଶ—ଗୋଟାଏ ଦରିଦ୍ର ନିଃସ୍ୱ କରଣୀ ଘରେ ଆଶ୍ରୟ ନେଇଚି !

ଅଜିତ୍— କେଉଁ ଅଧିକାରରେ ତୁମେ ତାକୁ ଆଶ୍ରୟ ଦେଇଚ ?

ରମେଶ—ମନ ଭିତରେ ତଉଲି ଦେଖ, ଅଜିତ୍ ଶ୍ରେଷ୍ଠରାୟ ! ଗୋଟାଏ ଦରିଦ୍ର କଳାକାର, ଯାହାର କଳା ବ୍ୟତୀତ ଦୁନିଆଁରେ ଆଉ କିଛି ସମ୍ବଳ ନାହିଁ—ତା'ର ଘରେ, ତା'ର ବାହୁଶୁଶ୍ରୂଷା ତଳେ, ଗୋଟାଏ କ୍ଷମତାବ୍ୟାଧିଗ୍ରସ୍ତ ଅଫିସରର ଭଉଣୀ—ନିଜ ବଂଶ ମର୍ଯ୍ୟାଦାକୁ ତୁଚ୍ଛ କରି କୋଉ ମୁହଁରେ ଆଶ୍ରୟ ନେଇଚି, ଠିକ୍ ବୁଝିପାରିବ !

ଅଜିତ୍—ଓଃ ! ତୁ ତା'ହେଲେ ଦ'ଦିଟା ଝିଅକୁ ସରକାରୀ ବଙ୍ଗଳାରୁ ହରଣଚାଲ କରି ନେଇଚୁ ? ତୁ ଜାଣୁ, ରମେଶ ! ଯାହାର ପରିଣତି କ'ଣ ?

ରମେଶ—ଏ ପରିଣତିର ଜବାବ ତମ ଭଉଣୀ ଉପସ୍ଥିତ ଥିଲେ ଦେଇଥାନ୍ତା, ଅଜିତ୍ ଶ୍ରେଷ୍ଠରାୟ ! ନିଜର ଦେହ, ମନ ସବୁ କିଛି ଉତ୍ସର୍ଗ କରି ସେ ମୋର ପ୍ରେମ ଭିକ୍ଷା କରିଥିଲା । ହେଲେ ଏ ପର୍ଯ୍ୟନ୍ତ ତା'ର ନାରୀତ୍ୱକୁ ସମ୍ମାନ ଦେଇ ଆସିଚି ! ତମ ବଂଶମର୍ଯ୍ୟାଦାକୁ ଅକ୍ଷୁଣ୍ଣ ରଖିଚି ! ହେଲେ ତମେ, ନିଜର ସବୁ କିଛି କ୍ଷମତା, ଅର୍ଥ ବିନିମୟରେ ଚାହିଁଥିଲ ଗୋଟାଏ ଗରିବ କିରାଣୀ ଝିଅର ନାରୀତ୍ୱକୁ କଳଙ୍କିତ କରିବା ପାଇଁ ! ହେଲେ ତମେ ପାରିଲ ନାହିଁ ! କହି ପାରିବ, ଅଜିତ୍ ଶ୍ରେଷ୍ଠରାୟ ! ଗୋଟାଏ ଦରିଦ୍ର କଳାକାର ଆଉ ଗୋଟାଏ ଚରିତ୍ରହୀନ ଅଫିସର ଭିତରେ ତଫାତ୍ କୋଉଠି ?

ଅଜିତ୍—ସଟ୍ ଅପ୍ ! ତୋ' ଭଉଣୀର ଚରିତ୍ର ବିଷୟରେ ସାର୍ଟି-ଫିକେଟ୍ ଏଠି ଦେଇ କିଛି ଲାଭ ନାହିଁ । ଚାଲି ଯା—ଏ ବଙ୍ଗଳାରୁ !

ରମେଶ—କଳାକାର ରମେଶ ଆଜି ନିରୀହ ମେଣ୍ଢାଟି ପରି ଚାଲିଯିବାକୁ ଆସିନି, ଶ୍ରେଷ୍ଠରାୟ ସାହେବ ! ସେ ଆଜି

ଆସିଚି, ଗୋଟାଏ ଆତତାୟୀ ଖୁଣୀ ହିସାବରେ—ରକ୍ତ ବଦଳରେ ରକ୍ତ ନେବାକୁ ! କହ, ସବିତା କାହିଁ ? କୋଉଠି ମୁଁ ତାକୁ ପାଇବି ?

ଅଜିତ୍—ବାପର ଏକ୍‌ସଟେନ୍‌ସନ୍ ଅର୍ଡର ନେଇ, ଅନେକ ବେଳୁ ସେ ଫେରି ଯାଇଚି !

ରମେଶ—ସବିତା ଫେରିନି ! ଆଉ ସେ ଫେରିବ ନାହିଁ । ତୋର ଅତ୍ୟାଚାରରେ ଜର୍ଜରିତ ହୋଇ ଆତ୍ମହତ୍ୟା କରିଚି !

ଅଜିତ୍—ଆତ୍ମହତ୍ୟା !!!

ରମେଶ—ଆତ୍ମହତ୍ୟା ନକରି କ'ଣ ଆଉ କରିଥା'ନ୍ତା ସ୍କାଉଣ୍ଡ୍ରେଲ୍ ! ସେ ମିସ୍ ରାଓ କି ମିସ୍ ବାନାର୍ଜି ନୁହେଁ । ସେ ରମେଶର ଭଉଣୀ । ଗରିବ କେରାଣୀ ଗୁରୁପଦର ଝିଅ ! (ଅଜିତ୍ ଉପରକୁ ଚାଲି ଯାଉଥିଲେ, ଏତିକିବେଳେ ରମେଶ ଆସି କାମିଜ ଧରି) କହ ସୟତାନ୍ ! ଗୋଟାଏ ଗରିବ କେରାଣୀ ତୋ'ର କ'ଣ କ୍ଷତି କରିଥିଲା—ଯାହାପାଇଁ ତୁ ଗୋଟାଏ ପରିବାରକୁ ଜାଳି ପୋଡ଼ି ଧ୍ୱଂସ କରିଦେଲୁ !

[ଇତିମଧ୍ୟରେ ଅଜିତ୍ ପକେଟରୁ ପିସ୍ତଲ ବାହାର କରି ରମେଶ ଆଡ଼କୁ ଲକ୍ଷ୍ୟକଲା]

ଅଜିତ୍—ହ୍ୟାଣ୍ଡସ୍ ଅପ୍ ! ଜୀବନ ପ୍ରତି ମମତା ଥିଲେ ଏ ବଙ୍ଗଳା ଛାଡ଼ି ଚାଲିଯା—

ରମେଶ—ଜୀବନ ପ୍ରତି ମମତା ନେଇ ଏଠିକି ଆସିନି ସ୍କାଉଣ୍ଡ୍ରେଲ୍ ! ମରିବି କି ମାରିବି, ଏଇ ପ୍ରତିଜ୍ଞା ନେଇ ଆସିଚି ! ଛାତି ପତେଇ ଦଉଚି—ଯଦି ସାହସ ଅଛି, ଚଳାଅ ରିଭଲଭର୍ !

(ଅଜିତ୍ ଆଡ଼େ ଛାତି ଦେଖାଇ ଆଗେଇଲା)

ଅଜିତ୍—ଘୁଞ୍ଜୁଯା—ଘୁଞ୍ଜୁଯା !

ରମେଶ —ଚଲାଅ ! ଗୋଟାଏ ସ୍ନେହ କଙ୍ଗାଳ ଭାଇର ଗ୍ଣ୍ଡ ଉପରେ ଗୁଳି ଚଳେଇବାକୁ ତମ ହାତ ଥର ଉଠୁଚ କାହିଁକି ?

[ରମେଶ ଆଗେଇ ଯାଉଥାଏ—ଅବସର ଦେଖି ଅଜିତ୍ ହାତରେ ଥିବା ପିସ୍ତଲ ଉପରେ ଆଘାତ କଲା । ପିସ୍ତଲଟି ଅଦୂରେ ଛିଟିକି ପଡ଼ିଗଲା, ରମେଶ ଚଟ୍ କରି ଗୋଟେଇ ନେଇଗଲା]

ରମେଶ—ଡୋଣ୍ଟ୍ ମୁଭ୍ ! ଟିକିଏ ହଲଚଲ ହବାକୁ ଚେଷ୍ଟାକଲେ ତୋ'ର ଏଇ ଗ୍ଣ୍ଡ ଉପରେ ଗୋଟାକ ପରେ ଗୋଟାଏ ଗୁଳି କରିବାକୁ କେବେହେଲେ ପଛେଇବି ନାହିଁ !

ଅଜିତ୍—ରମେଶ ! ପିସ୍ତଲ ପକେଇଦେ ! ତମ ପରିବାର ବଞ୍ଚି ରହିବା ପାଇଁ ଯାହା ଦରକାର ସବୁ ଦେବି ! ପିସ୍ତଲ ପକେଇ ଦେ !

ରମେଶ—ଭୀରୁ ! କାପୁରୁଷ ! କ୍ଷମତା ହାତଛଡ଼ା ହେଲେ, ତୁମେମାନେ ଏତେ ଦୁର୍ବଳ ହୋଇଯାଅ ! ଟଙ୍କା ! ସୈତାନ୍ ଟଙ୍କା ! ତୋ' ଟଙ୍କାରେ କ'ଣ ଆମେ ସବିତାକୁ ଫେରି ପାଇବୁ ? ମୋ କଥାର ଜବାବ ଦେ ! କହ, ସବିତାର ଆତ୍ମହତ୍ୟା ପାଇଁ ଦାୟୀ କିଏ ?

ଅଜିତ୍—ସବିତା ନିଜେ ଦାୟୀ !

ରମେଶ—ରାସ୍କେଲ୍ ! ଲାଯର୍ ! (ପିସ୍ତଲ ଚଳେଇଲା ବେଳକୁ କଲ୍ୟାଣୀ ଦୌଡ଼ିଆସି ଅଜିତ୍ ସାମନାରେ ଛିଡ଼ା ହେଲା)

କଲ୍ୟାଣୀ—ରମେଶବାବୁ !

ରମେଶ—ଘୁଞ୍ଚିଯାଅ କଲ୍ୟାଣୀ । ଦୁନିଆଁରୁ ବ୍ୟଭିଚାର ଦୂର କରିବା ପାଇଁ ମୋର ଦରକାର ଅଜିତ୍‌ର ରକ୍ତ !

କଲ୍ୟାଣୀ—ରମେଶବାବୁ ! ଭିକ୍ଷା ମାଗୁଚି, ଭାଇଙ୍କ ଜୀବନ ଫେରାଇଦିଅ !

ରମେଶ—ଏ ଭିକ୍ଷା ଦେଇ ପାରିବ ନାହିଁ, କଲ୍ୟାଣୀ ! ଅଜିତ୍ ରକ୍ତରେ ଏ ବଙ୍ଗଳାର ସବୁ ପାପ ଧୋଇଦେବ । ଅନୁରୋଧ କରୁଚି, ଘୁଞ୍ଚିଯାଅ ।

କଲ୍ୟାଣୀ—ନା ! ଭାଇଙ୍କି ମାରିବା ପୂର୍ବରୁ ଆଗ ମୋ ଛାତିରେ ଗୁଳି ଚଳାଅ !

ରମେଶ—କଲ୍ୟାଣୀ !

କଲ୍ୟାଣୀ—ନା—ନା—ନା—

ରମେଶ—ମୋ କର୍ତ୍ତବ୍ୟପଥରେ ପ୍ରତିବନ୍ଧକ ହୋଇ ଛିଡ଼ା ହୁଅନା, କଲ୍ୟାଣୀ ।

କଲ୍ୟାଣୀ—କର୍ତ୍ତବ୍ୟ । ଗୋଟାଏ କଳାକାରର କର୍ତ୍ତବ୍ୟ କ'ଣ ଧ୍ୱଂସରେ ? କଳାକାରର ସୃଜନ ଶକ୍ତି ହତ୍ୟା ବିଭୀଷିକାରେ ନଥାଏ, ରମେଶବାବୁ ! ଥାଏ ସୃଷ୍ଟିରେ, ଥାଏ କ୍ଷମାରେ ! ଭାଇଙ୍କ ଜୀବନ ବିନିମୟରେ ଆମେ କ'ଣ ସବିତାକୁ ଫେରି ପାଇବା ?

ରମେଶ—କଲ୍ୟାଣୀ !

କଲ୍ୟାଣୀ—ରମେଶବାବୁ ।

ରମେଶ—ସ୍ୱାର୍ଥ ! ରକ୍ତ ବଦଳରେ ରକ୍ତର ପ୍ରତିଶୋଧ ନେଇ ପାରିଲି ନାହିଁ ! ତୋ'ର ହତ୍ୟାର ପ୍ରତିଶୋଧ ନଉଚି

କ୍ଷମାରେ ! ତୁ ତ ଜାଣୁ, ତୋ ଭାଇ ଜଣେ କଳାକାର ! ମତେ କ୍ଷମା କରିବୁ ସାବି ! ଅଜିତ୍‌ବାବୁ ! ତମେ ସଂସାରରେ ବଞ୍ଚି ରୁହ ! ଆଉ ତମେ ସଂସାରରେ ଯେତେଦିନ ବଞ୍ଚି ରହିବ, ଦୁଇଟି କଲ୍ୟାଣୀର ଅତୃପ୍ତ ଆତ୍ମା ତମ ଘରର ପାଖରେ ବୁଲି ବୁଲି ତୁମକୁ ପ୍ରଶ୍ନ କରିବେ—କ୍ଷମତା, ପଦବୀ, ଅର୍ଥ ବଳରେ ତମେ କରିଚ କ'ଣ ? କଲ୍ୟାଣୀ, ତୁମେ ତୁମ ଭାଇକୁ ଫେରି ପାଇଲ ! ହେଲେ ରମେଶ କ'ଣ ପାଇଲା ? ସାବି ! (ଏତିକିବେଳେ ଅନ୍ତରାଳରୁ ଶୁଭିଲା 'ଭାଇ') ସାବି···ସାବି !

ସବିତା—(ପ୍ରବେଶି) ଭାଇ ! (ପଛେ ପଛେ ଆସିଚି ଚମନ୍)

ଅଜିତ୍—ଓଃ ! ଶୟତାନର ଷଡ୍‌ଯନ୍ତ୍ର ! ସତୀ ସାଧ୍ୱୀ ଭଉଣୀଟି ବଞ୍ଚି ଥାଉଁ ଥାଉଁ, ସେ ଆତ୍ମହତ୍ୟା କରିଚି ବୋଲି ଖୁବ୍ ତ ଅଭିନୟ କରିଗଲ, ରମେଶଚନ୍ଦ୍ର ! ମିଥ୍ୟାବାଦୀ, ଧପ୍‌ପାବାଜ୍, ସୟତାନ୍ ! (ଚାଲି ଯାଉଥିଲେ)

ଚମନ୍—ଶୁଣି, ଗ୍ରେଷ୍ଟରିଫ୍ସାହେବ ! ସବିତା ଆତ୍ମହତ୍ୟା କରିବା କଥାଟା ମିଛ ନୁହେଁ ! ଅପବାଦରୁ ନିଜକୁ ବଞ୍ଚେଇବା ଲାଗି ବିଚାରୀ ଯେତେବେଳେ ମହାନଦୀର ଅଥଳ ପାଣିକି ଡେଇଁ ପଡ଼ୁଥିଲା, ଠିକ୍ ସେତିକିବେଳେ ତାକୁ ମରଣ ମୁହଁରୁ ଉଦ୍ଧାର କରିଚି ଏଇ ଚମନ୍। ଉଉଟିରେ ଥିବା କନ୍‌ଷ୍ଟେବଲ୍ ଧାର ସାକ୍ଷୀ ! କ'ଣ, ବିଶ୍ୱାସ କଲ !

ଅଜିତ୍—ବାଜେ କଥା !

ଚମନ୍—ବାଜେ କଥା ! ଆଜ୍ଞା ଗୁରୁପଦବାବୁଙ୍କ ଏକ୍‌ସ୍‌ଟେନ୍‌ସନ୍ କରିଇ ନେବା ପାଇଁ ସବିତା କ'ଣ ତୁମ ପାଖକୁ ଆସି

ନଥିଲ ? ମଦନଶାରେ ମାତାଲ ହୋଇ ଗୋଟାଏ ଇତର ପଶୁପରି ତୁମେ କ'ଣ ତାଙ୍କୁ ଆକ୍ରମଣ କରି ନଥିଲ ? ହେଲେ ଏକଥା ତୁମେ ନିଶ୍ଚୟ ବୁଝିଥିବ, ଗ୍ରେଟବୟ ସାହେବ ! ସମସ୍ତେ ମିସ୍ ରାଓ କି ମିସ୍ ବାନାର୍ଜି ନୁହନ୍ତି ! ସବିତାପରି ସିଂହୀ ବି ଏ ଦୁନିଆରେ ଅଛନ୍ତି !

ଅଜିତ୍—ସ୍କାଉଣ୍ଡ୍ରେଲ୍ ! ଗେଟ୍ ଆଉଟ୍ !

ଚିମନ୍—ଇଂରେଜିରେ ଫାଙ୍କି ଦେବାକୁ ଚେଷ୍ଟା କରନ, ଗ୍ରେଟବୟ ସାହେବ ! ଯେଉଁମାନେ ତୁମର ଅତି ଆପଣାର, ତାଙ୍କର ଆଗରେ ଦୟାକରି ବ୍ୟାଣ୍ଡେଜ୍‌ଟି ଖୋଲିଦିଅ । ସିଂହୀଙ୍କ ଦାନ୍ତର ଆଘାତ ଏବେ ବି ତୁମ ବାଁ ହାତରେ ବିଦ୍ୟମାନ ! ଆହା—ହା ! ଲୁଚେଇବାର ଚେଷ୍ଟା କରନାହିଁ ! ତମ ଘରର ସମସ୍ତେ ଦେଖନ୍ତୁ !

ଅଜିତ୍—ଚିମନ୍ !

ଚିମନ୍—ଆଣ୍ଟିକରପ୍‌ସନ୍ ଡେପୁଟି ଡାଇରେକ୍‌ଟର ବୋଲି ନୁହେଁ, ଖାଣ୍ଟି କରପ୍‌ସନ୍‌ର ଡାଇରେକ୍‌ଟର ବୋଲି ମୁଁ ତୁମକୁ ଅଭିନନ୍ଦନ ଜଣାଉଛି !

ଅଜିତ୍—ସାବଧାନ ଚିମନ୍ ! ଜଣେ ଆଇ. ପି. ଏସ୍. ଅଫିସର ବଙ୍ଗଳାରେ ଜବରଦସ୍ତି ପଶି······

ଚିମନ୍—(ହସି ହସି) ଆଉ ଆଇ. ପି. ଏସ୍. ନୁହେଁ କି ଆଇ. ଏ. ଏସ୍. ନୁହେଁ । ଦିନ ଓଳିକ ଭିତରେ ରାଜ୍ୟପାଳଙ୍କ ସୁପାରିଶ କ୍ରମେ ମହାମାନ୍ୟ ଭାରତ ସରକାରଙ୍କଠୁଁ ପରୱାନା ବି ଆସିଯିବ ? ପାଞ୍ଚୋଟି ଜବରଦସ୍ତ କାରଣରୁ ତୁମକୁ

ସରକାର ପୁରସ୍କୃତ କରିବେ, ଶ୍ରେଷ୍ଠୀରାମ୍ ସାହେବ । ନମ୍ବର ୱାନ୍—ମିସ୍ ସାହୁଙ୍କ ଆତ୍ମହତ୍ୟା; ନମ୍ବର ଟୁ—ଭାଗଚାଷୀଙ୍କୁ ବେଦଖଲ କରିବା ପାଇଁ ପୋଲିସ ସାହେବଙ୍କ ଚିଠି; ନମ୍ବର ଥ୍ରୀ—ବନାରସୀଲାଲଠାରୁ ମଟର;ନମ୍ବର ଫୋର୍—ସବିତା ଉପରେ ଆକ୍ରମଣ ଓ ଜଣେ ଗରିବ କରାଣୀ ପରିବାର ଉପରେ ଜୁଲୁମ୍; ନମ୍ବର ଫାଇଭ୍—ଅନ୍ତଃସତ୍ତ୍ୱା ମିସ୍ ରାଓଙ୍କର ଭାବୀ ସନ୍ତାନର ପିତା ହେଉଛ ତୁମେ ! ବର୍ତ୍ତମାନ ସେକ୍ରେଟେରୀଙ୍କ ଘରେ ନିଜ ଆଖିରେ ମିସ୍‌ରାଓଙ୍କୁ ଦେଖି ଆସିଲି ! ପୁଣି ଥରେ ଅଭିନନ୍ଦନ କରୁଛି—ଖାଣ୍ଟି କରପ୍‌ସନ୍ ସାହେବ !

କଲ୍ୟାଣୀ—ଭାଇ ! (ଶ୍ରେଷ୍ଠୀରାମ୍ ସିଡ଼ି ଉପରକୁ ଉଠିଯାଉଥିଲେ)

ରମେଶ—ଏଇମାନେ ପୁଣି ସଭ୍ୟ ଉଚ୍ଚଶିକ୍ଷିତ ଅଫିସର ବୋଲି ସମାଜରେ ଅହଙ୍କାର କରନ୍ତି, ଆଉ ଯାଙ୍କରି ଉପରେ ଆସ୍ଥା ରଖି ସରକାର ଶାସନ ଚଲେଇଚନ୍ତି !

ଚମନ୍—ଏ ନରକପୁରୀରୁ ତୁମେ ଚାଲିଯାଅ, ରମେଶବାବୁ ! ତୁମ ବାପାଙ୍କ ଚେତନା ଫେରି ଆସିଛି ! ସେ ତୁମକୁ ଖୋଜୁଚନ୍ତି !

ରମେଶ—ବାପାଙ୍କ ଚେତନା ଫେରି ଆସିଛି ସାବ !

ସବିତା—ହଁ ଭାଇ !

ଚମନ୍—ଭାଗ୍ୟରେ ଯାହା ଭୋଗିବାକୁ ଥାଏ, କିଏ ଅନ୍ୟଥା କରିବ ! କଲ୍ୟାଣୀ ଦେବୀ, ଆଉ ଭାବୁଚ କ'ଣ ? ଭାଇଙ୍କୁ ଟିକିଏ ସାନ୍ତ୍ୱନା ଦେଇ ଆସ ! ତୁମ ପ୍ରତି ଚମନ୍‌ର କର୍ତ୍ତବ୍ୟ ଯେ ଏ ପର୍ଯ୍ୟନ୍ତ ସରିନାହିଁ !

(ଏତିକିବେଳେ ଉପରୁ ବନ୍ଧୁକର ଆଓ୍ୱାଜ ଶୁଭିଲା)

ରମେଶ—ସେ କ'ଣ ?

ନବଧନ—(ସିଡ଼ିରୁ ଆସିଚ) ଦଏ ଅଛ ! ଦୌଡ଼ଆସ ! ସର୍ବନାଶ ହେଇଗଲା ! ସାହାବ ନିଜକୁ ନିଜେ ଗୁଳି କରି ଦେଇଚ !

କଲ୍ୟାଣୀ—ଭାଇ ! ଭାଇ ! (ଦୌଡ଼ିଗଲେ ଉପରକୁ । ସବିତା ଓ ରମେଶ ମଧ୍ୟ ଅନୁଧାବନ କଲେ ।)

ଚମନ୍—ଟ୍ରେଞ୍ଚରାୟ୍ ସାହେବ ! ତୁମେ ଜିତଗଲ—ସରକାର ହାରିଗଲେ ! ଆମେ ସମସ୍ତେ ହାରିଗଲୁ ତୁମେ ବୁଦ୍ଧିମାନ୍, ଟ୍ରେଞ୍ଚରାୟ୍‌ସାହେବ ! ତୁମକୁ ଏଇ ଟାଉଟର ଚମନ୍‌ର ଶତ ନମସ୍କାର !

ଚମନ୍ ହାତ ଯୋଡ଼ିବା ସମୟରେ ଧୀରେ ଧୀରେ
ନଇଁ ଆସିଲା

ଶେଷ

**—ଯ ବ ନି କା—**

## 'ସମାଜ'ର ସୂତ୍ରଧାରଙ୍କ କଲମରୁ—

ତା ୨-୬-୫୮ ରିଖ, ବୁଧବାର ।

ଅନ୍ନପୂର୍ଣ୍ଣାରେ 'କରାଣୀ' ନାଟକ ଦେଖିବା ବହୁତ ଦିନ ହୋଇ ଗଲାଣି । ଥରେ ନୁହେଁ, ଦୁଇ ତିନିଥର ଦେଖିଛୁ । ପ୍ରଥମ ଥର ଦେଖିଲା ବେଳକୁ ଭାବିଥିଲୁ ଏଥିରେ କିଛି ନାହିଁ । ଦ୍ୱିତୀୟଥର ଦେଖି ଅନୁଭବ କଲୁ ଏଥିରେ ସବୁ କିଛି ଅଛି—କଟକ ସହରରେ ପିଲାଧରାଠାରୁ ମିସ୍ ରାଓ ଓ ବାନାର୍ଜୀଙ୍କ ବ୍ୟକ୍ତିତ୍ୱର ପର୍ଯ୍ୟନ୍ତ । ନାଟକର ରଚୟିତା ଶ୍ରୀ କମଳଲୋଚନ ମହାନ୍ତି ଏଥିରେ କଠୋର ନିର୍ମମ ବାସ୍ତବତା ଭିତରେ ରମେଶ ଭଳି ଏପରି ଏକ ଆନନ୍ଦମୟ ଉଦାର ଚରିତ୍ର ସୃଷ୍ଟି କରି ଅଛନ୍ତି, ଯେଉଁଥିରେ ଦର୍ଶକ ଆଖିରେ ଲୁହ ଗଡ଼ୁ ଗଡ଼ୁ ପରକ୍ଷଣରେ ହସ ଉଦ୍‌ବେଳିତ ହୋଇ ଉଠେ । ମଣିଷର ଜୀବନସଂଗ୍ରାମ ଭିତରେ ହସ ଓ କାନ୍ଦ ଦୁଇଟି ପୃଷ୍ଠାର ଉଜ୍ଜ୍ୱଳ ଆଲେଖ୍ୟହିଁ 'କରାଣୀ' ନାଟକର ବିଶେଷତ୍ୱ । ନିର୍ଦ୍ଦେଶକ ସାମୁଏଲ ସାହୁ (ବାବ), କରାଣୀ ଭୂମିକାରେ ପ୍ରିୟନାଥ ମିଶ୍ର (ପିର), ବୃହସ୍ପତି ଭଳି ଏକ ଶ୍ରେଷ୍ଠ ଭୂମିକାରେ ଶ୍ରୀ ମାଧବାନନ୍ଦ କର ଯେଉଁ ସୂକ୍ଷ୍ମ ଅଭିନୟ କରିଛନ୍ତି, ତାକୁ ଦେଖି ଦେଖି ଶୁଣି ଶୁଣି ପ୍ରାଣ ଭରିଉଠେ ।

# ନାଟ୍ୟକାରଙ୍କର ଅନ୍ୟାନ୍ୟ ନାଟକ

ସମାଧାନ ... ... ... ଟ ୧୫

ଅଭ୍ୟୁଦୟ ... ... ... ଟ ୧।

ମାଟି ... ... ... ଟ ୨୮

ାମୀ ସ୍ତ୍ରୀ ... ... ... ଟ ୨।

ସବାସଦନ ... ... ... ଟ ୨୫ (ଯନ୍ତ୍ରସ୍ଥ)

ାଞ୍ଜଶୀଳା ... ... ... ଟ ୨୮ (ଯନ୍ତ୍ରସ୍ଥ)

ାକବଙ୍ଗଳା ... ... ... ଟ ୨୫ (ଯନ୍ତ୍ରସ୍ଥ)

---